

ତନ୍ୱୀ ପତ୍ରୀଙ୍କୁ ଟାଇଟଲ୍

▸ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-312 ♦MONDAY ♦11 MAY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୧୨ ♦ସୋମବାର ♦୧୧ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦





## ରେଢାଖୋଲ ନିର୍ବାଚନମଣ୍ଡଳୀରେ ୧୯୪ କୋଟିର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ

# ସାମାଜିକ, ଆର୍ଥିକ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ: ଧର୍ମେନ୍ଦ୍ର

ନାକଟିଦେଉଳ, ୧୦।୫(ସମିସ)

ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରବିବାର ୧୯୪ କୋଟି ଟଙ୍କାର ୪୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରର ମାଟି ହେଉଛି ବୀର ସଂଘର୍ଷର ମାଟି। ଏହି ମାଟିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆ ଇଂରେଜମାନଙ୍କ ବିରୋଧରେ ସାଲିସବିହୀନ ଲଢ଼େଇ କରିଥିଲେ ଏବଂ ସ୍ୱାଭିମାନ ସହ ବୁଝାମଣା ନକରି ଦେଶମାତୃକା ପାଇଁ ନିଜର ବଳିଦାନ ଦେଇଥିଲେ। ସେ ଆହୁରି କହିଛନ୍ତି, ମା' ସମଲେଇଙ୍କ ଆଶୀର୍ବାଦରୁ ଆଜି ରେଢାଖୋଲ, ନାକଟିଦେଉଳ ଏବଂ ଯୁଯୁମୁରା ବ୍ଲକର ଉନ୍ନତି ପାଇଁ ପ୍ରାୟ ୯.୧୭ କୋଟି ଟଙ୍କାର ୧୭ଟି ପ୍ରକଳ୍ପ ଲୋକାର୍ପିତ ହୋଇଥିବା ବେଳେ ପ୍ରାୟ ୧୮୪.୬୯ କୋଟି ଟଙ୍କାର ୩୧ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ନାକଟିଦେଉଳରେ ପ୍ରାୟ ୧୮ କୋଟି ଟଙ୍କା ବ୍ୟୟରେ କମ୍ୟୁନିଟି ହେଲଥ୍ ସେଣ୍ଟର ଭବନର ନୂତନ ଗୃହ ସହ ବିପିଏଚ୍ୟୁ ୟୁନିଟ୍ ପାଇଁ ଶିଳାନ୍ୟାସ ହୋଇଛି। ଯୁବ କ୍ରୀଡ଼ାବିତ୍ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୧୬.୧୦ କୋଟି ଟଙ୍କା ବ୍ୟୟରେ ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି। ୪୭.୨୪ କୋଟି ଟଙ୍କା ବ୍ୟୟରେ ରେଢାଖୋଲ ବ୍ଲକ ଅଧୀନରେ ଆସୁଥିବା ରାମପୁର-ଗିରିଶଚନ୍ଦ୍ରପୁର ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି, ଯାହା ଅଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ଆହୁରି ସହଜ କରିବ। ସେହିପରି ରେଢାଖୋଲରେ ସବ୍-ଡିଭିଜନାଲ ଭେଟେରିନାରୀ ହସ୍ପିଟାଲ ଓ ଚାରମାଳ ଠାରେ ଭେଟେରିନାରୀ ଡିସପେନ୍ସାରୀ ଏବଂ ଯୁଯୁମୁରା ବ୍ଲକରେ ଚାମୁଣ୍ଡା-ବୁର୍ଦ୍ଦା ଓ ଏନଏଚ-୬ରୁ ମରାଙ୍ଗାବାହାଲ ରାସ୍ତାର ଉନ୍ନତିକରଣ ସହ ସରାପାଳି ଓ ଜାମୁଝରିଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ବିକାଶ କାର୍ଯ୍ୟକୁ ଗତିଶୀଳ କରିବ।





ନାକଟିଦେଉଳ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାରୁ ଭାରତ ସରକାର ଏହାକୁ 'ଆକାଂକ୍ଷୀ ବ୍ଲକ' ଭାବେ ଚୟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଞ୍ଚଳରେ ଦୁଗ୍ଧ ଚାଷ, ପନିପରିବା ଓ ଆମ୍ବ ଚାଷକୁ ବ୍ୟାପକ କରି ସ୍ଥାନୀୟ ଚାଷୀଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ରେଢାଖୋଲ, ନାକଟିଦେଉଳ ଏବଂ ଯୁଯୁମୁରା ସମେତ ସମଗ୍ର ସମ୍ବଲପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସେ ଦୋହରାଇଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ଡିଆଇଜି ହିମାଂଶୁଲାଲ,

**ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆଙ୍କୁ ସ୍ମରଣ**

**ଆକାଂକ୍ଷୀ ବ୍ଲକ ଭାବେ ନାକଟିଦେଉଳର ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ**

ନାକଟିଦେଉଳ ବ୍ଲକ ଅଧକ୍ଷା ସ୍ୱରୂପା ରାଣୀସାହୁ, ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ପୂର୍ବତନ ବିଧାୟକ ନାଉରି ନାଏକ, ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ମହାପାତ୍ର ଓ ବରିଷ୍ଠ ବିଜେପି ନେତା ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ପବ୍ଲିକ୍ ଲାଇବ୍ରେରୀରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର

**ସମ୍ବଲପୁର, ୧୦।୫(ସମିସ):** ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ଆନୁକୂଲ୍ୟରେ ଆୟୋଜିତ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିରର ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ୨୭ଟି ବିଦ୍ୟାଳୟର ୪୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଅବସରପ୍ରାପ୍ତ ଭାଷା ଶିକ୍ଷକ ପଦ୍ମନାଭ ମହାକୁଡ଼ ନିର୍ଭୁଲ ଓ ଶୁଦ୍ଧ ଇଂଲିଶ ଉଚ୍ଚାରଣ ସମ୍ପର୍କରେ ଶିକ୍ଷା ଦେଇଥିଲେ। ପ୍ରଥମ ଅଧିବେଶନରେ ବିଶିଷ୍ଟ ଲେଖକ ତଥା ସାମାଜିକ କର୍ମୀ ମୁକ୍ତକଣ୍ଠ ପ୍ରଧାନ ବିଭିନ୍ନ ଉଦାହରଣ ମାଧ୍ୟମରେ, ଜୀବନରେ ଶାନ୍ତିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ପାଟିର ଯତ୍ନ ସମ୍ପର୍କରେ ବିଶିଷ୍ଟ ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ଦୁର୍ଗା ଶଙ୍କର ଶତପଥୀ ଆଲୋଚନା କରିଥିଲେ। ବିଭିନ୍ନ ଚିତ୍ର ଓ ମୋଡେଲ ଦେଖାଇ ତଥା ଦୈନନ୍ଦିନ ଜୀବନର ଉଦାହରଣ ମାଧ୍ୟମରେ, ଡାକ୍ତର ଶତପଥୀ ଦାନ୍ତ ଓ ମୁଖ ଗହ୍ୱରର ଯତ୍ନ ସମ୍ପର୍କରେ ବୁଝାଇ ଥିଲେ। ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରର ସଭ୍ୟ-ସମ୍ପାଦକ ରଘୁନାଥ ମିଶ୍ର, ବରିଷ୍ଠ ସଦସ୍ୟା ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ଓ ହେମନ୍ତ ମହାପାତ୍ର, ପ୍ରଫେସର ନିରୁପମା ବଡ଼ପଣ୍ଡା, ଇଂ.ସୁଶାନ୍ତ ଗୁରୁ, ଡ.ଅଶୋକ ହୋତା, ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ ତଥା ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ ପରିଚାଳନା କରିଥିବାବେଳେ ଡ.ଗିରିଧାରୀ ହୋତା ତଥା ଗ୍ରନ୍ଥାଗାରର ସହକାରୀ ବିଜୟ କୁମାର ସାହୁ ଓ ଭୁବନ କୁମୁରା ଏଥିରେ ସହଯୋଗ କରିଥିଲେ।



## ସରକାରୀ ଅଧିକାରୀ ଦର୍ଶାଇ ଟଙ୍କା ଆଦାୟ ଅଭିଯୋଗ; ଜଣେ ଗିରଫ

**ରେଢ଼ାଖୋଲ, ୧୦।୫ (ସମିସ):** ନିଜକୁ ସରକାରୀ ଅଧିକାରୀ ଦର୍ଶାଇ ବିଭିନ୍ନ ହୋଟେଲ ଓ ଢାବାରୁ ଧମକ ଚମକ ଦେଇ ଟଙ୍କା ଆଦାୟ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ବ୍ୟକ୍ତିଜଣକ ନିଜ କାର୍‌ରେ ମାନବ ଅଧିକାର ଫୋରମ୍ ନୀତି ଆୟୋଗ ଜିଲ୍ଲା ଚେୟାରମ୍ୟାନ ବୋର୍ଡ ଲଗାଇ ଲୋକଙ୍କୁ ଭୟଭୀତ କରି ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଗିରଫ ବ୍ୟକ୍ତି ଜଣକ ହେଲେ ସମ୍ବଲପୁର ଜିଲ୍ଲା ବରେଇପାଲି ବାସିନ୍ଦା ସିଦ୍ଧାନ୍ତ ସିଂ(୨୫)।

ସୂଚନା ଅନୁସାରେ, ରବିବାର ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ଲୁହାପଙ୍କ ପଞ୍ଚାୟତ ଅଧୀନ ସାଧୁମୁଣ୍ଡାସ୍ଥିତ ଏକ ହୋଟେଲକୁ ସିଦ୍ଧାନ୍ତ ସିଂ ତାଙ୍କ ଡ୍ରାଇଭର ସାଗର ବାଡା ଏକ କାର୍ ଓଡ଼ି ୦୩ ଏଇ ୭୬୭୭ ନମ୍ବର ବିଶିଷ୍ଟ ଗାଡ଼ିରେ ମାନବ ଅଧିକାର ଫୋରମ୍ ନୀତି ଆୟୋଗ ଜିଲ୍ଲା ଚେୟାରମ୍ୟାନ ବୋର୍ଡ ଲଗାଇ ଆସି ପହଞ୍ଚିଥିଲେ। ହୋଟେଲ ଥିବା କର୍ମଚାରୀ କେଶବ ପ୍ରଧାନଙ୍କୁ ସରକାରୀ ଅଧିକାରୀ ଦର୍ଶାଇ ଭୟଭୀତ କରାଇ ୪୦ ହଜାର ଟଙ୍କା ଆଦାୟ କରି ଚାଲି ଯାଇଥିଲେ। ପୁଣି ଆସି ହୋଟେଲରେ ଚଢ଼ଉ କରିଦେବି କହି ଧମକ ଚମକ ଦେଇ ଅନଗୁଳ ଜିଲ୍ଲା ଅଭିମୁଖେ ପଳାଇ ଯାଇଥିଲେ। ଏ ସଂକ୍ରାନ୍ତରେ ହୋଟେଲ ମାଲିକ ଅକ୍ରୁର ସାହୁ ଜାଣିବା ପରେ ରେଢ଼ାଖୋଲ ପୁଲିସକୁ ଜଣାଇଥିଲେ। ରେଢ଼ାଖୋଲ ଥାନା ଅଧିକାରୀ ସନୟ କୁମାର ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି କିଶୋର ନଗର, ହଣ୍ଡପା ଓ ଜରପଡ଼ା ପୁଲିସକୁ ସୂଚନା ଦେଇଥିଲା। ଜରପଡ଼ା ପୋଲିସ ନାକା ବନ୍ଦୀ କରି କାର୍ କୁ ଅଟକ ରଖିଥିଲେ। ଡ୍ରାଇଭର ସାଗର ସୁଯୋଗ ପାଇ ଫେରାର ହୋଇଯାଇଥିଲେ। ରେଢ଼ାଖୋଲ ପୁଲିସ ଟିମ୍ ପହଞ୍ଚି ଅଭିଯୁକ୍ତ ସିଦ୍ଧାନ୍ତଙ୍କୁ ଗିରଫ କରିବା ସହିତ କାର ଜବତ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଥିବା ଥାନା ଅଧିକାରୀ ସଞ୍ଜୟ କୁମାର ନାଏକ ସୂଚନା ଦେଇଛନ୍ତି।

## ଶ୍ରମିକ ନେତାଙ୍କ ବିୟୋଗରେ ଏଚ୍.ଏମ.ଏସ୍ ପକ୍ଷରୁ ଶୋକ

**ସମ୍ବଲପୁର, ୧୦।୫ (ସମିସ):** ବିଶିଷ୍ଟ ଶ୍ରମିକ ନେତା ସି.ଆଇ.ଟି.ୟୁ.ସି.ର ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ହିନ୍ଦ୍ ମଜଦୂର ସଭାର ରାଜ୍ୟ ଶାଖା ସଭାପତି ବିଜୟ କୁମାର ମହାନ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତି ଏକ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ସ୍ୱର୍ଗୀୟ ବିଷ୍ଣୁ ମହାନ୍ତି ଛାତ୍ର ଜୀବନରୁ ବାମପନ୍ଥୀ ରାଜନୀତି ତଥା ବିଶେଷ ଭାବରେ ମାର୍କସବାଦ୍ ପ୍ରତି ଆକୃଷ୍ଟ ହୋଇ ମାର୍କସବାଦିରେ ଯୋଗ ଦେଇ ରାଜ୍ୟ ଏହି ଦଳରେ ନେତୃତ୍ୱ ନେଇଥିଲେ। ଉଲ୍ଲେଖ ଯୋଗ୍ୟ ବିଷୟ ଯେ, ସି.ଆଇ.ଟି.ୟୁ.ସି.ର ରାଜ୍ୟ ଶାଖାର ସାଧାରଣ ସମ୍ପାଦକ ଭାବରେ ପରେ ସର୍ବ ଭାରତୀୟ ସ୍ତରରେ ସି.ଆଇ.ଟି.ୟୁ.ସି. ର ଉପ ସଭାପତି ଭାବରେ ଶ୍ରମିକ ଶ୍ରେଣୀ ସଂଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରି ବହୁ ଶ୍ରମିକ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ଶ୍ରୀ ମହାନ୍ତି ଏଚ୍.ଏମ.ଏସର ରାଜ୍ୟ ପରିଷଦ ପକ୍ଷରୁ ସ୍ୱର୍ଗୀୟ ବିଷ୍ଣୁ ମହାନ୍ତିଙ୍କ ଆତ୍ମାର ସଦଗତୀ କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

## ଜନଗଣନାରେ ପଛୁଆ ବର୍ଗଙ୍କୁ ସାମିଲ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ସମ୍ବଲପୁର, ୧୦।୫(ସମିସ):** ଚଳିତ ଜାତିଗତ ଜନଗଣନାର କେନ୍ଦ୍ର ସରକାରଙ୍କ ୧୨ ନମ୍ବର କଲମ ଏବଂ ରାଜ୍ୟ ସରକାରଙ୍କ ୧୩ ନମ୍ବର କଲମରେ ପଛୁଆ ବର୍ଗ (ଓବିସି)ଙ୍କୁ ସାମିଲ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ ଓବିସି ମଞ୍ଚ ପକ୍ଷରୁ ଶନିବାର ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ସର୍କିଟ ହାଉସରେ ଓବିସି ମଞ୍ଚର ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ରଙ୍କ ନେତୃତ୍ୱରେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଏହି ଦାବି ପତ୍ର ପ୍ରଦାନ କରାଯାଇଥିଲା। ପ୍ରାୟ ୧୪ ବର୍ଷର ବ୍ୟବଧାନ ପରେ ଜନ ଗଣନା ଏବଂ ଦୀର୍ଘ ୯୪ ବର୍ଷ ପରେ ସମଗ୍ର ଭାରତରେ ଜାତିଗତ ଜନଗଣନା କରାଯାଉଛି। ଜନଗଣନାରେ ମୁଖ୍ୟତଃ ଦେଶର ଜନସଂଖ୍ୟା, ସାମାଜିକ, ଆର୍ଥିକ, ଶିକ୍ଷା, ଜାତି, ବୃତ୍ତି ଏବଂ ରହଣି ଆଦି ସ୍ଥିତି ଜାଣିବା ପରେ ଜନସଂଖ୍ୟା ଅନୁପାତରେ ବିଭିନ୍ନ କ୍ଷେତ୍ର ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥାଏ। ଏହି ତଥ୍ୟ ଆଧାରରେ ହିଁ ସରକାର ସଠିକ୍ ନିଷ୍ପତ୍ତି ନେଇଥାନ୍ତି। ଏହା କେବଳ ଲୋକଙ୍କ ସଂଖ୍ୟା ଗଣିବା ପାଇଁ ନୁହେଁ, ବରଂ ଦେଶର ସାମଗ୍ରିକ ବିକାଶର ଏକ ମୂଳଦୁଆ ଅଟେ। ଭାରତୀୟ ସମ୍ବିଧାନର ଧାରା ୩୪୧ ହିସାବରେ ଏସସି, ୩୪୨ ହିସାବରେ ଏସଟି ଜାତି ମାନଙ୍କୁ ଚିହ୍ନଟ କରାଯାଇଛି ଓ ଠିକ୍ ସେହିପରି ସମ୍ବିଧାନର ଧାରା ୩୪୦ ଅନୁସାରେ ଓବିସି ବର୍ଗର ଜାତି ମାନଙ୍କୁ ଚିହ୍ନଟ କରାଯାଇଛି। ସେହି ହିସାବରେ



**ଜାତିଗତ ଗଣନା ନିଶ୍ଚିତ କରାଯିବ: ଧର୍ମେନ୍ଦ୍ର**

ଓଡ଼ିଶାରେ ୨୦୦ଟି ଓବିସି ଜାତି ରହିଛନ୍ତି ଓ ସେମାନଙ୍କୁ ଧାରା ୧୫(୪) ଅନୁସାରେ ଶିକ୍ଷାରେ, ଧାରା ୧୬(୪) ଅନୁସାରେ ସରକାରୀ ଚାକିରୀରେ, ଧାରା ୨୪୩ (ଡି୬) ଅନୁସାରେ ପଞ୍ଚାୟତିରାଜରେ, ଧାରା ୨୪୩ (ସି୬) ଅନୁସାରେ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସଂରକ୍ଷଣ ପାଇବାର ବ୍ୟବସ୍ଥା ରହିଛି। ତିନୋଟି ଯାକ ପଛୁଆ ବର୍ଗ କମିଶନ - କାକା କାଲେଲକର (୧୯୫୩-୫୫), ମଣ୍ଡଳ କମିଶନ (୧୯୬୯-୮୦), ରୋହିଣୀ କମିଶନ ( ୨୦୧୮-୨୩) ଓବିସି ଜାତି ଜନଗଣନା କରିବାକୁ ସୁପାରିଶ କରିଛନ୍ତି। ତଥ୍ୟ ବିନା ତାଙ୍କ ବିକାଶ ପାଇଁ ଯୋଜନା ଅର୍ଥ-ବରାଦ ବି ପ୍ରସ୍ତୁତ କରାଯାଇ ପାରିବ ନାହିଁ। ଏଣୁ ଓବିସି ଜାତି ଜନଗଣନା ଓବିସିଙ୍କ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ। ତେବେ ସମଗ୍ର ଭାରତରେ ବସବାସ କରୁଥିବା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ ପଛୁଆ ବର୍ଗଙ୍କ ଗଣନା କରା ନ ଯିବା ଅତ୍ୟନ୍ତ ପରିତାପର ବିଷୟ ଅଟେ ବୋଲି ପ୍ରଦତ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

ଓଡ଼ିଶାରେ ବସବାସ କରୁଥିବା ସାଢେ଼୪ କୋଟି ଓଡ଼ିଆଙ୍କ ମଧ୍ୟରୁ ପ୍ରାୟ ୫୨ ପ୍ରତିଶତ ଅର୍ଥାତ ୨ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ପଛୁଆ ବର୍ଗ (ଓବିସି) ଚଳିତ ଜନଗଣନାରେ ସାମିଲ ନ ହେବା ପାଇଁ ରାଜ୍ୟବ୍ୟାପୀ ସଚେତନତା କରି ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ରାଜ୍ୟ ଓବିସି ମଞ୍ଚ, ଓଡ଼ିଶା ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ତେବେ ଦାବି ପତ୍ର ଗ୍ରହଣ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜାତିଗତ ଜନଗଣନା ନିଶ୍ଚିତ କରାଯିବ ବୋଲି ପ୍ରକାଶ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଓବିସି ମଞ୍ଚ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଉପ ସଭାପତି ନାରେନ ସାହୁ, ରାଜ୍ୟ ପ୍ରବକ୍ତା ବିରଞ୍ଚି ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋପୀନାଥ ବେହେରା, ବଂଶୀଧର ମେହେର, ଜିତେନ୍ଦ୍ର କୁମାର ପ୍ରଧାନ, ସୀମାଞ୍ଚଳ ଖଟେଇ, ସମ୍ବଲପୁର ଜିଲ୍ଲା ଆବାହକ ସରୋଜ ସାହୁ, ଶୁଭେନ୍ଦୁ କୁମାର ସାହୁ, କୃପାସିନ୍ଧୁ ଖମାରି ତଥା ସମ୍ବଲପୁର, ବରଗଡ଼, ଝାରସୁଗୁଡା, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼, ଦେବଗଡ଼ ଆଦି ଜିଲ୍ଲାର ଶତାଧିକ ଓବିସି କର୍ମୀ ଉପସ୍ଥିତ ଥିଲେ।

## ରକ୍ତାଭାବକୁ ନଜରରେ ରଖି 'ସମ୍ବଲ'ର ନିଆରା ପ୍ରୟାସ

**ସମ୍ବଲପୁର, ୧୦।୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଉଭୟ ବୁର୍ଲା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଏହି ଅଭାବକୁ ଦୂର

**୧୦୧ ୟୁନିଟ୍ ସଂଗ୍ରହ**

କରିବାପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଲ ତରଫରୁ ଓଡ଼ିଶା ସାଂସ୍କୃତିକ ସମାଜରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସମ୍ବଲର ସଂଯୋଜକ ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ଏବଂ ଗିରିଶ ପଟେଲ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ ଏବଂ ରେଡକ୍ରସ ସମ୍ପାଦକ ରୋଜାଲିନ ତିରକି ଯୋଗଦାନ କରିଥିଲେ। ଉଭୟ ବୁର୍ଲା ଏବଂ ସମ୍ବଲପୁର ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ବୁର୍ଲା ୫୦ ୟୁନିଟ ଏବଂ ସମ୍ବଲପୁର ୫୧ ୟୁନିଟ ସର୍ବମୋଟ ୧୦୧ ୟୁନିଟ ରକ୍ତସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଧୀର ପୁଝାରୀ, ସୁଶାନ୍ତ ପୁରୋହିତ, ସମୀର ରଞ୍ଜନ ବାବୁ, ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର, ପ୍ରଫୁଲ୍ଲ ହୋତା, ରାଜାରାମ ପାଢ଼ୀ, ଶଙ୍କର ବେହେରା, ବେଣୁଧର ତ୍ରିପାଠୀ, ଯୋଗଦାନ କରିଥିଲେ। ସମ୍ବଲର ଉପଦେଷ୍ଟା ଆଦିତ୍ୟ ଗୁରୁ, ହେମନ୍ତ ମିଶ୍ର, କାଳିଦାସ ପଣ୍ଡା, କୋଷାଧକ୍ଷ ପ୍ରତାପ କର, ସନ୍ତକ ପଣ୍ଡା ଶମ୍ଭୁ ପଟେଲ, ଆନନ୍ଦ ଅଜାଡିୱାଲ, ଅରୁଣ ଅଜାଡିୱାଲ, ସୋନୁ ସୋନାର, ଦିଲୀପ ବୋଷ, ଶକ୍ତି ଶର୍ମା, ଦିଲୀପ ସାହୁ, କାଳିଆ ବାଗ, ଅନୀଲ ପରିଡ଼ା, ସଞ୍ଜୀବ ସୁପକାର, ଗାନ୍ଧୀ ମେହେର, ଅବିନାଶ ସୁପକାର, ଗୌତମ ଓଡ଼ିଆ, ଦିପୁନ ଦୋବେଇ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ଜି.ଏମ୍.ୟୁରେ ଶବ୍ଦଗଙ୍ଗା ଲୋକାର୍ପିତ

**ସମ୍ବଲପୁର, ୧୦।୫(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅନ୍‌ଲାଇନ୍ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା'ର ଏକସ୍ତରୀତମ ସଂଖ୍ୟା ରବିବାର ଶବ୍ଦଗଙ୍ଗାର ମୁଖ୍ୟ ସମ୍ପାଦକ ଡ. ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ଅତିଥିକବି ଭାବେ ଡ. ହୀରାବତି ବିଶ୍ୱାଳ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ କବିତା ଅପାଂକ୍ତେୟ ଆବୃତ୍ତି କରିବା ସହ ଯୁବପିଢି ମାନଙ୍କୁ ଜୀବନରେ କବିତାର ଗୁରୁତ୍ୱ ସମ୍ପର୍କରେ ଉପାଦେୟ ବକ୍ତବ୍ୟ ପରିବେଷଣ କରିଥିଲେ। ଶବ୍ଦଗଙ୍ଗାର ସହଯୋଗୀ ଛାତ୍ର ସମ୍ପାଦିକା ବର୍ଷାରାଣୀ ନନ୍ଦ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ର ସମ୍ପାଦିକା ଅନନ୍ୟା ବେହେରା ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଯୁବ ପ୍ରତିଭା ରାସେଶ୍ୱରୀ ନନ୍ଦ ଶବ୍ଦଗଙ୍ଗା ସମ୍ପର୍କରେ ତାଙ୍କର ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସହଯୋଗୀ ସମ୍ପାଦିକା ଇପ୍ସିତା ପ୍ରିୟଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ସହ-ସମ୍ପାଦକ ଜଗନ୍ନାଥ ମେହେର ଯାନ୍ତ୍ରିକ ସହଯୋଗ କରିଥିଲେ।

## ଛାତ୍ରୀଙ୍କୁ ସହାୟତାର ହାତ ବଢ଼ାଇଲା ବୁର୍ଲା ଏକତା ମଞ୍ଚ

**ସମ୍ବଲପୁର, ୧୦।୫(ସମିସ):** ବୁର୍ଲା ଏକତା ମଞ୍ଚର ଆହ୍ୱାନ କ୍ରମେ ବିଭିନ୍ନ ବର୍ଗର ଲୋକେ ସମ୍ପୃକ୍ତ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ୧ଲକ୍ଷ୭ ହଜାର ୮ ଶହ ଟଙ୍କା ଛାତ୍ରୀଙ୍କୁ ପ୍ରଦାନ କରାଯାଇଛି। ୪ଦିନ ଧରି ଏକତା ମଞ୍ଚ ପକ୍ଷରୁ ସହାୟତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## 'ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍'ର ଭୂମିପୂଜନ କଲେ କେନ୍ଦ୍ରମନ୍ତ୍ରୀ

# 'ଲୋକଲୋଚନକୁ ଆସିବ ଭୀମମଣ୍ଡଳୀର ଗୌରବମୟ ଇତିହାସ'

ରେଢାଖୋଲ/ନାକଟିଦେଉଳ, ୧୦।୫(ସମିସ)

କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ 'ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍'ର ଭୂମିପୂଜନ କରିଛନ୍ତି। ଏହି ଐତିହାସିକ ଐତିହ୍ୟ ସ୍ଥଳୀ ଭୀମମଣ୍ଡଳୀର ଗୌରବମୟ ଇତିହାସକୁ ଲୋକଲୋଚନକୁ ଆଣିବା ସହ ଏହା ସମ୍ବଲପୁରର ପର୍ଯ୍ୟଟନକୁ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭୀମମଣ୍ଡଳୀ କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ବରଂ ଓଡ଼ିଶାର ଗୌରବମୟ ଇତିହାସ ଓ ପୁରାତନ ସଭ୍ୟତାର ଏକ ଜ୍ୱଳନ୍ତ ପ୍ରମାଣ। ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଅନୁସାରେ, ଭୀମମଣ୍ଡଳୀର ଗୁମ୍ଫା କାନ୍ଥରେ ଥିବା 'ରକ୍ ଆର୍ଟ' ଗୁଡ଼ିକ ପ୍ରାୟ ୧୦, ୦୦୦ ବର୍ଷରୁ ଅଧିକ ପୁରୁଣା। ଏହି ସ୍ଥଳୀରେ ପ୍ରସ୍ତର ଯୁଗର ଅନେକ ପ୍ରାଚୀନ ଉପକରଣ ମଧ୍ୟ ମିଳିଛି। ଏହି ଦୁର୍ଲଭ ସ୍ଥଳୀକୁ ଆନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ସହ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଦ୍ୱାରା ମାନ୍ୟତା ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଛି।





ଐତିହାସିକ ଦୃଷ୍ଟିକୋଣ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପୌରାଣିକ ସମ୍ପର୍କ ପାଇଁ ଭୀମମଣ୍ଡଳୀ ସବୁବେଳେ ସ୍ୱତନ୍ତ୍ର। ଏହି ପରିପ୍ରେକ୍ଷୀରେ ଏହାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ପ୍ରାୟ ୮ କୋଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରିଛନ୍ତି, ଯାହାର କାମ ଆଜିର ଠାରୁ ଆରମ୍ଭ ହୋଇଛି। ଖୁବ ଶୀଘ୍ର ଏଠାରେ ପ୍ରବେଶ ପଥ, ବ୍ରିଜ୍, ଭ୍ୟୁ ପଏଣ୍ଟ, ସୌର ଶକ୍ତି ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଏବଂ ବିଶ୍ରାମ ଗୃହ ଆଦି ନିର୍ମାଣ କରାଯିବ। ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଏହି ପ୍ରକଳ୍ପ ଅନେକ ନୂଆ ସୁଯୋଗ ସୃଷ୍ଟି କରିବ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶା ସରକାରଙ୍କ 'ହୋମ୍ ଷ୍ଟେ' ନୀତି ମାଧ୍ୟମରେ ସ୍ଥାନୀୟ ଗ୍ରାମବାସୀଙ୍କୁ ରୋଜଗାରକ୍ଷମ କରାଯିବା ସହ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର ପାରମ୍ପରିକ ଗ୍ରାମ୍ୟ ଜୀବନର ଅନୁଭୂତି ପ୍ରଦାନ କରିବା ପାଇଁ ଯୋଜନା ରହିଛି। ଆଗାମୀ ଦିନରେ ଏହି ଅଞ୍ଚଳର ସାଂସ୍କୃତିକ ଅର୍ଥନୀତିକୁ ସମୃଦ୍ଧ କରିବା ଦିଗରେ ଭୀମମଣ୍ଡଳୀ ବିଶେଷ ଭାବରେ ସହାୟକ ହେବ। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୫, ୨୦୨୫ରେ ଏହି ସ୍ଥାନ ପରିଦର୍ଶନ କରିବା ଅବସରରେ ଶ୍ରୀ ପ୍ରଧାନ ଏହାର ବିକାଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

**ଭୀମମଣ୍ଡଳୀରେ ପ୍ରବେଶ ପଥ, ବ୍ରିଜ୍, ଭ୍ୟୁ ପଏଣ୍ଟ ଏବଂ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ ହେବ**

**'ରକ୍ ଆର୍ଟ'ର ସଂରକ୍ଷଣ ସହ ଏଏସଆଇ ମାନ୍ୟତା ପାଇଁ ହେଉଛି ପ୍ରୟାସ**

ସେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ପତ୍ର ଲେଖି ଡେବ୍ରିଗଡ଼-ଭୀମମଣ୍ଡଳୀ-ହୀରାକୁଦକୁ ଏକ 'ପର୍ଯ୍ୟଟନ ସର୍କିଟ୍' ଭାବେ ଘୋଷଣା କରିବାକୁ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମଧ ଉପସ୍ଥିତ ଥିଲେ।



# ସରକାରୀ ସହଯୋଗରେ ଘରୋଇ ସ୍କୁଲ୍ ବ୍ୟବସାୟ

**ବଲାଙ୍ଗିର, ୧୦।୫(ସମିସ)**

ବଲାଙ୍ଗିର ଜିଲ୍ଲାରେ ସରକାରୀ ବିଧି ବ୍ୟବସ୍ଥା ସହଯୋଗରେ ଘରୋଇ ସ୍କୁଲ ବ୍ୟବସାୟ ଚାଲିଛି। ଗୋଟିଏ ପଟେ ସରକାର ଘରୋଇ ସ୍କୁଲ ଭଳି ବ୍ୟବସ୍ଥା ସରକାରୀ ସ୍କୁଲରେ କରିବାକୁ ଉଦ୍ୟମ ଚଳାଇଥିବା ବେଳେ ଅନ୍ୟପକ୍ଷରେ ସରକାରୀ ସ୍କୁଲ ସହାୟତାରେ ଜିଲ୍ଲାରେ ଘରୋଇ ସ୍କୁଲ ବ୍ୟବସାୟ ଚାଲିଛି। ବିଗତ କିଛି ବର୍ଷ ଭିତରେ ଜିଲ୍ଲାରେ ଏ-୧ ତାଲିକା ହିଁ ଏହି ଘରୋଇ - ସରକାରୀ ମିଳିତ ବ୍ୟବସ୍ଥାକୁ ପଦାରେ ପକାଇଛି। ସରକାରୀ ନିୟମକୁ ଅସ୍ତ୍ର କରି ଖୋଲାଖୋଲି ଘରୋଇ ସ୍କୁଲଗୁଡିକ ନିଜ ବ୍ୟବସାୟ ଚଳାଇଛି। ଏଥିରେ ସରକାରୀ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ସହଯୋଗ କରିଥିବା ଦେଖିବାକୁ ମିଳିଛି। ଭରତବାହାଲ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ଅଭିଯୋଗ କେବଳ ଗୋଟିଏ ଅଭିଯୋଗ ନୁହଁ। ଜିଲ୍ଲାରେ ଏମିତି ଅନେକ ଘରୋଇ ସ୍କୁଲ ରହିଛନ୍ତି ଯେଉଁମାନଙ୍କ ମାଧ୍ୟମିକ ଅନୁମତି ନାହିଁ ତଥାପି ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ସରକାରୀ ସ୍କୁଲରେ ନାମ ଲେଖାଇ ହଷ୍ଟେଲରେ ରଖି ଲକ୍ଷ ଲକ୍ଷ ଟଙ୍କା ବ୍ୟବସାୟ ଚଳାଇଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲାରେ ବିଗତ କିଛି ବର୍ଷ ଭିତରେ ବହୁ ସଂଖ୍ୟାରେ ଘରୋଇ ସ୍କୁଲ ଖୋଲିଥିବା ବେଳେ ଏହି ଘରୋଇ ସ୍କୁଲ ଗୁଡିକର ପରିଚାଳନାକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନ ସୃଷ୍ଟି ହୋଇଛି। ତେବେ ଜିଲ୍ଲାରେ କେତେ ଘରୋଇ ସ୍କୁଲ ରହିଛି, କେଉଁ କେଉଁ ଘରୋଇ ସ୍କୁଲ ଗୁଡିକର ମାଧ୍ୟମିକ ଶିକ୍ଷା

**ଅନେକ ଘରୋଇ ସ୍କୁଲ ମାଧ୍ୟମିକ ଅନୁମତି ନ ଥାଇ ଚାଲିଛି**

**ଅଭିଯୋଗ ସାମ୍ନାକୁ ଆସିଲେ ସରକାରୀ ନିୟମ ବାହାନା**

**ସବୁ ଜାଣି ଅଜଣା ଶିକ୍ଷା ବିଭାଗ ଲାଭ ଚିନ୍ତାରେ ନୀରବ**

ପାଇଁ ଅନୁମତି ରହିଛି ତାହା ବିଭାଗୀୟ ଅଧିକାରୀଙ୍କ ପାଖରେ ସ୍ପଷ୍ଟ ସୂଚନା ନ ଥିବା ଜଣାପଡ଼ିଛି। କିନ୍ତୁ ଏହି ଘରୋଇ ସ୍କୁଲଗୁଡିକ ସରକାରୀ ବିଧି ବ୍ୟବସ୍ଥାରେ ତଞ୍ଚକତା କରି ନିଜ ଶିକ୍ଷାର ବେପାର ଜମାଇଥିବା ଅଭିଯୋଗ ହୋଇଛି। ଯାହାକି ମାଟ୍ରିକ ଫଳାଫଳ ହିଁ ସ୍ପଷ୍ଟ କରିଛି। ଚଳିତ ମାଟ୍ରିକ ପରୀକ୍ଷାରେ ପାଟଣାଗଡ଼ ବ୍ଲକ ଭରତବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୩ ଜଣ ଛାତ୍ର ଏ-୧ ଗ୍ରେଡ ପାଇବା ନିହାତି ଭାବେ ଖୁସିର କଥା; କିନ୍ତୁ ବିଭାଗୀୟ ଅଧିକାରୀ ମଧ୍ୟ ଜାଣିଛନ୍ତି ଯେ ଏହି ୩ ଜଣ ଛାତ୍ର ସେହି ସ୍କୁଲର ନୁହଁନ୍ତି। ସେମାନେ ନିକଟସ୍ଥ କୁକୁରମୁଣ୍ଡାଠାରେ ଥିବା ଏକ ଘରୋଇ ସ୍କୁଲର ଛାତ୍ର। କେବଳ ଚଳିତ ବର୍ଷ ନୁହଁ; ଗତ ବର୍ଷ ମଧ୍ୟ ଏହି ସ୍କୁଲର ୨ଜଣ ଏ-୧ ଗ୍ରେଡ ପାଇଥିଲେ। ତେବେ ଏହା କିଭଳି ସମ୍ଭବ ତାହା ସବୁଠାରୁ ବଡ ପ୍ରଶ୍ନ। କେବଳ ଏହି ଗୋଟିଏ ସ୍କୁଲ କାହିଁକି ଗତ ବର୍ଷ ସଇଁନ୍ତଲା ବ୍ଲକରେ ପାଇଥିବା ୨ ଜଣ ଏ-୧ ଧାରୀ, ଚଳିତ ବର୍ଷ ପାଟଣାଗଡ଼ ସହ ଗୁଡଭେଲା ବ୍ଲକର ଛାତ୍ର ମଧ୍ୟ ଏକ ଘରୋଇ ସ୍କୁଲର ବୋଲି ଜଣାପଡ଼ିଛି। ତେବେ ଏନେଇ ପଚରାଉଚରା କରିବା ପରେ ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ଏକ ସାଂଘାତିକ ଷଡଯନ୍ତ୍ର ସାମ୍ନାକୁ ଆସିଛି। ଅଭିଯୋଗ ଅନୁସାରେ ଜିଲ୍ଲାରେ ଏହିଭଳି ପ୍ରାୟ ୧୦ଟି ଘରୋଇ ସ୍କୁଲ ରହିଛି; ଯେଉଁମାନଙ୍କ ପାଖରେ ମାଧ୍ୟମିକ ଶିକ୍ଷା ଅନୁମତି ନାହିଁ। ଅଥଚ ସେମାନେ ପ୍ରଥମରୁ ଅଷ୍ଟମ ବଦଳରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କଠାରୁ ମୋଟା ଅଙ୍କର ଫି ଆଦାୟ କରୁଛନ୍ତି। ହଷ୍ଟେଲ ଖୋଲି ଛାତ୍ରଛାତ୍ରୀଙ୍କୁ ରଖି ଶିକ୍ଷାଦାନ କରୁଛନ୍ତି। ସେମାନଙ୍କ ପାଖରେ ଅନୁମତି ନ ଥିବାରୁ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ନିକଟସ୍ଥ କୌଣସି ସରକାରୀ ସ୍କୁଲ ପ୍ରଧାନଶିକ୍ଷକ, ବ୍ଲକ ଶିକ୍ଷା ଅଧିକାରୀଙ୍କୁ ହାତ କରି ସେହି ଛାତ୍ରଛାତ୍ରୀଙ୍କ ନାମ ସରକାରୀ ସ୍କୁଲରେ ଲେଖାଉଛନ୍ତି; କିନ୍ତୁ ଦିନେ ବି ସମ୍ପୃକ୍ତ ଛାତ୍ରଛାତ୍ରୀ ସ୍କୁଲ ନ ଯାଇ ସିଧାସଳଖ ପରୀକ୍ଷା ଦେଉଥିବା ଅଭିଯୋଗ ହୋଇଛି। ଏନେଇ ଜଣେ ବରିଷ୍ଠ ଶିକ୍ଷା ଅଧିକାରୀଙ୍କ କହିବା ଅନୁସାରେ ଯାହା ପାଖରେ ପରୀକ୍ଷା ପାଇଁ ଅନୁମତି ନ ଥିବ ସେମାନେ ଅନୁମତି ନେଇ ଅନ୍ୟ ସ୍କୁଲ ନାମରେ ପରୀକ୍ଷା ଦେଇପାରିବେ; କିନ୍ତୁ ନିଜ ସ୍କୁଲରେ ଆଡମିସନ କରିବେ; କିନ୍ତୁ ଜିଲ୍ଲାରେ ଏହାକୁ ବାହାନା ଦେଖାଇ ଘରୋଇ ସ୍କୁଲ ଏଭଳି ବେଆଇନ କାରବାର ବିନା ଦ୍ୱିଧାରେ ଚଲାଇଥିବା ବେଳେ ନିଜ ଲାଭ କଥା ଚିନ୍ତା କରି ଶିକ୍ଷା ବିଭାଗ ମଧ୍ୟ ଚୁପ୍ ରହୁଥିବା ଅଭିଯୋଗ ହୋଇଛି। ତେବେ ଏକ ପ୍ରକାର ଜିଲ୍ଲାରେ ସରକାରୀ ବିଧି ବ୍ୟବସ୍ଥା ସହଯୋଗରେ ଘରୋଇ ଶିକ୍ଷା ବ୍ୟବସାୟ ପରିଚାଳିତ ହେଉଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ଏହାକୁ ଗୁରୁତର ସହ ନେଇ ଏହିଭଳି କାରବାର କରୁଥିବା ଉଭୟ ଘରୋଇ ଓ ସରକାରୀ ସ୍କୁଲକୁ ଚିହ୍ନଟ କରି କାର୍ଯ୍ୟରାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏନେଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



**ବଲାଙ୍ଗିର, ୧୦।୫(ସମିସ):** ବଲାଙ୍ଗିର ସିଭିଲ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟ ସହିତ ଜିଲ୍ଲାର ସମସ୍ତ ତାଲୁକସ୍ତର ଓ ତୁଷୁରା ନ୍ୟାୟାଳୟରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ନ୍ୟାୟାଳୟର ଜିଲ୍ଲା ନ୍ୟାୟାଧୀଶ ହିରଣ୍ମୟ ବିଶୋଇଙ୍କ ଉପସ୍ଥିତିରେ ପରିଚାଳନା କରାଯାଇଥିଲା। ଏଥିରେ ବିମଳ କୁମାର ଚାନ୍ଦ (ଚେୟାରମ୍ୟାନ, ପିଏଲ୍ଏ ପିୟୁଏସ୍), ପ୍ରିୟବ୍ରତ ଦାଶ (ଜଜ୍, ଫ୍ୟାମିଲି କୋର୍ଟ), ଶଙ୍ଖ ଚକ୍ରବର୍ତ୍ତୀ (ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ), ଲୋକନାଥ ମିଶ୍ର (ରେଜିଷ୍ଟ୍ରାର, ସିଭିଲ୍ କୋର୍ଟ), ଆଶିଷ କୁମାର ସାହୁ (ସିଭିଲ୍ ଜଜ୍ ବରିଷ୍ଠ), ବୈଶାଳୀ ନାୟକ (ସିଭିଲ୍ ଜଜ୍ ବରିଷ୍ଠ, କମର୍ସିଆଲ୍ କୋର୍ଟ), କୁନମୁନ ଆଚାରୀ (ସିଭିଲ୍ ଜଜ୍ ବରିଷ୍ଠ), ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି (ଅତିରିକ୍ତ ସିଭିଲ୍ ଜଜ୍ ବରିଷ୍ଠ), ଦୀପାରାଣୀ ଜେନା, ଶାଶ୍ୱତୀ ମହାପାତ୍ର (ସିଭିଲ୍ ଜଜ୍ କନିଷ୍ଠ), ସାଧକ କାରଜୀ, ଶିଶିର କୁମାର ଭୋଇ (ଗ୍ରାମ ନ୍ୟାୟାଧିକାରୀ), ଦୀପାଳି ଦାସ, ଅର୍ଘ୍ୟରୁପା ମିଶ୍ରଙ୍କ ସମେତ ଜିଲ୍ଲା ବାର୍‌ର ପ୍ରାୟ ସମସ୍ତ ଅଧିବକ୍ତା ଉପସ୍ଥିତ ଥିଲେ। ଏହାସହିତ ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଧିକାରୀ, ବନ ବିଭାଗ, ଜାତୀୟକରଣ ଓ ବେସରକାରୀ ବ୍ୟାଙ୍କ, ଜଳ ବିଭାଗ, ବିଦ୍ୟୁତ ବିଭାଗ ଅଧିକାରୀ ଭାଗ ନେଇଥିଲେ। ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସହଯୋଗରେ ପ୍ରାଧିକରଣ ପରିସରରେ ଉପସ୍ଥିତ ବ୍ୟକ୍ତିବିଶେଷ ମାଗଣାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଏହାସହିତ ବିଶେଷ ଲୋକ ଅଦାଲତ-୨୦୨୬ ସମାଧାନ ସମାରୋହ ଓ ଦ୍ୱିତୀୟ ମଧ୍ୟସ୍ଥତା ଅଭିଯାନ ସଚେତନତା ଶିବିର ଖୋଲା ଯାଇଥିଲା। ଏହି ଶିବିରରେ ଜିଲ୍ଲା କାରାଗାରର ଅନ୍ତେବାସୀଙ୍କ ହସ୍ତଶିଳ୍ପ ବିକ୍ରୟ ଷ୍ଟଲ ମଧ୍ୟ ଖୋଲାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୯, ୫୩୮ ମାମଲା ସମାଧାନ ହୋଇଥିଲା। ୧ କୋଟି ୮୧ ଲକ୍ଷ ୪୬ ହଜାର ୫୭୯ ଟଙ୍କାରେ ସମାଧାନ କରାଯାଇଥିଲ। ପବିତ୍ରାନନ୍ଦ ପ୍ରଧାନ (ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ) ପରିଚାଳନା କରିଥିଲେ। ପାରାଲିଗାଲ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ଗ୍ରୀଷ୍ମକାଳୀନ କରାଟେ ତାଏକ୍ୱୋଣ୍ଡୋ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ





**ବଲାଙ୍ଗିର, ୧୦।୫(ସମିସ):** ଆଜି ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲ ପରିସରରେ ଅସୀମ କରାଟେ ଏକାଡେମୀ ଓ ବଲାଙ୍ଗିର ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘର ମିଳିତ ଉଦ୍ୟମରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା କରାଟେ ଓର୍ଗାନାଇଜେସନର ସାଧାରଣ ସମ୍ପାଦକ ତଥା ଅନ୍ତର୍ଜାତୀୟ କରାଟେ ମାଷ୍ଟର ଅସୀମ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିର ଜୁନ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମର କ୍ୟାମ୍ପରେ କରାଟେ, ତାଏକ୍ୱୋଣ୍ଡୋ, ଅଗ୍ନିବିର ଟ୍ରେନିଂ, ଯୋଗ, ଝିଅମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ, ଜୁମ୍ବା, ଲାଠି ଚାଳନା, ନାନଚାକୁ, ଅସ୍ତ୍ରଚାଳନା, ୱେଟ ଲୁଜ ପ୍ରଭୃତି ଟ୍ରେନିଂ ଦିଆଯାଉଥିବା କୋଚ ଅସୀମ ଭୋଇ ପ୍ରକାଶ କରିଛନ୍ତି। ଏହି ଶିବିରରେ କିଶୋରୀ ବାଳିକା ଓ ମହିଳାମମାନଙ୍କ ପାଇଁ ନିଃଶୁଳ୍କ ଆତ୍ମରକ୍ଷା ପ୍ରଶିକ୍ଷଣର ବ୍ୟବସ୍ଥା ଥିବା ସଂଗଠନ ତରଫରୁ ସୂଚନା ଦିଆଯାଇଛି। ଏଥିରେ ୪ ବର୍ଷ ରୁ ୫୩ ବର୍ଷ ପର୍ଯ୍ୟନ୍ତ ସମସ୍ତ ମହିଳା ଓ ପୁରୁଷ ପ୍ରଶିକ୍ଷକ ନେଇ ପାରିବେ।

# ସଇଁତଲା ଅଞ୍ଚଳରେ ଡିଜେଲ ଅଭାବ

**ସଇଁତଲା, ୧୦।୫ (ସମିସ):** ସଇଁତଲା ଅଞ୍ଚଳରେ କିଛି ଦିନ ଧରି ଡିଜେଲ ଅଭାବ ଦେଖାଦେଇଥିବାରୁ ସାଧାରଣ ଲୋକ ଭାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳର ଅଧିକାଂଶ ପେଟ୍ରୋଲ ପମ୍ପରେ ଡିଜେଲ ଶେଷ ହୋଇଯାଇଥିବାରୁ ଯାତାୟାତ, କୃଷି କାମ ଓ ବ୍ୟବସାୟିକ କାର୍ଯ୍ୟ ପ୍ରଭାବିତ ହେଉଛି। ବିଶେଷକରି ଚାଷୀ ଟ୍ରାକ୍ଟର ଓ ପାଣି ପମ୍ପ ଚଳାଇବାରେ ଅସୁବିଧା ଭୋଗୁଥିବା ବେଳେ ଗାଡ଼ି ଚାଳକମାନେ ଡିଜେଲ ପାଇଁ ପମ୍ପରୁ ପମ୍ପ ଘୁରିବାକୁ ବାଧ ହେଉଛନ୍ତି। କେତେକ ସ୍ଥାନରେ ଦୀର୍ଘ ଲାଇନ ମଧ୍ୟ ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଡିଜେଲ ଯୋଗାଣ ହେଉ ନ ଥିବାରୁ ଏହି ସମସ୍ୟା ଉପୁଜିତ ହୋଇଛି। ତୁରନ୍ତ ସମସ୍ୟାର ସମାଧାନ କରି ନିୟମିତ ଡିଜେଲ ଯୋଗାଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

# ଜୀବନ ସହ ଲଢୁଛନ୍ତି କୁଡ଼ସିଂହାର ଗୋପାଳ ସାହୁ



**ବଲାଙ୍ଗିର, ୧୦।୫(ସମିସ):** କୁଡସିଂହା ଅଞ୍ଚଳର ଗୋପାଳ ସାହୁ ଆଜି ଅତ୍ୟନ୍ତ ଦୁଃଖଦ ଓ ଅସହାୟ ପରିସ୍ଥିତି ମଧ୍ୟରେ ଜୀବନ କାଟୁଛନ୍ତି। ଚିକିତ୍ସାଜନିତ ସମସ୍ୟା କାରଣରୁ ପ୍ରଥମେ ପ୍ରାୟ ଦୁଇ ବର୍ଷ ପୂର୍ବେ ତାଙ୍କର ଗୋଟିଏ ଗୋଡ କାଟିବାକୁ ପଡ଼ିଥିଲା। ପରେ ଶାରୀରିକ ଅବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କର ଆଉ ଗୋଟିଏ ଗୋଡ ମଧ୍ୟ କାଟିବାକୁ ପଡ଼ିଛି। ପରିବାରର ଏକମାତ୍ର ଉପାର୍ଜନକାରୀ ଥିବା ଶ୍ରୀ ସାହୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଶଯ୍ୟାଶାୟୀ ଅବସ୍ଥାରେ ଅଛନ୍ତି। ଦୁଇଟି ଗୋଡ ହରାଇବା ପରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ଭାଙ୍ଗିପଡ଼ିଛି। ଦୈନନ୍ଦିନ ଖାଦ୍ୟ ଓ ଔଷଧ ଖର୍ଚ୍ଚ ଯୋଗାଡ କରିବା ମଧ୍ୟ ପରିବାର ପାଇଁ କଷ୍ଟକର ହୋଇପଡ଼ିଛି। ତାଙ୍କ ସ୍ତ୍ରୀ ଦିନମଜୁରିଆ ଭାବେ କାମ କରି ପରିବାରକୁ ସମ୍ଭାଳୁଥିବା ଜଣାଇପଡ଼ିଛି। ଏହି ଦୁଃଖଦ ପରିସ୍ଥିତି ବିଷୟରେ ଜାଣିବା ପରେ ମାହେଶ୍ୱରୀ ସଙ୍ଗଠନ ସଭାପତି ଶୋଭନ ଅଗ୍ରୱାଲ, ସଦସ୍ୟ ସୂରଜ ପଟେଲ, ପଦ୍ମାଳୟା ବାରିକ, ମନୋରଞ୍ଜନ ଝାଙ୍କର, ଲୋକନାଥ ପଧାନ, ହିରନ୍ ମଲ୍ଲିକ, ଜୁଲିଏନା ରିଟଚେ ତାଙ୍କୁ ଭେଟିଥିଲେ।

**ଦୁଇ ଗୋଡ଼ କାଟିବାକୁ ପଡ଼ିଛି**

**ଖାଦ୍ୟ, ଔଷଧ ଖର୍ଚ୍ଚ ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଛି**

**ଦିନମଜୁରିଆ ଭାବେ କାମ କରି ଘର ସମ୍ଭାଳୁଛନ୍ତି ପତ୍ନୀ**

# ମହୁଲ ଗୋଟାଳି ଅଭାବୀ ବିକ୍ରିର ଶିକାର | ଧାର୍ଯ୍ୟ ହୋଇନି ଦର; ଚାଲିଛି ଦଲାଲ୍ ରାଜ୍

**ଦେଓଗାଁ, ୧୦।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ୨୭ଟି ପଞ୍ଚାୟତର ବିଭିନ୍ନ ଗାଁରେ ଲୋକେ ଋତୁକାଳୀନ ବ୍ୟବସାୟ ଭାବେ ମହୁଲଫୁଲ ଗୋଟାଇ ବିକ୍ରି କରି ଦି ପଇସା ରୋଜଗାର କରିଥାନ୍ତି। ଏହା ଅନେକ ପରିବାରକୁ ସ୍ୱାବଲମ୍ବି କରିଥାଏ; ହେଲେ ଚଳିତବର୍ଷ ପଞ୍ଚାୟତ ତରଫରୁ ସରକାରୀ ମୂଲ୍ୟ ଧାର୍ଯ୍ୟ ହୋଇ ନ ଥିବାରୁ ମହୁଲ ଦର ଦିନକୁ ଦିନ ହ୍ରାସପାଇବାରେ ଲାଗିଛି। ଏଣୁ ଗୋଟାଳି ଅଭାବୀ ବିକ୍ରିର ଶିକାର ହୋଇ କ୍ଷତି ସହୁଥିବା ଅଭିଯୋଗ ହୋଇଛି। ବିଶେଷ କରି ଦେଓଗାଁ ବ୍ଲକର ପଶ୍ଚିମାଞ୍ଚଳର ପ୍ରାୟତଃ ଗାଁରେ ଅନେକ ପରିବାର ମହୁଲଫୁଲ ସଂଗ୍ରହ କରି ତାକୁ ଖରାରେ ଶୁଖାଇ ବିକ୍ରି କରିଥାନ୍ତି। ସମ୍ପୃକ୍ତ ବିଭାଗ ତରଫରୁ ୪ ଜଣ ବ୍ୟକ୍ତି ମହୁଲ ଫୁଲ କ୍ରୟ କରିବା ପାଇଁ ଲାଇସେନ୍ସ ପ୍ରାପ୍ତ ରହିଛନ୍ତି। ଗାଁଗଣ୍ଡାରେ ପ୍ରାୟ ୨୦ରୁ ଅଧିକ ବ୍ୟକ୍ତି ଗୋଟାଳିମାନଙ୍କ ନିକଟରୁ ଅଭାବି ଦରରେ ମହୁଲ କ୍ରୟ କରୁଥିବାରୁ ମହୁଲଫୁଲର ଉଚିତ ପ୍ରାପ୍ୟ ଗୋଟାଳିମାନେ ପାଇପାରୁନଥିବା ଜଣାପଡ଼ିଛି। ଆଖପାଖ ଅଞ୍ଚଳରେ ଥିବା ଦେଶୀ ମଦଭାଟିଗୁଡିକ ଏହି ମହୁଳ କିଣୁଥିବା ବେଳେ ମଦଭାଟି ତରଫରୁ କିଛି ଲୋକ ମଧ୍ୟସ୍ଥି ସାଜି ମହୁଲ ବେପାର ଚଲାଇଥିବାରୁ ମହୁଲଫୁଲ ଅଭାବୀ ବିକ୍ରି ଦେଖା ଦେଇଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଗ୍ରାମାଞ୍ଚଳରେ କିଛି ଅସାଧୁ ବେପାରୀ ମହୁଲଫୁଲକୁ ଅଭାବୀ ଦରରେ କ୍ରୟ କରି ଗୋଦାମ କରି ଗଚ୍ଛିତ ରଖି ବେପାର ଚଳାଇଆସୁଥିବା ବେଳେ ସମ୍ପୃକ୍ତ ବିଭାଗ ସବୁ ଜାଣି ନ ଜାଣିଲା ପରି ଚୁପ୍ ରହିବା ଦ୍ୱାରା ବେପାର ଖୁଲମଖୁଲା ବେପାର ଚଳାଇଥିବା ନଜରକୁ ଆସିଛି। ଦିନକୁ ଦିନ ଦେଶୀ ମହୁଲି ମଦର ମୂଲ୍ୟ ବୃଦ୍ଧି ପାଉଥିବା ବେଳେ ମହୁଲ ଫୁଲର ଦର ହ୍ରାସ କାହିଁକି ବୋଲି ମହୁଲ ଗୋଟାଳି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ପଞ୍ଚାୟତ ତରଫରୁ ଲଘୁବନ୍ୟଜାତ ଦ୍ରବ୍ୟର ସରକାରୀ ମୂଲ୍ୟ ନିର୍ଦ୍ଧାରଣ କରିବାର ନିୟମ ରହିଥିବା ବେଳେ ବ୍ଲକ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କରିବା ପରିତାପର ବିଷୟ ବୋଲି ଅନେକ ପରିବେଶବିତ କ୍ଷୋଭ ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।



# ସ୍ୱଧାର ଗୃହରେ ସ୍ୱାସ୍ଥ୍ୟ ଶିବିର



**ବଲାଙ୍ଗିର, ୧୦।୫(ସମିସ):** ମା' ହେଉଛି ସୃଷ୍ଟିର ସର୍ବଶ୍ରେଷ୍ଠ କୃତି। ସେହି ମା'ମାନଙ୍କ ତ୍ୟାଗ ଓ ସେବାକୁ ସମ୍ମାନ ଜଣାଇବା ପାଇଁ ଆଜି ସାରା ବିଶ୍ୱରେ ବିଶ୍ୱ ମାତୃ ଦିବସ ପାଳିତ ହେଉଥିବା ବେଳେ ବଲାଙ୍ଗିର ସହରରେ ଏକ ନିଆରା ଓ ମହତ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ସହରର ଅଗ୍ରଣୀ ସାମାଜିକ ସଂଗଠନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ଏବଂ ସ୍ୱରାଜ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସ୍ୱଧାର ଗୃହରେ ଅନ୍ତେବାସୀ ମା'ମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱଧାର ଗୃହରେ ଆଶ୍ରୟ ନେଉଥିବା ମା'ମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ମା'ମାନଙ୍କୁ ମାତୃ ଦିବସର ଶୁଭେଚ୍ଛା ଜଣାଯାଇଥିଲା, ଯାହା ସେମାନଙ୍କ ମନରେ ଏକ ଆତ୍ମୀୟତାର ଭାବ ସୃଷ୍ଟି କରିଥିଲା। ଶିବିରରେ ପ୍ରାୟ ୭୫ ଜଣ ମା'ଙ୍କ ସାଧାରଣ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଏଥିରେ ରକ୍ତଚାପ, ମଧୁମେହ ଏବଂ ଅନ୍ୟାନ୍ୟ ବୟସ ସମ୍ବନ୍ଧୀୟ ରୋଗର ପରୀକ୍ଷା ଅନ୍ତର୍ଭୁକ୍ତ ଥିଲା। ପରୀକ୍ଷା ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସମସ୍ତ ମା'ମାନଙ୍କୁ ଆବଶ୍ୟକୀୟ ଔଷଧ, ଭିଟାମିନ୍ ଟନିକ୍ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଉପକରଣ ବିନା ମୂଲ୍ୟରେ ପ୍ରଦାନ କରାଯାଇଥିଲା। ସ୍ୱରାଜ ହସ୍ପିଟାଲର ଅଭିଜ୍ଞ ଚିକିତ୍ସକମାନେ ପ୍ରତ୍ୟେକ ମା'ଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଧୈର୍ଯ୍ୟର ସହ ଶୁଣିବା ସହ ଉପଯୁକ୍ତ ପରାମର୍ଶ ଦେଇଥିଲେ। ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଶିବିର ପରିଚାଳନା କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୋମନାଥ ମିଶ୍ର, ସ୍ୱରାଜ ହସ୍ପିଟାଲର ନିର୍ଦ୍ଦେଶକ ସ୍ୱରାଜ ମିଶ୍ର, ଡ. ପୂଜା ପଟ୍ଟନାୟକ, ଡ, ସୀତାଂଶୁ ଷଡ଼ଙ୍ଗୀ, ସିଦ୍ଧାର୍ଥ ପଣ୍ଡା, ସୁଧାଂଶୁ ମିଶ୍ର, ମୁକେଶ ପଧାନ, କନ୍ଦର୍ପ ରଣା, ପ୍ରିୟା ମିଶ୍ର, ଶିବାନୀ ଜାଲ, ମାନସ ପଟେଲ, ଖଗେଶ୍ୱର ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ କର୍ମଚାରୀଙ୍କ ମନମାନୀ

**ବଲାଙ୍ଗିର, ୧୦।୫(ସମିସ)**

ବଲାଙ୍ଗିର ଜିଲ୍ଲାରେ ଘରୋଇ ବସ କର୍ମଚାରଙ୍କ ମନମାନୀ। ବସ ଭିତରେ ସରକାରୀ ନିୟମର ଖୋଲାଖୋଲି ଉଲଂଘନ କରୁଥିବା ଅଭିଯୋଗ ହୋଇଛି। ଧାର୍ଯ୍ୟ ଦର ଅନୁସାରେ ବସ କର୍ମଚାରୀ ମାନେ ଟଙ୍କା ନେଉନଥିବା ବେଳେ ନିୟମାନୁସାରେ ଫାଷ୍ଟଏଡ, କ୍ୟାମେରାର ମଧ୍ୟ ବ୍ୟବସ୍ଥା ନାହିଁ। ସମସ୍ତେ ନେଉଛନ୍ତି ଆମେ ବି ନେବୁ କହି ଗରିବ ବସଯାତ୍ରୀଙ୍କଠାରୁ ଲୁଟ କରୁଛନ୍ତି ବସ କର୍ମଚାରୀ। ସାଧାରଣ ବସରେ ବି କିଲୋମିଟର ପିଛା ଦେଢ ଟଙ୍କା ଜୋରଜବରଦସ୍ତ କରୁଥିବା ବେଳେ ଏହାକୁ ପ୍ରତିବାଦ କଲେ ବସ କର୍ମଚାରୀମାନେ ବିଭିନ୍ନ କଥା କହି ହିନସ୍ତା କରୁଥିବା ଅଭିଯୋଗ ହୋଇଛି। ଲୋକେ ମଧ୍ୟ କହିବ କାହାକୁ ଶୁଣିବ କିଏ ନ୍ୟାୟରେ ନୀରବ ରହୁଥିବା ଅଭିଯୋଗ କରିଛନ୍ତି।

ବଲାଙ୍ଗିର ଜିଲ୍ଲାରେ ବିଭିନ୍ନ ସମୟରେ ବସ କର୍ମଚାରୀଙ୍କ ନାମରେ ଅଭିଯୋଗ ଆସିଥାଏ। ଦରଠାରୁ ଅଧିକ ଟଙ୍କା ଯାତ୍ରୀଙ୍କ ଠାରୁ ନେବା, ଯାତ୍ରୀ ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଭଳି ଅଭିଯୋଗ ପୂର୍ବରୁ ରହିଥିବା ବେଳେ ଏହାକୁ କେହି ଗୁରୁତ୍ୱ ଦେଇନଥାନ୍ତି। ଏବେ କିନ୍ତୁ ବସ କର୍ମଚାରୀଙ୍କ ମନମାନୀ ଯୋଗୁଁ ଗରିବ ଯାତ୍ରୀ ହଇରାଣ ହେବା ସହ ଠକେଇର ଶୀକାର ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରୁ ବରଗଡ଼, ସମ୍ବଲପୁର, ଭବାନୀପାଟଣା, ନୂଆପଡ଼ା, ଭୁବନେଶ୍ୱର, ନବରଙ୍ଗପୁର ଭଳି ଅଞ୍ଚଳକୁ ପ୍ରତିଦିନ ବହୁ ସଂଖ୍ୟାରେ ବସ ଯାତାୟାତ କରିଥାଏ। ଗମନାଗମନ ପାଇଁ ଜିଲ୍ଲା ପାଇଁ ବସସେବା ଏକ ଗୁରୁତ୍ୱପୂର୍ଣ୍ଣ ସେବା ହୋଇଥିବା ବେଳେ ପ୍ରତ୍ୟହ ବହୁ ଲୋକ ବସ ଉପରେ ହିଁ ନିର୍ଭର କରିଥାନ୍ତି। ଛାତ୍ରଛାତ୍ରୀ, ଶ୍ରମିକ, ସରକାରୀ ଓ ବେସରକାରୀ ଚାକିରିଆ, ସାଧାରଣ ବ୍ୟକ୍ତି, ମହିଳାମାନେ ବସରେ ଯାତାୟାତ କରିଥାନ୍ତି। ପ୍ରତିଦିନ ଏହି ବର୍ଗର ଲୋକେ ଘରୋଇ ବସରେ ଠକେଇର ଶିକାର ହେଉଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଯାତ୍ରୀ ମାନଙ୍କ ସୁବିଧା ପାଇଁ ରାଜ୍ୟ ସରକାର ସାଧାରଣ, ଏକ୍ସପ୍ରେସ, ଡିଲକ୍ସ, ଏସି ଡିଲକ୍ସ ବସଗୁଡିକ ପାଇଁ କିଲୋମିଟର ପିଛା ଦର ନିର୍ଦ୍ଧାରିତ କରିଛନ୍ତି। ସେହି ଅନୁସାରେ ବସ କଣ୍ଡକଟରମାନେ ଆବଶ୍ୟକ ଟିକେଟ ଦେଇ ଉପଯୁକ୍ତ ଦର ନେବା କଥା; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସାଧାରଣ ବର୍ଗର ବସଗୁଡିକ ଏସି ବସ ଦରରୁ ବି ଅଧିକ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଏକ ଘରୋଇ ସାଧାରଣ ବସର ଦର ଅନୁସାରେ ବଲାଙ୍ଗିରରୁ ୨୦ କିମି ଦୂରରେ ଥିବା ଲୋଇସିଂହାକୁ ୩୦ ଟଙ୍କା, ୩୦ କିମି ଦୂରରେ ଥିବା ସାଲେଭଟାକୁ ୩୫ରୁ ୪୦ ଟଙ୍କା, ୬୦ କିମି ଦୂରରେ ଥିବା ବରଗଡ଼କୁ ୮୦ରୁ ୯୦ ଟଙ୍କା ନିଆଯାଉଥିବା ଅଭିଯୋଗ ହୋଇଛି। ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ। ଏପରିକି ଫାସଡରୁ ବୁର୍ଡା ପର୍ଯ୍ୟନ୍ତ ୭ କିମି ରାସ୍ତାକୁ ଯାତ୍ରୀଙ୍କ ପାଖରୁ ୨୦ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଏହିଭଳି ମନମାନୀକୁ ପ୍ରତିବାଦ କରୁଥିବା ଯାତ୍ରୀଙ୍କୁ ବସ କର୍ମଚାରୀ ଲୋକଙ୍କ ସାମ୍ନାରେ ଅପଦସ୍ତ କରିବାକୁ ମଧ୍ୟ ପଛାଉନାହାନ୍ତି। ଏପରିକି ତାଙ୍କ ଅନୁସାରେ ଟଙ୍କା ନଦେଲେ ବସରୁ ଓହ୍ଲାଇଯିବାକୁ ମଧ୍ୟ କହୁଥିବା ଦେଖିବାକୁ ମିଳିଛି। ବସ କର୍ମଚାରୀଙ୍କ ଏହିଭଳି ବ୍ୟବହାର ଦିନକୁଦିନ ବୃଦ୍ଧି ପାଉଥିବା ବେଳେ ଏଥିପ୍ରତି ଘରୋଇ ବସ ମାଲିକ ସଂଘ ଯତ୍ନବାନ ହେବାକୁ ଲୋକେ ଦାବି କରିଛନ୍ତି। କେବଳ ଏତିକି ନୁହଁ ବଲାଙ୍ଗିରରୁ ଯାତାୟାତ କରୁଥିବା ବସରେ ଅନ୍ୟ ନିୟମଗୁଡିକର ମଧ୍ୟ ଖିଲାପ କରାଯାଉଥିବା ଅଭିଯୋଗ ହୋଇଛି। ଅନେକ ବସରେ ଫାଷ୍ଟଏଡ ବକ୍ସ ରହୁନଥିବା ବେଳେ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇନାହିଁ। ସେହିପରି କ୍ଷମତା ବାହାରେ ଯାତ୍ରୀ ନେବା, କ୍ଷମତା ବାହାରେ ସାମଗ୍ରୀ ପରିବହନ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ତେବେ ଏହି ସବୁ କାରବାରର ତଦାରଖ କରିବା ଦାୟିତ୍ୱ ପରିବହନ ବିଭାଗ ହାତରେ ରହିଛି। ଏହିଭଳି ବେଆଇନ କାରବାର ରୋକିବାକୁ ବିଭାଗୀୟ ଅଧିକାରୀ ନିୟମିତ ଯାଞ୍ଚ କରିବାର ନିର୍ଦ୍ଦେଶ ରହିଛି; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏହିଭଳି କୌଣସି ଯାଞ୍ଚ ହେଉନଥିବା ଅଭିଯୋଗ ହୋଇଛି। ଏଥିପ୍ରତି ପରିବହନ ବିଭାଗ ଅଧିକାରୀ ଯତ୍ନବାନ ହୋଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

**ମନଇଚ୍ଛା ନେଉଛନ୍ତି ଭଡ଼ା**

**ଦେଲେ ଭଲ; ନ ଦେଲେ ନାଲିଆଖି ଓ ଦୁର୍ବ୍ୟବହାର**

**ତଦାରଖ କରୁନାହାନ୍ତି ବିଭାଗୀୟ ଅଧିକାରୀ**

**କ୍ଷମତା ବାହାରେ ଯାତ୍ରୀ ଓ ମାଲ୍ ପରିବହନ**

## ମାନସିକ ଅନଗ୍ରସର ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା; ଅଭିଯୁକ୍ତ ଗିରଫ

**କୁତ୍ରା, ୧୦।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ଥାନା ଅନ୍ତର୍ଗତ କଟଙ୍ଗ ଗ୍ରାମର ଜଣେ ମାନସିକ ଅନଗ୍ରସର ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁଲିସ ଏହି ମାମଲାରେ ଅଭିଯୁକ୍ତ ଦିପକ ଛୁରା (୩୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ଚୌକିଦାରପଡ଼ାର ଶୁକାନ୍ତି ଛୁରା (୪୫) ନାମକ ମାନସିକ ଅନଗ୍ରସର ମହିଳାଙ୍କ ମୃତଦେହ ତାଙ୍କ ଘର ନିକଟରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ଏହାକୁ ସାଧାରଣ ମୃତ୍ୟୁ ଭାବି ପରିବାର ଲୋକେ ବେଦବ୍ୟାସରେ ପାରମ୍ପରିକ ରୀତିନୀତିରେ ଶବଦାହ କରିଥିଲେ। କିନ୍ତୁ ପରେ ଘରେ ବସିଥିବା ଆଲୋଚନା ସମୟରେ ଦିପକ ଛୁରାଙ୍କୁ ଡାକିବା ପାଇଁ କିଛି ଲୋକ ତାଙ୍କ ଘରକୁ ଯାଇଥିଲେ। ସେଠାରେ ଘର ଭିତରେ ରକ୍ତ ଲାଗିଥିବା ଏକ ପଟି ପଡ଼ିଥିବା ଦେଖି ସନ୍ଦେହ ସୃଷ୍ଟି ହୋଇଥିଲା। ପରେ ଗ୍ରାମବାସୀ ନିଜ ମଧ୍ୟରେ ପଚରାଉଚରା କରି କୁତ୍ରା ଥାନାକୁ ଖବର ଦେଇଥିଲେ। ପୁଲିସ ତଦନ୍ତ ଆରମ୍ଭ କରିବା ପରେ ଦିପକ ବଡ଼ଗାଁ ଅଞ୍ଚଳରେ ଥିବା ସୂଚନା ମିଳିଥିଲା। ପୁଲିସ ତାଙ୍କୁ ଧରି ପଚରାଉଚରା କରିବା ପରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ପରେ ପୁଲିସ ଆଗରେ ସେ ଶୁକାନ୍ତିଙ୍କୁ ଦୁଷ୍କର୍ମ କରିବା ସହ ପରେ ହତ୍ୟା କରି ଘର ନିକଟରେ ଫିଙ୍ଗି ଚାଲିଯାଇଥିବା କହିଥିଲା। ପ୍ରକାଶ ଥାଉକି, ମୃତ ମହିଳା ସମ୍ପର୍କରେ ଦିପକଙ୍କ ପିଉସୀ ଥିଲେ। ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ପୁଲିସ ମାମଲାର ଅଧିକ ତଦନ୍ତ ଜାରି ରଖିଛି।

## ସେଲ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡ. ଅଶୋକ କୁମାର ପଣ୍ଡାଙ୍କ ଦାୟିତ୍ୱ ଗ୍ରହଣ

**ରାଉରକେଲା, ୧୦।୫ (ସମିସ):** ଡ. ଅଶୋକ କୁମାର ପଣ୍ଡା ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ)ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର



ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କମ୍ପାନୀର ନିର୍ଦ୍ଦେଶକ (ଅର୍ଥ) ଭାବେ କାର୍ଯ୍ୟରତ ଥିଲେ। ଏହି ସମୟ ମଧ୍ୟରେ ପ୍ରାୟ ନଅ ମାସ ପାଇଁ ତାଙ୍କ ପାଖରେ ନିର୍ଦ୍ଦେଶକ (ବାଣିଜ୍ୟିକ)ର ଅତିରିକ୍ତ ଦାୟିତ୍ୱ ମଧ୍ୟ ରହିଥିଲା। ଡ. ପଣ୍ଡା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ବି ଟେକ ସମାପ୍ତ କରିବା ପରେ ୧୯୯୨ ମସିହାରେ ମ୍ୟାନେଜମେଣ୍ଟ ଟ୍ରେନି (ଟେକ୍ନିକାଲ୍) ଭାବରେ ସେଲ୍‌ଙ୍କରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ବିଗତ ତିନି ଦଶନ୍ଧିରୁ ଅଧିକ ସମୟର ନିଜର ବିଶିଷ୍ଟ ସେବା, ଅଟଳ ନିଷ୍ଠା ଏବଂ ଦୃଢ଼ ସଂକଳ୍ପ ବଳରେ ସେ କମ୍ପାନୀ ମଧ୍ୟରେ ନେତୃତ୍ୱର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛନ୍ତି। ସେ ବିଭିନ୍ନ ପ୍ଲାଣ୍ଟ ଏବଂ ୟୁନିଟ୍‌ଗୁଡ଼ିକରେ ବିବିଧ ଦାୟିତ୍ୱ ନିର୍ବାହ କରିଛନ୍ତି। ସେଲ୍‌ଙ୍କର ସିଏମ୍‌ଡି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଡ. ପଣ୍ଡା କହିଛନ୍ତି, ସେଲ୍‌ଙ୍କ ଏହାର କ୍ଷମତାକୁ ବାର୍ଷିକ ୩୫ ମିଲିୟନ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ସମ୍ପ୍ରସାରଣର ପରବର୍ତ୍ତୀ ପର୍ଯ୍ୟାୟ ଆଡ଼କୁ ଅଗ୍ରସର ହେଉଛି। ଆମେ ଭାଲ୍ୟୁ ଆଡେଡ୍ ଉତ୍ପାଦଗୁଡ଼ିକ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରି ନିଜର ବଜାର ପହଞ୍ଚ ବଢ଼ାଇବା, ନିଜର ବ୍ରାଣ୍ଡ ସଂଯୋଗକୁ ସୁଦୃଢ଼ କରିବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ନିରନ୍ତର ମୂଲ୍ୟ ସୃଷ୍ଟି ନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ବୋଲି କହିଛନ୍ତି।

### ନିର୍ମାଣ ଶ୍ରମିକ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନରେ ଚଞ୍ଚକତା

## ଜାଲ ପ୍ରମାଣପତ୍ର ଜରିଆରେ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍

**ରାଉରକେଲା, ୧୦।୫(ସମିସ)**

ସୁନ୍ଦରଗଡ଼ ଜିଲ୍ଲାରେ ନିର୍ମାଣ ଶ୍ରମିକ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନରେ ଚଞ୍ଚକତା କରାଯାଇ ଜାଲ ପ୍ରମାଣ ପତ୍ର ଜରିଆରେ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଜିଲ୍ଲାର ଅଣ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ପରେ ସେମାନଙ୍କ ନାମରେ ଜାଲ ମୃତ୍ୟୁ ପ୍ରମାଣ ପତ୍ର ପ୍ରସ୍ତୁତ କରାଯାଇ ଏହା ସାହାର୍ଯ୍ୟରେ ଆର୍ଥିକ ସହାୟତା ରାଶିକୁ ହଡପ କରାଯାଇଛି। କୁତ୍ରା ବ୍ଲକ ସମେତ ବିଭିନ୍ନ ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଅଭିଯୋଗ ଲୋକଲୋଚନକୁ ଆସିବା ପରେ ଏହାର ତଦନ୍ତ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ ବିଭିନ୍ନ ଜନହିତକର ଯୋଜନାମାନ ପ୍ରଣୟନ କରିଛନ୍ତି। ସବୁ ଯୋଜନା ମଧ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ତାଙ୍କ ମୃତ୍ୟୁ ପରେ ତାଙ୍କ ପରିବାରଙ୍କୁ ୩ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ନିୟମ ରହିଛି। ଏହି ନିର୍ମାଣ ଶ୍ରମିକ ଯୋଜନାରେ ସୁନ୍ଦରଗଡ଼ ଜିଲ୍ଲାରେ ବଡଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। କୁତ୍ରା ବ୍ଲକ କଟାଙ୍ଗଝରିଆ ଗାଁର ଜଣେ ହିତାଧିକାରୀଙ୍କ ପତ୍ନୀଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଶ୍ରମ କାର୍ଡ ନିର୍ମାଣ କରାଯାଇ ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ଦଲାଲ ଆବେଦନ କରିଥିଲେ। ବର୍ତ୍ତମାନ ତାଙ୍କ ନାମରେ ସହାୟତା ରାଶି ଆସିବା ପରେ ଦଲାଲ ତାଙ୍କ ୧ ଲକ୍ଷ ୫ ହଜାର ଟଙ୍କା ମାଗିଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ସଦର ବ୍ଲକ କୁଲଟା ଗ୍ରାମର ଦିଗାମ୍ବର କିଷାନଙ୍କର ୨୦୨୫ ଜୁନ୍ ମାସରେ ମୃତ୍ୟୁ ହୋଇଥିଲା। ମୃତ୍ୟୁର ୭ ମାସ ପରେ ଡିସେମ୍ବର ୯ ତାରିଖରେ ନିର୍ମାଣ ଶ୍ରମିକ କାର୍ଡ ପାଇଁ ଦଲାଲ ଆବେଦନ କରିଥିଲେ। ୨୦୨୫ ଡିସେମ୍ବର ୧୬ ତାରିଖରେ ଏହା ପଞ୍ଜିକୃତ ହୋଇଥିଲା। ୨୦୨୬ ଜାନୁଆରୀ ୨ ତାରିଖରେ ଦିଗାମ୍ବର କିଷାନଙ୍କ ନାମରେ ଜାଲ ମୃତ୍ୟୁ ପ୍ରମାଣ ପତ୍ର ପ୍ରସ୍ତୁତ କରାଯାଇ ତାଙ୍କୁ ମୃତ୍ୟୁ ଘୋଷଣା କରାଯାଇଥିଲା। ଏହା ପରେ ଦଲାଲ ଦ୍ୱାରା ମୃତ୍ୟୁ ସହାୟତା ରାଶି ପାଇଁ ଆବେଦନ କରାଯାଇଥିଲା। ଏହା ୨୦୨୬ ଏପ୍ରିଲ ୧୮ ତାରିଖରେ ଆବେଦନ ପତ୍ରକୁ ଅନୁମୋଦନ କରାଯାଇ ନିର୍ମାଣ ଶ୍ରମିକ ମୃତ୍ୟୁ କାଳୀନ ସହାୟତା ରାଶି ହଡ଼ପ କରାଯାଇଥିଲା। ଦଲାଲ ଏବଂ ଶ୍ରମ ଅଧିକାରୀ ତାଙ୍କ ପରିବାର ଲୋକଙ୍କୁ ୮୦ ହଜାର ଟଙ୍କା ଦେଇ ବାକି ଟଙ୍କାକୁ ଅତ୍ମସାତ କରିଥିବା ଅଭିଯୋଗ ହୋଇଛି।

**ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**

ସବୁଠାରୁ ଗୁରୁତର ବିଷୟ ହେଉଛି, ଦିଗାମ୍ବର କିଷାନଙ୍କ ନିର୍ମାଣ ଶ୍ରମିକ କାର୍ଡ ପଞ୍ଜୀକରଣ ସୁନ୍ଦରଗଡ଼ ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ହେବା ନିୟମ ଥିଲେ ମଧ୍ୟ ସେଠାରେ କରା ନ ଯାଇ କୁତ୍ରା ବ୍ଲକ ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପଞ୍ଜୀକରଣ କରାଯାଇଥିଲା। ଏହି ହରିଲୁଟର ସମସ୍ତ ପ୍ରମାଣ ପତ୍ର ନେଇ ଆଇଏନଟିୟୁସି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ପାଇକରାୟ ସମସ୍ତ ତଥ୍ୟ ପ୍ରମାଣ ସହ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟ କରି ଲିଖିତ ଅଭିଯୋଗ କରିଥିଲେ। ଶ୍ରୀ ପାଇକରାୟଙ୍କ ଅଭିଯୋଗ ଅନୁଯାୟୀ ନିର୍ମାଣ ଶ୍ରମିକ ଅତୁଳ ଆଶିଷ ତୀର୍କୀ, କୈଳାସ ସିଂ, ଭୀମସେନ ତୀର୍କୀ, ରେଙ୍ଗଟା ଲାକ୍ରା, ଶାନ୍ତି ମାଝୀ, ସମଲେଇ ସୋରେନ, କିଶୋର ଲାକ୍ରା, ରୋହିତ ମାଝୀ, ପାର୍ବତୀ ସିଂ, ଜୟ ସିଂ ହୋସ, ଟିକେଶ୍ୱର ନାଗ. କୌଶଳ ସିଂ, କ୍ରିଷ୍ଣନା ଅହୀର ସମେତ ଅନେକଙ୍କ ମୃତ୍ୟୁର ଅନେକ ଦିନ ବିତି ଯିବା ପରେ ସେମାନଙ୍କର ନାମରେ ଜାଲ ନିର୍ମାଣ ଶ୍ରମିକ କାର୍ଡ ପ୍ରସ୍ତୁତ କରାଯାଇ ଏହି ଯୋଜନାରେ ପ୍ରାୟ ୬ କୋଟି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି। ଦଲାଲମାନେ ଜାଲ ମୃତ୍ୟୁ ପ୍ରମାଣ ପତ୍ର ବାହାର କରି ମୃତ୍ୟୁ ସହାୟତା ରାଶି ହଡ଼ପ କରୁଥବା ବେଳେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ବର୍ଷ ବର୍ଷ ଧରି ଶ୍ରମ ବିଭାଗକୁ ଦୌଡିଲେ ମଧ୍ୟ ସେମାନଙ୍କୁ ସହାୟତା ରାଶି ମିଳୁନାହିଁ। ତେବେ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାୟ ୨୦୦ ଜଣଙ୍କ ନାମରେ ଜାଲ ନିର୍ମାଣ ଶ୍ରମିକ କାର୍ଡ କରାଯାଇଥିବା ଅଭିଯୋଗ ପରେ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ତଦନ୍ତ କରିବା ପାଇଁ ଆଦେଶ ଦେଇଥିବା ଜଣାପଡ଼ିଛି। ଏହି ଦୁର୍ନୀତି ବିଷୟରେ ରାଜ୍ୟ କ୍ରାଇମ ଅଫିସରଙ୍କ ଦ୍ୱାରା ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଗଛକୁ ପିଟିଲା ବାଇକ୍; ୩ ଗୁରୁତର

**ବଣାଇଁ, ୧୦।୫(ସମିସ):** ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା କଣ୍ଡେଇପୋଷ -କରେଇପୁଟ ରାସ୍ତାରେ ରବିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛକୁ ପିଟିବା ଫଳରେ ତିନି ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, କୁଲକୁତା ଗ୍ରାମର ସୁକାନ୍ତ ପାହୁଲେ (୨୪), କରୁଣାକର ଠାକୁର (୨୬) ଓ କରେଇପୁଟର କୃତାର୍ଥ ଝାଙ୍କର (୪୬) କୌଣସି କାମରେ ବାଇକ୍ ଯୋଗେ ଯାଉଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ତିନି ଜଣ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଘଟଣା ସମୟରେ ସେହି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ପୁଲିସ ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତିନି ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଟିକାୟତପାଲି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

**ବଣାଇଁ, ୧୦।୫(ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ ସ.ବଲାଙ୍ଗ ଗ୍ରାମପଞ୍ଚାୟତର ସୁନ୍ଦରଡ଼ିହି ଗ୍ରାମର ରାସ୍ତା କଡରେ ଥିବା ଟ୍ରାନ୍ସଫର୍ମରଟି ମୁକୁଳା ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଟ୍ରାନ୍ସଫର୍ମରଟି ଚାରିପଟେ ଖୋଲାମେଲା ହୋଇଥିବାରୁ ଏହା ବିପଦ ସଙ୍କେତ ରହିଛି। ଟ୍ରାନ୍ସଫର୍ମରଟି ରାସ୍ତା କଡରେ ଥିବା ସହ ଖୋଲାମେଲା ପଡ଼ିଥିବାରୁ ଯାତାୟାତ କରୁଥିବା ଯାନବାହନ ବିପଦ ରହିବା ସହିତ ପଶୁମାନଙ୍କ ପାଇଁ ଏକପ୍ରକାର ବିପଦ ସୃଷ୍ଟି ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଟ୍ରାନ୍ସଫର୍ମର ଖୋଲାମେଲା ହୋଇଥିବାରୁ ପାଖ ଆଖରେ ଘର ରହିଛି। ଛୋଟ ପିଲାମାନେ ଟ୍ରାନ୍ସଫର୍ମର ନିକଟରେ ଖେଳକୁଦ କରୁଥିବାରୁ ତାଙ୍କ ପାଇଁ ବିପଦ ରହିଛି। ସେହି ସ୍ଥାନରୁ ମାତ୍ର ୩୦ ମିଟରରେ



ବିଦ୍ୟାଳୟ ରହିଛି। ପ୍ରତିଦିନ ଛୋଟଛୋଟ ପିଲାମାନେ ଏହି ରାସ୍ତା ଦେଇ ବିଦ୍ୟାଳୟକୁ ଯାଆନ୍ତି। ତାଙ୍କ ପାଇଁ ମଧ୍ୟ କେଉଁ

**ତାରବାଡ ଦେବାକୁ ଦାବି**

ସମୟରେ କିଛି ବି ହୋଇପାରେ କ୍ଷତେବେ ଗାଈଗୋରୁ ଘାସ ଖାଇବା ଅନୁସନ୍ଧାନରେ ଟ୍ରାନ୍ସଫର୍ମର ନିକଟରେ ପଶି ଯାଆନ୍ତି ତାହା ହେଲେ କ'ଣ ହେବ ତାହା ଦେଖିବାକୁ ବାକି ରହିଲା। ତେଣୁ ତୁରନ୍ତ ବିଦ୍ୟୁତ୍ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଟ୍ରାନ୍ସଫର୍ମର ଚାରିପଟେ ସିମେଣ୍ଟ ଖୁଣ୍ଟ ଦେଇ ଲୁହା ତାରବାଡ ଦେବାକୁ ସ୍ଥାନୀୟ ଲୋକେ ଦାବି ହେଉଛି।

### ■ ଆର୍‌ଏସ୍‌ପି ସମ୍ପ୍ରସାରଣ ପ୍ରକ୍ରିୟାର ଦ୍ୱିତୀୟ ଦିନ

## କାଟେ ବସ୍ତିର ୧୧ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ସ୍ଥାନାନ୍ତର

**ରାଉରକେଲା, ୧୦।୫ (ସମିସ):** ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ପ୍ରକ୍ରିୟାର ଆଜି ଦ୍ୱିତୀୟ ଦିନରେ ଟାଙ୍ଗରପାଲ୍ଲୀ ଅନ୍ତର୍ଗତ କାଟେ ବସ୍ତିର ୧୧ଟି ବିସ୍ଥାପିତ ପରିବାରଙ୍କୁ ଆଜି ସେମାନଙ୍କ କୁଡିଆ ଓ ଅଧିକୃତ ଆରଏସପି ଜମିରୁ ଖାଲି କରାଯାଇଥିବା ଜଣାପଡ଼ିଛି। କାଟେ ବସ୍ତିର ଏହି ୧୧ଟି ପରିବାରଙ୍କୁ କ୍ଷତିପୂରଣ ସହ ସେକ୍ଟର-୨୨ ସାରନଗରୀର ଇ-ବ୍ଲକ ସ୍ଥିତ ଅସ୍ଥାୟୀ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ଆର୍‌ଏସ୍‌ପିର ପକ୍ଷରୁ ପ୍ରତିଶ୍ରୁତି ମୁତାବକ ଆଜି ପ୍ରଶାସନିକ ଅଧିକାରୀ, ପୁଲିସ



ଉପସ୍ଥିତିରେ ୪ ଲକ୍ଷ ୧୨ ହଜାର ୪୭୫ ଟଙ୍କାର ଏକ ଚେକ୍ କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୧ ଲକ୍ଷ ଟଙ୍କା ସେମାନଙ୍କୁ ଥଇଥାନ କରାଯାଇଥିବା ସେକ୍ଟର-୨୨ ଅନ୍ତର୍ଗତ ସାରନଗରୀର ଇ-ବ୍ଲକରେ ଅସ୍ଥାୟୀ ଆଶ୍ରୟ ସ୍ଥଳୀକୁ ହସ୍ତାନ୍ତର କରିବା ପରେ ପ୍ରଦାନ କରାଯିବ ବୋଲି କୁହାଯାଇଛି। ବିଶିଷ୍ଟ ବିଜେପି ନେତା ତଥା ଜଣାଶୁଣା ସମାଜସେବୀ ଅଶୋକ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ରାଜସ୍ୱ ବିଭାଗ, ପୁଲିସ ପ୍ରଶାସନ, ଆର୍‌ଏସ୍‌ପିର ବିଭିନ୍ନ ପଦାଧିକାରୀଙ୍କ ସହ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅନୁମୋଦିତ କ୍ଷତିପୂରଣ ଢାଞ୍ଚା ଅନୁଯାୟୀ ପ୍ରତ୍ୟେକ ଯୋଗ୍ୟ ବିସ୍ଥାପିତ ହିତାଧିକାରୀ ପରିବାର ମୋଟ ୫, ୧୭, ୬୨୦ ଟଙ୍କାର ଆର୍ଥିକ ସହାୟତା ପାଇବେ। ଗୋଟିଏ କୁଡ଼ିଆରେ ରହୁଥିବା ପରିବାର ସଂଖ୍ୟା ନିର୍ଦ୍ଧାରିତ ସରକାରୀ ନିୟମ ଏବଂ ଯାଞ୍ଚ ପ୍ରକ୍ରିୟା ଅନୁଯାୟୀ ସ୍ଥିର କରାଯାଉଛି। ସେହି ଅନୁସାରେ ଯେଉଁ କ୍ଷେତ୍ରରେ ଗୋଟିଏ କୁଡ଼ିଆ ଘରେ ତିନୋଟି ପରିବାର ବାସ କରୁଛନ୍ତି, ସେଠାରେ ସମୁଦାୟ କ୍ଷତିପୂରଣ ପରିମାଣ ୧୫, ୪୯, ୮୬୦ ଟଙ୍କା ପ୍ରଦାନ କରାଯିବ ବୋଲି ସ୍ପଷ୍ଟ ହୋଇଛି। ଏହା ସହ ପ୍ରତ୍ୟେକ କୁଡ଼ିଆ ବଦଳରେ ଦେଓଗାଁ ଠାରେ ୬୫୦ ବର୍ଗଫୁଟର ଏକ ବିକଶିତ ଓ ପ୍ଲଟ୍ କରାଯାଇଥିବା ଜମି ପ୍ରଦାନ କରାଯିବ। ପ୍ଲଟ୍ କରାଯାଇଥିବା ଜମିରେ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏହା ବ୍ୟତୀତ, ପ୍ରତ୍ୟେକ ପ୍ରଭାବିତ କୁଡ଼ିଆରୁ ଜଣେ ସଦସ୍ୟଙ୍କୁ ସ୍ଥାପନ ପର୍ଯ୍ୟାୟ ଏବଂ ପରବର୍ତ୍ତୀ କାର୍ଯ୍ୟ ସମୟରେ ନୂତନ ପ୍ଲାଣ୍ଟରେ ଆଉଟସୋର୍ସିଂ କାର୍ଯ୍ୟରେ ସ୍ୱତନ୍ତ୍ର ନିଯୋଜିତ ପାଇଁ ବିବେଚନା କରାଯିବ। ଉଲ୍ଲେଖଯୋଗ୍ୟ, ସମସ୍ତ ପ୍ରଭାବିତ ପରିବାରଗୁଡ଼ିକୁ ସର୍ବାଧିକ ୬ ମାସ ପାଇଁ କିଛି ନିୟମ ଓ ସର୍ତ୍ତ ସହିତ ସେକ୍ଟର-୨୨ ସାରନଗରୀ ଇ-ବ୍ଲକ ସ୍ଥିତ ଆରଏସପିର ଅସ୍ଥାୟୀ ଆଶ୍ରୟ ସ୍ଥଳୀ ପ୍ରଦାନ କରାଯାଉଛି। ଯାହାଫଳରେ ସେମାନେ ସେମାନଙ୍କର ବର୍ତ୍ତମାନର କୁଡ଼ିଆରୁ ସ୍ଥାନାନ୍ତରିତ ହେବା ପରେ ତୁରନ୍ତ ସେଠାରେ ରହିପାରିବେ। ଏହି ୬ ମାସ ଅବଧି ମଧ୍ୟରେ ସେମାନେ ସେମାନଙ୍କୁ ଦେଓଗାଁଠାରେ ପ୍ରଦାନ କରାଯାଇଥିବା ୬୫୦ ବର୍ଗ ଫୁଟର ଜମିରେ ଗୃହ ନିର୍ମାଣ କରି ସ୍ଥାନାନ୍ତରିତ ହେବା ସହ ଆଶ୍ରୟ ସ୍ଥଳ ଖାଲି କରିବେ ବୋଲି ସର୍ତ୍ତାବଳୀ ରହିଛି।

## ରେଳପଥ ନିର୍ମାଣ ସାମଗ୍ରୀ ଚୋରି ଅଭିଯୋଗରେ ୨ ଗିରଫ

**ଲହୁଣୀପଡ଼ା, ୧୦।୫(ସମିସ):** ଲହୁଣୀପଡ଼ା ଥାନା ଟେଟେଙ୍ଗାଗିଳା ଗ୍ରାମରୁ ୨ ଜଣ ଚୋରକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ବିମଲାଗଡ଼ ତାଲଚେର ନୂତନ ରେଳପଥ ନିର୍ମାଣ କାର୍ଯ୍ୟ ବିମଳାଗଡ଼ ଠାରୁ ସିହିଡାଆ ପର୍ଯ୍ୟନ୍ତ ରେଳ ଲାଇନ୍ ବିଛା କାର୍ଯ୍ୟ ଜୋର ସୋରରେ ଚାଲିଛି। ଜାମାଲ ଏବଂ କେନ୍ଦୁଡିହ ପୋଷ୍ଟରେ ଶିଭମ କଣ୍ଷ୍ଟେପ ପ୍ରାଇଭେଟ କମ୍ପାନୀ ବିଭିନ୍ନ ପ୍ରକାରର ମେସିନ ଦ୍ୱାରା କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ ସମୟରେ ମେସିନ୍‌ର ବ୍ୟାଟେରୀ, ଡିଜେଲ, ଲୁହାରଡ ତଥା ବିଭିନ୍ନ ଲୁହା ସାମଗ୍ରୀ ଚୋରି ହେଉଥିବା ଥାନାରେ କମ୍ପାନୀ ମେନେଜର ମନୋଜ କୁମାର ବିସି ଅଭିଯୋଗ କରିଥିଲେ। ଆଜି ଟେଟେଙ୍ଗା ଗିଳା ଗ୍ରାମର ବିକାଶ ପାତ୍ର (୧୮) ଚୋରି ବ୍ୟାଟେରୀ ଲୁହା ସାମଗ୍ରୀ କବାଡିଆକୁ ବିକ୍ରି କରିବା ସମୟରେ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଗ୍ରାମରେ ପହଞ୍ଚି ଘରୁ ଚୋରି ସାମଗ୍ରୀ ଜବତ କରିବା ସହ ବିକାଶ ପାତ୍ରକୁ ଗିରଫ କରିଛି। ଚୋରି ସାମଗ୍ରୀ କିଣିବା ପାଇଁ ଆସିଥିବା ପରବେଜ ହୁସେନକୁ ମଧ୍ୟ ପୁଲିସ ଗିରଫ କରିଛି। ପ୍ରବେଜ ହୁସେନ ପଶ୍ଚିମ ବଙ୍ଗ ରାଜ୍ୟ ନଦିଆ ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ ଲହୁଣୀପଡ଼ାରେ ରହି କବାଡିଆ କାମ କରିଥାନ୍ତି। ଲହୁଣୀପଡ଼ା ଅଞ୍ଚଳରେ କବାଡିଆଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଯୋଗୁଁ ଏଭଳି ଗାଁ ମାନଙ୍କ ଚୋରି ବୃଦ୍ଧି ପାଉଥିବା ଲୋକ ଅଭିଯୋଗ କରୁଛନ୍ତି। ଆଗରୁ ମଧ୍ୟ ଟେଟେଙ୍ଗା ଗିଳା ବିଦ୍ୟାଳୟରୁ ବିଭିନ୍ନ ଇଲେକ୍ଟ୍ରୀ ସାମଗ୍ରୀ ଚୋରିରେ ଏମାନଙ୍କ ଭୂମିକା ରହିଥିବା ପୁଲିସ କହିଛି। ପୁଲିସ ୧୧୯/୨୬ରେ ଏକ ଚୋରି ମାମଲା ରୁଜୁ କରି ବିକାଶ ପାତ୍ର ଏବଂ ପରବେଜ ହୁସେନଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଶୋକାକୁଳ ପରିବେଶରେ ବିଷ୍ଣୁ ମହାନ୍ତିଙ୍କ ଶେଷକୃତ୍ୟ ସମ୍ପନ୍ନ

**ରାଉରକେଲା, ୧୦।୫(ସମିସ):** ଶ୍ରମିକ ନେତା ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ ଓଡ଼ିଶା ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତିଙ୍କ ପାର୍ଥିବ ଶରୀର ଆଜି ପଞ୍ଚଭୂତରେ ବିଲୀନ ହୋଇଛି। ବେଦବ୍ୟାସ ଶ୍ମଶାନ



ଘାଟଠାରେ ଆଜି ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶନିବାର ତାଙ୍କର ମର ଶରୀର ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟ ହୋଇ କୋଇଡା, କାଲଟା, ରକ୍ସି, ରାଜାମୁଣ୍ଡା ଛକ ହୋଇ ରାଉରକେଲାରେ ପହଞ୍ଚିଥିଲା। ତାଙ୍କ ପାର୍ଥିବ ଶରୀରକୁ ଛେଣ୍ଡ ସ୍ଥିତ ବାସଭବନରେ ରଖାଯାଇଥିଲା। ରବିବାର ସକାଳେ ତାଙ୍କର ପାର୍ଥିବ ଶରୀର ଛେଣ୍ଡ ବାସଭବନରୁ ଏକ ବିରାଟ ଶୋଭାଯାତ୍ରାରେ ଅଣାଯାଇ ସିପିଆଇଏମ୍ ଦଳୀୟ କାର୍ଯ୍ୟାଳୟ ଶକ୍ତି ନଗରକୁ ନିଆଯାଇଥିଲା। ସେଠାରେ ଶୋକସଭା ଆୟୋଜିତ ହେବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ପରେ ତାଙ୍କ ଶରୀରକୁ ସେକ୍ଟର -୧୬ ସ୍ଥିତ ସିଆଇଟିୟୁ ଜିଲ୍ଲା କାର୍ଯ୍ୟାଳୟ ଶ୍ରମିକ ଭବନକୁ ନିଆଯାଇଥିଲା। ସେଠାରେ ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମାଙ୍କ ସମେତ ବିଭିନ୍ନ ୟୁନିୟନର ନେତୃବୃନ୍ଦ, ରାଜନେତା, ଟ୍ରେଡ ୟୁନିଅନ, ସାମାଜିକ, ସାଂସ୍କୃତିକ ସଂଗଠନ, ସାଂସଦ, ବିଧାୟକ, ଶିଳ୍ପପତି, ରାଜ୍ୟ ଓ କେନ୍ଦ୍ର ନେତୃତ୍ୱ ପହଞ୍ଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ରାଉରକେଲା ନୂଆ ବସଷ୍ଟାଣ୍ଡ, ରାଉରକେଲା ଓକିଲ ସଂଘ କାର୍ଯ୍ୟାଳୟ, ପାନପୋଷ ହୋଇ ବେଦବ୍ୟାସକୁ ନିଆଯାଇଥିଲା। ସେଠାରେ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଆଇଜିଏଚ୍‌ରେ ବିଶ୍ୱ ଥାଲାସେମିଆ ଦିବସ

**ରାଉରକେଲା, ୧୦।୫(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ ହୋସ୍ପିଟାଲ୍ ପକ୍ଷରୁ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହୋଇଯାଇଛି। ଏହାର ଅତ୍ୟାଧୁନିକ ନିଦାନ ସୁବିଧା ଏବଂ ଚିକିତ୍ସା ହସ୍ତକ୍ଷେପ ଏବଂ ଉନ୍ନତ ରୋଗୀ ପରିଚାଳନାକୁ ସକ୍ଷମ କରିଥାଏ। ଆଇଜିଏଚ ରୋଗ ନିର୍ଣ୍ଣୟଠୁ ଆରମ୍ଭ କରି ରୋଗୀ ଏବଂ ସେମାନଙ୍କ ପରିବାରକୁ ଜରୁରୀ ପରାମର୍ଶ ସେବା ମଧ୍ୟ ପ୍ରଦାନ କରେ ଯାହା ସେମାନଙ୍କୁ ସଚେତନତା, ଉତ୍ସର୍ଗୀକୃତ ଚିକିତ୍ସା ବିଶେଷଜ୍ଞତା ଯୋଗୁଁ ଏହା ଥାଲାସେମିଆ ଏବଂ ଅନ୍ୟାନ୍ୟ ହିମୋଗ୍ଲୋବିନ ବ୍ୟାଧି ବିରୁଦ୍ଧରେ ଲଢ଼େଇରେ ପୁନଶ୍ଚ ଆଶାର ଆଲୋକ ଭାବରେ ଉଭା ହୋଇଛି ବୋଲି ଏହି ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଚଳିତ ବର୍ଷ ଥାଲାସେମିଆ ଆନ୍ତର୍ଜାତୀୟ ଫେଡେରେସନ ଦ୍ୱାରା ଏକତ୍ରିତ ପ୍ରବେଶ, ସମାନତା ଏବଂ ଗୁଣାତକ ଯତ୍ନ' କୁ ବିଷୟବସ୍ତୁ ଭାବରେ ଘୋଷଣା କରାଯାଇଛି। ଏଥି ସହ ଭୌଗୋଳିକ କିମ୍ବା ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ଯେପରି



କୌଣସି ରୋଗୀ ସମୟସୀମା ମଧ୍ୟରେ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତି ତାହା ନିଶ୍ଚିତ କରିବାର ଅଞ୍ଚଳବାସୀଙ୍କ ଏହି ସ୍ୱପ୍ନକୁ ଆଇଜିଏଚ ଗୁରୁତ୍ୱର ସହ ପୂରଣ କରିଆସୁଛି। ହିମୋଗ୍ଲୋବିନ୍ ଚିହ୍ନଟ ପାଇଁ ସବୁଠୁ ସଠିକ୍ ଏବଂ ସମ୍ବେଦନଶୀଳ ରୋଗ ନିର୍ଣ୍ଣୟ ପଦ୍ଧତି ମଧ୍ୟରୁ ଗୋଟିଏ, ଉନ୍ନତ ଏଚପିଏଲସି (ହାଇ ପରଫରମାନ୍ସ ଲିକ୍ୱିଡ୍ କ୍ରୋମାଟୋଗ୍ରାଫି) ପରୀକ୍ଷା ସହିତ ସଜ୍ଜିତ, ଆଇଜିଏଚ ପ୍ରତିବର୍ଷ ପ୍ରାୟ ୪୦୦ ଏଚପିଏଲସି ପରୀକ୍ଷା କରେ। ଏଥି ସହ ଆଇଜିଏଚ ବିଭିନ୍ନ ହିମୋଗ୍ଲୋବିନୋପାଥିର ପ୍ରାୟ ୧୫୦ଟି ମାମଲା ସଫଳତାର ସହ ନିର୍ଣ୍ଣୟ କରେ, ଯାହା ପ୍ରାରମ୍ଭିକ ପ୍ରତିରୋଧକ ମାର୍ଗଦର୍ଶନ ଏବଂ ସୂଚିତ ନିଷ୍ପତ୍ତି ଗ୍ରହଣ କରିବାରେ ସଶକ୍ତ କରିଥାଏ। ଏହାର ଉନ୍ନତ ରୋଗ ନିର୍ଣ୍ଣୟ କ୍ଷମତା ଏବଂ ରୋଗୀ-କୈନ୍ଦ୍ରିକ ଆଭିମୁଖ୍ୟ ସହିତ ଆଇଜିଏଚ ଏକ ପ୍ରକୃତ ଆଞ୍ଚଳିକ ଜୀବନରେଖା ଭାବରେ ଥାଲାସେମିଆ ଚିହ୍ନଟ ଏବଂ ଯତ୍ନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି। ଯାହା କେବଳ ସେଲ୍‌ଙ୍କ କର୍ମଚାରୀ ଏବଂ ସେମାନଙ୍କ ନିର୍ଭରଶୀଳମାନଙ୍କୁ ନୁହେଁ ବରଂ ପଶ୍ଚିମ ଓଡ଼ିଶା ଏବଂ ନିକଟବର୍ତ୍ତୀ ଅଞ୍ଚଳର ବୃହତ ଜନସଂଖ୍ୟାକୁ ମଧ୍ୟ ଲାଭ ପହଞ୍ଚାଇଛି ବୋଲି ଦିବସ ଅବସରରେ ମତ ପ୍ରକାଶ ପାଇଛି।

### ଜରାଜୀର୍ଣ୍ଣ ଆର୍‌ଡିଏ କୋଠା

## ବିପଦକୁ ଆମନ୍ତ୍ରଣ କରୁଛି ଭଙ୍ଗା କାନ୍ଥ, ବେଆଇନ ନିର୍ମାଣ



**ରାଉରକେଲା, ୧୦।୫(ସମିସ)**

ରକ୍ଷଣାବେକ୍ଷଣ ଅଭାବରୁ ରାଉରକେଲାର ମହତାବ ରୋଡରେ ଥିବା ଆରଡିଏ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଆପାର୍ଟମେଣ୍ଟର ଭଙ୍ଗା କାନ୍ଥ ଓ ବେଆଇନ ନିର୍ମାଣ ବିପଦକୁ ଆମନ୍ତ୍ରଣ କରୁଛି। ଏହାର ତ୍ୱରିତ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବର୍ଷ ବର୍ଷ ଧରି ମରାମତି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଅର୍‌ଡିଏର ଆପାର୍ଟମେଣ୍ଟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କୋଠାର ଅନେକ ସ୍ଥାନରେ ଫାଟି ଯାଇଥିବା କାନ୍ଥ, ଉଡନ୍ତ ପ୍ଲାଷ୍ଟର, ଦୁର୍ବଳ ଛାତ ଏବଂ କଳଙ୍କି ଲାଗିଥିବା ଲୁହା ଗଠନ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। କୋଠା ପରିସରରେ ଏବଂ ଚାରିପାଖରେ ବେଆଇନ ନିର୍ମାଣ ବୃଦ୍ଧି ପାଇବା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହେଉଛି। ଅନେକ ସ୍ଥାନରେ ବୈଷୟିକ ଅନୁମତି ବିନା ଅତିରିକ୍ତ କୋଠା, ଦୋକାନ ଏବଂ ଅସ୍ଥାୟୀ ନିର୍ମାଣ କରାଯାଇଛି। ଯାହା ପୂର୍ବର ଦୁର୍ବଳ କୋଠା ଉପରେ ଅତିରିକ୍ତ ଚାପ ପକାଉଛି। ପ୍ରଶାସନିକ ଉଦାସୀନତା ଏବଂ ତଦାରଖ ଅଭାବରୁ ବେଆଇନ ନିର୍ମାଣ ଜାରି ରହିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବର୍ଷା ଋତୁରେ ପରିସ୍ଥିତି ଆହୁରି ବିପଦପୂର୍ଣ୍ଣ ହେଉଛି। ଛାତରୁ ପାଣି ଝରିବା, ଓଦା କାନ୍ଥ ଏବଂ ବିଦ୍ୟୁତ୍ ସର୍ଟ ସର୍କିଟ ସମସ୍ୟା ସାଧାରଣ କଥା ହୋଇଗଲାଣି। ଅନେକ ସ୍ଥାନରେ ସିଡ଼ି ଏବଂ ବାଲକୋନିର ଅବସ୍ଥା ବହୁତ ଖରାପ ହୋଇଗଲାଣି। ଯାହା ଦୁର୍ଘଟଣା ଆଶଙ୍କା ସୃଷ୍ଟି କରୁଛି। ସହରର ପ୍ରମୁଖ ବାଣିଜ୍ୟିକ ଏବଂ ଆବାସିକ କମ୍ପ୍ଲେକ୍ସ ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ହେଉଥିବା ଆରଡିଏ କୋଠା ଏବେ ଅବହେଳାର ପ୍ରତୀକ ପାଲଟିଛି। ସମ୍ପୃକ୍ତ ବିଭାଗ କେବଳ କୋଠାର ରକ୍ଷଣାବେକ୍ଷଣ କାମ କାଗଜପତ୍ରରେ ସୀମିତ ରଖିଛି। ଭୂମିରେ କୌଣସି ଗୁରୁତ୍ୱପୂର୍ଣ୍ଣ ମରାମତି କରାଯାଉନାହିଁ। ନିୟମିତ କୋଠା ସୁରକ୍ଷା ଯାଞ୍ଚ କରାଯାଉନାହିଁ। ଅଗ୍ନି ନିରାପତ୍ତା, ଜରୁରୀକାଳୀନ ପ୍ରସ୍ଥାନ ଏବଂ ଗଠନାତ୍ମକ ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକୁ ଅବହେଳା କରାଯାଉଛି। ଫଳସ୍ୱରୂପ କୌଣସି ସମୟରେ ଧନଜୀବନ ହାନିର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ସ୍ଥାନୀୟ ନାଗରିକ, ସାମାଜିକ ସଂଗଠନ ଏବଂ ବ୍ୟବସାୟ ଗୁଡ଼ିକ ପ୍ରଶାସନକୁ ତୁରନ୍ତ କୋଠାର ଏକ ବୈଷୟିକ ସର୍ଭେ କରିବା, କ୍ଷୟକ୍ଷତି ଅଞ୍ଚଳ ଗୁଡ଼ିକର ମରାମତି ଆରମ୍ଭ କରିବା ଏବଂ ବେଆଇନ ନିର୍ମାଣ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ, ତେବେ ଭବିଷ୍ୟତରେ ଆରଡିଏ କୋଠାରେ ଏକ ବଡ଼ଧରଣର ଦୁର୍ଘଟଣାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ତଳମାଳିରେ କେନ୍ଦ୍ର ସାହିତ୍ୟ ଅକାଦେମୀର ଗ୍ରାମାଲୋକ କାର୍ଯ୍ୟକ୍ରମ



ସେମିଳିଗୁଡା,୧୦।୫ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ଓ କୋରାପୁଟ ସାହିତ୍ୟ ପରିବାର ମିଳିତ ଆନୁକୂଲ୍ୟରେ ସେମିଳିଗୁଡା ବ୍ଲକ ନିକଟସ୍ଥ ତଳମାଳି ଠାରେ ଏକ ଦିନିକିଆ ସାହିତ୍ୟ ସଭା 'ଗ୍ରାମାଲୋକ' ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ କବିତା ପାଠ ଓ ଆଲୋଚନାର ଏହି କାର୍ଯ୍ୟକ୍ରମକୁ ସଭା ମୁଖ୍ୟ ରବି ଶତପଥୀ ପରିଚାଳନା କରିଥିଲେ। ଅକାଦେମି ଓଡ଼ିଆ ସାହିତ୍ୟ ପରିଷଦ ସଦସ୍ୟ ଡ଼ଃ ପ୍ରୀତିଧାରା ସାମଲ ସ୍ୱାଗତ ଭାଷଣନିର୍ବାଚିତ କବି ରଘୁନାଥ ବିଶ୍ୱାଳ, ବୀରେନ୍ଦ୍ର ନାୟକ, ପ୍ରତୀକ ଶର୍ମା, ରାଜଶ୍ରୀ ଗଂଜିତା ହରିଚନ୍ଦନ ଓ ସ୍ନିଗ୍ଧା ରାଣୀ ମିଶ୍ର ନିଜ ନିଜ କବିତା ପାଠ କରିଥିଲେ ।ଆଲୋଚନା ରେ ଅଂଶ ଗ୍ରହଣ କରି ଥିଲେ ଡ଼ ଜଗବନ୍ଧୁ ସାମଲ, ନାରାୟଣ ପଣ୍ଡା, କୃଷ୍ଣ ସିଂହ ଜଳଧର ସ୍ୱାଇଁ, ପ୍ରଦୀପ ମିଶ୍ର, କମଳା କୃଷ୍ଣ ତ୍ରିପାଠୀ, ଡ. ଅଜୟ କୁମାର ସାହୁ, ରମେଶ ସାହୁ ଓ ଚକ୍ରପାଣି ପରିଛା ।ଅନ୍ୟ ମାନଙ୍କ ମଧ୍ୟରେ ମାଧୁରୀ ପଣ୍ଡା, ଦେବି ପ୍ରସାଦ ଭଦ୍ର, ପଦ୍ମା ଶାସ୍ତ୍ରୀ, ଶ୍ରୀଧର ପରିଡା, ଅତୁଳ ବିଶ୍ୱାଳ ଓ ସୁଜୟ ପ୍ରଧାନ ଆଦି ଉପସ୍ଥିତ ଥିଲେ ଶେଷରେ ଧନ୍ୟବାଦ ଦେଇଥିଲେ ବିଜୟ ପ୍ରଧାନ।

## ଜିଲ୍ଲା ସୀମାନ୍ତେ ଜୁଆ ଆଡ୍ଡା ଉପରେ ଦୁର୍ବୃତ୍ତଙ୍କ ଆକ୍ରମଣ

# ବନ୍ଧୁକ ଦେଖାଇ କୋଟିଏ ଟଙ୍କା, ସୁନା ଲୁଟ୍

ରାୟଗଡ, ୧୦।୫ (ସମିସ) : ଓଡିଶା - ଆନ୍ଧ୍ର ସୀମାନ୍ତ ରାୟଗଡ ଜିଲ୍ଲାର ଏକ ସ୍ଥାନରେ ଏକ ବଡ଼ ଧରଣର ଜୁଆ ଖେଳର ଆସର ଜମୁଥିବାର ନେଇ ଆଜି ଆନ୍ଧ୍ରର ଏକ ଦୈନିକ ତେଲୁଗୁ ପତ୍ରିକାରେ ପ୍ରକାଶିତ ହୋଇଛି । ଏଥିରେ ଆନ୍ଧ୍ର ପ୍ରଦେଶର ଜୁଆଡ଼ିଆ ମାନେ ରାୟଗଡ ଜିଲ୍ଲାର ସୀମାନ୍ତକୁ ଜୁଆ ଖେଳିବାକୁ ଆସି ଅଜଣା ଦୁର୍ବୃତ୍ତ ମାନଙ୍କ ଦ୍ୱାରା ଲୁଟର ଶିକାର ହୋଇଥିଲେ। ଇଣ୍ଟରନେଟରେ ଉପଲବ୍ଧ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଶ୍ରୀକାକୁଲମ ଜିଲ୍ଲାର ୧୨ ଜଣ ଜୁଆଡ଼ି ତିନୋଟି କାରରେ ଓଡ଼ିଶାର ରାୟଗଡ଼ା ସୀମାନ୍ତର ଏକ ଆମ୍ବ ବଗିଚାକୁ ଜୁଆ ଖେଳିବାକୁ ଆସିଥିଲେ। ଯେହେତୁ ଏହା ଏକ ସୁଟ୍ (ମାଙ୍ଗାପତି ) ଖେଳ ଥିଲା, ସମସ୍ତେ ଲକ୍ଷ ଲକ୍ଷ ଟଙ୍କା ବାଜି ଲଗାଇଥିଲେ। ଶୁକ୍ରବାର ଅପରାହ୍ନରେ ଖେଳ ଶେଷ ସୁଦ୍ଧା ସେମାନଙ୍କ ପାଖରେ ୩୭ ଲକ୍ଷ ଟଙ୍କା ଥିଲା। ଏହି ସମୟରେ, ବନ୍ଧୁକଧାରୀ ଅଜଣା ଦୁର୍ବୃତ୍ତ ମାନେ ଜୁଆ ଆଡ୍ଡା ଉପରେ ଆକ୍ରମଣ କରିଥିଲା। ନଗଦ ୩୭ ଲକ୍ଷ ସହିତ, ୧୨ଜଣ ଜୁଆଡିଆଙ୍କର ୫୪ ତୋଳାରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ସମସ୍ତଙ୍କୁ ଖାଲି କପଡାରେ ଛାଡି ପଳାଇ ଯାଇଥିଲେ। କିଛି କରିବାର ନ ଥିବାରୁ, ସେମାନେ ସମସ୍ତେ ଶନିବାର ଦିନ ଶ୍ରୀକାକୁଲମ ଜିଲ୍ଲାକୁ ଫେରିଲେ ଯାଇଥିଲେ। ବିପୁଳ ପରିମାଣର ନଗଦ ଟଙ୍କା ଏବଂ ଅଳଙ୍କାର ହରାଇବା ସତ୍ତ୍ୱେ, ଜୁଆଡ଼ିମାନେ ପୋଲିସକୁ ଅଭିଯୋଗ କରିବାକୁ ଆଗେଇ ଆସି ନଥିଲେ। ସେମାନେ ଜୁଆ ଖେଳିବା ଯୋଗୁଁ ପୁଣି ଥରେ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ ହେବ ବୋଲି ଭୟରେ ସେମାନେ ଅଟକି ରହିଥିବା ସୂଚନା ମିଳୁଛି। ଆନ୍ଧ୍ର ପୁଲିସ ଜୁଆ ଆଡ୍ଡାଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ, ଜୁଆଡ଼ିମାନେ କିଛି ସମୟ ଧରି ଓଡ଼ିଶାର ଗଜପତି, ରାୟଗଡା, ଆସ୍କା ଏବଂ ଗଞ୍ଜାମ ଜିଲ୍ଲାକୁ ଆସି ଜୁଆ ଖେଳୁଥିବା ନେଇ ଏହି ଖବର ତେଲୁଗୁ ପତ୍ରିକା ଇନାଡୁ ରେ ପ୍ରକାଶିତ ହୋଇଛି। ତେବେ ରାୟଗଡ ଜିଲ୍ଲା ସୀମାନ୍ତ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ନେଇ ପୋଲିସ ପାଖରେ କୌଣସି ଖବର ନ ଥିବା ଜଣାପଡିଛି।

■ ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବୋରିଗୁମ୍ମା ବ୍ଲକର ଦୁବୁଲି ଗ୍ରାମ ଦଳ ବିଜୟୀ



ଜୟପୁର, ୧୦।୫(ସମିସ) : ଜୟପୁର ବ୍ଲକ ଜୟନ୍ତୀଗିରି ଗ୍ରାମପଞ୍ଚାୟତର ସଦର ଗ୍ରାମ ଠାରେ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୋରିଗୁମ୍ମା ବ୍ଲକ ଦୁବୁଲି ଗ୍ରାମ ଦଳ ଜୟପୁର ବ୍ଲକର କେବିଡି ଗ୍ରାମ ଦଳକୁ ୨ ରନରେ ହରାଇ ଚମ୍ପିୟନ ହୋଇଛନ୍ତି। ସମୁଦାୟ ୧୬ଟି ଗ୍ରାମାଞ୍ଚଳର କ୍ରିକେଟ ଦଳକୁ ନେଇ ଗତ ଏପ୍ରେଲ ୨୯ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ତଥା ବିଜେଡି ନେତା ରାଜେନ୍ଦ୍ର ରଥ ଏବଂ ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବି. ବାଲିଙ୍ଗି ରାଓ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

# ଶାବର ଶ୍ରୀକ୍ଷେତ୍ରରେ ଶେଷ ହେଲା ଚନ୍ଦନ ଯାତ୍ରା





➤ ଡଙ୍ଗାରେ ଚାପ ଖେଳିଲେ ଠାକୁର

➤ ଗୀତ ଗୋବିନ୍ଦ, ଭଜନ କୀର୍ତ୍ତନରେ କମ୍ପିଲା ଚନ୍ଦନ ପୋଖରୀ

କୋରାପୁଟ,୧୦।୫(ସମିସ): ଚଳିତ ବର୍ଷର ଶାବର ଶ୍ରୀକ୍ଷେତ୍ରର ଚନ୍ଦନ ଯାତ୍ରା ସମାପ୍ତ ହୋଇଛି। ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ଏହି ୨୧ ଦିନ ବ୍ୟାପୀ ଚାପ ଯାତ୍ରା ବା ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ସ୍ଥାନୀୟ ଚନ୍ଦନ ପୋଖରୀରେ ମହା ଆଡମ୍ବରରେ ପାଳିତ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ମନ୍ଦିରର ସନ୍ଧ୍ୟା ଆଳତୀ ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ,ଭୂଦେବୀ ଓ ଶ୍ରୀଦେବୀ ଏକ ସୁସଜ୍ଜିତ ବିମାନରେ ମନ୍ଦିରରୁ ଓହ୍ଲାଇ ଆସି ଭକ୍ତଙ୍କ ଗହଣରେ ଚନ୍ଦନ ପୋଖରୀରେ ଚାପ ଖେଳିଥିଲେ। ବିମାନ ଚନ୍ଦନ ପୋଖରୀରେ ପହଞ୍ଚିବା ପରେ ରୀତି ଅନୁସାରେ ନୀତି ଏବଂ ବିଧି ଅନୁସାରେ ପୂଜା କରି ଏକ ସ୍ୱତନ୍ତ୍ର ଡଙ୍ଗାରେ ଠାକୁର ମାନଙ୍କୁ ବିଜେ କରାଯାଇଥିଲା। ପରେ ପୋଖରୀରେ ଚାପ ଖେଳ କରାଯାଇଥିଲା। ସଂପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶରେ ଏ ବର୍ଷ ଶହ ଶହ ଭକ୍ତଙ୍କ ଗହଣରେ ଚାପ ଖେଳ କରାଯାଇଥିଲା। ଚାପ ଚାଲୁଥିବା ବେଳେ ଭକ୍ତଙ୍କ ଦ୍ୱାରା ଗୀତ ଗୋବିନ୍ଦ ଗାନ ପରେ କୀର୍ତ୍ତନ ଏବଂ ଭଜନ ସମାରୋହ ଦେଖିବା ପାଇଁ ଭକ୍ତଙ୍କ ଗହଳି ହୋଇଥିଲା। ଘଣ୍ଟ ଘଣ୍ଟା ଆଲଟ ଚାମର,ହରିବୋଲ ଓ ହୁଳହୁଳି ମଧ୍ୟରେ ପୁଣି ଥରେ ବିମାନରେ ପରିକ୍ରମା କରି ଫେରୁଥିଲେ ତ୍ରୀମୂର୍ତ୍ତୀ। ସୂଚନା ଥାଉକି ଶ୍ରୀଜଗନ୍ନାଥ ମନ୍ଦିର ଶାବର ଶ୍ରୀକ୍ଷେତ୍ର ପରିଚାଳନା କମିଟି ଓ ଆଇଆରବି ବାଟାଲିୟନର ଓଡ୍ରାଫ ଟିମ ଓ କର୍ମକର୍ତ୍ତାଙ୍କ ସହଯୋଗରେ ଓଡ୍ରାଫର ବୋଟକୁ ଏକ ମନ୍ଦିର ଭଳି ସୁସଜ୍ଜିତ କରାଯାଇ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା କରାଯାଇଥିବା ଯୋଗୁଁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ମନରେ ଆନନ୍ଦ ଦେଖିବାକୁ ମିଳିଥିଲା।

# ଶ୍ୱେତସୁବର୍ଣ୍ଣ କ୍ଷେତ୍ରରେ ଚନ୍ଦନ ଯାତ୍ରା ଉଦ୍‌ଯାପିତ



ଦାମନଯୋଡ଼ି,୧୦।୫(ସମିସ): ଶ୍ୱେତସୁବର୍ଣ୍ଣ କ୍ଷେତ୍ର, ନାଲ୍‌କୋ ଟାଉନସିପ ସେକ୍ଟର ୧ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଚାଲିଥିବା ବାହାର ଚନ୍ଦନ ଯାତ୍ରା ରବିବାର ପବିତ୍ର ଉତ୍କଳ ଭଉଁରୀ ଅବସରରେ ଉଦ୍‌ଯାପିତ ହୋଇଯାଇଛି ।ସନ୍ଧ୍ୟାରେ ମନ୍ଦିର ପରିସରରେ ଥିବା ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀଜୀଉଙ୍କ ଚାପଖେଳ ଅନୁଷ୍ଠିତ ହୋଇଥିଲା। ଘଣ୍ଟଘଣ୍ଟା, ଆଲଟ, ଚାମର, ସଂକୀର୍ତ୍ତନ,ହରିବୋଲ ହୁଳହୁଳି ମଧ୍ୟରେ ଶ୍ରୀ ରାଧାକୃଷ୍ଣଙ୍କୁ ମୁଖ୍ୟ ମନ୍ଦିରରୁ ପୁଷ୍କରିଣୀକୁ ଅଣାଯାଇ ଥିଲା । ସେଠାରେ ପୂଜାର୍ଚ୍ଚନା ସହିତ ଏକ ସୁସଜ୍ଜିତ ଡଙ୍ଗାରେ ଶ୍ରୀ ଜୀଉଙ୍କୁ ପୁଷ୍କରିଣୀ ପରିକ୍ରମା କରାଯାଇଥିଲା। ପୂଜକ ଅଜୟ କୁମାର ପଣ୍ଡା, ଅମୀୟ କୁମାର ସାମନ୍ତରାୟ ଓ ବିପିନ ବିହାରୀ ପଣ୍ଡା ପୂଜାକର୍ମ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସମ୍ପାଦକ କୈଳାସ ସେନାପତି ମୁଖ୍ୟ ପୁରୋଧା ରୂପେ ମହାପ୍ରଭୁଙ୍କୁ ଚାପ ଖେଳାଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସଭାପତି ତଥା ନାଲ୍‌କୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ,ଯୁଗ୍ମସମ୍ପାଦକ ଅବିନାଶ ଜେନା ଓ ତ୍ରିଲୋଚନ ଚୌଧୁରୀ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାରଣାଙ୍କ ସହିତ ରଞ୍ଜନ ବେହେରା, ଶିଶିର ପରିଡ଼ା, ସଦାଶିବ ବେହେରା, ପ୍ରକାଶ ଚନ୍ଦ୍ର ସାହୁ,ନକୁଳ ଚରଣ ପତି,ସଞ୍ଜୟ ସାହୁ,ବିମଳ ନାୟକ, ଖଦାଳ ନାୟକ,ଡ଼ ଅଶୋକ କୁମାର ମହାନ୍ତି,ନିରଞ୍ଜନ ପଣ୍ଡା, ସୁଶାନ୍ତ କୁମାର ଦାଶ,ସନ୍ତୋଷ କୁମାର ପଣ୍ଡା,ଚନ୍ଦ୍ରକାନ୍ତ କର, ମୁରଲୀଧର ଦାସ, ସୁଶାନ୍ତ କୁମାର ବେହେରା, ସନ୍ତୋଷ କୁମାର ଦାଶ,ଈ ଶ୍ୱର ମାଳି ଓ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଉପର ଓ ତଳ ଗୌଡ଼ଗୁଡ଼ା ଏବଂ ଜାନିଗୁଡ଼ାରୁ ଆସିଥିବା ଭଜନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ ।ଉଲ୍ଲେଖଯୋଗ୍ୟ ଗତକାଲି ଚକଡେରା ନୀତି ହୋଇଥିଲା।

● ୭ମ ୱାକୋ ଓଡିଶା ରାଜ୍ୟ ଆମେଚର କିକ୍ ବକ୍ସିଂ ଚାମ୍ପିଅନ୍‌ସିପ

# ରାୟଗଡ଼କୁ ୬ସ୍ୱର୍ଣ୍ଣ,୧୩ଟି ଲେଖାଁଏ ରୌପ୍ୟ

ରାୟଗଡ,୧୦।୫(ସମିସ): ଆମେଚର କିକ୍‌ବକ୍ସିଂ ଆସୋସିଏସନ ଓଡିଶା ସହବନ୍ଧିତ ଗଂଜାମ ଜିଲ୍ଲା କିକବକ୍ସିଂ ଆସୋସିଏସନର ଆନୁକୂଲ୍ୟରେ ଗଂଜାମର ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମ ଠାରେ ଚଳିତ ମାସ ଗତ ୬ ଠାରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୭ମ ୱାକୋ ଓଡିଶା ରାଜ୍ୟ ଆମେଚର କିକବକ୍ସିଂ ଚାମ୍ପିୟାନସିପ -୨୦୨୬ରେ ରାୟଗଡ ଜିଲ୍ଲା ଖେଳାଳୀଙ୍କୁ ମିଳିଛି ବଡ ସଫଳତା। ଏଥିରେ ଜିଲ୍ଲାର ୨୬ଜଣ ଖେଳାଳୀ ଅଂଶଗ୍ରହଣ କରି ୬ଟି ସ୍ୱର୍ଣ୍ଣ,୧୩ଟି ରୌପ୍ୟ ଓ ୧୩ଟି କାଂସ୍ୟ ପଦକ ଜିତି ଜିଲ୍ଲାର ନାମକୁ ଗୌରବାନ୍ୱିତ କରିଛନ୍ତି। ଏହି ୨୬ଜଣ ଖେଳାଳୀଙ୍କ ମଧ୍ୟରେ ୧୪ଜଣ ବାଳକ ଓ ୧୨ଜଣ ବାଳିକା ରହିଥିଲେ। ଏହି ପ୍ରତିଯୋଗିତାରେ ସବ ଜୁନିୟର ଏବଂ ଜୁନିୟର (ବାଳକ ଓ ବାଳିକା) ଏବଂ ସିନିୟର (ପୁରୁଷ ଏବଂ ମହିଳା) ଖେଳାଳୀମାନେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଥିବାରୁ ରାୟଗଡ ଜିଲ୍ଲା କିକବକ୍ସିଂ ସଂଘର ସଭାପତି ଦୁର୍ଗା ପ୍ରସାଦ ପଣ୍ଡା,ସମ୍ପାଦକ ତଥା ପ୍ରଶିକ୍ଷକ ଅର୍ଜୁନ ଶବର ଏବଂ ଟିମ୍ ମ୍ୟାନେଜର ରବିନ୍ଦ୍ର କୁମାର ମାଣ୍ଡାଙ୍ଗି ସମସ୍ତ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




# ମା'ସୁନାରୀ ପାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ରାୟଗଡ,୧୦।୫(ସମିସ): ରାୟଗଡ ଜିଲ୍ଲା କଲ୍ୟାଣସିଙ୍ଗପୁର ବ୍ଲକ୍ ଅନ୍ତର୍ଗତ ସିରିଗୁମ୍ମା ପଞ୍ଚାୟତ ସଦର ଗ୍ରାମ ଠାରେ ଆଜି ଭାରତୀୟ ଜନତା ପାର୍ଟି ଆନୁକୂଲ୍ୟରେ ମା' ସୁନାରୀପାତ୍ର କିକ୍ରେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥୀ କାଳୀରାମ ମାଝି ଯୋଗ ଦେଇଥିବା ବେଳେ ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ଉମେଶ ଖୋସଲା, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ରଝିତା କୋରଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଗ୍ରାମ କମିଟି ସଭାପତି ଶ୍ରୀମତି ବିଜୟା, ସାଧାରଣ ସଂପାଦକ ଅଜିତ କୁମାର ପାଣିଗ୍ରାହୀ, ନିରଂଜନ ମହାନନ୍ଦିଆ ଏବଂ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହି ଟୁର୍ଣ୍ଣାମେଂଟ ପରିଚାଳନା କରିଥିଲେ। ଆଜିର ମ୍ୟାଚ୍ ସିରିଗୁମ୍ମା ଓ ବି.ଏନପୁର ଦଳ ମଧ୍ୟରେ ମହା ରୋମାଞ୍ଚକର ଖେଳ ଅନୁଷ୍ଠିତ ହୋଇଥିଲା। ଯୁବପିଢୀଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ଜାଗ୍ରତ କରିବା ପାଇଁ ବିଜେପି ନେତୃତ୍ୱରେ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳତାର ସହ ଆୟୋଜନ କରାଯାଇଥିଲା ବୋଲି ସଭାନେତ୍ରୀ ରଝିତା କୋରାଡା ପ୍ରକାଶ କରିଛନ୍ତି।

## ଆବାସିକ ବିଦ୍ୟାଳୟରେ ଶିକ୍ଷାର ମାନ ଉନ୍ନତି ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା

# ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ନାହାନ୍ତି ଶିକ୍ଷକ

ରାୟଗଡ଼,୧୦।୫(ସମିସ): ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ମଙ୍ଗଳ ବିଭାଗ ଅଧୀନସ୍ଥ ଆବାସିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନ ଉନ୍ନତି ଓ ଛାତ୍ରାବାସ ପରିଚାଳନା ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ୧୪୯ଟି ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସୁପରିଣ୍ଟେଣ୍ଡେଣ୍ଟ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଯୋଗ ଦେଇ ଶିକ୍ଷାର ଉତ୍କର୍ଷତା ଏବଂ ଛାତ୍ର କଲ୍ୟାଣକୁ କେନ୍ଦ୍ର କରି ଏକ ରଣନୀତିମୂଳକ ରୋଡମ୍ୟାପ୍ ପ୍ରସ୍ତୁତ କରିଥିଲେ। ବୈଠକରେ ଆବାସିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ମାନ ଆଶାନୁରୂପ ଭାବେ ବୃଦ୍ଧି ନ ହେବାର କାରଣ ଓ ସେଥିପାଇଁ ଆବଶ୍ୟକ ସମାଧାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଶିକ୍ଷକମାନେ ମତ ପ୍ରକାଶ କରିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଅନୁପାତରେ ପର୍ଯ୍ୟାପ୍ତ ଶିକ୍ଷକ ନଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଯେହେତୁ ଶିକ୍ଷକଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟ, ଛାତ୍ରାବାସ ପରିଚାଳନା ଓ ସ୍ୱାସ୍ଥ୍ୟ ସମୀକ୍ଷା ଦାୟିତ୍ୱରେ ନିଯୁକ୍ତ କରାଯାଉଥିବାରୁ ଶିକ୍ଷାଦାନ ପ୍ରଭାବିତ ହେଉଛି। ଶିକ୍ଷକମାନଙ୍କୁ କେବଳ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ କରାଗଲେ ଶିକ୍ଷାର ମାନ ଅଧିକ ସୁଦୃଢ ହେବ ବୋଲି ସେମାନେ ମତ ଦେଇଥିଲେ। ବର୍ତ୍ତମାନ ଜିଲ୍ଲାରେ ଆବଶ୍ୟକତା ଅନୁସାରେ ଅତିଥି ଶିକ୍ଷକ ନିଯୁକ୍ତ ନେଇ ଆଲୋଚନା ହୋଇଥିଲା। ଏହା ସହ ସେବାଶ୍ରମଗୁଡ଼ିକ ପାଇଁ ସେବକ ଓ ସେବିକା ନିଯୁକ୍ତି କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି। ଏହା



ସହିତ ବାଳକ ଛାତ୍ରାବାସ ନିମନ୍ତେ ପୁରୁଷ ଓ୍ୱାଡେନ ସହିତ ମହିଳା ସ୍ୱାସ୍ଥ୍ୟ କର୍ମୀ ପଦ ସୃଷ୍ଟିକରି ନିଯୁକ୍ତି ଦେବାପାଇଁ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର କରାଗଲା। ବୈଠକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ (ଏଫଏଲଏନ ) କୁ ପ୍ରାଥମିକତା ଦେଇ ଚଳିତ ଶିକ୍ଷାବର୍ଷରୁ ପ୍ରତ୍ୟେକ ବିଦ୍ୟାଳୟରେ ଅନ୍ତତଃ ପାଞ୍ଚ ଜଣ ଛାତ୍ରଛାତ୍ରୀଙ୍କୁ ଦଶମ ଶ୍ରେଣୀ ପରୀକ୍ଷାରେ 'ଏ-୧' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ କରାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଛି। ଏହି ଲକ୍ଷ୍ୟକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଯିବ। ଶିକ୍ଷାଦାନକୁ ଆକର୍ଷଣୀୟ କରିବା ପାଇଁ ଆବଶ୍ୟକ ଶିକ୍ଷା ସାମଗ୍ରୀ ସହ "ଯାଦୁପେଡି' ଯୋଗାଇ ଦିଆଯିବ। ଏହା ସହ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ଆବାସଗୃହ ଭିତ୍ତିଭୂମିର ବିକାଶ କରାଯିବା ସହ ବାଳ ପାଠ୍ୟକ୍ରମ ଅନ୍ତର୍ଗତ କୁନି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ୟାନ ଭିତ୍ତିକ ଖେଳ ସାମଗ୍ରୀ ଯୋଗାଇ ଛୋଟ ଶିଶୁ ଉଦ୍ୟାନ ସୃଷ୍ଟି କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଛି। ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ ଭାବେ କରାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମେଲେରିଆ ନିରାକରଣ ପାଇଁ ଜୁଲାଇ ମାସରେ ନିମପତ୍ରରୁ ତେଲ ପ୍ରସ୍ତୁତ କରି ବାଧ୍ୟତାମୂଳକ ବ୍ୟବହାର କରିବା ସହିତ ଔଷଧ ଯୁକ୍ତ ମଶାରୀ ବ୍ୟବହାର ନେଇ ମଧ୍ୟ ନିର୍ଦ୍ଦେଶ ହୋଇଥିଲା। ଏଥିସହ ସରକାର ନିର୍ଦ୍ଦିଷ୍ଟ ମେନୁ ଚାର୍ଟକୁ ଶତପ୍ରତିଶତ ପାଳନ କରି ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯାହାଦ୍ୱାରା ସେମାନେ ସୁସ୍ଥ ରହି ପାଠପଢ଼ାରେ ଅଧିକ ଧ୍ୟାନ ଦେଇପାରିବେ। ବୈଠକରେ ଶିକ୍ଷକମାନଙ୍କ ଗତ ତିନି ବର୍ଷ ଧରି ପଦୋନ୍ନତି ନ ହୋଇଥିବା ପ୍ରସଙ୍ଗ ମଧ୍ୟ ଉଠିଥିଲା। ଏନେଇ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ଚଳିତ ଛୁଟି ଅବଧି ମଧ୍ୟରେ ପଦୋନ୍ନତି ପ୍ରକ୍ରିୟା ସମ୍ପନ୍ନ କରାଯିବ। ଏହି ବୈଠକରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଏବଂ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସହ ଜିଲ୍ଲାର ବିଭିନ୍ନ ଆବାସିକ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ସକାଳ THE SAKALA


## ● ଫ୍ୟାନ୍‌ରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

# ଗ୍ରାମାଞ୍ଚଳରେ ବଢୁଛି ଆତ୍ମହତ୍ୟା



ଗୁଣୁପୁର,୧୦।୫ (ସମିସ): ରାୟଗଡା ଜିଲ୍ଲା ପୁଟାସିଂ ଥାନା ଅନ୍ତର୍ଗତ କୁଲସିଂ ପଞ୍ଚାୟତର ନୀଳ ପୁର ଗ୍ରାମରେ ନିଜ ଘରେ ବେକରେ ଲୁଗା ବାନ୍ଧି ଝୁଲିପଡି ଜଣେ ଯୁବକ ଙ୍କ ଆକହତ୍ୟା। ମୃତ ଯୁବକ ହେଲେ ପିନସ ଗମାଙ୍ଗ ( ୨୩ )। ପୁଟାସିଂ ପୋଲିସ୍ ଏସ୍‌ଆଇ ଅଶୋକ କୁମାର ନାୟକ ଗ୍ରାମରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ଜବତ କରିବା ସହ ଗୁଣୁପୁର ଉପଖଣ୍ଡସ୍ତରିୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଶବବ୍ୟବଛେଦ କରାଇଛି। ଘଟଣା ତଦନ୍ତ ପୋଲିସ୍ ଜାରି ରଖିଥିବା ବେଳେ ପ୍ରାଥମିକ ତଦନ୍ତରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗି ଯୁବକ ଆତ୍ମହତ୍ୟା କରିଥିବା ଅନୁମାନ କରିଛି। ପୋଲିସ୍ ସୁଚନା ପ୍ରକାରେ ଗତକାଲି ଶନିବାର ଦିନ ପରିବାର ର ସମସ୍ତେ ଗଜପତୀ ଜିଲ୍ଲା ରେ ଏକ ଭୋଜି କାର୍ଯ୍ୟକ୍ରମ ରେ ଯୋଗଦେବା ପାଇଁ ଯାଇଥିଲେ। ସେଠାରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପାରିବାରିକ କଳହ ହୋଇଥିଲା। ସେଠାରୁ ଯୁବକ ଜଣେ ନିଜ ଘରକୁ ଚାଲିଆସିଥିଲେ। ଘରେ କେହି ନଥିବା ସୁଯୋଗ ନେଇ ବେକରେ ଲୁଗା ବାନ୍ଧି ଫ୍ୟାନ୍ ରେ ଝୁଲିପଡିଥିଲେ। ପୁଲିସ୍ ଶବକୁ ବ୍ୟବଛେଦ କରାଇବା ପରେ ତାଙ୍କ ଶବକୁ ପରିବାର କର୍ତ୍ତୁପକ୍ଷଙ୍କୁ ହସ୍ତାନ୍ତର କରିଛି। ମୃତକର ବାପା ଫିଲିମନ ଗମାଙ୍ଗ କୁଲୁସିଂ ପଞ୍ଚାୟତ ର ନାୟବ ସରପଞ୍ଚ ରହିଛନ୍ତି। ଗ୍ରାମର କିଛି ଲୋକ ପିନସ ଆନହତ୍ୟା କରିଥିବା ନେଇ ତାଙ୍କ ପରିବାରକୁ ସୁଚନା ଦେଇଥିଲେ। ସବୁବେଳେ ସହରାଞ୍ଚଳରେ ଆରହତ୍ୟାଭଳି ଚରମ ନିଷ୍ପତ୍ତି ନେଉଥିବା ବେଳେ ଏବେ ଗ୍ରାମାଞ୍ଚଳରେ ମଧ୍ୟ ଆ୍ହତ୍ୟା ସଂଖ୍ୟା ବୃଦ୍ଧି ପାଇବା ଚିନ୍ତାଜନକ ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ସାପ୍ତାହିକ ହାଟର ପୁନରୁଦ୍ଧାର

# ଉଦ୍‌ଘାଟନ କରି ପରିବା କିଣିଲେ ସିଏଲ୍‌ପି ନେତା



ନନ୍ଦପୁର,୧୦।୫ (ସମିସ): ଓଡ଼ିଶା ଆନ୍ଧ୍ର ସୀମାନ୍ତ ପୁରାତନ ସାପ୍ତାହିକ ହାଟର ପୁର୍ନରୁଦ୍ଧାର ହୋଇଛି। ଦୀର୍ଘ ପନ୍ଦର ବର୍ଷ ରୁ ଉର୍ଦ୍ଧ ହେବ ବାଇଲ୍ ଗୁଡା ହାଟ ବନ୍ଦ ରହିଥିଲା କ୍ଷ ରବିବାର ପଟାଙ୍ଗି ବିଧାୟକ ତଥା ସିଏଲପି ନେତା ରାମଚନ୍ଦ୍ର କାଡ଼ାମ ବାଇଲ ସାପ୍ତାହିକ ହାଟର ଶୁଭ ଉଦ୍‌ଘାଟନ କରିଛନ୍ତି। ପ୍ରଚଳିତ ହାଟ ଏହି ଚାରୋଟି ପଞ୍ଚାୟତବାସିଙ୍କ ପାଇଁ ଅଧିକ କିଣା ବିକା ସହ ଏହି ଅଞ୍ଚଳରେ ରହିଥିବା ଛାତ୍ର ବାସ ଓ ବ୍ୟବସାୟିକ ପାଇଁ ସହାୟକ ହେବ ବୋଲି କହିଛନ୍ତି ବିଧାୟକ ଶ୍ରୀ କାଡ଼ାମ। ସୂଚିତ ବହୁ ବର୍ଷ ପୂର୍ବେ ବାଇଲ ଗୁଡା ଠାରେ ରବିବାର ସାପ୍ତାହିକ ହାଟ ବସୁଥିଲା। ହେଲେ କୌଣସି କାରଣବଶତଃ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଉକ୍ତ ହାଟଟି ବନ୍ଦ ରହିଥିଲା। ଏହି ଅଞ୍ଚଳର ଲୋକେ ପରିବାଟିଏ କିଣିବାକୁ ହେଲେ ପାଡୁଆ କିମ୍ବା ଆନ୍ଧ୍ରର ପେଦାବାଇଲୁ ଯିବାକୁ ପଡୁଥିଲା। ତେବେ ନିକଟରେ ଏହି ଅଞ୍ଚଳର ଆନ୍ଧ୍ରର ପେଦା ବାଇଲୁ ହାଟକୁ ଘଟିଥିବା ଅଘଟଣ ପରେ ଅଞ୍ଚଳବାସୀ, କିଛି ବୁଦ୍ଧିଜୀବୀମାନେ ପୁଣି ହଜି ଯାଇଥିବା ବାଇଲ ଗୁଡା ସାପ୍ତାହିକ ହାଟର ପୁଣି ଉଦ୍ଧାର କରିବାକୁ ମନସ୍ଥ କରି ଅଞ୍ଚଳବବାସିଙ୍କ ସହମତି ନେଇ ପୁଣି ସାପ୍ତାହିକ ହାଟର ଶୁଭ ଆରମ୍ଭ କରିଛନ୍ତି। ଏହି ଅବସର ମୁଖ୍ୟ ଅତିଥି ଭାବେ ସିଏଲପି ନେତା ଶ୍ରୀ କାଡ଼ାମ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ନିଜ ପସନ୍ଦର ପରିବା କିଣିଥିଲେ। ଏହି ସାପ୍ତାହିକ ହାଟର ଉନ୍ନତି ସହ ସ୍ଥାନୀୟ ବ୍ୟବସାୟୀ ମାନଙ୍କ ଉନ୍ନତି କାମନା କରିଥିଲେ। ଏହି କାର୍ଯ୍ୟ କ୍ରମରେ ବିଧାୟକ ପ୍ରତିନିଧି କାମେଶ କାମୁଡି, ଗୋଲୁର ଗ୍ରାମ ପଞ୍ଚାୟତ ସରପଂଚ ସାବିତ୍ରୀ ବୁରୁଡ଼ି, ସମିତି ସଭ୍ୟା ଲକ୍ଷ୍ମୀ ମାଟାମ, କୁଲାର୍ ସିଂହି ସରପଂଚ ଭଗବତୀ କ୍ରିଶାନି, ପରଜା ବଡ଼ ପଡା ସରପଂଚ ସୁବର୍ଣ୍ଣ ପୂଜାରୀ, ପାଛୁ ଲୁଙ୍ଗ ସରପଂଚ ପୂଜା ଖିଲ, ସମାଜିକ କର୍ମୀ ଜଗନ୍ନାଥ ହନ୍ତାଳ, ସନ୍ତୋଷ ଗୋଲରି, ଗୋବିନ୍ଦ ପାଙ୍ଗି, ତ୍ରିପତି କାମୁଡି, ରାମଚନ୍ଦ୍ର ଖେମୁଣ୍ଡ, ଅନାଦି ଚରଣ ଖରା, କାମେଶ୍ୱର ଆମିଡି, ଦମଦାର ଖିଲ ସମେତ ଅଞ୍ଚଳ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# ଅଟୋ ଓଲଟି ୬ ଗୁରୁତର

ନନ୍ଦପୁର, ୧୦।୫(ସମିସ): ନନ୍ଦପୁର ହାଟପଦା ଛକରେ ଛାତ୍ରୀବାହୀ ଅଟୋ ଓଲଟି ୬ ଜଣ ଶ୍ରମିକ ଗୁରୁତର ହୋଇଥିବା ଘଟଣା ଅଞ୍ଚଳରେ ହଇଚଇ ସୃଷ୍ଟି କରିଛି। ସୂଚିତ ଯେ ରବିବାର ସକାଳୁ ଲାମଣ୍ଡା ଗ୍ରାମରୁ ୧୦ ରୁ ୧୨ ଜଣ ମହିଳା ଓ ପୁରୁଷ ଶ୍ରମିକ ମାନଙ୍କୁ ନେଇ ଭିତରଗଡ ଗ୍ରାମ ଜମିରେ ଅଧା ଲଗାଇବା ନେଇ ଯାଉ ଥିବା ସମୟରେ ନନ୍ଦପୁର ହାଟ ପଦା ଛକ ରେ ଗାଡି ଟି ଭାର ସାମ୍ୟ ହରାଇ ଅଟୋଟି ଲେଉଟି ପଡ଼ି ଥିଲା। ଅଟୋ ଓଲଟି ବା ଦେଖି ଆଖ ପାଖ ଲୋକେ ଦୌଡ଼ି ଆସିବା ସହ ନନ୍ଦପୁର ପୁଲିସ କୁ ଖବର ଦେଇ ଥିବା ବେଳେ ପୁଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଶ୍ରମିକ ମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲକୁ ନେଇଥିଲେ। ୧୨ଜଣ ଶ୍ରମିକ ଙ୍କ ମଧ୍ୟ ୬ଜଣ ଗୁରୁତର ଥିବା ଜଣାପଡିଛି

# ସେମିଳିଗୁଡ଼ା ଥାନାରେ ପୂଜା ପାଇଲେ ଅଗ୍ନି ଗଙ୍ଗା ମା’



ସେମିଳିଗୁଡ଼ା, ୧୦।୫ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଓ ଆଖପାଖ ଆରାଧ ଦେବୀ ଅଗ୍ନି ଗଙ୍ଗା ମା’ଙ୍କ ବାର୍ଷିକ ଯାତ୍ରା ରବିବାର ସପ୍ତମ ଦିନରେ ପହଞ୍ଚିଛି। ପରମ୍ପରା ଅନୁଯାୟୀ, ସେମିଳିଗୁଡ଼ା ଥାନାରେ ମା’ ପୂଜା ପାଇଥିଲେ। ସକାଳେ ମଣ୍ଡପରୁ ମା’ଙ୍କ ଘଟକୁ ଥାନା ପରିବାର ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ମା’ ଥାନାରେ ପହଞ୍ଚିବା ପରେ ପୁଲିସ ପରିବାର ପକ୍ଷରୁ ଭକ୍ତିର ସହ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଥାନା ପକ୍ଷରୁ ଆୟୋଜନ କରାଯାଇଥିବା ନିଆଁ ଝୁଲରେ ମା’ଙ୍କ ଘଟ ଧରିଥିବା ସେବକ ଚାଲିଥିଲେ। ସେଠାରେ ପୂଜାପାଠ ସହ ଥାନା ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ଓ ଥାନା ଅଧିକାରୀ ଅନୀତା କୁଜୁରଙ୍କ ନେତୃତ୍ୱରେ ପୂଜା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କମିଟି ସଭ୍ୟ, ପୂଜାରୀମାନେ, ଗ୍ରାମବାସୀ ଯୋଗେ ଦଇଥିଲେ। ଅଗ୍ନି ଗଙ୍ଗା ମା’ଙ୍କୁ ଥାନାରେ ପୂଜା କରିବା ପରମ୍ପରା ବହୁତ ବର୍ଷରୁ ହୋଇଆସୁଛି। ସନ୍ଧ୍ୟାରେ ଘଟ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ପୂଜା ପାଇଥିଲେ। ଏକ ରୋଡ ଶୋ’ ମଧ୍ୟ ଆୟୋଜନ କରାଯାଉଛି। ରାତିରେ ସମ୍ବଲପୁରର ମେଲୋଡିର ଆୟୋଜନ ହୋଇଥିଲା। ପୁଲିସ ଦଳ ଆଇନ ଶୃଙ୍ଖଳା ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ଥାଉ କି, ଆସନ୍ତା ୧୩ ତାରିଖ ଯାଏଁ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ସୋମବାର ଓ ମଙ୍ଗଳବାର ମୁଖ୍ୟ ଯାତ୍ରା ହେବ। କମିଟି ପକ୍ଷରୁ ସବୁ ପ୍ରସ୍ତୁତି କରାଯାଉଥିବା କୁହାଯାଇଛି।

# ଭାଲୁ ଆକ୍ରମଣ, ଯୁବକ ଆହତ

ନନ୍ଦାହାଣ୍ଡି,୧୦।୫(ସମିସ) ଶୌଚ ପାଇଁ ଯାଇଥିବ ସମୟରେ ଜଣେ ଯୁବକ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ଯୁବକ ଜଣଙ୍କ ନନ୍ଦାହାଣ୍ଡି ବ୍ଲକ ମେଣ୍ଡ୍ରି ପଞ୍ଚାୟତ ଅନ୍ତର୍ଗତ ବାଦିଗୁଡା ଗ୍ରାମର ସଞ୍ଜୟ ସୁନା (୧୯)। ବର୍ତ୍ତମାନ ସଞ୍ଜୟ ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ଚିକିତ୍ସାଳୟ ଚିକିତ୍ସିତ ହୋଇ ଘରକୁ ଫେରି ଆସିଛନ୍ତି। ସୂଚନା ଅନୁଯାୟୀ ବାଦିଗୁଡା ଗ୍ରାମର ସଞ୍ଜୟ ସୁନା ଆଜି ଭୋର ସକାଳ ସମୟରେ ଗ୍ରାମ ଉପକଣ୍ଠରେ ଥିବା ଗାଁ ପାଖରୀ ଆଡକୁ ଶୌଚ ପାଇଁ ଯାଇଥିଲେ। ତେବେ ପାଖରୀ ଦେଇ ଗୋଟିଏ ଜଙ୍ଗଲୀ ଭାଲୁ ଯାଉଥିବା ସମୟରେ ସଞ୍ଜୟ ହାବୁଡ଼ରେ ପଡିଯାଇଥିଲେ। ଭାଲୁ ହଟାତ ସଞ୍ଜୟ ଙ୍କୁ ଦେଖି ଆକ୍ରମଣ କରିଥିବା ସମୟରେ ସଞ୍ଜୟ ପ୍ରାଣ ବିକଳ ରେ ଛଡେଇ ହୋଇଆସୁଥିବା ବେଳେ ଭାଲୁ ସଞ୍ଜୟର ଗଡ଼କୁ ଆକ୍ରମଣ କରିଥିଲା। ପ୍ରାଣ ବିକଳ ରେ ନିର୍ଭିକ ସାହସ ରେ ସଞ୍ଜୟ ଭାଲୁ ଆବୁଡ଼ରୁ ଛଡେଇ ହୋଇ ଘରକୁ ଫେରି ଆସିଥିଲେ। ସଞ୍ଜୟଙ୍କ ଗଡରେ ଭାଲୁ ଆକ୍ରମଣ କରିଥିବା ଦେଖିବାକୁ ମିଳିଛି। ଏହାପରେ ପରିବାର ଲୋକେ ବାଇକ ସାହାଯ୍ୟରେ ତେନ୍ତୁଳୀଖୁଣ୍ଟି ଚିକିତ୍ସାଳୟରେ ଚିକିତ୍ସିତ ହୋଇ ନିଜ ଘରକୁ ଫେରି ଆସିଛନ୍ତି।

## ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ

# ପରିବେଶ ସୁରକ୍ଷା ଉପରେ ଆଲୋଚନାଚକ୍ର



ଜୟପୁର, ୧୦।୫(ସମିସ) : ବାରିଣିପୁଟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ୧୯୯୮ ମସିହାର ମେଟ୍ରିକ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ ସେଠୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ସ୍ୱାଇଁ, ବିଷ୍ଣୁ ଚରଣ ପଟ୍ଟନାୟକ ଯୋଗ ଦେଇ ନିଜ ବକ୍ତବ୍ୟରେ ବର୍ତ୍ତମାନ ଗୁରୁ ଶିଷ୍ୟଙ୍କ ସଂପର୍କ ଭିତରେ ଦୂରତା ବୃଦ୍ଧି ପାଉଛି। ଏହା ଉଦବେଗ ବିଷୟ ବୋଲି ମତ ପ୍ରକାଶ କରିଥିଲେ। ସେହିପରି ପୁରାତନ ଛାତ୍ରଛାତ୍ରୀ ମାନେ ନିଜ ନିଜର ଅତିତରେ ପାଠ ପଢିଥିବା ବିଦ୍ୟାଳୟ ପ୍ରତି ଆନ୍ତରିକତାର ସହିତ ଯୋଡି ହେବା ଏବଂ ବିଦ୍ୟାଳୟ ଆବଶ୍ୟକତାକୁ ନିଜ ସାମର୍ଥ୍ୟ ଅନୁସାରେ ପୂରଣ କରାଇବା ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ମୁଖ୍ୟଅତିଥି ପ୍ରଧାନଶିକ୍ଷକ ଶ୍ରୀ ସେଠୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରକୃତିକୁ ସୁରକ୍ଷା ଦେଉଥିବା ବୃକ୍ଷ ପ୍ରତି ସମସ୍ତେ ଦାୟୀତ୍ୱବୋଧ ହେବାକୁ ପଡିବ ବୋଲି ମତପ୍ରକାଶ ପାଇଥିଲା। ତେଣୁ ବୃକ୍ଷ ଚାରାରୋପଣର ଓ ରକ୍ଷଣାବେକ୍ଷଣ ଆବଶ୍ୟକତା ରହିଛି ବୋଲି ଆଲୋଚନା ହୋଇଥିଲା। ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହିତ ପରିବେଶ ସୁରକ୍ଷା ପ୍ରତି ମଧ ସଚେତନତା କାର୍ଯ୍ୟକ୍ରମ ହୋଇଛି। ବିଦ୍ୟାଳୟ ପରିସରରେ ରହିଥିବା ବୃକ୍ଷର ଯତ୍ନ ପାଇଁ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀ ମାନେ ଫେରିବା ବେଳେ ନିଜ ବୋତଲରେ ରହିଥିବା ଜଳକୁ ପରିସରରେ ରହିଥି ଗଛର ମୂଳରେ ପ୍ରଦାନ କରିବା ନେଇ ସଚେତନ କରିଯାଉ। ଏହା ଫଳରେ ଶିଶୁ ଓ ଛାତ୍ରଛାତ୍ରୀ ମାନେ ନିୟମିତ ଏଭଳି ପାଣି ଢାଳିବା ଦ୍ୱାରା ପିଲାଙ୍କ ଭିତରେ ଗଛ ପ୍ରତି ଦୁର୍ବଳତା ବଢିବ ଓ ସେ କ୍ରମଶଃ ତାର ଯତ୍ନ ନେବା ପାଇଁ ଇଚ୍ଛା ପ୍ରକାଶ କରପାରିବେ ଏବଂ ନିୟମିତ ଅଭ୍ୟାସରେ ପରିଣତ ହେବ ଏଥିରେ ଅଭିଭାବକ ମାନଙ୍କ ମଧ ସହାୟତା ଆବଶ୍ୟକ ବୋଲି ପୂର୍ବତନ ଛାତ୍ର ଚିତ୍ତରଂଜନ ଚୌଧୁରୀ ମତ ଦେଇଥିଲେ। ଏହିପରି ବିଦ୍ୟାଳୟରେ ସଚେତନତା କରିବା ନେଇ ଉପସ୍ଥିତ ସମସ୍ତେ ନିଷ୍ପତି ନେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ଗଛରେ ପାଣି ଦେଉଥିବା ଫଟୋ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ଅଧିକ ସଚେତନତା କରାଯାଇପାରିବ ବୋଲି ପୂର୍ବତନ ଛାତ୍ରୀ ପୁଷ୍ପାଞ୍ଜଳି ମହାନ୍ତି, ବି. ସିରିଶା ଓ ସ୍ୱର୍ଣ୍ଣଲତା ମୁଦୁଲି ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ରଛାତ୍ରୀ ରଞ୍ଜିତା ୱାବିଲା, ସଦନ ମାଣ୍ଡି, ଡି. ଦାମୁ, ନିର୍ମଳ ବାଗ୍, ନରେନ୍ଦ୍ର ଖୋସଲା, ଘେନୁ ଜେନା, ରାମଚନ୍ଦ୍ର ମହାନ୍ତି, ସନ୍ତୋଷ ପଟ୍ଟନାୟକ, ଡି.ଏଲ. ରାଓ ପ୍ରମୁଖ ସହାୟତା କରିଥିଲେ ଏବଂ ସାଇ ଗୋପାଳ ପାତ୍ର ସଭା ପରିଚାଳନା କରିଥିଲେ।

# ରବୀନ୍ଦ୍ରନାଥ ଠାକୁରଙ୍କ ଜୟନ୍ତୀ

ଉମରକୋଟ ୧୦।୫(ସମିସ) “କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ୧୬୪ ତମ ଜୟନ୍ତୀ ଅବସରରେ ଉମରକୋଟ ପୈରପରିଷ ଡିଏନକେ ଠାରେ ଥିବା ଜୟ ହିନ୍ଦ୍ ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘ ବ୍ଲକ ଠାରେ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। କବିଗୁରୁ ରବୀନ୍ଦ୍ରନାଥ ଠାକୁର



୭ ମଇ ୧୮୬୧ ମସିହା କୋଲକାତାର ଯୋଡ଼ାସାଁକୋ ଠାକୁର ବାଡ଼ିଠାରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ବିଶ୍ୱବିଖ୍ୟାତ କବି, ଦାର୍ଶନିକ, ଗାୟକ, ଚିତ୍ରଶିଳ୍ପୀ ଏବଂ ଶିକ୍ଷାବିତ୍ ଥିଲେ ଭାରତର ଜାତୀୟ ସଙ୍ଗୀତ “ଜନ ଗଣ ମନ’ ଏବଂ ବାଂଲାଦେଶର ଜାତୀୟ ସଙ୍ଗୀତ “ଆମାର ସୋନାର ବାଂଲା” ତାଙ୍କ ଦ୍ୱାରା ରଚିତ। ଏହି କାର୍ଯ୍ୟକ୍ରମରେ ଶିବପଦ ମିସ୍ତ୍ରୀ ମଞ୍ଚ ପରିଚାଳନା କରିଥିବା ବେଳେ ରବୀନ୍ଦ୍ର ନାଥ ଠାକୁରଙ୍କର ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ତପନ ପାଲ ଓ ରମେନ୍ଦ୍ର ନାଥ ବିଶ୍ୱାସ, ରବୀନ୍ଦ୍ର ନାଥ ଠାକୁରଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ଖୋକନ୍ ବିଶ୍ୱାସ ଓ ଜଳଧର ରାୟ। ରବୀନ୍ଦ୍ର ନାଥ ଠାକୁରଙ୍କ କବିତା ଆବୃତ୍ତି କରିଥିଲେ। ସମସ୍ତେ ଅବସର ପ୍ରାପ୍ତ କର୍ମଚାରୀ ସଂଘ ର ସମସ୍ତ ସଦସ୍ୟ ରବିନ୍ଦ୍ର ନାଥ ଠାକୁରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମକାନ୍ତ ବାଇନ, ରେଖା ରାଣୀ ମଣ୍ଡଳ, ନିରୁପମା ବୈଦ୍ୟ ଓ ବନଜିଟ ମଜୁମଦାର ପ୍ରମୁଖ ଓ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ପରିଶେଷରେ ରାମେନ୍ଦ୍ର ନାଥ ବିଶ୍ୱାସ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ କରି ସଭା ସମାପ୍ତି କରିଥିଲେ ସୁନିଲ କିର୍ତ୍ତନୀୟା।

# ଭଞ୍ଜ ସଂସଦର ରକ୍ତଦାନ ଶିବିର; ୫୦ ୟୁନିଟ୍ ରକ୍ତ ସଂଗ୍ରହ



ସୁନାବେଡା,୧୦।୫ (ସମିସ): ବିଶ୍ୱ ରେଡକ୍ରସ ଦିବସ ଓ ବିଶ୍ୱ ଥାଲାସେମିଆ ଦିବସ ପାଳନ ଅବସରରେ ଭଞ୍ଜ ସଂସଦ ସୁନାବେଡା ପକ୍ଷରୁ। ସ୍ଥାନୀୟ ହାଲ ହସ୍ପିଟାଲ ବ୍ଲଡ଼ ବ୍ୟାଙ୍କ୍ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ କରାଯାଇ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସ୍ଥାନୀୟ ମ୍ୟାନେଜମେଣ୍ଟ , ଡିବିଡିଏମଏଫ୍, ଆଇଓଇର ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହୋଇଥିଲା। ସଂସଦର ସଭାପତି ସଞ୍ଜୟ ବିଷୋୟୀ , ହାଲ ହସ୍ପିଟାଲ ର ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସଞ୍ଜୟ ମହାପାତ୍ର, ବରିଷ୍ଠ ଚିକିତ୍ସାଧିକାରୀ ଡ଼ା. ପି.କେ ବେହେରା, ଡ଼ା. ପି. କେ ପୌଲ, ଡ଼ା. ଆର୍. କେ. ନାୟକ, ଡ଼ା. ଏ.କେ. ବେହେରା, ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଶୁଭାରମ୍ଭ କରି ରକ୍ତ ଦାନ ର ମହତ୍ତ୍ୱ ବିଷୟରେ ଅନ୍ୟ ମାନଙ୍କୁ ସଚେତନ କରିଥିଲେ। ସ୍ଥାନୀୟ ହାଲ କର୍ମଚାରୀ, ଆଖ ପାଖ ର ଯୁବକ ଓ ଯୁବତୀ ମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ସଂସଦର ସାଧାରଣ ସମ୍ପାଦକ ସୁଦାମ ଦାସ, ସାଂଗଠନିକ ସମ୍ପାଦକ ଜୀତେନ୍ଦ୍ର ସେନାପତି, କୋଷାଧକ୍ଷ ରାମକୃଷ୍ଣ ସାହୁ, ପରିବେଶ ଓ ସେବା ସମ୍ପାଦକ ପ୍ରଭାତ କୁମାର ସେଠୀ ଙ୍କ ସମେତ ରାମକୃଷ୍ଣ ଖଣ୍ଡୁଆଳ, ବିଘ୍ନେଶ ପ୍ରସାଦ ମିଶ୍ର, ବିଜୟ ପାତ୍ର, ସଞ୍ଜୟ ନାୟକ, ଦୁର୍ଯ୍ୟୋଧନ ସ୍ୱାଇଁ, ପବିତ୍ର ରାଉଳ, ରବୀନ୍ଦ୍ର ପ୍ରଧାନ, ମନୋଜ ପାତ୍ର, ଧିରେନ୍ ସାମଲ, ଅବିନାଶ ବେହେରା, ଦଣ୍ଡପାଣି ଶତପଥୀ, କୃଷ୍ଣ ମୋହନ ପାତ୍ର, ମନୋଜ ପଟ୍ଟନାୟକ, ସୁଶାନ୍ତ ରାଉତ, ଉପଦେଷ୍ଟା ଶେଖ୍ ଇବ୍ରାହିମ, ଅମର ବାଡତ୍ୟା, ପ୍ରତାପ ଚନ୍ଦ୍ର ପାତ୍ର, କାଳୁ ବେହେରା, ରଞ୍ଜୀବ ପଣ୍ଡା, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଡଃ ଉମା ଶଙ୍କର ପ୍ରସାଦ ପାତ୍ର, ଶାହେଦା ପରୱିନ, ସ୍ୱରାଜ ରାୟ, ସତ୍ୟ ବିଲସେନ, ସନ୍ଦୀପ ପଟ୍ଟନାୟକ ଏବଂ ସଂସଦର ବହୁ ସକ୍ରିୟ ସଭ୍ୟ ବୃନ୍ଦ ଉପସ୍ଥିତ ରହି ଶିବିର ପରିଚାଳନା କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କୋରାପୁଟ ରକ୍ତ କେନ୍ଦ୍ର ର କର୍ମକର୍ତ୍ତା ମାନେ ପଚାଶ ଜଣ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଭଞ୍ଜ ସଂସଦ ସବୁବେଳେ ଜନ ମଙ୍ଗଳ କାର୍ଯ୍ୟ କରି ଜନ ମାନସ ରେ ଉଚ୍ଚ ପ୍ରଶଂସିତ ହୋଇଅଛି ଏବଂ ଆଗକୁ ଏମିତି କାର୍ଯ୍ୟକ୍ରମ କରିବାକୁ ସଂକଳ୍ପ ନେଇଛି ବୋଲି ସଂସଦ ର ସଭାପତି ସଞ୍ଜୟ କୁମାର ବିଶୋୟୀ କହିଛନ୍ତି।

# ସେମିଳିଗୁଡା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ମାତୃ ଦିବସ



ସେମିଳିଗୁଡା, ୧୦।୫ (ସମିସ): କୋରାପୁଟ ଜିଲ୍ଲାର,ସେମିଳିଗୁଡାର ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ମାତୃ ଦିବସ ଉପଲକ୍ଷେ ଏକ ମାତୃ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ସମାଜସେବୀ ତଥା ଅବସରପ୍ରାପ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ର ଯୋଗଦେଇ ସମାଜ ଗଠନରେ ମା ମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଶିକ୍ଷୟତ୍ରୀ ସାଏଦା ପରବିନ ଓ ସ୍ୱର୍ଣ୍ଣ ଲତା ମୂନୀ ଯୋଗଦେଇ ଥିଲେ। ବିଶ୍ୱ ବିଦ୍ୟାଳୟର ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ରୁବି ଭଉଣୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସୁନାବେଡା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପରିଚାଳିକା ବିକେ ସଂଯୁକ୍ତା ଭଉଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକେ ସଂଜୁ,ଓ ଅନ୍ୟାନ୍ୟ ମାତୃମଣ୍ଡଳୀ ଓ ଭାଇମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ସମସ୍ତ ମାଆମାନଙ୍କ ମଧରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ଥିଲା।

# ‘ଅପରେସନ୍ ସିନ୍ଦୂର’ର ପ୍ରଥମ ସ୍ମୃତିବାର୍ଷିକୀ ପାଳିତ



ସେମିଳିଗୁଡା, ୧୦।୫ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା କଲେଜ ପ୍ରାଙ୍ଗଣରେ ଏନ୍‌ସିସି ୟୁନିଟ୍ ପକ୍ଷରୁ ‘ଅପରେସନ୍ ସିନ୍ଦୂର’ର ସଫଳତାକୁ ସ୍ମରଣ କରି ଏହାର ପ୍ରଥମ ସ୍ମୃତି ବାର୍ଷିକୀ ଚଳିତ ମାସ ୭ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଦେଶାତ୍ମବୋଧକ ପରିବେଶରେ ପାଳନ କରାଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ କଲେଜର ଅଧକ୍ଷା ଡ. ଝାନ୍ ସି ସିଂହ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ପରେ ସମସ୍ତେ ମିଳିତ ଭାବେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସୁନାବେଡା ପୌରପାଳିକାର ଅଧକ୍ଷ ଡ. ରାଜେନ୍ଦ୍ର ପାତ୍ର ଏନ୍‌ସିସି କ୍ୟାଡେଟମାନଙ୍କ ସହ ଏକ ଆଲୋଚନାଚକ୍ରରେ ଯୋଗଦେଇ ଦେଶପ୍ରେମ, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱ ବିଷୟରେ ଉଦବୋଧନ ଦେଇଥିଲେ। ଚଳିତ ମାସ ୭ ତାରିଖରେ ଏନ୍‌ସିସି କ୍ୟାଡେଟମାନଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ ରଚନା, ବକ୍ତୃତା ପ୍ରତିଯୋଗିତା ସହ ପୋଷ୍ଟର ମେକିଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ରଚନା ପ୍ରତିଯୋଗିତାରେ ମନୀଷା ମାଝୀ ପ୍ରଥମ ସ୍ଥାନ ଓ ଚିନ୍ମୟୀ ଦୋରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମନୀଷା ବହାଦୁର ଖେତ୍ରୀ ପୋଷ୍ଟର ମେକିଂରେ ପ୍ରଥମ ସ୍ଥାନ ଏବଂ ରଚନାରେ ତୃତୀୟ ସ୍ଥାନ ହାସଲ କରିଥିଲେ। ମାମୁନି କଅଁର ପୋଷ୍ଟର ମେକିଂରେ ଦ୍ୱିତୀୟ ସ୍ଥାନ ଓ ରଚନାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହାସହିତ ଏସ୍. ତୁଷାର ଏବଂ ବିନୟ କୁମାରଙ୍କୁ ଯୁଗ୍ମ ଭାବେ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ନିଜ ଉଦ୍‌ବୋଧନରେ ଡ଼ ଝାନ୍ ସି ସିଂହ ଗତବର୍ଷ ଜମ୍ମୁ ଓ କାଶ୍ମୀରର ପହଲଗାମରେ ଘଟିଥିବା ଘଟଣାକୁ ସ୍ମରଣ କରି ଶହୀଦମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଦେଶସେବା ଓ ଜାତୀୟ ଏକତାର ମୂଲ୍ୟବୋଧ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଏନ୍‌ସିସି କ୍ୟାଡେଟମାନେ ଉତ୍ସାହର ସହିତ ସକ୍ରିୟ ଭାଗ ନେଇଥିଲେ। ଅଧାପିକା ଅଧାପକ ଓ କର୍ମଚାରୀମାନଙ୍କ ମଧ୍ୟରେ ରୋନାଲି ନାୟକ, ଡ଼ ପ୍ରୀତିଶ ବେହେରା, ଶିବାଶିଷ ପଟ୍ଟନାୟକ, ହରପ୍ରସାଦ ପତି, ଭାଗୀରଥୀ ରାଉତ, ଶୁଭେନ୍ଦୁ ଶ୍ରୀଚନ୍ଦନ ମିଶ୍ର, ପିଙ୍କି ଗୋଏଲ, ଅମିଶା ପାଢ଼ୀ, କମଳିନୀ ବିଶୋଇ, ମନୀଷା ବେହେରା, ଅମିତା ହୋତା, ରୋହିଣୀ ସିରିକା, ବିଜୟ ଦାସ ପାଙ୍ଗୀ, ଅଜୟ ପଣ୍ଡା ଓ ଗଙ୍ଗା କୁଲଦୀପ ପ୍ରମୁଖ ସକ୍ରିୟ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ପୁରସ୍କାର ବିତରଣ କରାଯାଇ ସମସ୍ତ କ୍ୟାଡେଟ ଜାତୀୟ ସାଲ୍ୟୁଟ୍ ପ୍ରଦାନ କରିଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାୟରେ ‘ଅପରେସନ ସିନ୍ଦୂର’ ଦିବସ



ଜୟପୁର,୧୦।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ସମରଶିକ୍ଷାର୍ଥୀ ବାହିନୀ (ଏନସିସି) ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅପରେସନ୍ ସିନ୍ଦୁର ଦିବସ ପାଳନ ଅବସରରେ ବିତର୍କ ଓ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ୧୫ତମ ଏନସିସି ବାଟାଲିୟନ ୟୁନିଟ ପକ୍ଷରୁ ଏହି ଦିବସ ପାଳନ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ ଶିକ୍ଷାମୂଳକ ଓ ଦେଶପ୍ରେମକୁ ନେଇ ବିତର୍କ ଓ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରଛାତ୍ରୀ ଓ ଏନ୍‌ସିସି କ୍ୟାଡେଟମାନଙ୍କ ମଧ୍ୟରେ ଦେଶପ୍ରେମ, ସାମାଜିକ ସଚେତନତା, ଶୃଙ୍ଖଳା ଓ ନେତୃତ୍ୱ ଗୁଣର ବିକାଶ କରିବା। ଏହି ପ୍ରତିଯୋଗିତାରେ ବହୁ ସଂଖ୍ୟକ ଏନ୍‌ସିସି କ୍ୟାଡେଟ ଓ ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ବିତର୍କ ପ୍ରତିଯୋଗିତାରେ ଜାତୀୟ ଏକତା, ନାରୀ ସଶକ୍ତିକରଣ, ସାମାଜିକ ଦାୟିତ୍ୱ ଓ ରାଷ୍ଟ୍ର ଗଠନରେ ଯୁବପୀଢିର ଭୂମିକା ଭଳି ବିଷୟ ଉପରେ ଅଲୋଚନା କରାଯାଇଥିଲା ଏବଂ ପ୍ରତିଯୋଗୀମାନେ ନିଜ ମତାମତକୁ ଆ। ।ବିଶ୍ୱାସର ସହିତ ପ୍ରକାଶ କରିଥିଲେ। ପୋଷ୍ଟର ପ୍ରତିଯୋଗିତାରେ ଦେଶପ୍ରେମ, ଶାନ୍ତି, ସାମାଜିକ ସାମ୍ପ୍ରତି ଓ ଅପରେସନ ସିନ୍ଦୁରର ଗୁରୁତ୍ୱ ଉପରେ ସୃଜନଶୀଳ ବାର୍ତ୍ତା ପ୍ରଦର୍ଶିତ କରିଥିଲେ ଳ ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଏନସିସି ଅଧଇକାରୀ କ୍ୟାପେଟନ ଡ. ଲକ୍ଷ୍ମଣ ପାତ୍ରଙ୍କ ଆହ୍ୱାନ କ୍ରମେ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ, ଆତବିଶ୍ୱାସ, ଦଳୀୟ କାର୍ଯ୍ୟଦକ୍ଷତା ଓ ସାମାଜିକ ଦାୟିତ୍ୱ ମୁଲ୍ୟବୋଧ ବୃଦ୍ଧି କରେ। ଶେଷରେ ବିଜେତାମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ରାଧାମାଧବ ଗୌଡ଼ିୟ ମଠରେ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଡେରାବିଶ/ପଞ୍ଚୁପାଣ୍ଡବ, ୧୦।୫(ସମିସ): ଗୌଡିୟ ଜଗତର ସପ୍ତମ ଗୋସ୍ୱାମୀ ଠାକୁର ଭକ୍ତିବିନୋଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ପୈତୃକ ବାସସ୍ଥଳୀ ଡେରାବିଶ ବ୍ଲକ ଅନ୍ତର୍ଗତ ଛୋଟି ପଞ୍ଚାୟତର ଛୋଟିସ୍ଥ ରାଧାମାଧବ ଗୌଡିୟ ମଠରେ ନବନିର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗତକାଲି ଅପରାହ୍ନରେ ହରିନାମ ଓ ମଙ୍ଗଳାଧିବାସ ସଂକୀର୍ତ୍ତନ ମହୋତ୍ସବ ହେବା ପରେ ଭାଗବତ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଆଜି ସକାଳେ ଗ୍ରାମ ପରିକ୍ରମା ପରେ ଶ୍ରୀ ବିଗ୍ରହଙ୍କ ନବ ମନ୍ଦିରରେ ପ୍ରବେଶ ଓ ଅଭିଷେକ, ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ମଠ ପରିସରରେ ଗତ ଦୁଇଦିନ ଧରି ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଦାୟିତ୍ୱ ବାବାଜୀ ପ୍ରହ୍ଲାଦ ଦାସ ନିର୍ବାହ କରିଥିବାବେଳେ ଗ୍ରାମ ମୁଖ୍ୟ ନିରଞ୍ଜନ ପରିଡ଼ା ଓ କେଦାରନାଥ ଦତ୍ତଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗଦାନ କରିଥିଲେ। ନବନିର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ ଖୋର୍ଦ୍ଧାସ୍ଥ ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏସନ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ପୁରୀରୁ ପରମାର୍ଥ ମହାରାଜ, ସୁଧା ଦୈବୀ ମହାରାଜ, ଶାନ୍ତ ମହାରାଜ, ଭଦ୍ରକରୁ ତ୍ରିବିକ୍ରମ ମହାରାଜ ପ୍ରମୁଖ ଯୋଗ ଦେଇଥିଲେ। ପ୍ରହ୍ଲାଦ ଦାସମହାରାଜଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଷ୍ଠା ଉତ୍ସବ ଅବସରରେ ଛୋଟି ଓ ଠାକୁର ବିନୋଦ ସମ୍ପର୍କିତ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

## ରାସ୍ତା ଉପରେ ଜମାହୋଇଛି ବାଲି, ଗୋଡ଼ି

# ଘଟୁଛି ଦୁର୍ଘଟଣା, ସାଧାରଣରେ ଅସନ୍ତୋଷ

କେନ୍ଦ୍ରାପଡ଼ା, ୧୦।୫(ସମିସ)

ଜିଲ୍ଲାର ଅତ୍ୟନ୍ତ ବ୍ୟସ୍ତବହୁଳ ସଡ଼କ ସଦର ଥାନା ନିକଟରୁ ବସୁପୁର ପୋଲ ପର୍ଯ୍ୟନ୍ତ ରାସ୍ତା ଏବେ ଲୋକଙ୍କ ପାଇଁ ବିପଦର କାରଣ ପାଲଟିଛି। ସ୍କୁଲ, କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଥିବାବେଳେ ରାସ୍ତା ଉପରେ ଅବୈଧ ଭାବେ ବାଲି ଓ ଗୋଡ଼ି ମହଜୁଦ ସମସ୍ୟାକୁ ଆହୁରି ଗୁରୁତର କରିଦେଇଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ମେହେନ୍ଦିପୁର ଛକରୁ ମହାରାକୂଳ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବଡ଼ ବଡ଼ ହାଇୱା, ଟ୍ରାକ୍ଟର ଓ ଅନ୍ୟାନ୍ୟ ଭାରୀଯାନ ରଖି ବାଲି ଓ ଗୋଡ଼ି ଲୋଡିଂ, ଅନଲୋଡିଂ କରାଯାଉଥିବାରୁ ପଥଚାରୀ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ବେଳଚାରେ ଗୋଡ଼ି ଉଠାଇବା ସମୟରେ ପଥଚାରୀଙ୍କ ଉପରେ ଗୋଡ଼ି ପଡୁଥିବା ଘଟଣା ଦେଖାଯାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାତି ସମୟରେ ଅନେକ ଭାରୀଯାନ ରାସ୍ତା ଉପରେ ଛାଡ଼ି ଦିଆଯାଉଥିବାରୁ ଅନ୍ଧାରରେ ଦୁର୍ଘଟଣା ଘଟୁଛି। ବିଶେଷକରି ଏହି ଅଞ୍ଚଳରେ ଗାଡ଼ି ପାର୍କିଂ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଥିବା ସହ ଦୀର୍ଘ ସମୟ ଧରି ଟ୍ରାଫିକ ସମସ୍ୟା ଲାଗି ରହୁଛି। ଏହି ଘଟଣାକୁ ନେଇ ଜିଲ୍ଲାପାଳ ରଘୁରାମ ଆର୍ ଆୟର ଗଣମାଧ୍ୟମକୁ କହିଛନ୍ତି ଯେ, ରାସ୍ତା ଅବରୋଧ କରିଥିବା ଗାଡ଼ି ଓ ସାମଗ୍ରୀକୁ ତୁରନ୍ତ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ। ସାଧାରଣ ଲୋକେ କହିଛନ୍ତି, ରାସ୍ତା ସରକାରୀ ସମ୍ପତ୍ତି ହୋଇଥିଲେ ମଧ୍ୟ କେତେକ ଅସାଧୁ ବ୍ୟବସାୟୀ ନିଜ ସ୍ୱାର୍ଥ ପାଇଁ ଏହାକୁ ଦଖଲ କରୁଛନ୍ତି। ଦୁର୍ଘଟଣା ଘଟିବା ପୂର୍ବରୁ ପ୍ରଶାସନ କଡ଼ା ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।



## ମାର୍ଶାଘାଇ ବ୍ଲକ୍ ଅଧିକାରୀଙ୍କ ଅବହେଳା

# କାର୍ଯ୍ୟାଳୟ ଭବନରେ ମାଡ଼ିଛି ଲତା; ପରିସର ଆବର୍ଜନାରେ ଭର୍ତ୍ତି

କେନ୍ଦ୍ରାପଡ଼ା, ୧୦।୫(ସମିସ): ଲୋକସେବା ପାଇଁ ନିର୍ମିତ ସରକାରୀ କାର୍ଯ୍ୟାଳୟ ଯଦି ନିଜେ ଅବ୍ୟବସ୍ଥାର ନମୁନା ପାଲଟିଯାଏ, ତେବେ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟର ବର୍ତ୍ତମାନ ଚିତ୍ର ଏଭଳି କିଛି କାହାଣୀ କହୁଛି। ବ୍ଲକ ପରିସରରେ ଅଳିଆ ଆବର୍ଜନା ଜମି ରହିଥିବାବେଳେ ଅନାବନା ଗଛଲତା ଚାରିଆଡ଼େ ମାଡ଼ିଯାଇଛି। ଅଫିସ ଗୃହର ଛାତ ଉପରେ ମଧ୍ୟ ଲତା ମାଡ଼ିଯାଇ ପରିତ୍ୟକ୍ତ କୋଠା ସଦୃଶ ଦେଖାଯାଉଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ସନ୍ଧ୍ୟା ହେବା ପରେ ବ୍ଲକ ପରିସରର ପରିବେଶ ସମ୍ପୂର୍ଣ୍ଣ ବଦଳିଯାଉଛି। ଏଠାରେ ମଦ୍ୟପ ଓ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଥିବାରୁ ସାଧାରଣ ଲୋକ ଅସୁରକ୍ଷିତ ମନେ କରୁଛନ୍ତି। ବିଭିନ୍ନ ସ୍ଥାନରେ ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ ଅନ୍ୟାନ୍ୟ ଆବର୍ଜନା ପଡ଼ି ରହୁଥିବା ଦୃଶ୍ୟ ପ୍ରଶାସନିକ ଅବହେଳାକୁ ସ୍ପଷ୍ଟ କରୁଛି। ବିଶେଷକରି ମହିଳାମାନେ ବ୍ଲକ କାର୍ଯ୍ୟାଳୟକୁ ଆସିବାବେଳେ ଭୟଭୀତ ହେଉଥିବା ଅଭିଯୋଗ ହେଉଛି। ସଠିକ୍ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ଭବନର ଅବସ୍ଥା ଦିନକୁ ଦିନ ଖରାପ ହେଉଥିବା ଅଭିଯୋଗ ହେଉଛି।





ବର୍ତ୍ତମାନ ଛାତ ଉପରେ ଗଛଲତା ମାଡ଼ିଯିବା ସହ ବର୍ଷାଦିନେ ପାଣି ଜମା ହୋଇ ଭବନକୁ କ୍ଷତି ପହଞ୍ଚିବାର ଆଶଙ୍କା ମଧ୍ୟ ବଢ଼ିଛି। ଲୋକଙ୍କ କହିବା ଅନୁସାରେ, ବ୍ଲକ ପରିସରରେ ନିୟମିତ ସଫାସୁତୁରା ଓ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ତୁରନ୍ତ ବ୍ଲକ ପରିସର ସଫା କରିବା, ଜଙ୍ଗଲି ଗଛଲତା କାଟିବା, ରାତିରେ ସୁରକ୍ଷା କଡ଼ାକଡ଼ି କରିବା, ଅସାମାଜିକ ଯୁବକଙ୍କ ଆଡ୍ଡା ଉପରେ ରୋକ ଲଗାଇବାକୁ ଦାବି କରିଛନ୍ତି। ଯଦି ପ୍ରଶାସନ ଶୀଘ୍ର ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଏହି ସମସ୍ୟା ଆହୁରି ଗୁରୁତର ରୂପ ନେଇପାରେ ବୋଲି କହିଛନ୍ତି।

## ● ୧୧ନଂ କେନାଲ ବନ୍ଧ ରାସ୍ତା

# କନ୍ଦରପୁରରୁ ବାଘିଲୋ ପର୍ଯ୍ୟନ୍ତ ଅତ୍ୟନ୍ତ ଶୋଚନୀୟ

ଡେରାବିଶ, ୧୦।୫(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତର କନ୍ଦରପୁରଠାରେ ଚାନ୍ଦୋଳ-ଗୋଲରାହାଟ ପୂର୍ତ୍ତ ବିଭାଗ ରାସ୍ତାରୁ ବାଘିଲୋ ଯାଏ ୧୧ନଂ କେନାଲ ବନ୍ଧ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ପାଞ୍ଚବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କନ୍ଦରପୁରଠାରୁ ବାଘିଲୋ ଓ ବାଘିଲୋଠାରୁ ଓଲଢି ପର୍ଯ୍ୟନ୍ତ ଏହି ରାସ୍ତାଟି ଦୁଇଟି ପର୍ଯ୍ୟାୟରେ ନିର୍ମାଣ କରାଯାଇଥିଲା। ଏହି ରାସ୍ତାଦେଇ ପଲେଇ ପଞ୍ଚାୟତର ଜନସାଧାରଣଙ୍କ ସମେତ ଖମୋଳ, ଗୋଲରାହାଟ ଓ କାଉପଡ଼ା ପଞ୍ଚାୟତର ଜନସାଧାରଣ ଡେରାବିଶ ବ୍ଲକ କାର୍ଯ୍ୟାଳୟ, ତହସିଲ, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା ଓ ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏହି ରାସ୍ତାର ବହୁ ସ୍ଥାନରେ ପିଚୁ ଉଠିଯାଇ ଖାଲ ସୃଷ୍ଟି ହୋଇଥିଲା। ତେବେ ଏହି ରାସ୍ତାର ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥଠାରୁ ବାଘିଲୋ ପର୍ଯ୍ୟନ୍ତ ଗତ କିଛିମାସ ତଳେ ଚଉଡ଼ା କରାଯାଇ ନିର୍ମାଣ ସରିଛି। ତେବେ ବାଘିଲୋଠାରୁ କନ୍ଦରପୁର ପର୍ଯ୍ୟନ୍ତ ରାସ୍ତାଟି ଆଦୌ ମରାମତି ନ ହେବାରୁ ଏବେ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ଫଳରେ ରାସ୍ତାରୁ ମେଟାଲ ଉଠି ଗଡୁଥିବାରୁ ଏହା ପଥଚାରୀ ଓ ବାଇକ ଆରୋହୀଙ୍କ ପାଇଁ ବାଧକ ସାଜୁଛି। ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରିବାକୁ ସମାଜସେବୀ ଦୀପକ ଘଡ଼େଇଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।



## ● ଆଧାର କାର୍ଡରେ ତ୍ରୁଟି

# ଛାତ୍ରଛାତ୍ରୀଙ୍କ ହୋଇପାରୁନି ନାମଲେଖା; ଅଭିଭାବକ ଚିନ୍ତିତ

କେନ୍ଦ୍ରାପଡ଼ା, ୧୦।୫(ସମିସ): ଶିକ୍ଷା ହେଉଛି ପିଲାଙ୍କ ଭବିଷ୍ୟତର ଭିତ୍ତି। କିନ୍ତୁ ସେହି ଶିକ୍ଷା ବ୍ୟବସ୍ଥାରେ ତ୍ରୁଟି ଓ ଅବ୍ୟବସ୍ଥା କାରଣରୁ ଏବେ କେନ୍ଦ୍ରାପଡ଼ା ଜିଲ୍ଲାର ଶତାଧିକ ଛାତ୍ରଛାତ୍ରୀ ନାମଲେଖା ସମସ୍ୟାରେ ପଡ଼ିଛନ୍ତି। ଜନ୍ମ ସାର୍ଟିଫିକେଟ ଆଧାରରେ ବିଦ୍ୟାଳୟରେ ପ୍ରଥମେ ନାମ ଲେଖାଯାଉଥିବାବେଳେ ପରେ ଆଧାର କାର୍ଡର ତଥ୍ୟ ସହ ମେଳ ନ ଖାଇବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ନାନା ସମସ୍ୟାରେ ପଡ଼ିଛନ୍ତି। କାହାର ନାମ ଭୁଲ ଥିବାବେଳେ କାହାର ଜନ୍ମ ତାରିଖ କିମ୍ବା ଠିକଣାରେ ତ୍ରୁଟି ରହିଛି। ଆଧାର କାର୍ଡ ସଂଶୋଧନ ପାଇଁ ବହୁ ଅଭିଭାବକ ମାସ ମାସ ଧରି ବିଭିନ୍ନ ଅଫିସ ଦୌଡ଼ୁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ବାରମ୍ବାର ଭୁଲ ହେବା ଓ ସଂଶୋଧନ ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ଅଭିଭାବକ ଅଧିକ ହତାଶ ହେଉଛନ୍ତି।

ସବୁଠୁ ଗୁରୁତର କଥା ହେଉଛି, ଟିସି ନେଇ ଅନ୍ୟ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ଆଡ଼ମିଶନ ମଧ୍ୟ ଅଟକିଯାଉଛି। ଅନଲାଇନରେ ଅପରେଟ୍ ହୋଇଯାଇଛି ବୋଲି କହି ଅନେକ ଛାତ୍ରଛାତ୍ରୀଙ୍କୁ ଫେରାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଫଳରେ ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଥିବାବେଳେ ତାଙ୍କ ଭବିଷ୍ୟତ ନେଇ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ସାଧାରଣରେ ପ୍ରଶ୍ନ ଉଠୁଛି ଯେ, ଏହି ଅବ୍ୟବସ୍ଥା ପାଇଁ ପ୍ରକୃତ ଦାୟୀ କିଏ ? ଅଭିଭାବକ ନା ଶିକ୍ଷା ବିଭାଗର ଅନଭିଜ୍ଞ କର୍ମଚାରୀ। ଯେଉଁ ଡକ୍ୟୁମେଣ୍ଟ ସଠିକ୍ ରହିଛି, ତାହାକୁ ଆଧାର କରି ତୁରନ୍ତ ଆଡ଼ମିଶନ କରାଯିବା ଉଚିତ ବୋଲି ଅଭିଭାବକ ଦାବି କରିଛନ୍ତି। କେବଳ ଆଧାର କାର୍ଡର ତ୍ରୁଟି ପାଇଁ ଜଣେ ପିଲାଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେବା କେତେ ଯୁକ୍ତିସଂଗତ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଅଭିଭାବକ ଅଫିସରୁ ଅଫିସ ଦୌଡ଼ୁଥିବାବେଳେ ସ୍ପଷ୍ଟ ସମାଧାନ ମିଳୁନାହିଁ। ତେଣୁ ଶିକ୍ଷା ବିଭାଗ ଏହି ସମସ୍ୟାକୁ ଗୁରୁତର ସହ ନେଇ ତୁରନ୍ତ ସରଳ ଓ ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ଶିଷ୍ୟ ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ରାଜକନିକା, ୧୦।୫(ସମିସ): ରାଜକନିକା ବ୍ଲକର ଅଗ୍ରଣୀ ଶୈକ୍ଷିକ ସାମାଜିକ ଅନୁଷ୍ଠାନ ଶିଷ୍ୟ ପକ୍ଷରୁ ରବିବାର ପୂର୍ବାହ୍ନରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ମା' ମାଟିର ସେବା କରିବାକୁ ଆହ୍ୱାନ ଦିଆଯାଇଛି। ନିଜ ଶୈକ୍ଷିକ ବାଗ୍ମୀତାକୁ ସମାଜର କଲ୍ୟାଣରେ ଉତ୍ସର୍ଗ କରି ଗାରିମା ସାଉଁଟିବାକୁ ଅତିଥି ଭାବେ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଯାଜପୁର ଥାନା ଅଧିକାରୀ ଶରତ କୁମାର ନାୟକ, ସମାଜସେବୀ ପ୍ରଭୁ ଆଚାର୍ଯ୍ୟ, ସୁଧାକର ପ୍ରଧାନ, ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ମଙ୍ଗୁଳି ଚରଣ ବେହେରା ପ୍ରମୁଖ ଜୀବନର ଲକ୍ଷ୍ୟ ସ୍ଥିର କରି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ।

ଆଜି ଅପରାହ୍ନରେ ବର୍ତ୍ତନୀଠାରେ ଶିଷ୍ୟର ଉପସଭାପତି ସୁକାନ୍ତ ଦାଶ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଶିଷ୍ୟର ପ୍ରତିଷ୍ଠାତା ସମ୍ପାଦକ ଡଃ ସଞ୍ଜୟ ବେହୁରା ଶିଷ୍ୟର ଉଦ୍ଦେଶ୍ୟକୁ ସାର୍ବଜନୀନ କରିବା କରିଥିଲେ। ଅତିଥିମାନେ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ରାଜକନିକା ବ୍ଲକର ପ୍ରିୟାଂଶୁ ପଲାଇ, ପ୍ରଭୁଦତ୍ତ ରାଉତ ଓ ଶୁଚିସ୍ମିତା ଦାସଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅଜୟ କୁମାର ବେହେରା, ଲଳିତ ମୋହନ ରାୟ, ସ୍ୱରାଜ ଦାସ, ରଜତ ନାୟକ ପ୍ରମୁଖ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ନିଷ୍ଠା ଓ ଲକ୍ଷ୍ୟ ସ୍ଥିର କରିବାକୁ ଆହ୍ୱାନ ଦେଇଥିଲେ।

# ଅଧ୍ୟାପକ ରତ୍ନାକର ସେଠୀ ସମ୍ମାନିତ

ଗୋବିନ୍ଦପୁର, ୧୦।୫(ସମିସ): ଝାରସୁଗୁଡ଼ା ଜିଲ୍ଲା ସାଂସ୍କୃତିକ ଭବନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ସଂଗଠନ ଭୁବନେଶ୍ୱରର ୧୧ମ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ଅବସରରେ ବାରାହା ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ରତ୍ନାକର ସେଠୀଙ୍କୁ ଜାତୀୟ ଉତ୍କଳ ସନ୍ଥକବି ଭୀମଭୋଇ କାବ୍ୟ ରୌପ୍ୟରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଡାକ୍ତର ନବକିଶୋର ଶତପଥୀ, ସମ୍ପାଦକ ଡଃ ମୁଙ୍ଗୁଲ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।



# ରାଧାଗୋବିନ୍ଦଜିଉଙ୍କ ଚନ୍ଦନ ଯାତ୍ରା ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୧୦।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଶ୍ରୀରାଧାଗୋବିନ୍ଦଜିଉଙ୍କ ଚନ୍ଦନ ଯାତ୍ରା ମହୋତ୍ସବ ଶନିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏପ୍ରିଲ ମାସ ୨୦ ତାରିଖ ଅକ୍ଷୟ ତୃତୀୟାରୁ କେନ୍ଦ୍ରାପଡ଼ା ସହରର ଚାଟରାପାଟଣାସ୍ଥ ମନ୍ଦିର ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରୀଜିଉଙ୍କ ଚଳନ୍ତି ପ୍ରତୀମାକୁ ଚନ୍ଦନ ଲେପ ଦିଆଯାଇ ଏକ ସୁସଜ୍ଜିତ ବିଭାନରେ ନିକଟସ୍ଥ ଚନ୍ଦନ ପୋଖରୀକୁ ଅପରାହ୍ନ ୧ଟାରେ ନିଆଯାଇ ଡଙ୍ଗାରେ ଚାପ ଖେଳାଯାଇଥିଲା। ଏକ ଘଣ୍ଟା ଚାପ ଖେଳିବା ପରେ ଚନ୍ଦନ ପୋଖରୀସ୍ଥ ମଣ୍ଡପକୁ ଅଣାଯାଇଥିଲା। ପୁନର୍ବାର ସନ୍ଧ୍ୟା ଆଳତି ପରେ ରାତି ୮ଟାରେ ଶ୍ରୀଜିଉଙ୍କ ଚଳନ୍ତି ପ୍ରତୀମାକୁ ଚନ୍ଦନ ପୋଖରୀକୁ ନେଇ ଡଙ୍ଗାରେ ବସାଇ ଚାପ ଖେଳ ଆରମ୍ଭ ହୋଇଥିଲା। ପୋଖରୀର ପ୍ରତି କୋଣରେ ୭ ଥର ବୁଲି ଚାପ ଖେଳାଯାଇଥିଲା। ଏପରି ୨୮ ଥର ଶ୍ରୀଜିଉଙ୍କୁ ଚାପ ଖେଳାଯାଇ ରାତି ୧୦ଟାରେ ମଣ୍ଡପକୁ ଅଣାଯାଇଥିଲା। ହଜାର ହଜାର ଭକ୍ତ ଚନ୍ଦନ ପୋଖରୀ କୂଳରେ ରହି ଚନ୍ଦନ ଲଗାଇ ଶ୍ରୀଜିଉଙ୍କ ଅପୂର୍ବ ଚନ୍ଦନ ଚାପକୁ ଉପଭୋଗ କରିଥିଲେ। ଚନ୍ଦନ ଯାତ୍ରାରେ ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରାଯାଇଥିଲା। ଦଶ ହଜାରରୁ ଅଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

# ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜଳୁଛି ଶହ ଶହ ଇଟାଭାଟି

ଡେରାବିଶ, ୧୦।୫(ସମିସ)

ଏବେ ପ୍ରଚଣ୍ଡ ଖରା। ତାପମାତ୍ରା ୪୦ ଡିଗ୍ରୀ ଛୁଇଁଯାଉଛି। ଲୋକେ ସକାଳ ୧୦ଟାରୁ ଅପରାହ୍ନ ୪ଟା ମଧ୍ୟରେ ଘରୁ ବାହାରିବାକୁ ଡରୁଛନ୍ତି। ତେବେ ଏହି ପ୍ରଚଣ୍ଡ ଗରମରେ ମଧ୍ୟ ଡେରାବିଶ ବ୍ଲକ ଅଞ୍ଚଳରେ ଜଳୁଛି ଶହ ଶହ ଇଟାଭାଟି। ଇଟାଭାଟି ଧୂଆଁ ଗରମରେ ଡେରାବିଶ ଅଞ୍ଚଳବାସୀ ସତେ ଯେପରି ତତଲା ତେଲ କଡ଼େଇରେ ଭାଜି ହେଉଛନ୍ତି। ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଅଭାବରୁ ଇଟା ମାଫିଆ ସେମାନଙ୍କ ସାମ୍ରାଜ୍ୟ ବଢ଼ାଇ ଚାଲିଛନ୍ତି। ଫଳରେ ଏହା ପରିବେଶ ନଷ୍ଟ କରୁଛି। ତେଣୁ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଇଟା ଭାଟି ଉପରେ ରୋକ ଲଗାଯିବାକୁ ଦାବି ହେଉଛି।

ସରକାରଙ୍କ ପରିବେଶ ବିଭାଗ ପକ୍ଷରୁ ମାଟି ଇଟାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଏହାର ନିର୍ମାଣ ଓ ପୋଡ଼ିବା ଉପରେ ନିଷେଧାଦେଶ ଜାରି କରାଯିବା ସହ ଏହା ପାଳନ ନ କଲେ ଆଇନ ଅନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି। ତେବେ ଡେରାବିଶ ଅଞ୍ଚଳରେ ଇଟା ମାଫିଆ ଏହାକୁ ସତେ ଯେପରି ଫୁ କରି ଗ୍ରାମାଞ୍ଚଳ ରାସ୍ତାକଡ଼, ରାଜରାସ୍ତା କଡ଼, ଜନବସତି ମଧ୍ୟସ୍ଥଳୀ, ଏପରିକି ଜାତୀୟ ରାଜପଥ କଡ଼ରେ ଶହ ଶହ ବେଆଇନ ମାଟି ଇଟା ଭାଟି ଗଢ଼ି ପୋଡ଼ିବାରେ ଲାଗିଛନ୍ତି। ଏହି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ସମୟରେ ଜନବସତି ଅଞ୍ଚଳ ଓ ରାସ୍ତା କଡ଼ରେ ପୋଡ଼ାଯାଉଥିବା ଇଟାଭାଟିର କୋଇଲା ଧୂଆଁରେ ଗ୍ରାମାଞ୍ଚଳ ଓ ରାସ୍ତା ଯାଉଥିବା ଶିଶୁ, ବୃଦ୍ଧବୃଦ୍ଧା ଓ ରୋଗୀ ଅତିଷ୍ଠ ହୋଇପଡୁଛନ୍ତି। ଯେଉଁଥିପାଇଁ ସେମାନେ ଏବେ ତ୍ରାହି ତ୍ରାହି ଡାକିଲେଣି। ଏ ସମ୍ପର୍କରେ ଲୋକେ ଯେତେ ଅଭିଯୋଗ କଲେ ମଧ୍ୟ ଫଳ ଶୂନ। ଏଥିସହ ପାନୀୟ ଜଳ ପାଇପରୁ ବେଆଇନ ଭାବେ ଚୋରାରେ ପାଣି ନେଇ ଇଟା ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ ହେଉଛି। ବିଭିନ୍ନ ସମୟରେ ଲୋକଙ୍କ ଅଭିଯୋଗ ପରେ ବିଭାଗୀୟ ଅଧିକାରୀ ଚଢ଼ଉ କରି ସେମାନଙ୍କ ବେଆଇନ ସଂଯୋଗ କାଟୁଥିବା ଦେଖିବାକୁ ମିଳିଛି। ତେଣୁ ତୁରନ୍ତ ପରିବେଶ ବିଭାଗ ପକ୍ଷରୁ ଡେରାବିଶ ବ୍ଲକ ଅଞ୍ଚଳରେ ଚଢ଼ଉ କରାଯାଇ ଇଟା ମାଫିଆଙ୍କୁ ସାବାଡ଼୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ବଟମହାପୁରୁଷ ବିଦ୍ୟାଳୟରେ ପୋଷାକ ବିତରଣ



ଡେରାବିଶ, ୧୦।୫(ସମିସ): ଡେରାବିଶ ଶିକ୍ଷା ସର୍କଲ ମୁକୁନ୍ଦପୁର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ଶ୍ରୀଧରପୁରସ୍ଥ ବଟମହାପୁରୁଷ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ସ୍ମାରକ ମହାନ୍ତି ଅତିଥି ଭାବେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଦୁଇହଳ ପୋଷାକ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ୱାର୍ଡ଼ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଭାବଗ୍ରାହୀ କର ଓ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ନାୟକ ପରିଚାଳନା କରିଥିଲେ।

# ମା' ବୁଢ଼ୀ ଜାଗୁଲାଇଙ୍କ ପ୍ରତିଷ୍ଠା ଉତ୍ସବ



ପାରାଦୀପ,୧୦।୫(ସମିସ): ପାରାଦୀପ ଲକ୍ ଥାନା ଅନ୍ତର୍ଗତ କୋଲଡିଆ ଗ୍ରାମରେ ମା' ବୁଢ଼ୀ ଜାଗୁଲାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ସକାଳୁ ଭୁତମୁଣ୍ଡାଇ ମହାନଦୀ ପଠାରୁ ୧୦୮ କଳସକୁ ଏକ ଭବ୍ୟ ଶୋଭାଯାତ୍ରାରେ ଅଣାଯାଇ ଗ୍ରାମ ପରିକ୍ରମା ପରେ ମନ୍ଦିର ପ୍ରାଙ୍ଗଣରେ ସ୍ଥାପନା କରାଯାଇଥିଲା। ପ୍ରତିଷ୍ଠା ଉତ୍ସବ ଅବସରରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଅଗ୍ନି ସ୍ଥାପନ, ଆରତି, ଚଣ୍ଡୀ ପାଠ ଓ ଚଣ୍ଡୀ ଆହୁତି ଭଳି ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ରୀତିନୀତିରେ ସମ୍ପନ୍ନ କରାଯିବ ସହ ତିନି ଦିନ ଧରି ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।

# କାଳିଆପାଟରେ ମୁକ୍ତ ମଞ୍ଚ ନାଟକ ଉଦ୍‌ଯାପିତ



କୁଜଙ୍ଗ,୧୦।୫(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗୋପିଆକୁଦ ପଞ୍ଚାୟତ, କାଳିଆପାଟ ଗ୍ରାମର ନୂଆପଲ୍ଲୀ ସାହିରେ ମା' ବନଦୁର୍ଗା ଡ୍ରାମାଟିକ୍ କ୍ଲବ୍ ଦ୍ୱାରା ଆୟୋଜିତ 'ଦ୍ୱିଦିବସୀୟ ମୁକ୍ତମଞ୍ଚ ନାଟକ ମହୋତ୍ସବ'ର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗ ଦେଇ କଳା ସଂସ୍କୃତି ପାଇଁ ଏହି ଉଦ୍ୟମକୁ ପ୍ରଶଂସା କରୁଛନ୍ତି। ଏହି ଅବସରରେ ନାଟକ ସାହିତ୍ୟର ଏକ ଅଭିନ୍ନ ଅଙ୍ଗ, ଯାହା ସାମାଜିକ ସମସ୍ୟା ଏବଂ ଦୈନନ୍ଦିନ ଜୀବନର ବାସ୍ତବ ଚିତ୍ରକୁ ପ୍ରତିଫଳିତ କରିଥାଏ। ଏହା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ ବରଂ ସମାଜକୁ ସଠିକ୍ ମାର୍ଗଦର୍ଶନ କରିବାରେ ଏବଂ ଜନସଚେତନତା ସୃଷ୍ଟି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମନ୍ତ୍ରୀ କହିଥିଲେ। ଏଭଳି ସାରସ୍ୱତ କାର୍ଯ୍ୟକ୍ରମ ମାଧ୍ୟମରେ ଆମର କଳା, ସଂସ୍କୃତି, ପରମ୍ପରା ଓ ସାହିତ୍ୟର ପ୍ରଚାର ପ୍ରସାର ସହିତ ଯୁବବର୍ଗଙ୍କ ମଧ୍ୟରେ ସାଂସ୍କୃତିକ ତଥା ସାମାଜିକ ଚେତନା ଜାଗ୍ରତ କରିବାକୁ ପ୍ରୟାସ କରୁଥିବାରୁ କ୍ଲବ୍‌ର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇ ଥିଲେ। ଏହି ଅବସରରେ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁଙ୍କ ସମେତ ମା' ବନଦୁର୍ଗା ଡ୍ରାମାଟିକ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମର୍ଣ୍ଣିଂ କ୍ଲବ୍ ଆନୁକୂଲ୍ୟରେ ଫୁଟବଲ ଟୁର୍ଣ୍ଣାମେଣ୍ଟ



ପାରାଦୀପ,୧୦।୫(ସମିସ): ପାରାଦୀପ ବନ୍ଦରର କିଛି ଅଧିକାରୀ ଓ କର୍ମଚାରୀ ନିଜକୁ ସୁସ୍ଥ ରଖିବା ପାଇଁ ତଥା ପାରାଦୀପରେ ଫୁଟବଲ ଖେଳର ପ୍ରସାର ତଥା ନୂତନ ଖେଳାଳି ସୃଷ୍ଟି କରିବା ଲକ୍ଷରେ ଦୀର୍ଘ ୨୫ ବର୍ଷ ତଳେ ବନ୍ଦରର ପୂର୍ବତନ ଡିସି କ୍ୟାପଟେନ ଗୌରୀପ୍ରସାଦ ବିଶ୍ୱାଳଙ୍କ ଆବାହକତ୍ୱରେ ଗଠିତ ମର୍ଣ୍ଣିଂ କ୍ଲବ ଆନୁକୂଲ୍ୟରେ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ପଡ଼ିଆରେ ସ୍ଥାନୀୟ ଫୁଟବଲ ଦଳକୁ ନେଇ ଏହି ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଇତି ମଧ୍ୟରେ ବନ୍ଦରରୁ ଅଧିକାଂଶ ଅଧିକାରୀ ଓ କର୍ମଚାରୀ ଅବସର ଗ୍ରହଣ କରି ପାରାଦୀପ ଛାଡ଼ି ସାରିଛନ୍ତି। କିନ୍ତୁ କ୍ଲବରେ ଥିବା କିଛି ହାତଗଣତି ପୁରୁଣା ସଦସ୍ୟ ବନ୍ଦରର ପରାଉ ଟୁଡୁ, ଅଜୟ ବେହେରା, ନିରୋଜ ପଟ୍ଟନାୟକ, ବିରବଲ୍ ଟୁଡୁ, ସୁନିତ୍ ଲାକ୍ରା, ପ୍ରଦୀପ୍ତ ପାଣି, ଡ. ବିବେକ ଲେଙ୍କା, ଜଳଧର ବରାଳ ତଥା ଖେଳାଳି ପାର୍ଥ ସାରଥୀ ପ୍ରଧାନ, ଶ୍ରୀରାମ ମାରାଣ୍ଡି, ଉମେଶ ଚୌଧୁରୀ ଆଦି ଆଜି ବି କ୍ଲବକୁ ଜୀବିତ ରଖିବା ସଙ୍ଗେ ସବୁଦିନ ସକାଳୁ ଫୁଟବଲ ଖେଳିବା ସଙ୍ଗେ ସଙ୍ଗେ ନୂଆ ଖେଳାଳି ସୃଷ୍ଟି କରିବାରେ ଚେଷ୍ଟା ଜାରି ରଖିଛନ୍ତି। ଆଜିର ଫୁଟବଲ ପ୍ରତିଯୋଗିତାକୁ ବନ୍ଦରର ସିଏମ୍ଇ ସୁଶୀଲ ନାହାକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ପିପିଏ ଦଳ ପେନାଲ୍ଟୀ ସୁଟ୍ ଆଉଟ୍ ବଳରେ ସବଷ୍ଟେସନ ଦଳକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। କ୍ଲବର ସଭାପତି ପାରାଉ ଟୁଡୁ ଚାମ୍ପିଅନ ଦଳକୁ ୫୦୦୦ ଟଙ୍କା ଓ ରନରସଅପ୍ ଦଳକୁ ୩୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଆଜିର ଖେଳକୁ ଅଜୟ ବେହେରା, ଶ୍ରୀରାମ ମାରାଣ୍ଡି, ଡକ୍ଟର ବିବେକ ଲେଙ୍କା ଆଦି ପରିଚାଳନା କରିଥିଲେ।

# ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବିଚାର ବର୍ଗ କାର୍ଯ୍ୟକ୍ରମ




ଜଗତସିଂହପୁର,୧୦।୫(ସମିସ): ଜଗତସିଂହପୁର ସ୍ୱଦେଶୀ ଜାଗରଣ ମଞ୍ଚ ଓଡିଶା ପୂର୍ବ ବିଭାଗ ପକ୍ଷରୁ ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜିଲ୍ଲା ବିଚାର ବର୍ଗ ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଜିଲ୍ଲା ସଂଚାଳକ ଭଗବାନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସେବକ ସୁରେଶ ରାୟ ଏବଂ ସ୍ୱଦେଶୀ ଜାଗରଣ ମଞ୍ଚର ବରିଷ୍ଠ କାର୍ଯ୍ୟକର୍ତ୍ତା ଆଶୁତୋଷ ମୁଖାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦେଶୀ ଜିନିଷ ବର୍ଜନ ଏବଂ ସ୍ୱଦେଶୀ ଜିନିଷ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ଆଇନଜୀବୀ ପିତାମ୍ବର ପଣ୍ଡା, ଅଜିତ ରାଉତରାୟ, ଏବିଭିପିର ପୂର୍ବତନ ଜିଲ୍ଲା ସହ ସଂଯୋଜକ ଶଶାଙ୍କ ଶେଖର ପଣ୍ଡା, ମଞ୍ଚର ବରିଷ୍ଠ ସଦସ୍ୟ ବିଜୟ ଦତ୍ତ, ମହିଳା କୃଷ୍ଣ ମୁରାରୀ ମିଶ୍ର, ମହିଳା ପ୍ରମୁଖ ପଙ୍କଜୀନି, ପ୍ରଶାନ୍ତ ମହାପାତ୍ର, ଦୀପକ ରଞ୍ଜନ ବାରିକ ଏବଂ ସୌରଭ କାନୁନଗୋ ପ୍ରମୁଖ ଏଥିରେ ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ମଞ୍ଚର ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ସଂଚାଳକ ଭଗବାନ ସ୍ୱାଇଁ ସୂଚନା ଦେଇଥିଲେ। ପ୍ରାରମ୍ଭରେ ମଞ୍ଚର ବରିଷ୍ଠ କାର୍ଯ୍ୟକର୍ତ୍ତା ବିଜୟ ରାଉତରାୟ ଅତିଥି ପରିଚୟ କରିଥିବା ବେଳେ ଶେଷରେ ବିଭାଗ ସହ ସଂଯୋଜକ ପ୍ରଦୀପ୍ତ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ତ୍ରିଲୋଚନପୁର ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ପାରାଦୀପ, ୧୦।୫ (ସମିସ)




ପାରାଦୀପ ଉପକଣ୍ଠ ଢିଙ୍କିଆ ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ନିତାଇ ଗୌର ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ନାଟକ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ପ୍ରଥମ ରଜନୀରେ ମା' ଥାନପତି ଡ୍ରାମାଟିକ କ୍ଲବ୍, ଗଙ୍ଗାଧରପୁର ଶାସନ ମଞ୍ଚସ୍ଥ କରିଥିଲା ଅମିୟ ସମାନ୍ତରାୟଙ୍କ ନିର୍ଦ୍ଦେଶିତ ନାଟକ "କାନ୍ଦେନା ଲୁହ ସରିଯିବ'। ଉକ୍ତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ରୂପେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ତନ୍ମୟ ସ୍ୱାଇଁ, ପୀତବାସ ଗୋଚ୍ଛାୟତ, ଢିଙ୍କିଆର ପୂର୍ବତନ ସରପଞ୍ଚ କିଶୋର ପରିଡ଼ା, ଦୀପ୍ତିରଞ୍ଜନ କୁଅଁର, ସମୀର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ରଜନୀରେ ମା' ନାରାୟଣୀ ଡ୍ରାମାଟିକ କ୍ଲବ୍, ନିମିଡ଼ି ମଞ୍ଚସ୍ଥ କରିଥିଲା ପ୍ରଦୀପ୍ତ ଶତପଥୀଙ୍କ ନିର୍ଦ୍ଦେଶିତ ନାଟକ "କଟିକଟି ଡବଲ କଟି'। ଉକ୍ତ ରଜନୀରେ ଅତିଥି ଭାବେ ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ, ସମାଜସେବୀ ନରେଶ ଭଟ୍ଟ ପ୍ରମୁଖ ଯୋଗଦେଇଥିଲେ। ତୃତୀୟ ରଜନୀରେ ଓମ୍‌ଶ୍ରୀ ତ୍ରିନାଥ ରଙ୍ଗମଞ୍ଚ, ଜଗତସିଂହପୁର ମଞ୍ଚସ୍ଥ କରିଥିଲା ସମ୍ପଦ ବେହେରାଙ୍କ ନିର୍ଦ୍ଦେଶିତ ନାଟକ "ଆଖି ଅବୁଝାକୁ ଲୁହ ଅବୁଝା'। ଉକ୍ତ ରଜନୀରେ ଅତିଥି ଭାବେ ଶ୍ରମିକନେତା ରାକେଶ ପଟ୍ଟନାୟକ, ସମାଜସେବୀ ରଶ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ଭାବେ ଯୁବ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନ, ନୃସିଂହ ଦାସ, ଗାଳ୍ପିକ କବି ଟୁନିଲତା ବିଶ୍ୱାଳ ଉକ୍ତ ୩ଟି ନାଟକର ସଫଳ ମୂଲ୍ୟାୟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବ ପରେ ଆୟୋଜକ ଦଳ ତରଫରୁ ରଞ୍ଜନ ବର୍ଦ୍ଧନଙ୍କ ନିର୍ଦ୍ଦେଶିତ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ' ନାଟକ ମଞ୍ଚସ୍ଥ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ସମାଜସେବୀ ସଞ୍ଜୀବ ବିଶ୍ୱାଳ, କିଶୋର ପରିଡ଼ା, ସୁରେନ୍ଦ୍ର ରାଉତ, ତୋଫାନ ବିଶ୍ୱାଳ, ଟହଲୀ ମହାନ୍ତି, କୈଳାସ ବେହେରା, ସୌର ବେହେରା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ମା' ଥାନପତି ଡ୍ରାମାଟିକ କ୍ଲବ୍, ଗଙ୍ଗାଧରପୁର ଶାସନ ପ୍ରାୟୋଜିତ ନାଟକ "କାନ୍ଦେନା ଲୁହ ସରିଯିବ' ଚାମ୍ପିଅନ ହୋଇଥିଲା ବେଳେ ମା' ନାରାୟଣୀ ଡ୍ରାମାଟିକ କ୍ଲବ ପ୍ରାୟୋଜିତ ନାଟକ "କଟିକଟି ଡବଲ କଟି' ରନର୍ସ ହୋଇଥିଲା। ତ୍ରିନାଥ ରଙ୍ଗମଞ୍ଚ ଜଗତସିଂହପୁର ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ନାୟକ ଭାବେ ମହେନ୍ଦ୍ର ପାଳ (ଟିକୁ), ଶ୍ରେଷ୍ଠ ନାୟିକା ଭାବେ ବର୍ଷା ନାୟକ, ଶ୍ରେଷ୍ଠ ପାୱାର୍ ନାୟକ ଭାବେ ପ୍ରଦୀପ୍ତ ଶତପଥୀ, ଶ୍ରେଷ୍ଠ ପାୱାର୍ ନାୟିକା ଭାବେ ମିଲି ସାମନ୍ତ, ଚରିତ୍ର ଅଭିନେତା ଭାବେ ରାଜୀବ ଆଇଚ, ଚରିତ୍ର ଅଭିନେତ୍ରୀ ଭାବେ ନମିତା ସାହୁ, ଖଳନାୟକ ଭାବେ ସନ୍ତୋଷ ସାହୁ (ଅରୁ), ଖଳନାୟିକା ଭାବେ ଉର୍ମି ଶତପଥୀ, ପାୱାର୍ ଖଳନାୟକ ଭାବେ ରମାକାନ୍ତ ଭୂୟାଁ, ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ନିମାଇଁ ବେହେରା, ହାସ୍ୟ ଅଭିନେତ୍ରୀ ଭାବେ ପଦ୍ମିନୀ ସାହୁ, ଶ୍ରେଷ୍ଠ ଯୁବ ହାସ୍ୟ ରସିକ ଭାବେ ଜୟନ୍ତ କୁମାର, ଶ୍ରେଷ୍ଠ ସଙ୍ଗୀତକାର ଭାବେ ଜିତେନ୍ଦ୍ର ପରିଡ଼ା (ଜିତୁ ସିଙ୍ଗର), ଗାୟକ ଭାବେ ସୁରଜିତ ପରିଡ଼ା, ଗାୟିକା ଭାବେ ତପସ୍ୱିନୀ ମହାନ୍ତି, ଶ୍ରେଷ୍ଠ ଉପସ୍ଥାପକ ଭାବେ ଦିବ୍ୟ ରଞ୍ଜନ ପରିଡ଼ା, ଶ୍ରେଷ୍ଠ ନୃତ୍ୟ ଦଳ ଭାବେ ଲକି ଡ୍ୟାନସ ଗ୍ରୁପ୍, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅମିୟ ସମାନ୍ତରାୟ ଏବଂ ଶ୍ରେଷ୍ଠ କଳାକାର ଭାବେ ସନ୍ତୋଷ ଆଚାର୍ଯ୍ୟ ଏବଂ ଅନ୍ୟ କୃତି କଳାକାର ପୁରସ୍କୃତ ହୋଇଥିଲେ। ନିତାଇ ଗୌର କ୍ଲବ୍‌ର ସଭାପତି ବୁଟୁଲାଲ ମହାପାତ୍ର ଏବଂ ଉପଦେଷ୍ଟା ପ୍ରତାପ ମହାନ୍ତି (ଫେଲୁ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବକ ସଂଘର ସମସ୍ତ ସଭ୍ୟଙ୍କ ସହଯୋଗରେ ପ୍ରତିଯୋଗିତାଟି ଶୃଙ୍ଖଳାର ସହ ଶେଷ ହୋଇଥିଲା।

# କୁମାର ସମ୍ଭବମ୍‌ର ଓଡ଼ିଆ ମର୍ମାନୁବାଦ ଲୋକାର୍ପିତ



ବାଲିକୁଦା,୧୦।୫(ସମିସ): ଶିକ୍ଷାବିତ୍ ତଥା ଲେଖକ ଡ. ନୀଳମଣି ପାଣିଙ୍କ ଦ୍ୱାରା ଲିଖିତ ମହାକବି କାଳିଦାସଙ୍କ ବିରଚିତ କୁମାର ସମ୍ଭବମ ମହାକାବ୍ୟର ପଞ୍ଚମ ସର୍ଗ ଓଡ଼ିଆ ମର୍ମାନୁବାଦର ଲୋକାର୍ପଣ ଉତ୍ସବ ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ରଣପୁର ସ୍ଥିତ ମା'ଜାଗ୍ରତ ଗୌରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ବାଗ୍ମୀଭୂଷଣ ଦାଶ ବେନୁହୁର, ସମ୍ମାନିତ ଅତିଥି ଭାବେ କବୟିତ୍ରୀ ସୌଭାଗିନୀ ରାୟ, ଶିକ୍ଷାବିତ୍ ଗଗନ ବିହାରୀ ଶତପଥୀ, ଅଧ୍ୟାପକ ଡ. ପ୍ରଭାତ ମିଶ୍ର, ଡ. କାଦମ୍ବିନୀ ପରିଜା, ଶିକ୍ଷୟିତ୍ରୀ ସୁଶ୍ରୀ ସ୍ମିତା ଦାସ, ସମାଜସେବୀ ବିଭୁତି ଭୂଷଣ ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ଚନ୍ଦ୍ରଶେଖର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ହରିଶ୍ଚନ୍ଦ୍ର ଶତପଥୀ, ମାମିନା ପଣ୍ଡା, ଅମ୍ବିକା ପାଣି, ସ୍ୱସ୍ତିଦୀପା ପାଣି, ରଜନୀକାନ୍ତ ପାଣି, ପ୍ରୀତିପୁଷ୍ପା ପରିଡା, ପ୍ରଜ୍ଞା ବେହେରା ସହଯୋଗ କରିଥିଲେ।

# କୁଆଖାଇରେ ବୁଡ଼ି ଛାତ୍ରର ମୃତ୍ୟୁ



ବାଲିକୁଦା,୧୦।୫(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଓଷକଣା ପଞ୍ଚାୟତ ଅଣିଅଙ୍କ ଗ୍ରାମର ସାମ୍ବାଦିକ ଲିଙ୍କନ ସ୍ୱାଇଁଙ୍କ ଏକମାତ୍ର ପୁତ୍ର ନବମ ଶ୍ରେଣୀର ଛାତ୍ର ଆଶୁତୋଷ ସ୍ୱାଇଁ (୧୪) ଭୁବନେଶ୍ୱର କୁଆଖାଇ ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ଏକ ଟିଭି ଚ୍ୟାନେଲରେ କାର୍ଯ୍ୟ କରୁଥିବା ଲିଙ୍କନ ମଞ୍ଚେଶ୍ୱର ଥାନା ଅଧୀନରେ ରହୁଥିବା ବେଳେ ପୁଅ ଆଶୁତୋଷ ଦିନ ପ୍ରାୟ ୩.୩୦ ମିନିଟ ସମୟରେ ନିଜ ସାଙ୍ଗ ସହ ପ୍ରତ୍ୟେକ ଦିନ ଭଳି ଖେଳିବାକୁ ଯାଇଥିଲା। ଏହି ସମୟରେ କୁଆଖାଇ ନଦୀ କୂଳରେ ବୁଲୁଥିବା ବେଳେ ହଠାତ ଗୋଡ଼ ଖସି ଯିବାରୁ ନଦୀ ମଧ୍ୟକୁ ଚାଲି ଯାଇଥିଲା। ନିଜର ସାଙ୍ଗ ବୁଡି ଯାଉଥିବା ଦେଖି ଅନ୍ୟ ସାଙ୍ଗ ଜଣଙ୍କ ଡାକ ପକାଇଥିଲେ ସୁଦ୍ଧା କେହି ଶୁଣି ନଥିଲେ। ଫଳରେ ଭୟରେ ସେଠାରୁ ପଳାଇ ଆସିବା ସହ ଘରେ କାହାକୁ କିଛି କହି ନଥିଲା। ପରେ ଆଶୁର ମା' କୌଣସି ଏକ କାର୍ଯ୍ୟରୁ ଫେରି ପୁଅକୁ ନପାଇ ଏଣେତେଣେ ଖୋଜାଖୋଜି କରିବା ସହ ସ୍ଥାନୀୟ ମଞ୍ଚେଶ୍ୱର ଥାନାରେ ଅବଗତ କରାଇଥିଲେ। ସିସିଟିଭି ଫୁଟେଜରୁ ସାଙ୍ଗ ସହ ଘରୁ ବାହାରକୁ ଯାଇଥିବା ଦେଖି ସାଙ୍ଗ ଘରେ ପହଞ୍ଚି ପଚରା ଉଚରା କରିବା ପରେ ସତ୍ୟ ମାନିବା ସହ ଆଶୁ ବୁଡି ଯାଇଥିବା କଥା ସ୍ୱୀକାର କରିଥିଲା। ଫଳରେ ଅଗ୍ନିଶମ ବାହିନୀ ସହ ଯୋଗାଯୋଗ କରିବା ପରେ ରାତି ପ୍ରାୟ ୩ଟା ସମୟରେ ମୃତଶରୀର ଖୋଜି ପାଇବାରେ ସକ୍ଷମ ହୋଇଥିଲା ଅଗ୍ନିଶମ ବିଭାଗ। ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିବା ବେଳେ ଆଜି ମୃତ ଶରୀରକୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏକ ଇଂରାଜୀ ମିଡିୟମ ଘରୋଇ ଶିକ୍ଷା ଅନୁଷ୍ଠାନରେ ପାଠ ପଢୁଥିବା ଆଶୁତୋଷର ଅକାଳ ମୃତ୍ୟୁରେ ଭାଙ୍ଗି ପଡିଛି ସମ୍ପୂର୍ଣ୍ଣ ପରିବାର।

# ପାରାଦୀପ କଲେଜର ବିଶ୍ୱ ମାତୃ ଦିବସ



ପାରାଦୀପ,୧୦।୫(ସମିସ): ବିଶ୍ୱ ମାତୃଦିବସ ଅବସରରେ ପାରାଦୀପ କଲେଜ ଏନ୍‌ସିସି ଏବଂ ଏନ୍‌ସିସି ଆଲୁମୁନି ଆସୋସିଏସନର ମିଳିତ ଉଦ୍ୟମରେ କଲେଜ ସମ୍ମୁଖରେ ଦହିପଣା ବଣ୍ଟନ କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପାରାଦୀପ କଲେଜର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ଉଦ୍‌ଘାଟନ କରିଥିବାବେଳେ ଏନ୍‌ସିସି ଆଲୁମୁନିର ଉପଦେଷ୍ଟା ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ପ୍ରଫେସର ଗଣେଶ୍ୱର ପାତ୍ର, ଏନ୍‌ସିସି ସିଟିଓ ଅଭିଷେକ ବିଶ୍ୱାଳ, ଏନ୍‌ସିସି ଆଲୁମୁନି ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ଅନାଦି ସେନାପତି, ସହ ସମ୍ପାଦିକା ନୀଳିମା ପ୍ରିୟଦର୍ଶିନୀ, ହୃଦାନନ୍ଦ ନାଥଶର୍ମା, କୋଷାଧ୍ୟକ୍ଷ ହରପ୍ରିୟା ପଟ୍ଟନାୟକ, ସୋମନାଥ ମହାପାତ୍ର, ଲିପୁନା ବାରିକ, ଦୀପକ କରଣ, ପିଙ୍କୁନ ସେନାପତି, ବିଜୟ ଘଡ଼େଇ, କୋମଲ୍ଲିକା, ସୌଦାମିନୀ, କ୍ୟାଡେଟ କ୍ୟାପ୍‌ଟେନ ପି. ଚନ୍ଦୁ, ଶ୍ରେୟାଂଶ ବାଉଟ, ସୌମ୍ୟ ସହ ବହୁ କ୍ୟାଡେଟ ଏବଂ ଆଲୁମୁନି ସଦସ୍ୟ ଉପସ୍ଥିତ ଥିଲେ। ଏନ୍‌ସିସି ଆଲୁମୁନି ଆସୋସିଏସନ୍ ପକ୍ଷରୁ ପ୍ରତ୍ୟେକ ରବିବାର ନିରନ୍ତର ସ୍ୱଚ୍ଛତା କାର୍ଯ୍ୟକ୍ରମ ଚାଲିଆସୁଥିବାବେଳେ ଆଜି ୯୬ତମ ସ୍ୱଚ୍ଛତା ଅଭିଯାନ ମଧ୍ୟ ସଫଳତାର ସହ ଆୟୋଜିତ ହୋଇଥିଲା। ସଂଗଠନ ପକ୍ଷରୁ ଗ୍ରୀଷ୍ମ ଋତୁରେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ ଏବଂ ବସା ଗଛରେ ଟାଙ୍ଗିବା ଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ମଧ୍ୟ ଚାଲିଥିବାରୁ ପାରାଦୀପ ଜନସାଧାରଣଙ୍କ ପ୍ରଶଂସା ଲାଭ କରିଛି। ଏହି ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଆଗାମୀ ୧୦ ଦିନ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଏନ୍‌ସିସି ଆଲୁମୁନି ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି।

# ମାଙ୍କଡ଼ଡିଆଁ ଜଳପ୍ରପାତରୁ ଜଗତ୍‌ସିଂହପୁରର ଯୁବ ଅଧ୍ୟାପକଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୧୦।୫(ସମିସ): ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ୍ ମାଙ୍କଡ଼ଡିଆଁ ଜଳପ୍ରପାତର ଏକ ବିରାଟକାୟ ପଥର ଉପରୁ ଜଗତ୍‌ସିଂହପୁରର ଜଣେ ଯୁବ ଅଧ୍ୟାପକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ନାଉଗାଁ ଥାନା ଗଜରାଜପୁର ଗ୍ରାମର ଅଭିଜିତ ଦାସ (୩୦)। ସେ ବ୍ରହ୍ମପୁର ସ୍ଥିତ ଏକ ଘରୋଇ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ରବିବାର ମଧ୍ୟାହ୍ନରେ କେତେକ ପର୍ଯ୍ୟଟକ ଜଣେ ଯୁବକ ନିଶ୍ଚଳ ହୋଇ ପଡ଼ିଥିବା ଦେଖି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚିଥିଲେ ମଧ୍ୟ ଯୁବକଙ୍କ ମୃତ୍ୟୁ ଘଟିଥିବାରୁ ନ ନେଇ ଚାଲିଯାଇଥିଲା। ଏହାପରେ ଲୋକେ ୧୧୨କୁ ଫୋନ୍ କରିବାରୁ ଆର୍.ଉଦୟଗିରି ପୁଲିସ ପହଞ୍ଚି ମୃତଦେହ ଜବତ କରିଛି। ନିକଟରେ ଏକ ବୁଲେଟ୍ ରହିଥିବାରୁ ଯୁବକ ଜଣକ ସେଥିରେ ଆସିଥିବା ଅନୁମାନ କରାଯାଉଛି। ଏ ନେଇ ଆର୍.ଉଦୟଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପରିବାର ଲୋକଙ୍କୁ ଅପେକ୍ଷା କରାଯାଇଛି। ସେମାନେ ପହଞ୍ଚିବା ପରେ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ କରାଯିବ।

# ଗ୍ରୀଷ୍ମ ସାହିତ୍ୟ ଆସର

ଜଗତସିଂହପୁର,୧୦।୫(ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ଚାଟରା ସ୍ଥିତ ଅଳକା ଆଶ୍ରମ ପରିସରରେ ଗ୍ରୀଷ୍ମ ସାହିତ୍ୟ ଆସର ସଭାପତି ତଥା ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ଅଜୟ କୁମାର ବେହେରା, ଗୀତିକବି ଉମାକାନ୍ତ ନାୟକ, ବଂଶୀଧର ବେହେରା, ନାଟ୍ୟକାର ଗଣେଶ ମହାନ୍ତି ପ୍ରମୁଖ ଯୋଗଦେଇ ସାଂଗଠନିକ ଦିଗ ଉପରେ ଆଲୋଚନା କରିଥିଲେ। ପରେ କବି ସନ୍ତୋଷ ଦାସଙ୍କ ସଂଯୋଜନାରେ କବି ସ୍ନେହମଞ୍ଜରୀ ସାହୁ, ପରୀକ୍ଷିତ ମହାନ୍ତି, ପଞ୍ଚାନନ ପୋଲାଇ, ବଂଶୀଧର ବେହେରା, ପରୀକ୍ଷିତ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ଓ ଗାଳ୍ପିକ ସନ୍ତୋଷ ଦାସ କ୍ଷୁଦ୍ର ଗଳ୍ପ ପାଠ କରିଥିଲେ। ଏହା ପରେ ପରେ ପରିଷଦର କାର୍ଯ୍ୟକାରୀ ନିକାୟର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସମ୍ପାଦକ ଉମାକାନ୍ତ ନାୟକ ଆସର ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ପରିଶେଷରେ ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଅର୍ପଣ କରିଥିଲେ।



# ରଘୁନାଥପୁରରେ କଂଗ୍ରେସର ଗାନ୍ଧୀ ପଥେ ନ୍ୟାୟ ଯାତ୍ରା

ଜଗତସିଂହପୁର/ରଘୁନାଥପୁର,୧୦।୫(ସମିସ)




ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଅଞ୍ଚଳର ଅଧିବାସୀଙ୍କୁ ସାମାଜିକ ନ୍ୟାୟ ଦେବା ଦାବିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଗାନ୍ଧୀ ପଥେ ନ୍ୟାୟ ଯାତ୍ରା କରାଯାଉଛି। ୬ ତାରିଖରେ ଢିଙ୍କିଆରୁ ଆରମ୍ଭ ହୋଇଥିବା ଏହି ନ୍ୟାୟ ଯାତ୍ରା ଆଜି ସନ୍ଧ୍ୟାରେ ରଘୁନାଥପୁରରେ ପହଞ୍ଚିବା ପରେ ସେଠାରେ ସ୍ଥାନୀୟ କଂଗ୍ରେସ ନେତା, କର୍ମୀ ଓ ସାଧାରଣ ଲୋକମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ସେଠାରେ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକ ସଭାପତିତ୍ୱ ଅନୁଷ୍ଠିତ ଏହି ସଭାରେ ଗାନ୍ଧୀ ପଥେ ନ୍ୟାୟ ଯାତ୍ରାର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ତଥା ପୂର୍ବତନ ବିଧାୟକ ସନ୍ତୋଷ ସିଂସାଲୁଜା, ବିଧାୟକ ଡାକ୍ତର ସିଏସ୍ ରାଜନ୍ ଏକ୍କା, ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର, ଯୁବ ନେତା ସିଦ୍ଧାର୍ଥ ରାଉତରାୟ, ଏଆଇସିସି ସଦସ୍ୟା ଅନିତା ବିଶ୍ୱାଳ, ଝାରସୁଗୁଡା ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୀବନ ସାର୍ଥକ ଦାସ, ପୂର୍ବତନ ସାଧାରଣ ସମ୍ପାଦକ ଅଜୟ ମହାପାତ୍ର, ଜେଏସଡବ୍ଲୁ ସଂଗ୍ରାମ ସମିତିର ମୁଖ୍ୟ ଦେବେନ୍ଦ୍ର ସ୍ୱାଇଁ, ଜିଲ୍ଲା କଂଗ୍ରେସ କମିଟିର ଉପ ସଭାପତି ପ୍ରଶାନ୍ତ ଦାସ, ଜିଲ୍ଲା କଂଗ୍ରେସ କମିଟି ମୁଖପାତ୍ର ସର୍ବେଶ୍ୱର ପଣ୍ଡା, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରିତମ ପରିଜାଙ୍କ ସମେତ ଶହ ଶହ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ମୁଗ ଚାଷୀଙ୍କ କାଳ ସାଜିଛି ରୋଗ ପୋକ

କୁଜଙ୍ଗ,୧୦।୫(ସମିସ): କୁଜଙ୍ଗରେ ଏବେ ମୁଗ ଚାଷୀଙ୍କ ସମସ୍ୟା ଦ୍ୱିଗୁଣିତ ହେବାରେ ଲାଗିଛି। ମୁଗ ଚାଷ ଆରମ୍ଭରୁ ପାଣି ଅଭାବ ଓ ବର୍ଷା ନହେବା ମୁଗ ଚାଷୀଙ୍କ ସମସ୍ୟା ବଢାଇଥିବା ବେଳେ ଅମଳ ବେଳେ ଲଗାଣ ବର୍ଷା ଓ ରୋଗ ପୋକ ଯୋଗୁ ଚାଷୀ ଭାଙ୍ଗି ପଡିଛନ୍ତି। ଚଳିତ ବର୍ଷ ଧାନ ଅମଳ ପରେ ମୁଗ ଚାଷ ପାଇଁ ଅସରାଏ କି ଦୁଇ ଅସରା ବର୍ଷାର ଆବଶ୍ୟକତା ରହିଥିବା ବେଳେ ତାହା ଭଲଭାବେ ହୋଇ ନଥିଲା। କେନାଲ ପାଣି ଚାଷୀଙ୍କ କାମରେ ନ ଆସିବାରୁ ମୁଗ ଚାଷୀ ବହୁ ହଇରାଣ ହୋଇଛନ୍ତି ବୋଲି ପାଟପୁରର ପୂର୍ବତନ ସରପଞ୍ଚ ତଥା ପ୍ରମୁଖ ମୁଗ ଚାଷୀ ରସାନନ୍ଦ ଜେନା କହିଛନ୍ତି। ପଙ୍କପାଳ ପଞ୍ଚାୟତର ଢିଆସହିର କୋଡିଆମାଳ ଚକ ମୁଗ ଚାଷ ପାଇଁ ପ୍ରସିଦ୍ଧି ଥିବା ବେଳେ ଏହି ଚକକୁ କାଡା ନାଳ ଥାଇ ବି ପାଣି ମାଡିନଥିବା ଅଭିଯୋଗ କରିଛନ୍ତି ଚାଷୀ ଶିବ ସାହୁ, ସୁବାସ ସାହୁ ପ୍ରମୁଖ। ଅନ୍ୟ ପକ୍ଷରେ ପାଣି କଷ୍ଟ ଚାଷୀ ସହୁଥିବା ବେଳେ ରୋଗ ପୋକ ଅବଶିଷ୍ଟ ମୁଗକୁ ନଷ୍ଟ କରିଦେଇଥିଲେ। ମୁଗ ଚାଷୀଙ୍କୁ ସରକାରୀ ମୁଗ ବିହନ କେତେକ ଅଞ୍ଚଳରେ ମିଳିନଥିବା ବେଳେ ରୋଗ ଓ ଆର୍ଦ୍ରତା ଯୋଗୁଁ ମୁଗ ନଷ୍ଟ ହୋଇଯାଇଛି। ଯାହା କିଛି ଅମଳ ହୋଇଛି ତାହାକୁ ବିହନ ରଖିବା ଯୋଗ୍ୟ ନୁହେଁ ବୋଲି ଚାଷୀ ନେତା ରସାନନ୍ଦ ଜେନା, ନିଶାକର ମୁଦୁଲି ପ୍ରମୁଖ କହିଛନ୍ତି।

## ୧.୫ ଲକ୍ଷ ଟଙ୍କା ଓ ସୁନାଗହଣା ଲୁଟ୍



ଭଦ୍ରକ,୧୦।୫(ସମିସ): ଭଦ୍ରକ ବ୍ଲକ୍ ଅଧୀନ ପଗଡ଼ ନଦେଇଡିହ ଗାଁରେ ଶନିବାର ରାତିରେ ବନ୍ଧୁକ ଦେଖାଇ ଡକାୟତି ହୋଇଛି। ଶନିବାର ରୀତିରଞ୍ଜନ ସ୍ୱାଇଁ ଘରେ ନ ଥିବାବେଳେ ତାଙ୍କ ସ୍ତ୍ରୀ, ପିଉସା-ପିଉସୀ, ଭାଉଜ ଘରେ ଥିଲେ। ରାତିରେ କେହି କବାଟ ବାଡ଼େଇବାରୁ ରୀତିରଞ୍ଜନଙ୍କ ସ୍ତ୍ରୀ କବାଟ ଖୋଲିଥିଲେ। କବାଟ ଖୋଲିବାରୁ ୬ ଜଣ ଦୁର୍ବୃତ୍ତ ହେଲ୍‌ମେଟ୍ ପିନ୍ଧି ହାତରେ ବନ୍ଧୁକ, ଖଣ୍ଡା, ସ୍କ୍ରୁ-ଡାଇଭର ଧରି ଘରେ ପଶିଥିଲେ। ପରିବାରର ସମସ୍ତଙ୍କୁ ଗୋଟେ ଘରେ ବନ୍ଦ କରିଥିଲେ। ଏହାପରେ ସମସ୍ତଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇ ଲୁହା ଆଲମିରା ଚାବି ନେଇ ସେଥିରେ ଥିବା ନଗଦ ୧.୫ ଲକ୍ଷ ଟଙ୍କା ଓ ସୁନା ଗହଣା, ୩ଟି ଆଇଫୋନ୍ ଲୁଟି ନେଇ ପଳାଇଥିଲେ। ଖବର ପାଇ ସାବରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରବିବାର ସକାଳେ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ସାବରଙ୍ଗ ଥାନାଧିକାରୀ ଶାନ୍ତନୁ କୁମାର ଜେନା, ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ନୂତନ ପୋଲ ସତ୍ତ୍ୱେ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ



ବାରିକପୁର,୧୦।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ନୌରଙ୍ଗପୁର ଗାଁ ପ୍ରବେଶ ପଥର ଡ୍ରେନେଜ୍ ନାଳ ଉପରେ ଏକ ନୂତନ ସେତୁ ନିର୍ମାଣ ହୋଇଛି। ପୂର୍ବରୁ ଏଠାରେ ଏକ ପାଦଚଲା ପୋଲ ଥିବାବେଳେ ବର୍ଷାଦିନେ ଏହା ବୁଡ଼ି ଯାଉଥିଲା। ଫଳରେ ଗମନାଗମନ ପାଇଁ ଗ୍ରାମବାସୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚଳିତ ବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଏଠାରେ ସେତୁ ନିର୍ମାଣ ହୋଇଥିଲେ ସୁଦ୍ଧା କାମଟି ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ଲୋକେ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ନବନିର୍ମିତ ପୋଲର ଦୁଇ ପାର୍ଶ୍ୱରେ ପ୍ରାୟ ୧୦ ମିଟର ଲେଖାଏଁ ମାଟି ରାସ୍ତା ନିର୍ମାଣ ହୋଇଛି। ପୋଲକୁ ସଂଯୋଗ ପାଇଁ ମାଟି ପଡ଼ିଥିବାବେଳେ ବର୍ଷା ହେଲେ ଏହା ଉପରେ ଯିବାଆସିବା କଷ୍ଟକର ହେଉଛି। ବାଇକ୍ ଓ ସାଇକଲ ଯୋଗେ ଗ୍ରାମବାସୀମାନେ ଯାତାୟାତ କରିପାରୁ ନାହାନ୍ତି। ମାଟି ଉପରେ କଂକ୍ରିଟ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବାବେଳେ ପ୍ରଥମେ ରାସ୍ତା ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଗାଁ ଲୋକେ ଅଡ଼ି ବସିଛନ୍ତି। ଏପଟେ ଏଷ୍ଟିମେଟ୍ ଅନୁଯାୟୀ ସୁରକ୍ଷା ପ୍ରାଚୀର ନିର୍ମାଣ ବ୍ୟବସ୍ଥା ନ ଥିବାରୁ କାମଟି ଶେଷ ପର୍ଯ୍ୟାୟରେ ଦୀର୍ଘ ଦିନ ହେଲା ପଡ଼ି ରହିଛି। ତେଣୁ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏ ବାବଦରେ କନିଷ୍ଠ ଯନ୍ତ୍ରୀ ରଞ୍ଜନ ସିଂଙ୍କ ମତାମତ ନେବାରୁ ସୁରକ୍ଷା ପ୍ରାଚୀର ନିର୍ମାଣ ବ୍ୟବସ୍ଥା ନ ଥିଲେ ମଧ୍ୟ ଯଥାଶୀଘ୍ର ଦୁଇ ପାର୍ଶ୍ୱରେ କଂକ୍ରିଟ ରାସ୍ତା ନିର୍ମାଣ ହେବ ବୋଲି ସୂଚନା ଦେଇଛନ୍ତି।

## ନରେନ୍ଦ୍ରପୁର ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ

ବାସୁଦେବପୁର,୧୦।୫(ସମିସ): ବାସୁଦେବପୁର ବ୍ଲକ୍ ଅରଣ୍ଡୁଆ ପଞ୍ଚାୟତ ନରେନ୍ଦ୍ରପୁର ଗାଁର ଶ୍ରୀଶ୍ରୀ ରାଧାକାନ୍ତ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶ୍ରଦ୍ଧାଳୁ ଭକ୍ତମାନେ ଏକ କଳସ ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରି ଘଟୋତ୍ତୋଳନ କରିଥିଲେ। ପଣ୍ଡିତମାନଙ୍କ ବେଦ ମନ୍ତ୍ର ପାଠରେ ନରେନ୍ଦ୍ରପୁର ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପଣ୍ଡିତମାନେ ଯଜ୍ଞ ସଞ୍ଚାଳନ, ସୂର୍ଯ୍ୟପୂଜା, ଗୋ-ପୂଜା, ଧ୍ୱଜା ଉତ୍ତୋଳନ, ଶିଖର ସ୍ନାନ, ସିଂହାସନ



ପ୍ରତିଷ୍ଠା, ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା, ଷୋଡ଼ଶ ଉପଚାର, ଠାକୁର ମନ୍ଦିର ବିଜେ ପରେ ରବିବାର ପୂର୍ଣ୍ଣାହୁତି ଦିଆଯାଇଥିଲା। ପଣ୍ଡିତ ନାରାୟଣ ପାଣିଗ୍ରାହୀ, ନରହରି ପାଣିଗ୍ରାହୀ, ମନ୍ମଥ ମିଶ୍ର, ଜଗବନ୍ଧୁ ଷଡ଼ଙ୍ଗୀ, ରତ୍ନାକର ପଣ୍ଡା, ମଧୁସୂଦନ ପାଢ଼ୀ ପ୍ରମୁଖ ଯୋଗଦେଇ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ କରିଥିଲେ। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଜେଡିର ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ ଯୋଗଦେଇ ଶ୍ରୀଶ୍ରୀ ରାଧାକାନ୍ତ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିର କମିଟି ପକ୍ଷରୁ ପ୍ରବଚନ ଓ ପ୍ରସାଦସେବନର ଆୟୋଜନ କରିଥିଲେ। କମିଟି ସଦସ୍ୟମାନଙ୍କ ଦ୍ୱାରା ଭବସିନ୍ଧୁ ରାଧାକାନ୍ତ ପୁସ୍ତକକୁ ଲୋକାର୍ପଣ କରିଥିଲେ।

### ଅସ୍ତଳରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ଶ୍ରୀରାମ ନବମୀ ମହୋତ୍ସବ ଏକ ନିଆରା ପରମ୍ପରା

# ଦେଢ଼ ମାସ ଧରି ପାଳନ ହୁଏ ଶ୍ରୀରାମ ନବମୀ

ଭଦ୍ରକ,୧୦।୫(ସମିସ)

ଭଦ୍ରକ ସହର ନରିପୁର ଅସ୍ତଳ ଗ୍ରାମରେ ଥିବା ବହୁ ପୁରାତନ ଜାଡ଼ିବାସୁଲୀ, ବୁଢ଼ୀ ଜାଗୁଳାଇ, ଗ୍ରାମଦେବୀ ମନ୍ଦିର ପାଖାପାଖି ଶହେ ବର୍ଷରୁ ଊର୍ଦ୍ଧ୍ୱ ସାର୍ବଜନୀନ ଶ୍ରୀରାମ ନବମୀ ପୂଜୋତ୍ସବ ମହାସମାରୋହରେ ଦୀର୍ଘ ଦେଢ଼ମାସ ଧରି ଅନୁଷ୍ଠିତ ହୋଇଯାଇଛି। ଏହାର ଭଷାଣି ଉତ୍ସବ ସାଳନ୍ଦୀ ନଦୀଘାଟରେ ସମ୍ପନ୍ନ ହୋଇଛି। ଏଥିରେ ପୂଜା କର୍ମକର୍ତ୍ତା, କାଉନ୍‌ସିଲର, କାଉନ୍‌ସିଲରଙ୍କ ପ୍ରତିନିଧି ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜାକର୍ମରେ ପ୍ରତ୍ୟେକ ଦିନ ପ୍ରସାଦସେବନ, ସନ୍ଧ୍ୟା ଆଳତି ଶ୍ରଦ୍ଧାଳୁମାନେ ଦର୍ଶନ କରିଥା'ନ୍ତି। ଦୈନନ୍ଦିନ ବିଗ୍ରହଙ୍କଠାରେ ପୂଜାର୍ଚ୍ଚନା ସହ ନୀତିକାନ୍ତି ହୋଇଥାଏ। ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାଠ, ପ୍ରବଚନ, ଭଜନ, ପାରାୟଣ, ଧର୍ମଚର୍ଚ୍ଚା, ମନୋରଞ୍ଜନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ତେବେ ଏହି ଶ୍ରୀରାମ ନବମୀରେ ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳିଭୋଗ ଲାଗି ହୋଇ ପ୍ରସାଦସେବନ ସମସ୍ତେ କରିଥା'ନ୍ତି।

ସୂଚନାଯୋଗ୍ୟ ଯେ, ପାଳିଭୋଗ ଶେଷ ନ ହେବା ଯାଏ ମହାପ୍ରଭୁ ପୂଜା ପାଇଥା'ନ୍ତି। ଏହା ଏକ ଦୀର୍ଘ ବର୍ଷ ଧରି ନିଆରା ପରମ୍ପରା ରହିଆସିଛି। ଶ୍ରୀରାମ ନବମୀ ପୂଜା କମିଟି ସମ୍ପାଦକ ତଥା ପୂର୍ବତନ କାଉନ୍‌ସିଲର୍ ସମାଜସେବୀ ଗଜେନ୍ଦ୍ର ପଣ୍ଡା, କାଉନ୍‌ସିଲର ଗୀତାଞ୍ଜଳି ଦାସ, କାଉନ୍‌ସିଲର୍‌ଙ୍କ ପ୍ରତିନିଧି ଯୁବନେତା ସୂର୍ଯ୍ୟକୁମାର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ, ସାମ୍ବାଦିକ, ଆଇନଜୀବୀ ଓ ଶୁଭେଚ୍ଛୁଙ୍କ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି। ଏହାଛଡ଼ା ଜନପ୍ରତିନିଧିମାନେ ମଧ୍ୟ ସାହାଯ୍ୟ ସହଯୋଗ କରିଆସୁଛନ୍ତି। ଗ୍ରାମରେ ଥିବା ଜାଡ଼ିବାସୁଲୀ, ଶ୍ରୀରାମ ମନ୍ଦିର, ଶ୍ରୀହନୁମାନ ମନ୍ଦିର ଏବଂ ନରେଶ୍ୱର ମନ୍ଦିରରେ ପୂଜକ ମଦନମୋହନ ମିଶ୍ର, ପ୍ରହଲ୍ଲାଦ ମିଶ୍ର, ଗୋବର୍ଦ୍ଧନ ମିଶ୍ର ଦୈନନ୍ଦିନ ପୂଜାପାଠ କରି ଆସୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶହେ ବର୍ଷରୁ ଊର୍ଦ୍ଧ୍ୱ ଧରି ଅସ୍ତଳରେ ଶ୍ରୀରାମ ନବମୀ ଉତ୍ସବ ଅଦ୍ୟାବଧି ମହାସମାରୋହରେ ପାଳିତ ହୋଇଆସୁଛି। ଦୀର୍ଘ ବର୍ଷ ଧରି ଶ୍ରୀରାମ ନବମୀ ପୂଜା କମିଟିର ସମ୍ପାଦକ ତଥା ପୂର୍ବତନ କାଉନ୍‌ସିଲର ଗଜେନ୍ଦ୍ର ପଣ୍ଡା ଶ୍ରୀରାମ ନବମୀ ଉତ୍ସବରେ ୧୯୮୫ ମସିହାରୁ ସେବା ମନୋବୃତ୍ତିରେ ଓତଃପ୍ରୋତଃ ଭାବେ ଅଦ୍ୟାବଧି ଜଡ଼ିତ ରହି ଆସୁଛନ୍ତି। ସୂଚନାଯୋଗ୍ୟ, ଶ୍ରୀରାମ ନବମୀ କମିଟିର ସଦସ୍ୟ ଦେବବ୍ରତ ନାୟକ(କାଳିଆ)ଙ୍କ ବିୟୋଗରେ ଶୋକସଭା ଶ୍ରୀରାମ ନବମୀ ଉତ୍ସବରେ ଅନୁଷ୍ଠିତ ହୋଇଥିଲା।



## ବିଶିଷ୍ଟ ଶ୍ରମିକନେତା ବିଷ୍ଣୁ ମହାନ୍ତିଙ୍କ ସ୍ମୃତିଚାରଣ ସଭା



ଭଦ୍ରକ,୧୦।୫(ସମିସ): ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ, ସିଆଇଟିୟୁର ସର୍ବଭାରତୀୟ ଉପସଭାପତି, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ, ବିଶିଷ୍ଟ ଶ୍ରମିକନେତା ବିଷ୍ଣୁ ମହାନ୍ତିଙ୍କ ସ୍ମୃତିଚାରଣ ସଭା ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ନେତାଜୀ ନଗରସ୍ଥିତ ଜାନକୀ ନିଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ବିଷ୍ଣୁ ମହାନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଆଳିଠାରେ ଜନ୍ମଗ୍ରହଣ କରି ହାଇସ୍କୁଲ ଶିକ୍ଷା ପରେ ପରିବାରର ଆର୍ଥିକ ଅନାଟନ ଯୋଗୁଁ ରାଉରକେଲା ଯାଇଥିଲେ। ସେ ସେଠାରେ ଖୁବ୍ କଷ୍ଟରେ ଘରୋଇ ଟ୍ୟୁସନ କରି ରାଉରକେଲା ସରକାରୀ ମହାବିଦ୍ୟାଳୟରେ ପାଠ ପଢ଼ିଥିଲେ। ସେ ଭାରତର ଛାତ୍ର ଫେଡେରସନ(ଏସ୍‌ଏଫ୍‌ଆଇ)ର ନୀତି, ଲକ୍ଷ୍ୟ, ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ଏସ୍‌ଏଫ୍‌ଆଇର ରାଜ୍ୟ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେ ରାଉରକେଲା କୋର୍ଟରେ କିଛିଦିନ ଓକିଲାତି ମଧ୍ୟ କରିଥିଲେ। ଶ୍ରମିକ-ମାଲିକ ବିବାଦ ସମୟରେ ମାଲିକ ଶ୍ରେଣୀ ପାଖରେ ଶ୍ରମ ଆଇନକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଶ୍ରମିକମାନଙ୍କ ନ୍ୟାଯ୍ୟ ଅଧିକାର ହାସଲ କରୁଥିଲେ। ତାଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଜିଲ୍ଲା ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀରେ ସିପିଆଇ(ଏମ୍)ର ଆଦର୍ଶ ବିଧାୟକ ଲକ୍ଷ୍ମଣ ମୁଣ୍ଡା ନିୟମିତ ଜିତି ଆସୁଥିଲେ। ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି ସମୟରେ ମିଶା ବନ୍ଦୀ ଭାବେ ସେ ୨୪ ମାସ ଜେଲ୍‌ରେ ଥିଲେ। ପୁଞ୍ଜିପତି ଶ୍ରେଣୀ ବିରୁଦ୍ଧରେ ଲଢ଼େଇ କରି ୭ ବର୍ଷ ୬ ମାସ ୮ ଦିନ ସେ ଓଡ଼ିଶାର ବିଭିନ୍ନ ଜେଲ୍‌ରେ ଥିଲେ। ନିମୋନିଆ ରୋଗରେ ପୀଡ଼ିତ ହୋଇ ସେ ୭୫ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ପ୍ରଫୁଲ୍ଲ ପାଢ଼ୀ, ସିପିଆଇ(ଏମ୍) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ସିଆଇଟିୟୁ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ବରିଷ୍ଠ ଶ୍ରମିକ ନେତା ଅଭିନ୍ନ ଚନ୍ଦ୍ର ରାୟ, ମହିଳା ନେତ୍ରୀ ସୁରଜିତା ନାୟକ, ବରିଷ୍ଠ ଚାଷୀ ନେତା ନିରଞ୍ଜନ ପାଣି, ଯୁବନେତା ସେକ୍ ସନାଉଲ୍ଲା, ଯୁବନେତା ପ୍ରତାପ ସେଠୀ ପ୍ରମୁଖ ବିଷ୍ଣୁ ମହାନ୍ତିଙ୍କ ନୀତି, ଲକ୍ଷ୍ୟ, ଆଦର୍ଶ ଓ ରାଜନୈତିକ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

## ବିଶ୍ୱ ମାତୃ ଦିବସ ପାଳିତ



ଅସୁରାଳି,୧୦।୫(ସମିସ): ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ 'ଅନୁକମ୍ପା ମହିଳା ସଂଗଠନ' ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଧୂଷୁରୀ ଥାନା ଏସ୍‌ଆଇ ସୁଜାତା ସାହୁ ଯୋଗଦେଇଥିଲେ। ସେ ମାତୃତ୍ୱର ଗୌରବ ଓ ସମାଜ ଗଠନରେ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ ଯୋଗଦେଇ ନାରୀ ସଶକ୍ତୀକରଣ ଓ ମାତୃଶକ୍ତିର ଆଇନଗତ ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ। ଅନୁକମ୍ପା ମହିଳା ସଂଗଠନର ସଭାପତି କବିତା ସାହୁ ସଭା ସଞ୍ଚାଳନ କରିବା ସହ ସଂଗଠନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଅନନ୍ତ ସାହୁ, ରତିକାନ୍ତ ନାୟକ, ଲକ୍ଷ୍ମୀନାରାୟଣ ମିଶ୍ର, ସମାଜସେବୀ ଅକ୍ଷୟ କୁଅଁର, ସଂଗଠନ ସମ୍ପାଦିକା ଅଞ୍ଜନା ମହାକୁଡ଼, ଉପସଭାପତି ବିମଳା ନାଥ, ସହସମ୍ପାଦିକା ନମିତା ପଣ୍ଡା, ପ୍ରମିଳା ସେଠୀ, କାଞ୍ଚନ ସେଠୀ ପ୍ରମୁଖ ଉପସ୍ଥିତ ରହି ମାତୃ ଦିବସର ତାତ୍ପର୍ଯ୍ୟ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତ ସଭ୍ୟା ଓ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା।

## ବିଶିଷ୍ଟ ଚିକିତ୍ସାବିତ୍ ଡା. ସୁରଥ କୁମାର ବିଶ୍ୱାଳଙ୍କ ସ୍ମୃତିସଭା

ଭଦ୍ରକ,୧୦।୫(ସମିସ): ଡାକ୍ତର ସୁରଥ କୁମାର ବିଶ୍ୱାଳ ଜଣେ ଉଚ୍ଚମାନର ଚିକିତ୍ସାବିତ୍ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ଶେଷରେ ସ୍ୱାସ୍ଥ୍ୟ ବିଭାଗରେ ଯୁଗ୍ମ ନିର୍ଦ୍ଦେଶକ ଭାବରେ ଯୋଗଦେଇ ଅବସର ନେଇଥିଲେ। ସେ ଜଣେ ମାନବବାଦୀ, ପରୋପକାରୀ ବ୍ୟକ୍ତି ଭାବରେ ସମଗ୍ର ଭଦ୍ରକରେ ସୁପରିଚିତ ଥିଲେ ବୋଲି ସ୍ମୃତିସଭାରେ ସମସ୍ତ ଅତିଥି ମତ ପ୍ରକାଶ କରିଥିଲେ। ଭାଗବତ କଲ୍ୟାଣ ମଣ୍ଡପଠାରେ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଉକ୍ତ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କୁ ବୈଲୋଚନ ବେହୁରିଆ ମଞ୍ଚ ଆହ୍ୱାନ କରିଥିବାବେଳେ ବେଦପାଠ କରିଥିଲେ ବିଜୟ କୁମାର ବହଳି। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଆଦିତ୍ୟ କୁମାର ନାୟକ ଦେଇଥିବାବେଳେ ସମ୍ପାଦକ ହରମୋହନ କୁଅଁର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା. ରବୀନ୍ଦ୍ର କୁମାର ନାୟକ, ସାହିତ୍ୟିକ ବାସୁଦେବ ବାରିକ୍, ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ନିଜର ସୁଚିନ୍ତିତ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସମାଜସେବୀ ଡା. ହରେକୃଷ୍ଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ ପରମାନନ୍ଦ ସାହୁ ଓ ଅନ୍ୟତମ ସମ୍ବର୍ଦ୍ଧିତ ବ୍ୟକ୍ତି ଭାବରେ ଜଣେ ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ସମାଜସେବୀ ଡ. ମନିନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ମାନପତ୍ର ପାଠ କରିଥିଲେ ଆଶିଷ ନାୟକ। ଅଜୟ ନାୟକ, ଡ. ଗୋଲକ ବିହାରୀ ସାହୁ, ସୁଧାକର ରାଉତ, ଗୀତାରାଣୀ ଆଇଚ ଓ ବିକ୍ରମ ନାୟକ ପ୍ରମୁଖ ବ୍ୟକ୍ତିମାନେ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସୁରଥ ବିଶ୍ୱାଳଙ୍କର ସୁପୁତ୍ର ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ମାଝୀ, ମନୋଜ ରାଉଳ, ମଦନ ମୋହନ ନାୟକ, ରମାକାନ୍ତ ନାୟକ, କୈଳାସ ଚନ୍ଦ୍ର ପଣ୍ଡା, ଶ୍ରୀବତ୍ସ ସ୍ୱାଇଁ, ପଦ୍ମନାଭ ନାୟକ, ଗୌତମ ମହାରଣା, ଶରତ ଚନ୍ଦ୍ର ନାୟକ, ମୁକ୍ତିକାନ୍ତ ମହାପାତ୍ର, ଗଙ୍ଗାଧର ପଣ୍ଡା, ଅଜିତ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



### ଅଙ୍ଗନବାଡ଼ି ନିଜସ୍ୱ ଗୃହକୁ ନେଇ ଚିନ୍ତାରେ ଅଭିଭାବକ

# କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିଛି ବିଭାଗ

ବନ୍ତ/ଆଗରପଡ଼ା,୧୦।୫(ସମିସ)

ବର୍ଷେ କି ଦୁଇ ବର୍ଷ ନୁହେଁ ପ୍ରତିଷ୍ଠାକୁ ୨୫ ବର୍ଷ ପୂରିସାରିଥିଲେ ସୁଦ୍ଧା ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ସରକାରଙ୍କ ମହିଳା ଓ ଶିଶୁଙ୍କର ସର୍ବାଙ୍ଗିଣ ଉନ୍ନତି ଲକ୍ଷ୍ୟରେ ଉଦ୍ଦିଷ୍ଟ ଯୋଜନାର ସଫଳ ରୂପାୟଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ।

ବନ୍ତ ବ୍ଲକର ୨୫ଟି ପଞ୍ଚାୟତରେ ୨୩୮ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି। ୨୫ଟି ପଞ୍ଚାୟତକୁ ୧୧ଟି ସେକ୍ଟରରେ ଭାଗ କରାଯାଇଛି। ତନ୍ମଧ୍ୟରୁ ମହାନ୍ତିପଡ଼ା ସେକ୍ଟର ଅନ୍ୟତମ। ଉକ୍ତ ସେକ୍ଟର ଅଧୀନରେ ୧୭ଟି ଅଙ୍ଗନବାଡ଼ି କେନ୍ଦ୍ର ଅନ୍ତର୍ଭୁକ୍ତ। ତନ୍ମଧ୍ୟରୁ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପୁର ଅନ୍ୟତମ। ୨୦୦୦ ମସିହାରେ ଏଠାରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠା ପରଠାରୁ ନିଜସ୍ୱ ଗୃହ ନ ଥିବାରୁ ଏହା ପାଖାପାଖି ୧୦ବର୍ଷ ଗ୍ରାମର ଦୁର୍ଗା ମଣ୍ଡପଠାରେ ଚାଲିବା ପରେ ପରବର୍ତ୍ତୀ ସମୟରେ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଆଜ୍‌ବେଷ୍ଟସ ଗୃହରେ ଅସ୍ୱାସ୍ଥ୍ୟକର ପରିବେଶରେ ଏହା ଚାଲୁଛି। ୨୦୧୬-୧୭ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୮ଲକ୍ଷ,



ଡବ୍ଲ୍ୟୁଏଣ୍ଡସିଡିରେ ୨ଲକ୍ଷ ଓ ଏସ୍‌ଏଫ୍‌ସିସିଜିପିରେ ୨ଲକ୍ଷ ଏହିପରି ଭାବରେ ଉକ୍ତ ୩ଟି ଯୋଜନାରେ ଅନୁମୋଦିତ ହୋଇଥିବା ୧୨ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗତ ବର୍ଷ ଅଙ୍ଗନବାଡ଼ିର କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଯେଉଁ ଜାଗାରେ ଉକ୍ତ ନିର୍ମାଣ କାର୍ଯ୍ୟ ଚାଲିଥିଲା ବନ୍ତ ତହସିଲ୍ ପକ୍ଷରୁ ସେହି ଜାଗାକୁ ଅନୁମତି ଦିଆଯାଇ ନ ଥିବା ନେଇ ଶ୍ରୀରାମପୁର ଗ୍ରାମର ବାସିନ୍ଦା ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀ, ରାଜସ୍ୱ ନିରୀକ୍ଷକ ଓ କନିଷ୍ଠଯନ୍ତ୍ରୀଙ୍କ ମିଳିତ ଉଦ୍ୟମରେ ୨୦୧୬-୧୭ ଆର୍ଥିକ ବର୍ଷରେ ଶ୍ରୀରାମପୁର ସ୍କୁଲ ପାଖକୁ ଲାଗିଥିବା ସରକାରୀ ଖାତା ନଂ ୧୭୧, ପ୍ଲଟ୍ ନଂ ୨୩୧(ବସ୍ତି ଯୋଗ୍ୟ) ଜମିରେ ଗୃହ ନିର୍ମାଣ ନିମନ୍ତେ ଚୟନ କରାଯାଇଥିଲା। ରାଜସ୍ୱ ନିରୀକ୍ଷକଙ୍କ ଟ୍ରେସ୍ ପେପରକୁ ଆଧାର କରି ଗ୍ରାମବାସୀଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ଗୃହ ନିର୍ମାଣ ନିମନ୍ତେ ଚୟନ କରାଯାଇଥିବା ଜାଗାକୁ ଧାର୍ଯ୍ୟ କରିଥିଲେ। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିବିଶେଷ ଉକ୍ତ ପ୍ରକଳ୍ପକୁ ଗୋଚର କିସମ ଖାତା ନଂ ୧୭୧ ଓ ପ୍ଲଟ୍ ନଂ ୮ରେ କରିବାକୁ ମସୁଧା କରିବା ଜାଣିବା ପରେ ଉକ୍ତ ଜାଗା ଗୋଚର ହୋଇଥିବାବେଳେ ନଦୀ କୂଳରେ ଥିବାରୁ ଗାଈଗୋରୁ ଓ ଛେଳି ଆଦି ଚରିବା ନିମନ୍ତେ ପ୍ରଶସ୍ତ ଥିବାବେଳେ ଓ ପିଲାଙ୍କ ପାଇଁ ବିପଦ ସୃଷ୍ଟି କରିବା ସମ୍ଭାବନା ଥିବାରୁ ଏହାକୁ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ସ୍ଥାନରେ କରାଇବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ଇତି ମଧ୍ୟରେ ଗୃହ ନିର୍ମାଣକୁ ୧୦ ବର୍ଷରୁ ଅଧିକ ସମୟ ପୂରିବାକୁ ବସିଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ପାରିବା ଓ ଅଭିଯୋଗ ଉପରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ମହିଳା ଓ ଶିଶୁଙ୍କ ସର୍ବାଙ୍ଗିଣ ଉନ୍ନତି ଲକ୍ଷ୍ୟରେ ଅଙ୍ଗନବାଡ଼ି କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଥିଲା। ଜନ୍ମରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ଶିଶୁଙ୍କୁ ଟିକାକରଣ, ସ୍ୱାସ୍ଥ୍ୟ, ପୁଷ୍ଟିହୀନତା ଦୂରୀକରଣ, ଶିକ୍ଷା, ପ୍ରାପ୍ତ ବୟସ୍କାଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ଆଦି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ରହିଛି। କିନ୍ତୁ ଏହି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଏହିସବୁ କାର୍ଯ୍ୟର ସଫଳ ରୂପାୟଣ ହୋଇପାରୁ ନ ଥିବା ପରିଲକ୍ଷିତ ହେଉଛି। ସରକାର ଅର୍ଥ ମଞ୍ଜୁର କରୁଛନ୍ତି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଗୃହ ନିର୍ମାଣ ପାଇଁ କିନ୍ତୁ ଏହି ଅର୍ଥର ସଠିକ୍ ବିନିଯୋଗ ନ ହୋଇ କେବଳ କାଗଜକଲମରେ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଥିବାର ଉକ୍ତ କେନ୍ଦ୍ରକୁ ଦେଖିଲେ ଜଣାପଡ଼ିଛି। ଅଙ୍ଗନୱାଡ଼ି କେନ୍ଦ୍ର ହେଉଛି ଗୋଟିଏ ଶିଶୁର ଶିକ୍ଷାକ୍ଷେତ୍ରର ମୂଳଦୁଆ ପଡ଼ିବାର ପ୍ରଥମ ସୋପାନ। ଏହିଠାରୁ ହିଁ ତା'ର ଶିକ୍ଷା ଆରମ୍ଭ ହୋଇଥାଏ। ମାତ୍ର ଏହି ଆରମ୍ଭ ବୟସରୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅଧ୍ୟୟନ କରୁଥିବା ପିଲାମାନେ ଅଙ୍ଗନବାଡ଼ି କେନ୍ଦ୍ରର ବ୍ୟବସ୍ଥାକୁ ନେଇ ନିଜର ହତାଶାଭାବ ପ୍ରକାଶ କରୁଥିବାବେଳେ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଅର୍ଥ ମଞ୍ଜୁର ହେଉଛି କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟପନ୍ଥା ଯୋଗୁଁ ସରକାରଙ୍କ ଯୋଜନା ଲକ୍ଷ୍ୟଚ୍ୟୁତ ହେବାକୁ ଯାଉଥିବାର ଅଭିଯୋଗ ହେଉଛି। ଏଠାରେ ଦେଖାଦେଇଥିବା ଏହିପରି ଅବ୍ୟବସ୍ଥା ପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## 'ଅପରେସନ ସିନ୍ଦୂର'ର ପ୍ରଥମ ବାର୍ଷିକୀ



ଭଦ୍ରକ,୧୦।୫(ସମିସ): ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟ କଟକ ଅଧୀନରେ ଭଦ୍ରକସ୍ଥିତ ୭ ଓଡ଼ିଶା ବାଟାଲିୟନ ଏନ୍‌ସିସି ପକ୍ଷରୁ 'ଅପରେସନ ସିନ୍ଦୂର'ର ପ୍ରଥମ ବାର୍ଷିକୀ ଅବସରରେ ଆନନ୍ଦପୁର କଲେଜ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦେଶପ୍ରେମମୟ ପରିବେଶ ମଧ୍ୟରେ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର କଲେଜ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଚରମ୍ପା କଲେଜ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭଦ୍ରକ ଏବଂ ଏନ୍‌ସିସି ନୋଡାଲ ସ୍କୁଲର ୪୦୦ରୁ ଅଧିକ ଏନ୍‌ସିସି କ୍ୟାଡେଟ୍ ଯୋଗଦେଇଥିଲେ। ବାଟାଲିୟନର କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ୍.ଏସ୍. ରଘୁବଂଶୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ସହିଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଭାରତୀୟ ସଶସ୍ତ୍ର ବାହିନୀର ସାହସ, ବଳିଦାନ ଓ ରଣନୀତି କୌଶଳକୁ ଉଦ୍‌ଭାସିତ କରୁଥିବା ଏକ ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ କରାଯାଇଥିଲା। କ୍ୟାଡେଟ୍‌ମାନଙ୍କୁ ସମ୍ବୋଧିତ କରି ଲେଫ୍ଟନାଣ୍ଟ କର୍ଣ୍ଣେଲ ରଘୁବଂଶୀ କହିଥିଲେ ଯେ, 'ଅପରେସନ ସିନ୍ଦୂର' ଆମ ସଶସ୍ତ୍ର ବାହିନୀର ଅଦମ୍ୟ ସାହସ ଓ ଦେଶସେବାର ପ୍ରତୀକ। ଏନ୍‌ସିସି କ୍ୟାଡେଟ୍‌ମାନେ 'ନେସନ ଫର୍ଷ୍ଟ'ର ମନ୍ତ୍ରକୁ ପାଥେୟ କରି ଦେଶସେବା ପାଇଁ ସଦା ପ୍ରସ୍ତୁତ ରହିବା ଉଚିତ୍। ୭ରୁ ୧୦ ମେ'୨୦୨୬ ପର୍ଯ୍ୟନ୍ତ ଚାରିଦିନିଆ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନ୍ତର୍ଗତ 'ବୀରତ୍ୱ ଓ ବଳିଦାନ-ଅପରେସନ ସିନ୍ଦୂରରୁ ଶିକ୍ଷା' ବିଷୟବସ୍ତୁ ଉପରେ ବାଟାଲିୟନ ଅଧୀନସ୍ଥ ୭୮ଟି ଶିକ୍ଷାନୁଷ୍ଠାନରେ ତର୍କ, ପ୍ରବନ୍ଧ ଲିଖନ, ପୋଷ୍ଟର ପ୍ରସ୍ତୁତି ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିଙ୍କ ମନରେ ଦେଶପ୍ରେମ, ଶୃଙ୍ଖଳାବୋଧ, ନେତୃତ୍ୱଗୁଣ ଓ ଜାତୀୟ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧି କରାଯାଇଛି।

## ପ୍ରଶାସନର ନିଷ୍କ୍ରିୟତା ପାଇଁ ଆଗେଇ ପାରୁନି ବିକାଶମୂଳକ କାର୍ଯ୍ୟ

# ୧୦ ବର୍ଷ ହେଲା ଶୀତଳଭଣ୍ଡାରରେ ୯ ଶହ ପ୍ରକଳ୍ପ

ଜଳେଶ୍ୱର ବ୍ଲକ, ୧୦।୫(ସମିସ)




କେନ୍ଦ୍ର ଓ ରାଜ୍ୟ ସରକାର ଗାଁ'ର ବିକାଶ ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଉଛନ୍ତି। ହେଲେ ସରକାରୀ କଳର ସ୍ଥାଣୁତା ଯୋଗୁଁ ଅନୁଦାନ ଖର୍ଚ୍ଚ ନହୋଇ ପଡ଼ି ରହୁଛି। ଏମିତି ଚିତ୍ର ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକରେ ଗତ ୧୦ ବର୍ଷରେ ଏଠାରେ ପାଖାପାଖି ୩୦ କୋଟି ଟଙ୍କାର ୯୦୦ଟି ପ୍ରକଳ୍ପ କାର୍ଯ୍ୟକାରୀ ନହୋଇ ପଡ଼ି ରହିଛି।୨୦୧୬-୧୭ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରେ ଆସିଥିବା ଅନୁଦାନ ମଧ୍ୟରୁ ପାଖାପାଖି ୩୦ କୋଟି ଟଙ୍କା ଖର୍ଚ୍ଚ ହୋଇନଥିବା ଜଣାପଡ଼ିଛି। ଏହି ଟଙ୍କାରେ ପ୍ରାୟ ୯୦୦ ପ୍ରକଳ୍ପ ନିର୍ମାଣ ହେବାକଥା। ଏହି ପ୍ରକଳ୍ପ ମଧ୍ୟରେ ଜିଆଇଏ (ଗ୍ରାଣ୍ଟ ଇନ୍ ଏଡ୍), 'ଆମ ଗାଁ ଆମ ବିକାଶ' ଭଳି ପାଖାପାଖି ୧୦ ଟି ଯୋଜନାର ଅନୁଦାନ ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଚମାରଗାଁ ପଞ୍ଚାୟତରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ୩୦ ଲକ୍ଷ ଟଙ୍କାର ଯୋଜନା ହୋଇ ଅର୍ଥ ମଞ୍ଜୁର ହୋଇଥିଲେ ବି ଏହାର କାର୍ଯ୍ୟ ହୋଇନାହିଁ। ୨୦୨୪-୨୫ ଆର୍ଥିକ ବର୍ଷରେ ମାକଡ଼ିଆ, ଦକ୍ଷିଣ ପ୍ରହରାଜପୁର ଓ ଓଲମରା ଆଦି ପଞ୍ଚାୟତରରେ କଲ୍ୟାଣ ମଣ୍ଡପ, ଗ୍ରାମ୍ୟ ହାଟର ଉନ୍ନତୀକରଣ ପାଇଁ ହୋଇଥିବା ଯୋଜନା ଶୀତଳଭଣ୍ଡାରରେ ପଡ଼ିଛି। ସେହିପରି ନାମ୍ପ, ବର୍ତ୍ତନା ରାଜପୁର ପଞ୍ଚାୟତରେ ଜିପି ଫେସିଲିଟି ସେଣ୍ଟର, ଝାଡ଼ପିମ୍ପଲ ପ୍ରାଥମିକ ସ୍କୁଲ ଘର ନିର୍ମାଣ ପାଇଁ ଅର୍ଥ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେସବୁ କାମ ହୋଇପାରୁନି।

ଏ ସମ୍ପର୍କରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ସହ ଯୋଗାଯୋଗ କଲାରୁ ସେ କହିଲେ ୯୦୦ ପ୍ରକଳ୍ପ ମଧ୍ୟରୁ ଦୁଇଶହ ପ୍ରକଳ୍ପ କାର୍ଯ୍ୟ ଆରମ୍ଭହୋଇଯାଇଛି ବାକି କାମ ବି ଧୀରେ ଧିରେ ଆରମ୍ଭ ହେବ ଠିକ୍ ସେହିପରି ଜଳେଶ୍ୱର ବ୍ଲକର ଏକ ଅପହଞ୍ଚ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବିକାଶ ପାଇଁ ୧୧ ଗୋଟି ଗ୍ରାମ ପଞ୍ଚାୟତରେ ରୁବାନ ପ୍ରକଳ୍ପ ରେ ୨୦୧୮-୨୦୧୯ ରେ ପୂର୍ବତନ ବାଲେଶ୍ୱର ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ଗାଁ ଗୁଟିକ କିପରି ସହର ସହିତ ସମୀକ୍ଷକ ହୋଇ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହୋଇ ପାରିବ ସେଥିପାଇଁ ୧୦୩ ରୁ ଊର୍ଦ୍ଧ୍ୱର୍ଙ୍କା ବ୍ୟୟ ବରାଦ କରାଯାଇଥିବା;ସ୍ୱତେ ପଖାପାଖି ୯୦ ପ୍ରତିଶତ ଟଙ୍କା କାର୍ଯ୍ୟ ନ ହୋଇ ଫେରିଯିବା ବ୍ଲକ ପ୍ରଶାସନର ଦୁର୍ବଳତା କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଠିକ୍ ଏବେ ଅଧ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକୁ ପ୍ରତିପାଦନ କରିବାରେ ସମ୍ପୂର୍ଣ୍ଣ ବିଫଳ ବ୍ଲକ ପ୍ରଶାସନ ଦେଖିବାକୁ ବାକି ରହିଲା କେବେ ତତ୍ପର ହେବ ବ୍ଲକ ପ୍ରଶାସନ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଆସୁଥିବା ଅର୍ଥ କାର୍ଯ୍ୟକାରୀ ହେବ ଓ ଲୋକେ ଏହାର ଲାଭ ପାଇ ପାରିବେ।

## କଂଗ୍ରେସ ପକ୍ଷରୁ ମାତୃ ଦିବସ ପାଳିତ



ବାଲେଶ୍ୱର, ୧୦।୫(ସମିସ): କଂଗ୍ରେସ ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। କଂଗ୍ରେସ ଯୁବନେତା ସରୋଜ କୁମାର ଲେଙ୍କା ବାଲେଶ୍ୱର ସହରର ୯ ନମ୍ବର ଏବଂ ୧୦ନମ୍ବର ୱାର୍ଡରେ ଥିବା ବସ୍ତିକୁ ଯାଇ ବସ୍ତିର ମା'ମାନଙ୍କୁ ଏକତ୍ରିତ କରି ଦୁନିଆ ଆଗକୁ ଯିବାରେ ମା'ମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଲେଙ୍କାଙ୍କ ସମେତ କଂଗ୍ରେସ ଜିଲ୍ଲା ଟାଉନ ସଭାପତି ଅନୁପ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ, ବରିଷ୍ଠ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜ୍ୟୋତ୍ସ୍ନା ସେନାପତି, ଅଭିଲିପ୍ସା ମହାନ୍ତି, ସାଇବା ଅକତାର, ମିନତୀ ବାରିକ, ସୁଶାନ୍ତ ଦାସ ଦିବାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସମସ୍ତ ଉପସ୍ଥିତ ମା'ମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ।

## ରେଳ ଧାରଣାରୁ ମୃତଦେହ ଉଦ୍ଧାର

ଜଳେଶ୍ୱର, ୧୦।୫(ସମିସ): ରେଳ ଧାରଣାରୁ ଅଜଣା ବ୍ୟକ୍ତିର ମୃତଦେହ ଉଦ୍ଧାର। ସୂଚନାନୁଯାୟୀ ପୂର୍ବାହ୍ନ ସମୟରେ ଜଳେଶ୍ୱର-ଲକ୍ଷ୍ମଣନାଥ ରେଳ ଷ୍ଟେସନ ମଧ୍ୟରେ ଆପ ଲାଇନରେ ଏକ ଯୁବକର ମୃତ ଦେହ ପଡ଼ିଥିବାର ଦୀନେଶ ରାମ ନାମକ ରେଳ ଧାରଣା ତନଖି କରୁଥିବା କର୍ମଚାରୀ ଦେଖିବାକୁ ପାଇ ଷ୍ଟେସନ ମାଷ୍ଟରଙ୍କୁ ଜଣାଇଥିଲେ। ତେବେ ଯୁବକ ଜଣକ ଚଳନ୍ତା ଟ୍ରେନରୁ ପଡ଼ିଯାଇ ମୃତ୍ୟୁ ବରଣ କରିଥିବାର ଅନୁମାନ କରାଯାଉଥିବା ବେଳେ ଯୁବକର ବୟସ ଆନୁମାନିକ ୪୦ବର୍ଷ ମଧ୍ୟରେ। ରେଳବାଇ ପୁଲିସ ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇଥିବା ଜଣାଯାଇଛି। ଏଥିନେଇ ରେଳବାଇ ପୋଲିସ ତରଫରୁ ଏକ ୟୁଡି କେଶ ରୁଜୁ କରି ମାମଲାର ତଦନ୍ତ କରୁଥିବା ଜଣାଯାଇଛି।

## ରାଇବଣିଆ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



ଜଳେଶ୍ୱର ବ୍ଲକ, ୧୦।୫(ସମିସ): ଜଳେଶ୍ୱର ବ୍ଲକ ଭାଜପା ତରଫରୁ ରାଇବଣିଆ ମଣ୍ଡଳ ଜୋନ ନମ୍ବର ୭ରେ ରବିବାର କାଳିକ କଲ୍ୟାଣ ମଣ୍ଡପରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମଣ୍ଡଳ ସଭାପତି ସଞ୍ଜୀବ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ବିଜେପି ନେତା ବ୍ରଜ ମୋହନ ପ୍ରଧାନ, ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲା ସମ୍ପାଦକ କାଳୀଚରଣ ଦାସ, ଉତ୍ତର ବାଲେଶ୍ୱର ଜାତି ଜନଜାତି ମୋର୍ଚ୍ଚା ସଭାପତି ଗଣେଶ ସୋରେନ୍, ଜିଲ୍ଲା ସଦସ୍ୟ ଦିବ୍ୟେନ୍ଦୁ ଦେ, ରାଇବଣିଆ ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ସୁଷମାରାଣୀ ମହାନ୍ତି, ରାଇବଣିଆ ମଣ୍ଡଳ ମନ କି ବାତ୍ ସଂଯୋଜକ ଗୌତମ ପାତ୍ର ଉପସ୍ଥିତ ଥିଲେ। ନବକରି ଗଠିତ ସାଂଗଠନିକ ଜିଲ୍ଲା ଉତ୍ତର ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ପଦଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଇବଣିଆ ପଞ୍ଚାୟତର ଅବସରପ୍ରାପ୍ତ ଶିକ୍ଷକ କିଣାରାମ ମହାପାତ୍ରଙ୍କ ସହିତ ତାଙ୍କ ସହଯୋଗୀ ଭାଜପା ଦଳରେ ବିଧିବଦ୍ଧ ଭାବେ ସାମିଲ ହେଇଥିଲେ।

## ବସ୍ ଧକ୍କାରେ ମହିଳା ମୃତ

ବାଲେଶ୍ୱର(ଉତ୍ତର), ୧୦।୫(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନାଛକ ଠାରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ମାନସିକ ବିକୃତ ଅଜଣା ମହିଳାର ମୃତ୍ୟୁ ହୋଇଛି। ବାଲେଶ୍ୱରରୁ ଚନ୍ଦନେଶ୍ୱର ଅଭିମୁଖେ ଆସୁଥିବା ଏହି ବସ୍‌ଟି ଭୋଗରାଇ ବସ ଷ୍ଟାଣ୍ଡ ଭିତରକୁ ପ୍ରବେଶ କରୁଥିବା ବେଳେ ଗେଟ ସମ୍ମୁଖରେ ଛିଡ଼ା ହୋଇଥିବା ମହିଳାକୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲା। ତେବେ ସେଠାରେ ଥିବା ଷ୍ଟାଣ୍ଡର ସିକ୍ୟୁରିଟି ଗାର୍ଡ କିମ୍ବା ସ୍ଥାନୀୟ ଲୋକେ ଏହି ଦୃଶ୍ୟ ଦେଖୁଥିଲେ ମଧ୍ୟ ମାନବିକତା ଦୃଷ୍ଟି କୋଣରୁ ତାକୁ ତୁରନ୍ତ ନେଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହୁଏତ ତାର ଜୀବନ ବଞ୍ଚି ଯାଇଥାନ୍ତା। ମାତ୍ର ଅଗ୍ନିଶମ ବିଭାଗକୁ ଖବର ଦେଲା ପରେ ସେମାନେ ବେଶ କିଛି ସମୟରେ ବିଳମ୍ବରେ ପହଞ୍ଚି ତାକୁ ଉଠାଇ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ମହିଳା ଜଣକର ମୃତ୍ୟୁ ହୋଇଯାଇଥିଲା।

## କୃଷି କ୍ଷେତ୍ରରେ ସାର ବ୍ୟବହାର ପାଇଁ ସଚେତନତା

ରାଇରଙ୍ଗପୁର, ୧୦।୫(ସମିସ): ଖରିଫ ଋତ ଚାଷରେ ସାର ବ୍ୟବହାର ପାଇଁ କୃଷକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାମନଘାଟୀ ଉପଖଣ୍ଡରେ ସାରର କୃତ୍ରିମ ଅଭାବ ରୋକିବା ଓ ସଠିକ ବ୍ୟବହାର ସମ୍ପର୍କରେ ଆଲୋଚନା ହୋଇଛି।



ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଇରଙ୍ଗପୁରସ୍ଥ ବାମନଘାଟୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। କୃଷି ଅଧିକାରୀ, ସାର ବ୍ୟବସାୟୀ, କୃଷକ ପ୍ରତିନିଧି ଓ ବିଭିନ୍ନ ବ୍ଲକ କୃଷି ଅଧିକାରୀ ଯୋଗ ଦେଇଥିଲେ। ଚାଷୀମାନେ ସଠିକ୍ ପରିମାଣରେ ଓ ବୈଜ୍ଞାନିକ ପଦ୍ଧତିରେ ସାର ବ୍ୟବହାର କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅତ୍ୟଧିକ ସାର ବ୍ୟବହାର ଫଳରେ ମାଟିର ଉର୍ବରତା କମିବା ସହ ସାର ଅଭାବ ସୃଷ୍ଟି ହେଉଥିବାରୁ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ଚାଷୀଙ୍କ ପାଖରେ ଠିକ୍ ସମୟରେ ସାର ପହଞ୍ଚାଇବା ପାଇଁ ପ୍ରଶାସନ ପଦକ୍ଷେପ ନେଉଛି। ଏହାସହିତ ସାର କଳାବଜାରୀ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି।

## ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ମହୁଲଡିହା, ୧୦।୫(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଚମ୍ପାଝର ଗ୍ରାମ ପଞ୍ଚାୟତ ଡଙ୍ଗାଡିହା ଗ୍ରାମ (ବଙ୍ଗଳାସାହି) ରେ ଶାଳନ୍ଦୀ ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଦାନ୍ତୁରୁ ପୂର୍ତ୍ତି (୫୬)। ଆଜି ଦିନ ଗୋଟାଏ ସମୟରେ ଘରୁ ଏକ କଟୁରୀ ଓ କୁଲା ଧରି ପାଖ ଜଙ୍ଗଲକୁ ଯାଇଥିଲେ ଦାନ୍ତୁର। ବହୁ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଘର ଲୋକ ଖୋଜିବାକୁ ଯାଇ ସାଳନ୍ଦୀ ନଦୀ ପାଣିରେ ଭାସୁଥିବା ଦେଖିଥିଲେ। କୂଳରେ କାଇ ଓ କଟୁରୀ ରଖା ହୋଇଛି। ତାଙ୍କ ଦେହରେ ମଧ୍ୟ କାଇ କାମୁଡି ଲାଗି ରହିଥିବା ଦେଖିବାକୁ ମିଳିଛି। ଘର ଲୋକ ସ୍ଥାନୀୟ ସରପଞ୍ଚ ବିକ୍ରମ ପିଙ୍ଗୁଆଙ୍କୁ ଜଣାଇବା ପରେ ସେ ମହୁଲଡିହା ଥାନାକୁ ଜଣାଇଥିଲେ। ମହୁଲଡିହା ଥାନା ପୁଲିସ ପହଞ୍ଚି ଘର ଲୋକଙ୍କ ସହଯୋଗରେ ଦାନ୍ତୁରଙ୍କ ମୃତଦେହ ଉଦ୍ଧାର କରିଥିଲା। ମହୁଲଡିହା ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଅମୃତ ଧାରା ପକ୍ଷରୁ କ୍ୟାନସର ସଚେତନତା

ସୋର, ୧୦।୫(ସମିସ): ଭୁବନେଶ୍ୱରର ଅଗ୍ରଣୀ ସଂଗଠନ ଅମୃତଧାରା ପକ୍ଷରୁ ସ୍ଥାନୀୟ ଶିକ୍ଷକ ଭବନ ପରିସରରେ କ୍ୟାନସର ରୋଗୀଙ୍କ ଉଦ୍ଦେଶ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଟ୍ରଷ୍ଟ ପକ୍ଷରୁ ପାଲ୍ଲିଏଟିଭ କେୟାର ଦ୍ୱାରା କ୍ୟାନସର ରୋଗୀଙ୍କ ପାଇଁ ଯନ୍ତ୍ରଣା ଉପଶମ କରିବା, ଓପିଡି ସେବା ସହ ଟେଲିଫୋନ ତଥା ଆବାସି ଦ୍ୱାରା ପରାମର୍ଶ, ରୋଗୀ ତଥା ପରିବାର ବର୍ଗଙ୍କ ପାଇଁ ପରାମର୍ଶ, ସ୍ୱେଚ୍ଛାସେବୀ ଓ ସ୍ୱାସ୍ଥ୍ୟସେବା କର୍ମଚାରୀ ମାନଙ୍କୁ ତାଲିମ ପ୍ରଦାନ କରିବା ବାବଦରେ ଏଥିରେ ଆଲୋଚନା କରାଯାଇଥିଲା। ଏହି ସମସ୍ତ ସେବା ନିଶୁଳ୍କ ରହିବ ବୋଲି ଏହାର ଫାଉଣ୍ଡର ସଦସ୍ୟ ଡାକ୍ତର ମାମି ପରିଜା ଏବଂ ସୁଜାତା ପଟ୍ଟନାୟକ ପ୍ରକାଶ କରିଥିଲେ। ସୋରର ପ୍ରବାସୀ ଓଡ଼ିଆ ଇଂ.ନିହାର ରଞ୍ଜନ ରାଉତଙ୍କ ପ୍ରଚେଷ୍ଟାରେ ତଥା ସୋର ବାସୀଙ୍କ ଉଦେଶ୍ୟରେ ଏହାର ଏକ ଶାଖା କାର୍ଯ୍ୟାଳୟ ସୋରରେ କରାଯିବାର ଲକ୍ଷ୍ୟ ନେଇ ଏହି କର୍ମଶାଳା ଆୟୋଜନ ହୋଇଥିଲା। ଏଥିରେ ସୋରର ବହୁ ବୁଦ୍ଧିଜୀବୀଙ୍କ ସମେତ କ୍ୟାନ୍ସର ପୀଡ଼ିତ ତଥା ତାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କ ବିୟୋଗରେ ତାଳସାରୀ ଦୋକାନୀ ସଂଘର ଶୋକ

ଚନ୍ଦନେଶ୍ୱର, ୧୦।୫(ସମିସ): ଭୋଗରାଇର ତାଳସାରୀ ବେଳାଭୂମି ନିକଟରେ ଦୀର୍ଘ ବର୍ଷ ଧରି ବ୍ୟବସାୟ କରୁଥିବା ରବୀନ୍ଦ୍ର କୁମାର ଜେନା(୫୨) ଙ୍କ ବିୟୋଗରେ ଦୋକାନୀ ସଂଘ ପକ୍ଷରୁ ଶୋକ ପାଳନ କରାଯାଇଛି। ଏହି ଅବସରରେ ବେଳାଭୂମି ନିକଟରେ ଦୋକାନୀମାନେ ରବିବାର ଏକତ୍ର ହୋଇ ତାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଏ ନେଇ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାକୁ ଅଧ୍ୟାପକ ତଥା ବିଶିଷ୍ଟ ବ୍ୟବସାୟୀ କାର୍ତ୍ତିକ ଚନ୍ଦ୍ର ମଣ୍ଡଳ ପୌରୋହିତ୍ୟ କରିଥିଲେ ତାଳସାରୀ ଗଙ୍ଗାମାତା ଫିସାରମେନ କୋଅପରେଟିଭ ସୋସାଇଟିର ସଭାପତି ସୁରେନ୍ଦ୍ର ନାଥ ଗଙ୍ଗାଇ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ବ୍ୟବହାର ତାଙ୍କ ପରିଚୟ ଥିଲା। ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକ ହେଉ ଅଥବା ସାଧାରଣ ଲୋକ ସମସ୍ତଙ୍କୁ ଆତିଥ୍ୟରେ ହୃଦୟ ଜିଣି ପାରୁଥିଲେ ବୋଲି କହିଥିଲେ। ବିଶିଷ୍ଟ ବ୍ୟବସାୟୀ ସୁରେଶ ଜେନା ଦିଂବଗତ ଜେନାଙ୍କ ଭଳି ସରଳ ମଣିଷ ବିରଳ। ଜଣେ ସଚ୍ଚୋଟ ଓ ଭଲ ମଣିଷଙ୍କୁ ଆମେ ସବୁଦିନ ପାଇଁ ହରାଇଲୁ ବୋଲି କହିଥିଲେ।



ଅନ୍ୟ ମାନଙ୍କ ମଧ୍ୟରେ ରଘୁନାଥ ମାଝୀ, ଲକ୍ଷ୍ମୀକାନ୍ତ ଜେନା, ବିଜୟ ଭୋଳ, ବିଜୟ ଗଙ୍ଗାଇ, ଅଜୟ ଭୋଳ, ଧିରେନ୍ଦ୍ର ପାତ୍ର, ଶିବାନୀ ଜେନା, ଉମାକାନ୍ତ ରଣା, ରବୀନ୍ଦ୍ର ମାଝୀ, ଗୌରାଙ୍ଗ ଲାୟା, ତାପସ ଗଙ୍ଗାଇ ପ୍ରମୁଖ ତାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସମସ୍ତେ ତାଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାଛଡା ରବିବାର ବେଳାଭୂମିରେ ସମସ୍ତ ଦୋକାନ ବନ୍ଦ ରଖାଯାଇଥୁଲା। ସୂଚନା ଥାଉକି, ସ୍ୱର୍ଗତ ଜେନା ହୁଗୁଳି ପଞ୍ଚାୟତ ଅଧୀନ ବିନ୍ଧାପଦ୍ମପୁର ଗାଁର ବାସିନ୍ଦା। ୨୦୧୮ ରୁ ସେ ତାଳସାରୀ ବେଳାଭୂମିରେ ବ୍ୟବସାୟ କରି ଆସୁଥିଲେ।

# ବିପଦସଂକୁଳ ଅବସ୍ଥାରେ ନଦୀ ପାର ହେଉଛନ୍ତି ଲୋକେ

ଚନ୍ଦନେଶ୍ୱର, ୧୦।୫ (ସମିସ)



ବିପଦ ସଂକୁଳ ପରିସ୍ଥିତିରେ ସୁବର୍ଣ୍ଣରେଖା ନଦୀ ପନ୍ତେଇ ଫେରି ଘାଟ ପାର ହେଉଥିବାବେଳେ ଯାତ୍ରୀମାନଙ୍କ ଜୀବନ ସୁରକ୍ଷା ନେଇ ଗଭୀର ଚିନ୍ତା ପ୍ରକାଶ ପାଉଛି। ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ବାଲିଆପାଳ ବ୍ଲକକୁ ସଂଯୋଗ କରୁଥିବା ଏହି ନଦୀ ଘାଟ ପାର ବ୍ୟବସ୍ଥା ଉପରେ ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରୁଥିବା ସତ୍ତ୍ୱେ ଏଥିରେ ସୁରକ୍ଷା ନିୟମ ପ୍ରତି ଗୁରୁତର ଅବହେଳା ଦେଖିବାକୁ ମିଳୁଛି। ତେବେ ଏନେଇ ପ୍ରଶାସନ ସବୁ ଜାଣିଶୁଣି ନିରବଦ୍ରଷ୍ଟା ସାଜିଛି।

ସୂଚନା ଅନୁଯାୟୀ, ଭୋଗରାଇର ପନ୍ତେଇ ଘାଟ ନିକଟରେ ସରକାରଙ୍କ ପକ୍ଷରୁ ଇଞ୍ଜିନ ଚାଳିତ ଦୁଇଟି ଡଙ୍ଗା ଯାତ୍ରୀ ପାର ପାଇଁ ନିଯୁକ୍ତ ହୋଇଛି। କିନ୍ତୁ ପ୍ରାୟତଃ ଗୋଟିଏ ଡଙ୍ଗାରେ ୨୦ରୁ ଅଧିକ ମୋଟରସାଇକେଲ ସହିତ ୩୦ ରୁ ଅଧିକ ଯାତ୍ରୀଙ୍କୁ ଏକାସାଥିରେ ନେଇ ପ୍ରାୟ ୧ କିଲୋମିଟର ଦୂର ନଦୀ ପାର କରାଯାଉଛି। ଏପରି ଅତ୍ୟଧିକ ଭିଡ଼ ଓ ଓଜନ ବୋହିବାରୁ କେବେ ଯେ କୌଣସି ଅପ୍ରୀତିକର ଘଟଣା ଘଟିପାରେ, ସେନେଇ ଭୟବ୍ୟକ୍ତ କରୁଛନ୍ତି ସ୍ଥାନୀୟ ଲୋକେ। ଯାତ୍ରୀ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଲାଇଫ ଜାକେଟ ପରିଧାନ ସହିତ ବିଭିନ୍ନ ନିୟମାବଳୀ ଜାରି ହୋଇଥିବା ସତ୍ତ୍ୱେ, ସେଗୁଡ଼ିକୁ ପାଳନ କରାଯାଉନଥିବା ଦୃଶ୍ୟ ଚିନ୍ତାଜନକ। ଯାତ୍ରୀ ଲାଇଫ ଜାକେଟ ବ୍ୟବହାର କରୁନଥିବା ବେଳେ, ଡଙ୍ଗା ଚାଳକମାନେ ମଧ୍ୟ ନିର୍ଦ୍ଧାରିତ କ୍ଷମତାରୁ ଅଧିକ ଲୋକଙ୍କୁ ଚଢ଼ାଇବା ଦେଖିବାକୁ ମିଳୁଛି। ଭୋଗରାଇ ଓ ବାଲିଆପାଳ ବ୍ଲକ ମଧ୍ୟରେ ସଂଯୋଗର ମୁଖ୍ୟ ମାଧ୍ୟମ ହେବାରୁ ଏହି ଡଙ୍ଗା ସେବା ଉପରେ ଲୋକମାନେ ବହୁଳ ଭାବେ ନିର୍ଭର କରୁଛନ୍ତି। ତେବେ ସୁରକ୍ଷା ବ୍ୟବସ୍ଥାକୁ ଅବହେଳା କରାଯାଉଥିବା ଏହା ଗୁରୁତର ବିପଦକୁ ଆମନ୍ତ୍ରଣ କରୁଛି ବୋଲି ମତ ପ୍ରକାଶ ପାଇଛି। ଏହି ପରିସ୍ଥିତିରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଘାଟରେ ଡଙ୍ଗା ପାର ହେବାକୁ କଡ଼ା ନିୟମ ଲାଗୁ କରିବା ସହିତ ଯାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରୁଛନ୍ତି।




● ଭୋଗରାଇରେ କାଳବୈଶାଖୀର ତାଣ୍ଡବ

## କ୍ଷୟକ୍ଷତିର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର

ବାଲେଶ୍ୱର(ଉତ୍ତର),୧୦।୫(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଗତ ଏପ୍ରିଲ ୩୦ ତାରିଖରେ କାଳବୈଶାଖୀ ଜନିତ ବର୍ଷା ପବନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏହାର ତଦନ୍ତ ପାଇଁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ପତ୍ର ଲେଖି କ୍ଷୟକ୍ଷତିର ତଦନ୍ତ କରିବା ସହ କ୍ଷତିପୂରଣ ପ୍ରଦାନ କରିବା ନେଇ ଦାବୀ ଜଣାଇଥିଲେ।ଏହି ପତ୍ର ର ଉତ୍ତର ରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭବେହେରା ତୁରନ୍ତ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଜରିଆରେ ତଦନ୍ତ ପୂର୍ବକ ରିପୋର୍ଟ ଦାଖଲ କରିବାକୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୩୦ ତାରିଖ ସନ୍ଧ୍ୟାରେ ଭୋଗରାଇରେ ତାଣ୍ଡବ ରଚିଥିଲା କାଳବୈଶାଖୀ। ପ୍ରାୟ ୧୦୦ କି.ମିରୁ ଊ.ମ ପବନ ହେବା ସହିତ ବହୁ ଗଛ, ବିଜୁଳି ଖୁଣ୍ଟ ସମେତ ବହୁ ଲୋକଙ୍କ ଘରଦ୍?ାର ଭାଙ୍ଗିଥିଲା। ବିଜୁଳି ଓ ପାନୀୟ ଜଳ ନପାଇ ଲୋକେ ହନ୍ତସନ୍ତ ହେଲେ। ଚାଷୀଙ୍କର ସମସ୍ୟା ମଧ୍ୟ ବଳି ଯାଇଥିଲା। ଧାନ, ଚିନାବାଦାମ ଠାରୁ ଆରମ୍ଭକରି ଡାଲି ଜାତୀୟ ଏବଂ ପନିପରିବା ବର୍ଷା ପାଣିରେ ବ୍ୟାପକ ନଷ୍ଟ ହୋଇଯାଇଛି। ଏନେଇ ବିଧାୟକ ଶ୍ରୀ ଦାସ ଚଳିତ ମାସ ୨ ତାରିଖରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଚିଠି ଲେଖୁଥିଲେ ଓ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଚାଷୀ ଓ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ। ଏକ ସପ୍ତାହ ପରେ ବିଭାଗ ପକ୍ଷରୁ ଉତ୍ତର ଆସିଛି। ତଦନ୍ତ କରି କ୍ଷୟକ୍ଷତିର ଆକଳନ ପାଇଁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ନିର୍ଦ୍ଦେଶ ଆସିଥିବା ଜଣାପଡ଼ିଛି।






# ବ୍ରହ୍ମକ୍ଷେତ୍ରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



## ➤ ଅଧପନ୍ତରିଆ ଭାବେ ପଡ଼ିରହିଛି ଗୋଷ୍ଠୀ ଶୌଚାଳୟ
## ➤ ସରକାର ବଦଳିବା ପରେ ନିର୍ମାଣ କାର୍ଯ୍ୟ ପ୍ରତି ଦୃଷ୍ଟି ଦେଉନି ପ୍ରଶାସନ

ନିଶ୍ଚିନ୍ତକୋଇଲି, ୧୦।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ପାଲଟିଛି। ସରକାରଙ୍କ ପକ୍ଷରୁ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଉଥିବା ବେଳେ ଜିଗ୍ନିପୁର ଶ୍ରୀ ବଳଦେବଜୀଉ ମନ୍ଦିର ସନ୍ନିକଟରେ ବିଗତ ୪ ବର୍ଷ ହେବ ଏକ ଗୋଷ୍ଠୀ ଶୌଚାଳୟ ଅଧପନ୍ତରିଆ ଭାବେ ପଡିରହିଛି। ବିଗତ ସରକାରଙ୍କ ଅମଳରେ ୨୦୨୧-୨୨ ଆର୍ଥିକ ବର୍ଷରେ ତତ୍କାଳୀନ ମାହାଙ୍ଗା ବିଧାୟକ ପ୍ରତାପ ଜେନା ବ୍ରହ୍ମକ୍ଷେତ୍ରରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏକ ସୁନ୍ଦର ଗୋଷ୍ଠୀ ଶୌଚାଳୟ ନିର୍ମାଣ ନିମନ୍ତେ ବିଭିନ୍ନ ଅନୁଦାନରୁ ଆର୍ଥିକ ବ୍ୟବସ୍ଥା କରି ୫ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ବରାଦରେ ଶୌଚାଳୟ ନିର୍ମାଣ ନିମନ୍ତେ ଶୁଭ ଶିଳାନ୍ୟାସ କରିଥିଲେ। ଏହି ଶୌଚାଳୟ ନିର୍ମାଣରେ ଗ୍ରାମ ପଞ୍ଚାୟତର ପଞ୍ଚଦଶ ଅର୍ଥ କମିସନରୁ ୯୦ ହଜାର ଟଙ୍କା, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ୨ ଲକ୍ଷ ୧୦ ହଜାର ଟଙ୍କା, ଜିଲ୍ଲା ପରିଷଦ ପାଣ୍ଠିରୁ ୧ ଲକ୍ଷ ୫୦ ହଜାର ଟଙ୍କା ଏବଂ ପଞ୍ଚାୟତ ସମିତି ପାଣ୍ଠିରୁ ୧ ଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା କରାଯାଇ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଶୌଚାଳୟର ନିର୍ମାଣ କାର୍ଯ୍ୟ ୨୦୨୪ ମସିହାରେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସାଧାରଣ ନିର୍ବାଚନରେ ନୂଆ ସରକାର ଶାସନ ଭାର ନେଇଥିଲା। ଇତିମଧ୍ୟରେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ଶୌଚାଳୟ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସ୍ଥାନୀୟ ରାଜନେତା କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସମୁଚିତ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶୌଚାଳୟଟିର ସମସ୍ତ କାର୍ଯ୍ୟ ସରିଥିଲେ ମଧ୍ୟ କେବଳ ରଙ୍ଗ ଦିଆଯାଇ ଏହାକୁ ଉଦ୍‌ଘାଟନ କରାଗଲେ ଲୋକମାନେ ଏଥିରେ ସହଜରେ ଶୌଚ ହୋଇପାରନ୍ତେ ବୋଲି ଆଲୋଚନା ହେଉଥିଲା ବେଳେ କ'ଣ ପାଇଁ ବ୍ଲକ ପ୍ରଶାସନ ଏଥିପାଇଁ ଦୃଷ୍ଟି ଦେଉ ନାହିଁ ସେ ନେଇ ପ୍ରଶ୍ନ ଉଠିଛି। ଗତ ସରକାରଙ୍କ ଅମଳରେ ଏହି ପଞ୍ଚାୟତର ଯେଉଁ ସରପଞ୍ଚ ଓ ସମିତିସଭ୍ୟ ତତ୍କାଳୀନ ବିଧାୟକଙ୍କ ଅତ୍ୟନ୍ତ ଆନୁଗତ୍ୟ ଥାଇ ଏହି ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଇଥିଲେ ସେମାନେ ଏବେ ଶାସକ ଦଳର ବିଧାୟକଙ୍କର ନିକଟରେ ରହିଛନ୍ତି। ବ୍ରହ୍ମକ୍ଷେତ୍ର ପୀଠରେ ଶ୍ରୀ ବଳଦେବ ଜୀଉଙ୍କର ବାର ମାସରେ ତେର ପର୍ବପର୍ବାଣୀ ଏବଂ ରଥଯାତ୍ରା, ଦୋଳଯାତ୍ରା, ଚନ୍ଦନଯାତ୍ରା ଭଳି ବଡ ବଡ ଯାତ୍ରା ଅନୁଷ୍ଠିତ ହେଉଥିଲା ବେଳେ ହଜାର ହଜାର ଭକ୍ତ ଏଠାରେ ସମାଗମ ହେଉଥାଆନ୍ତି। ଏହାଛଡା ବିଭିନ୍ନ ବିବାହ, ବ୍ରତ ଓ ଅନ୍ୟାନ୍ୟ ପୂଜା ପାର୍ବଣରେ ମଧ୍ୟ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ହେଲେ ଏଠାରେ ଗୋଟିଏ ହେଲେ ଶୌଚାଳୟ ନ ଥିବାରୁ ହଜାର ହଜାର ଲୋକମାନେ ଟିକିଏ ପରିସ୍ରା ପାଇଁ କିମ୍ବା ଶୌଚ ହେବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରଥଦାଣ୍ଡ ପାଶ୍ୱର୍ରେ ବସି ଶୌଚ ହେବା ଦ୍ୱାରା ପରିମଳ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଆଉ ଏକ ମାସ ପରେ ଶ୍ରୀଗୁଣ୍ଡିଚା ଯାତ୍ରା ଆସିବା ପୂର୍ବରୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିଥିବା ଉକ୍ତ ଶୌଚାଳୟଟିକୁ ତୁରନ୍ତ କାର୍ଯ୍ୟ ଶେଷ କରି ଉଦଘାଟନ କରି ଲୋକମାନଙ୍କ ସେବାରେ ସମର୍ପିତ କରାଇବା ପାଇଁ ଏ ଅଞ୍ଚଳର ବାସିନ୍ଦା ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# ରାସ୍ତା ନିର୍ମାଣରେ ବାଧକ ବିଦ୍ୟୁତ ଖୁଣ୍ଟ



ନିଶ୍ଚିନ୍ତକୋଇଲି, ୧୦।୫(ସମିସ): ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅନୁଦାନରେ ଜହ୍ନିଆଠାରୁ ନହଙ୍ଗ ପର୍ଯ୍ୟନ୍ତ ୮(ଏ) କେନାଲ ବନ୍ଧ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। କଟକ-ଚାନ୍ଦବାଲି ରାସ୍ତାର ଜହ୍ନିଆଠାରୁ ଜିଗ୍ନିପୁର ମଧ୍ୟରେ ଏହି ରାସ୍ତା ମଝିରେ ପାଟପୁର ନିକଟରେ ଏକ ୩୩ କେଭି ବିଦ୍ୟୁତ ଖୁଣ୍ଟ ରହିଯାଇଛି। ଏହି ଖୁଣ୍ଟକୁ ଉଠାଯାଉ ନ ଥିବାରୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଦେଖାଯାଇଛି। ବିଦ୍ୟୁତ ବିଭାଗ କ'ଣ ପାଇଁ ରାସ୍ତା ମଝିରୁ ଏହି ଖୁଣ୍ଟକୁ ଉଠାଉ ନାହିଁ ସେନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଦ୍ୟୁତ ଖୁଣ୍ଟ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ବିଳମ୍ବ ହେବାରୁ ଯାତାୟାତରେ ବାଟୋଇମାନେ ସମସ୍ୟାରେ ପଡିଛନ୍ତି। ତୁରନ୍ତ ଏହି ବିଦ୍ୟୁତ ଖୁଣ୍ଟ ଉଠାଗଲେ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ହୁଳୁହୁଳା ନାଳର ପୁନରୁଦ୍ଧାର ଦାବି



ତିଗିରିଆ,୧୦।୫(ସମିସ): ତିଗିରିଆ ବ୍ଲକ ଅଧୀନ ମା' ବଡ଼ ବନ୍ଧିଆଣିଙ୍କ ମନ୍ଦିର ପରିସରରେ ତ୍ରୀପ୍ରାନ୍ତ କୃଷକ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ବାଙ୍କୀ କୃଷକ ପରିଷଦର ସମ୍ପାଦକ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଆବାହକତ୍ୱ ଏବଂ ସମାଜସେବୀ ସରୋଜ କୁମାର ଦାଶଙ୍କ ସଭାପତିତ୍ୱରେ ଏହି ବୈଠକ ସମ୍ପନ୍ନ ହୋଇଥିଲା। ତିଗିରିଆ ବ୍ଲକର ପ୍ରାୟ ୧୦ ହଜାର ହେକ୍ଟର ଚାଷ ଜମି ଜଳସେଚନ ପାଇଁ ମହାନଦୀ ସହ ସଂଯୋଗ ହୁଳୁହୁଳା ନାଳ ଉପରେ ନିର୍ଭର କରେ। ହୁଳୁହୁଳା ନାଳର ପୁନରୁଦ୍ଧାର ହୋଇପାରୁ ନ ଥିବାରୁ ଜଳ ଅଭାବ ଯୋଗୁଁ ଚାଷୀମାନେ ଆଶାନୁରୂପ ଫସଲ ଓ ପରିବା ଚାଷ କରିପାରୁ ନାହାଁନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଛବି ମଲ୍ଲିକଙ୍କ ମାଧ୍ୟମରେ ନାବାଡର୍‌କୁ ଅନୁମୋଦନ ପାଇଁ ପ୍ରସ୍ତାବ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ କୃଷକ ନେତା ସଚ୍ଚିଦାନନ୍ଦ ରାଉଳ, ସନାତନ ରାଉଳ, ନବକିଶୋର ପ୍ରଧାନଙ୍କ ସମେତ ବହୁ ସ୍ଥାନୀୟ ଚାଷୀ ଉପସ୍ଥିତ ଥିଲେ।

# ଗୋଡ଼ି ବୋଝେଇ ଗାଡ଼ି ଓଲଟି ୬ ଆହତ



ସାଲେପୁର,୧୦।୫(ସମିସ): କଟକ-ସାଲେପୁର ରାସ୍ତାର ନାନ୍ଦୋଳ ଗଡ଼ା ଛକ ନିକଟରେ ଏକ ଗୋଡ଼ି ବୋଝେଇ ଟିପ୍ପର ଏବଂ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଟିପ୍ପରଟି ରାସ୍ତା କଡ଼କୁ ଓଲଟି ପଡ଼ିଥିବା ବେଳେ କାର୍‌ଟି ଭାରସାମ୍ୟ ହରାଇ ବିଲ ମଧ୍ୟକୁ ପଶିଯାଇଛି। ଏହି ଦୁର୍ଘଟଣାରେ ପ୍ରାୟ ୬ ଜଣ ଆହତ ହୋଇଥିବା ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି। ଆଜି ସକାଳ ପ୍ରାୟ ୯ଟାରେ କଟକରୁ ସାଲେପୁର ଅଭିମୁଖେ ଆସୁଥିବା ଏକ ଗୋଡ଼ି ବୋଝେଇ ଟିପ୍ପର ବିପରୀତ ଦିଗରୁ ଆସୁଥିବା ଏକ କାର୍‌କୁ ଧକ୍କା ଦେଇଥିଲା।ରାସ୍ତାରେ ଯାଉଥିବା ଜଣେ ମୋଟରସାଇକଲ ଚାଳକ ଏବଂ ଜଣେ ସାଇକଲ ଆରୋହୀ ମଧ୍ୟ ଦୁର୍ଘଟଣାର ଶିକାର ହୋଇଛନ୍ତି। ଆହତ ସାଇକଲ ଆରୋହୀ ଜଣକ ହେଲେ ନାନ୍ଦୋଳ ଗ୍ରାମର ଧୁମା ସାହୁ। ଟିପ୍ପର ଚାଳକଙ୍କ ସମେତ କାର୍‌ରେ ଥିବା ରାଜକନିକା ଅଞ୍ଚଳର କାଜଲ ଦାସ ଏବଂ ଓଲାବର ଅଞ୍ଚଳର ସ୍ୱପ୍ନ ସଙ୍ଗୀତ ମଥାନ ଆହତ ହୋଇଛନ୍ତି। ଖବର ପାଇ ସାଲେପୁର ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। ଆହତମାନଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

# ନଦୀକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା

କଣ୍ଟାପଡ଼ା,୧୦।୫(ସମିସ): କଟକ ଜିଲ୍ଲା ଗୋବିନ୍ଦପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବ୍ରାହ୍ମଣବାଟୀ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ୨୫ ବର୍ଷୀୟା କନ୍ୟା ପ୍ରିୟଙ୍କା ପାତ୍ର ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ପ୍ରିୟଙ୍କା ଜଣେ ଉଚ୍ଚଶିକ୍ଷିତା ଯୁବତୀ ଥିବାବେଳେ ସେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ସୂଚନା ଅନୁଯାୟୀ, ଗତକାଲି ପ୍ରିୟଙ୍କା ଏକ ସ୍କୁଟି ଧରି ଘରୁ ବାହାରିଥିଲେ ମଧ୍ୟ ବିଳମ୍ବିତ ରାତି ଯାଏଁ ଘରକୁ ଫେରି ନ ଥିଲେ। ପରିବାର ପକ୍ଷରୁ ଗୋବିନ୍ଦପୁର ଥାନାରେ ଏକ ଅଭିଯୋଗ କରାଯାଇଥିଲା। ବଡ଼ବିଲ ନିକଟସ୍ଥ କାନ୍ଦଳ ନଦୀର ଶନିଘାଟ ପାଖରେ ତାଙ୍କ ସ୍କୁଟି ପରିତ୍ୟକ୍ତ ଅବସ୍ଥାରେ ଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଆଜି ଅପରାହ୍ନରେ ଧାନମଣ୍ଡଳ ନିକଟରୁ ପୁଲିସ ଓ ଅଗ୍ନିଶମ ବାହିନୀ ସହାୟତାରେ ତାଙ୍କ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ କଟକ ପଠାଯାଇଛି। ପୁଲିସ ଏହି ଘଟଣାର ଅଧିକ ତଦନ୍ତ କରୁଛି।

# ମଦ ବୋଝେଇ ପିକ୍‌ଅପ୍ ଜବତ; ଜଣେ ଗିରଫ

ତିଗିରିଆ,୧୦।୫(ସମିସ): ତିଗିରିଆ ପୁଲିସ ଏକ ବେଆଇନ ମଦ ବୋଝେଇ ପିକଅପ୍ ଗାଡ଼ି ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ତିଗିରିଆ ଆଇଆଇସି ରମାକାନ୍ତ ନାୟକଙ୍କ ନେତୃତ୍ୱରେ ପୁଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଏକ ଦ୍ରୁତଗାମୀ ପିକଅପ୍ (ଓଡି-୦୫-ଏଏଲ-୩୪୯୨) ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେଇ ଖସି ପଳାଇବାକୁ ଚେଷ୍ଟା କରିଥିଲା। ପୁଲିସ ଗାଡ଼ିଟିର ପିଛା କରିବା ପରେ ଚାଳକ ଜଣକ ଗୋପୀନାଥପୁର ଶାସନ ଛକଠାରେ ଏକ ଦୋକାନକୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ତେବେ ପୁଲିସ ଗାଡ଼ିରେ ଥିବା ସହଯୋଗୀଙ୍କୁ ଅଟକ ରଖିବା ସହ ଯାଞ୍ଚ କରିବାରୁ ପ୍ରାୟ ୧୨୦୦ ଲିଟର ବେଆଇନ ଦେଶୀ ମଦ ଜବତ କରିଛି। ଏହି ମଦ ଆଠଗଡ଼ରୁ ବାଲିଝରିକୁ ଯାଉଥିବା ଜଣାପଡ଼ିଛି। ପୁଲିସ ଏନେଇ ଏକ ମାମଲା (୧୩୬/୨୬) ରୁଜୁ କରି ଅଟକ ଥିବା ଯୁବକଙ୍କୁ କୋର୍ଟ ଚାଲାଣ କରିଛି।

# ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ



ତିଗିରିଆ,୧୦।୫(ସମିସ): ତିଗିରିଆ ବ୍ଲକ୍ ଅଧୀନ ଭିରୁଡ଼ା ପଞ୍ଚାୟତ ଗୋଡିଝରିଆ ଗ୍ରାମର ଅଗ୍ରଣୀ କ୍ଲବ ମା' ଯୋଗେଶ୍ୱରୀ କ୍ଲବ୍ ପକ୍ଷରୁ ଚଳିତ ବର୍ଷର ଗଣେଶ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ବିଜୟ କୁମାର ସାହୁଙ୍କ ପୌରହିତ୍ୟ ତଥା ଉପଦେଷ୍ଟା ପ୍ରକାଶ କୁମାର ସାହୁ ଓ ସମ୍ପାଦକ ରାଜକିଶୋର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଗଣେଶ ପୂଜାରେ ଯୋଗେଶ୍ୱରୀ କ୍ଲବ୍ ପକ୍ଷରୁ ପୂଜା ମାଧ୍ୟମରେ ସ୍ୱତନ୍ତ୍ରତା ଦେଖାଇବାକୁ ନେଇ କ୍ଲବର ଉପସ୍ଥିତ ସଦସ୍ୟମାନେ ମତ ପ୍ରକାଶ କରିବା ସହ ଆଜିର ବୈଠକରୁ ଏଥିପାଇଁ ପ୍ରୟାସ ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ ଗଣପତି ବାବାଙ୍କ ଆଜ୍ଞା ଲଡୁ ନିଲାମକୁ ସ୍ୱତନ୍ତ୍ର ଶୈଳୀରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ସଦସ୍ୟ ଜିତେନ୍ଦ୍ର ସାହୁ, ବାପିନ ସାହୁ, ମିଟୁ ସାହୁ, ପପୁ ସାହୁ, ଚଗଲୀ ସାହୁ, ଲିପୁ ସାହୁ, ବିକ୍ରମ ସାହୁ, ଦୀପକ ସାହୁ, ଅଶୋକ ସାହୁ, ବୁବୁ ସାହୁ, ତପନ ସାହୁ, ଆଶିଷ ସାହୁ, ପ୍ରଦୀପ ବାରିକ, ରବିନ୍ଦ୍ର ସାହୁ, ଜିଲୁ ସାହୁ, ଅଶ୍ୱିନୀ ବେହେରା, ଟୁକୁ ସାହୁ, ଚନ୍ଦନ ବେହେରା, ଜଗା ବାରିକ, ଆକାଶ ବାରିକ, ଶିବୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ତଥା ସରପଞ୍ଚ ବେଣୁଧର ସାହୁ ଧନ୍ୟବାଦ ଦେଇଥିଲେ।

# ପିଏନ୍‌ବିର କୃଷି ସଂପ୍ରସାରଣ କାର୍ଯ୍ୟକ୍ରମ

## ● ୬ କୋଟି ଟଙ୍କା କୃଷି ଋଣ ପ୍ରଦାନ

ନିଶ୍ଚିନ୍ତକୋଇଲି,୧୦।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପାଟପୁର ଛକଠାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପାଇକରାପୁର ଶାଖା ପକ୍ଷରୁ ଏକ କୃଷି ସଂପ୍ରସାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ବିଭିନ୍ନ କୃଷି କାର୍ଯ୍ୟରେ ନିୟୋଜିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଲକ୍ଷପତି ଦିଦି ଓ ସାଧାରଣ ଚାଷୀମାନେ କୃଷି ଋଣ ନେଇ ଏହାକୁ ସଦ୍‌ଉପଯୋଗ କରି କିପରି ଆର୍ଥିକ ପ୍ରଗତିରେ ସମୃଦ୍ଧି ହେବେ ସେନେଇ ସଚେତନ ହୋଇଥିଲେ। ଶାଖା ପରିଚାଳକ ବିଶ୍ୱରଞ୍ଜନ ଭଦ୍ରଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ପିଏନ୍‌ବି ମୁଖ୍ୟ କାର୍ଯ୍ୟାଳୟର ଜେନେରାଲ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କଟକ ମଣ୍ଡଳର ମୁଖ୍ୟ ଅଭିଷେକ ଭଟ୍ଟାଚାର୍ଯ୍ୟ, ଭୁବନେଶ୍ୱର ଜୋନାଲର ଏଜିଏମ୍ ଆକାଶ ମହାନ୍ତି, କଟକ ମଣ୍ଡଳର ମୁଖ୍ୟ ପରିଚାଳକ ଦୀପକ ପ୍ରଧାନ, ଅନ୍ୟତମ ମୁଖ୍ୟ ପରିଚାଳକ ସୌମ୍ୟରଞ୍ଜନ ସାହୁ, ସାଲେପୁର ଶାଖା ପରିଚାଳକ ଦାଶରଥି ମଲିକ, ବ୍ୟାଙ୍କ ଏଗ୍ରିକଲଚର ଅଫିସର ଶ୍ରୀତମ ରଥ ଓ ସୁମନ ପଣ୍ଡା କୃଷିଭିତ୍ତିକ ଋଣ ପ୍ରଦାନରେ ଚାଷୀମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ବ୍ୟାଙ୍କ ମିତ୍ର ହିଂମାଂଶୁ ପୃଷ୍ଟି, ଚିନ୍ମୟ ବିଶ୍ୱାଳ, ସଚ୍ଚିଦାନନ୍ଦ ପଣ୍ଡା, ସମୀର ମିଶ୍ର, ନସିମା ବିବି, ପ୍ରଭାସିନୀ ରାଉତ, ଲିପୁ ମଲ୍ଲ, ସୁଧାକର ସାହୁ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହିଂମାଂଶୁ ଶେଖର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ବ୍ଲକ୍ ପ୍ରଶାସନ ପକ୍ଷରୁ ମାଟ୍ରିକ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଟାଙ୍ଗୀ,୧୦।୫(ସମିସ): ଚଳିତ ବର୍ଷ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ସ୍ଥାନ ଅଧିକାର କରିଥିବା ଟାଙ୍ଗୀ ଅଞ୍ଚଳର ୬ ଜଣ ବିଦ୍ୟାର୍ଥୀଙ୍କୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଶୁକ୍ରବାର ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସମ୍ବର୍ଦ୍ଧିତ ବିଦ୍ୟାର୍ଥୀ ହେଲେ ଟାଙ୍ଗୀ-ଚୌଦ୍ୱାର ଶିକ୍ଷାମଣ୍ଡଳ ଅଧୀନସ୍ଥ ସାଧୁସୁନ୍ଦର ବିଦ୍ୟାପୀଠର ଛାତ୍ର ତଥା ବ୍ଲକ ଟପ୍ପର ଶୁଭାଶିଷ ମହାନ୍ତି ଓ ୨ୟ ସ୍ଥାନ ଅଧିକାର କରିଥିବା ପ୍ରତିକ୍ଷା ପ୍ରିୟଦର୍ଶିନୀ ସ୍ୱାଇଁ, ଭଟିମୁଣ୍ଡା ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାଦଲ କୁମାର ସାହୁ ଓ ରୀତିକା ସାହୁ, ସଫା ସ୍ଥିତ ଉତ୍କଳମଣି ବିଦ୍ୟାପୀଠର ସୁବ୍ରତ ମହନ୍ତ ଓ ବଡ଼ଚଣା ବ୍ଲକ କଇଥା-ଚମ୍ପାପୁର ଛାତ୍ରୀ ତଥା ମାଗୁରା-ଧାନମଣ୍ଡଳ ପଞ୍ଚାୟତ କରୁଆଳ ବାସିନ୍ଦା ତେଜସ୍ୱିନୀ ଲେଙ୍କା। ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ବିଧାୟକଙ୍କ ସହ ବିଡ଼ିଓ ଏନ୍.ଏନ୍.ରାଜଲକ୍ଷ୍ମୀ ଓଝା, ବିଇଓ ପ୍ରଭାତ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଭଟିମୁଣ୍ଡା ସରପଞ୍ଚ ତପସ୍ୱୀ ନାରାୟଣ ସାହୁ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ ଓ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଅବିଭାବକ ଉପସ୍ଥିତ ଥିଲେ। ଅତିରିକ୍ତ ବିଡ଼ିଓ ଶାଶ୍ୱତ କୁମାର ଜେନା ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

# ସୌମ୍ୟଙ୍କୁ ନ୍ୟାୟ ଦାବିରେ ମହମବତି ଶୋଭାଯାତ୍ରା



କଣ୍ଟାପଡା,୧୦।୫(ସମିସ): ବହୁଚର୍ଚ୍ଚିତ ବାଲିଅନ୍ତା ନିକଟସ୍ଥ ଭିଙ୍ଗାରପୁର କାଜ ନିକଟରେ ଘଟିଥିବା ଜିଆରପି କନେଷ୍ଟବଳ ତଥା କଟକ ଜିଲ୍ଲା ଓଲଟପୁର ଥାନା ଅନ୍ତର୍ଗତ ମଉଜପୁର ଗ୍ରାମର ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଏକାଧିକ ଲୋକ ଯେଉଁଭଳି ବର୍ବରତା ସହ ପିଟିପିଟି ହତ୍ୟା କରିଥିଲେ ତାହାକୁ ନେଇ ଦିନକୁ ଦିନ ଜନ ଆକ୍ରୋଶ ବଢିବାରେ ଲାଗିଛି। ନ୍ୟାୟ ଦାବିରେ ଶତାଧିକ ଯୁବକ, ମହିଳା, ଝିଅ, ବୋହୂ ଓ ସ୍ଥାନୀୟ ଲୋକେ ମହମବତି ଜଳାଇ ନିରବ ପ୍ରତିବାଦ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଘଟଣାକୁ ନେଇ ଲୋକମାନଙ୍କ ମଧ୍ୟରେ ଗଭୀର କ୍ଷୋଭ ଦେଖାଦେଇଛି। ପରିବାର ପକ୍ଷରୁ ହତ୍ୟା ଘଟଣାର ସଠିକ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅନ୍ୟପଟେ ପୁଲିସ ପକ୍ଷରୁ ମହମବତି ଶୋଭାଯାତ୍ରାରେ ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯାଇଥିଲା।

# ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ନରସିଂହପୁର,୧୦।୫(ସମିସ): ନରସିଂହପୁର ବ୍ଲକ ଅଧୀନ ପିଏମ୍‌ଶ୍ରୀ ମୁକ୍ତାନାଥ ନୋଡାଲ ବିଦ୍ୟାପୀଠରେ ୨୦୨୬ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ ସାହୁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଭବିଷ୍ୟତରେ ଆହୁରି ଉଚ୍ଚ ସଫଳତା ଅର୍ଜନ ପାଇଁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ ପ୍ରଧାନ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଆଦର୍ଶ ଶିକ୍ଷକ ସନାତନ ସାହୁଙ୍କୁ ବିଦାୟ ସମ୍ବର୍ଦ୍ଧନା



କଟକ,୧୦।୫(ସମିସ): କଟକ ଜିଲ୍ଲା ଓରିକଣ୍ଟାସ୍ଥିତ ଲାଲ୍‌ବାହାଦୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁନାମଧନ୍ୟ ତଥା ଆଦର୍ଶ ଶିକ୍ଷକ ସନାତନ ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ, ପରିଚାଳନା କମିଟି ଏବଂ ଅଭିଭାବକ ସଂଘ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶ୍ରୀ ସାହୁ ଗତ ୨୮ ବର୍ଷ ଧରି ନିଜର ଜ୍ଞାନ, ନିଷ୍ଠା ଓ ଶୃଙ୍ଖଳା ବଳରେ ଶତାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଯେଉଁ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି, ତାହା ଅଞ୍ଚଳବାସୀଙ୍କ ପାଇଁ ଏକ ପ୍ରେରଣା ଓ ଅତ୍ୟନ୍ତ ପ୍ରଶଂସନୀୟ। ଏହି ଅବସରରେ ତାଙ୍କ ଜୀବନବ୍ୟାପୀ ସାଧନାକୁ ପାଥେୟ କରି ପ୍ରସ୍ତୁତ ବିଶେଷ ସ୍ମରଣିକା 'ସାର୍ଥକ ଶତଦଳ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳ ସଚିବ ଡ. ବାବାଜୀ ଚରଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସୁସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ ଏବଂ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ଶିକ୍ଷାବିତ୍ ଭୈରବଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ପ୍ରାକ୍ତନ ପ୍ରଧାନଶିକ୍ଷକ କାର୍ତ୍ତିକଚନ୍ଦ୍ର ଦାସ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଶ୍ରୀ ସାହୁଙ୍କ ସୁସ୍ଥ ଓ ନିରାମୟ ଦୀର୍ଘ ଜୀବନ କାମନା କରିଥିଲେ।

# ମନ୍ଥର ଗତିରେ କେନାଲ ବନ୍ଧ ନିର୍ମାଣ: ସ୍ଥାୟିତ୍ୱ ନେଇ ସନ୍ଦେହ



ଭଦ୍ରେଶ୍ୱର,୧୦।୫(ସମିସ): ମାହାଙ୍ଗା ବ୍ଲକ ଅଚ୍ୟୁତପୁର ଜଳସମ୍ପଦ ବିଭାଗ ଅଧୀନରେ ଥିବା ୮ନମ୍ବର କେନାଲ ବନ୍ଧ ରାସ୍ତା ନିର୍ମାଣ ଠିକାଦାରଙ୍କ ମର୍ଜିରେ ମନ୍ଥର ଗତିରେ ଚାଲୁଥିବାର ଅଭିଯୋଗ ହୋଇଛି। ଏହି ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଥିବା ବେଳେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ମାହାଙ୍ଗା ବ୍ଲକର ବାଲିପଡାଠାରୁ ଡିହିଗୋପ ପର୍ଯ୍ୟନ୍ତ ୮ନମ୍ବର କେନାଲ ବନ୍ଧ ରାସ୍ତା ନିର୍ମାଣ ଓ ଉନ୍ନତୀକରଣ ନିମନ୍ତେ ସରକାର ୧୨କୋଟି ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ଗତ ଅକ୍ଟୋବର ୧୮ ତାରିଖ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଓ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଏହି ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଠିକାଦାର ସୂଚନା ଫଳକ ମାଧ୍ୟମରେ ତଥ୍ୟ ପ୍ରଦାନ କରିବାର ନିୟମ ରହିଛି; ମାତ୍ର ଠିକାଦାର ଏହି ରାସ୍ତା ସମ୍ପର୍କରେ କୌଣସି ସୂଚନା ଫଳକ ନଦେଇ ଲୋକଙ୍କୁ ଅନ୍ଧାର ଘେରରେ ରଖିଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ୮ନମ୍ବର କେନାଲ ବନ୍ଧକୁ ତାଡ଼ି ଠିକାଦାର ରାସ୍ତା ନିର୍ମାଣ କରୁଥିବା କାରଣରୁ ଭବିଷ୍ୟତରେ ଏହି କେନାଲର ଶେଷ ମୁଣ୍ଡକୁ ପାଣି ଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ମନ୍ଥର ଗତିରେ ରାସ୍ତା ନିର୍ମାଣ କାର୍ଯ୍ୟ କାରଣରୁ ଗମନା ଗମନ ନିମନ୍ତେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। ବେପରୁଆ ଭାବେ ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ବିକ୍ଷିପ୍ତ ଭାବେ ପକାଯାଇଥିଲା ବେଳେ ବହୁ ସ୍ଥାନରେ ରାସ୍ତାକୁ ତାଡି ଦେଇଛନ୍ତି। ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଫଳରେ ଜରୁରିକାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମଗୁଡିକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇଆସିପାରୁନାହିଁ। ଅପରପକ୍ଷରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଏହି କାର୍ଯ୍ୟ ତଦାରଖ କରୁ ନଥିବାର ଅଭିଯୋଗ ହୋଇଛି। ଭିଜିଲାନ୍ସ ବିଭାଗ ତରଫରୁ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।





# ସିଟି କଟକ

## ଶୈଳବାଳା କଲେଜରେ ବିଶ୍ୱ ରେଡ୍‌କ୍ରସ୍ ଦିବସ




କଟକ,୧୦।୫(ସମିସ): କଟକର ଐତିହାସିକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଜୀବନ ବଲ୍ଲଭ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରଭାବତୀ ପଣ୍ଡା ମୁଖ୍ୟବକ୍ତା, ଅନ୍ୟତମ ବକ୍ତା ଭାବରେ ଅଧ୍ୟାପକ ଗୋପୀନାଥ ପଣ୍ଡା ଯୋଗ ଦେଇଥିଲେ। ଯୁବ ରେଡ୍‌କ୍ରସ୍ ଅଧିକାରୀ ଡଃ ଗାୟତ୍ରୀ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡଃ ମେନେକାରାଣୀ ସାହୁ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବହୁ ସଂଖ୍ୟକ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ଚୌଦ୍ୱାର କଲେଜରେ ବିଦାୟ ସମ୍ବର୍ଦ୍ଧନା



ଚୌଦ୍ୱାର,୧୦।୫(ସମିସ): ଚୌଦ୍ୱାର ମହାବିଦ୍ୟାଳୟର ନାମଲେଖା ବିଭାଗ ତରଫରୁ ମହାବିଦ୍ୟାଳୟର ଅଧକ୍ଷା ରଶ୍ମୀ ରାଉତରାୟ ଏବଂ ପଦାର୍ଥ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ଡ. ଦୀପକ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଅର୍ପଣ କରଯାଇଛି। ନାମଲେଖା ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସୁମନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ତରଫରୁ ଅଧକ୍ଷା ଶ୍ରୀମତୀ ରାଉତରାୟ ଓ ପ୍ରାଧ୍ୟାପକ ଡ. ମହାନ୍ତିଙ୍କୁ ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତଙ୍କ ସହଯୋଗ ପାଇଁ କଲେଜର ନବକଳେବର ସମ୍ଭବ ହୋଇପାରିଛି ବୋଲି ଶ୍ରୀମତୀ ରାଉତରାୟ ପ୍ରକାଶ କରି କଲେଜର ସାମୁହିକ ବିକାଶ ପାଇଁ ସମସ୍ତେ ଏକତାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡଃ ହରପ୍ରିୟା ମହାପାତ୍ର, ଅଧ୍ୟାପକ ଯୁକ୍ତେଶ୍ୱର ଦାସ, ଡ. ଦୀପକ ବେହେରା, ସନ୍ଦୀପ ସାମଲ, ଦୀପକ ଦାସ, ଆରଣ୍ୟକ ରାଉତରାୟ, ପ୍ରତାପ ଘଡ଼େଇ, ରତିକାନ୍ତ ସ୍ୱାଇଁ, ଅଶୋକ ଦାସ, ସୂର୍ଯ୍ୟକାନ୍ତ ସାହୁ, ପରେଶ ବେଉରା, ସଂଗୀତା ମହାପାତ୍ର, ଇଂ ଭବାନୀ ପ୍ରିୟଦର୍ଶୀ ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଅଧ୍ୟାପିକା ଶିଳ୍ପାଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## 'ମନଗହନର ଭିତିରି କଥା' ପୁସ୍ତକ ଲୋକାର୍ପିତ

କଟକ,୧୦।୫(ସମିସ): ବିଶିଷ୍ଟ ଶିକ୍ଷାବିତ୍ ପ୍ରଭାତ କୁମାର କରଙ୍କ ରଚିତ ବ୍ୟଙ୍ଗ ରସାତ୍ମକ ପୁସ୍ତକ 'ମନଗହନର ଭିତିରି କଥା' ଲୋକାର୍ପଣ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସିପ୍ରା କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥି, ଡ଼ଃ ପ୍ରଫୁଲ୍ଲ କୁମାର ଦାଶ ସମ୍ମାନିତ ଅତିଥି, ଶ୍ରୀ ଜ୍ଞାନ ହେତା ମୁଖ୍ୟବକ୍ତା, କୁନା ତ୍ରିପାଠୀ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡ. ଦେବାଶିଷ ମହାପାତ୍ର ପୁସ୍ତକ ସମୀକ୍ଷା କରିଥିଲେ। ପ୍ରଭାତ କୁମାର କର ପେସାରେ ଜଣେ ଶିକ୍ଷାବିତ୍, ପ୍ରାକ୍ତନ ଅଧକ୍ଷ ଥିଲେ ମଧ୍ୟ ନିଶାରେ ଜଣେ ଏକନିଷ୍ଠ ସାରସ୍ୱତ ସାଧକ ରୂପେ ବେଶ୍ ପରିଚିତ। ନିଜର ଅବସର ସମୟ ସାହିତ୍ୟ ସାଧନାରେ ବିନିଯୋଗ କରୁଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ନିଜସ୍ୱ ବ୍ୟଙ୍ଗ କବିତାର ଶ୍ରୋତା ମୀରା କରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଇଂ ସୁଶାନ୍ତ ବଳ ଇଂରାଜୀରେ ଭାଷାନ୍ତର ପାଠ କରିଥିଲେ। ଅଭିରାମ ଖୁଣ୍ଟିଆ ଭଜନ ପରିବେଷଣ କରିଥିଲେ। ପ୍ରଦୀପ କର, ଅବନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶୋକ ଦାଶ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

### ଲାଗିଲାନି ରାଜ୍ୟ ପୁଲିସ ବିଭାଗର ମୋହର

# ସ୍ୱପ୍ନରେ ରହିଗଲା ବକ୍ସିବଜାର ଦ୍ୱିତୀୟ ଟ୍ରାଫିକ୍ ଥାନା

କଟକ,୧୦।୫(ସମିସ):

ବକ୍ସିବଜାରରେ ନିର୍ମାଣ ହେବାର ଥିଲା ସହରର ଦ୍ୱିତୀୟ ଟ୍ରାଫିକ୍ ଥାନା। ଏନେଇ ପୂର୍ବରୁ ରାଜ୍ୟ ପୁଲିସ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା। ଖୁବ୍‌ଶୀଘ୍ର ପ୍ରସ୍ତାବରେ ମୋହର ଲାଗିବ ବୋଲି କୁହାଯାଇଥିଲା। ପୁଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହାରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ଥିଲା। ପୂର୍ବରୁ ଜାଗା ଚିହ୍ନଟକୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଥିବା ବେଳେ ଏବେ ଏହାର ସମାଧାନ ପାଇଁ କମିସନରେଟ୍ ପୁଲିସ ତତ୍ପରତା ମଧ୍ୟ ଦେଖାଇଥିଲା। ମହାନଗରରେ ଦିନକୁ ଦିନ ଗାଡିମୋଟର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସଙ୍କୁଚିତ ରାସ୍ତା ସାଙ୍ଗକୁ ଜବରଦଖଲ ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଏପଟେ ଦୀର୍ଘ ୩୦ କିଲୋମିଟର ପରିବ୍ୟାପ୍ତ ସହରରେ ଟ୍ରାଫିକ ପରିଚାଳନାର ଦାୟିତ୍ୱ ଗୋଟିଏ ଟ୍ରାଫିକ ଥାନା(ମଧୁପାଟଣା) ଉପରେ ରହିଛି। ତେଣୁ ସହରରେ ଆଉ ଏକ ଟ୍ରାଫିକ ଥାନା ପ୍ରତିଷ୍ଠା କରିବାକୁ ଟ୍ରାଫିକ୍ ମ୍ୟାନେଜମେଣ୍ଟ୍ ବୈଠକରେ ଦାବି ହୋଇ ଆସୁଥିଲା। ଏନେଇ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇ ରାଜ୍ୟ ପୁଲିସ ବିଭାଗକୁ ପ୍ରସ୍ତାବ ପଠାଯାଇଥିବା ବେଳେ ୨ବର୍ଷ ପୂର୍ବରୁ ଥାନାର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡଥିଲା। ହେଲେ ସରକାର ବଦଳିଗଲା। ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି ଯୋଜନା ବନ୍ଦ ହୋଇଯାଇଛି। ଦ୍ୱିତୀୟ ଥାନା ନିର୍ମାଣ କରିବାକୁ ବିଭିନ୍ନ ମହଲରେ ଦାବି ଉଠୁଥିବା ବେଳେ ପୁଲିସ ବିଭାଗ ନିରବଦ୍ରଷ୍ଟା ସାଜିଛି।




ପ୍ରକାଶ ଥାଉ କି, କଟକ ସହରରେ ଟ୍ରାଫିକ ପରିଚାଳନା ଲାଗି ପ୍ରଥମେ ୧୯୮୮ରେ ବାଦାମବାଡିଠାରେ ଏକ ଟ୍ରାଫିକ ଟାୱାର ପ୍ରତିଷ୍ଠା ହୋଇଥିଲା। ପରେ ୨୦୦୯ରେ ଏହା ଟ୍ରାଫିକ ଥାନାରେ ପରିଣତ ହୋଇଥିଲା। ୨୦୧୧ରେ ଏହି ଥାନା ମଧୁପାଟଣା ଛକରେ ଥିବା ନୂତନ କୋଠା ବା ଟ୍ରାଫିକ ଟାୱାରରେ କାର୍ଯ୍ୟ ଆରମ୍ଭ କରିଥିଲା। ଏବେ ଏହି ଗୋଟିଏ ଥାନା ଦ୍ୱାରା ସହରର ସମ୍ପୂର୍ଣ୍ଣ ଟ୍ରାଫିକ ବ୍ୟବସ୍ଥା ପରିଚାଳନା କରାଯାଉଛି। ଚାଉଳିଆଗଞ୍ଜଠାରୁ ବିଡାନାସୀ, ନରାଜ ଓ ଜଗତପୁର ଯାଏ ଏହି ଗୋଟିଏ ଥାନା ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି। ଅନ୍ୟପଟେ ନେତାଜୀ ସେତୁ ଓ ଚୌଦ୍ୱାର ନୂଆପାଟଣାକୁ ସଂଯୋଗ କରୁଥିବା ମଧୁସୂଦନ ସେତୁ ନିର୍ମାଣ ହେବା ପରେ ସହରରେ ଭିଡ ଆହୁରି ବଢିଯାଇଛି। ସେହିପରି ଗଲା ୫ବର୍ଷ ମଧ୍ୟରେ ସହରରେ ଗାଡି ସଂଖ୍ୟା ପ୍ରାୟ ତିନି ଗୁଣା ବଢିଛି। ଫଳରେ ଏବେ ଟ୍ରାଫିକ ପରିଚାଳନା କରିବା ଏକପ୍ରକାର କଷ୍ଟକର ହୋଇପଡିଛି। ଯଦିଓ ଟ୍ରାଫିକ ଥାନାର କର୍ମଚାରୀ ସଂଖ୍ୟା ବୃଦ୍ଧି କରାଯାଇଛି, ତଥାପି ତାହା ଜନସଂଖ୍ୟା ଅନୁପାତରେ ଖୁବ୍ କମ । ଏବେ ଟ୍ରାଫିକ ଥାନାରେ ଜଣେ ଇନ୍ସପେକ୍ଟର, ୫ ଜଣ ଏସଆଇ, ୫ଜଣ ଏଏସଆଇ, ୧୯ଜଣ ହେଡ କନେଷ୍ଟବଳ ଓ ୧୪୩ ଜଣ କନେଷ୍ଟବଳ, ୩୪ ଜଣ ହୋମଗାର୍ଡଙ୍କୁ ନେଇ ମୋଟ ୨୦୭ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କିନ୍ତୁ ତାହା ଆବଶ୍ୟକତା ଠାରୁ ଖୁବ୍ କମ। ମୁଖ୍ୟତଃ ମର୍କତନଗର ବା ବକ୍ସିବଜାର ଭଳି ଅଞ୍ଚଳରେ କିଛି ଅଘଟଣ ହେଲେ ଥାନା ଠାରୁ ରାସ୍ତା ଦୂର ହୋଇଥିବା ଯୋଗୁଁ ଟ୍ରାଫିକ ଥାନା ପୁଲିସ ତୁରନ୍ତ ସେଠାରେ ପହଁଞ୍ଚି ପାରୁନାହାନ୍ତି। ଫଳରେ ଭିଡ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ଅନ୍ୟପକ୍ଷେ ଏବେ ଟ୍ରାଫିକ ପୁଲିସ ଉପରେ କାର୍ଯ୍ୟଭାର ବଢିବାରେ ଲାଗିଛି। ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟକୁ ବାଦ ଦେଲେ ହେଲମେଟ୍ ଓ ଗାଡି କାଗଜପତ୍ର ଯାଞ୍ଚ, ଜବରଦଖଲ ଉଚ୍ଛେଦ, ଗାଡି ସ୍ପିଡ ଯାଞ୍ଚ କରିବା କାମ ଟ୍ରାଫିକ୍ ପୁଲିସକୁ କରିବାକୁ ପଡୁଛି। ଭୁବନେଶ୍ୱର ଭଳି କଟକ ସହରରେ ଆଉ ଏକ ଟ୍ରାଫିକ ଥାନା ପ୍ରତିଷ୍ଠା ଲାଗି ଯୋଜନା କରାଯାଇ ଏହାକୁ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସ୍ତରରେ ତର୍ଜମା ପରେ ବକ୍ସିବଜାରରେ ଦ୍ୱିତୀୟ ଟ୍ରାଫିକ ଥାନାର ଆବଶ୍ୟକତା ରହିଛି ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ସହରର ଏହି ମଧ୍ୟଭାଗ ଅଞ୍ଚଳରେ ଟ୍ରାଫିକ ଥାନା ପ୍ରତିଷ୍ଠା ଦ୍ୱାରା ବକ୍ସିବଜାର ଠାରୁ ଆରମ୍ଭ କରି ମର୍କତନଗର ପର୍ଯ୍ୟନ୍ତ ଅଞ୍ଚଳରେ ସହଜରେ ଭିଡ ନିୟନ୍ତ୍ରଣ କରାଯାଇପାରିବ। ସେପଟେ ଏସସିବି ମେଡିକାଲ ଓ ଷ୍ଟାଡିୟମ ପ୍ରଭୃତି ଅଞ୍ଚଳରେ ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱ ଦିଆଯାଇପାରିବ। ଏବେ ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିବା ତ ଦୂରର କଥା ନିଜେ ପୁଲିସ ବିଭାଗ ଚୁପ୍ ହୋଇଯାଇଥିବା ଦେଖିବାକୁ ମିଳୁଛି।

## ଧର୍ମପ୍ରାଣା ଅନୁପମା ପଣ୍ଡାଙ୍କ ପରଲୋକ



କଟକ,୧୦।୫(ସମିସ): ମାର୍ଶାଘାଇ ବ୍ଲକ୍ ପରକୁଳା ଗ୍ରାମର ପରିଚିତ ଧର୍ମପ୍ରାଣା ମହିଳା, ମିଷ୍ଟଭାଷୀ ତଥା ଆଧ୍ୟାତ୍ମବାଦୀ ବ୍ୟକ୍ତିତ୍ୱ ଅନୁପମା ପଣ୍ଡା (ମମି)ଙ୍କର ପରଲୋକ ଘଟିଛି। ଗତ ବୁଧବାର ବିଳମ୍ବିତ ରାତିରେ ୫୯ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ କିଛି ଦିନ ଧରି ସେ ଅସୁସ୍ଥତା କାରଣରୁ ଚିକିତ୍ସାଧୀନ ଥିଲେ। ଶ୍ରୀ ମା'-ଶ୍ରୀ ଅରବିନ୍ଦଙ୍କ ଅନନ୍ୟ ଅନୁଗାମୀ ଭାବେ ଅନୁପମା ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ସେ ନିଜ ବାସଭବନରେ "ଜଗଦ୍ଧାତ୍ରୀ ପାଠଚକ୍ର" ସ୍ଥାପନ କରିବା ସହ ଏହାର ସଫଳ ପରିଚାଳନା କରୁଥିଲେ। ଜଣେ ସୁଗାୟିକା ଭାବେ ତାଙ୍କର ଭକ୍ତି ସଙ୍ଗୀତ ଅନେକଙ୍କୁ ପ୍ରଭାବିତ କରୁଥିଲା। ତାଙ୍କର ସ୍ନେହୀ ଓ ମିଷ୍ଟ ବ୍ୟବହାର ପାଇଁ ସେ ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କର ପ୍ରିୟପାତ୍ରୀ ହୋଇପାରିଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ପରକୁଳା ସମେତ ମାର୍ଶାଘାଇ, ପାଟକୁରା, କେନ୍ଦ୍ରାପଡ଼ା, ଇନ୍ଦୁପୁର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ପରେ ଚିତ୍ରୋତ୍ପଳା ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପରିବାରର ପୁଅ ଓ ପୁତୁରାମାନେ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ପଣ୍ଡା, ଦୁଇ ପୁଅ ବିଶ୍ୱରଞ୍ଜନ ଓ ସୌମ୍ୟରଞ୍ଜନ, ବୋହୂ ଲିପ୍‌ସା ଓ ଶ୍ରୀମା, ପୁତୁରା, ପୁତୁରାବୋହୂ, ନାତିନାତୁଣୀ ଓ ସମସ୍ତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## କଟକରେ ଜମିବ 'ରଜ ଧମାକା-୨୦୨୬'

କଟକ,୧୦।୫(ସମିସ): ଓଡ଼ିଶାର ଅନନ୍ୟ ଗଣପର୍ବ 'ରଜ'ର ମହକକୁ ସର୍ବସାଧାରଣରେ ପହଞ୍ଚାଇବା ଲକ୍ଷ୍ୟରେ ଆସନ୍ତା ଜୁନ୍ ୧୪ ତାରିଖରେ କଟକ ସହିଦ ଭବନଠାରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ "ରଜ ଧମାକା-୨୦୨୬" ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ମାରୱାଡ଼ି କ୍ଲବ୍ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ନୂତନ ପିଢ଼ିକୁ ଏହି ପର୍ବର ବିଶେଷତ୍ୱ ସମ୍ପର୍କରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି ରଜ ମହୋତ୍ସବରେ ଓଡ଼ିଆ ଘରର ପାରମ୍ପରିକ ରୀତିନୀତିକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରାଯିବାର ଯୋଜନା ରହିଛି। ବିଶେଷ କରି ପୁଚି ଖେଳ, ମେହେନ୍ଦି ଏବଂ ଅଳତା ପ୍ରତିଯୋଗିତା ସାଙ୍ଗକୁ ସୁଆଦିଆ ରଜ ପୋଡ଼ ପିଠାର ସମ୍ଭାର ଦେଖିବାକୁ ମିଳିବ। ଏହାବ୍ୟତୀତ ଆମ ପାରମ୍ପରିକ ପୋଷାକକୁ ନେଇ ଏକ ସ୍ୱତନ୍ତ୍ର 'ଓଡ଼ିଆ ରାମ୍ପ୍ ଶୋ' ଏବଂ ମନୋଜ୍ଞ ସାଂସ୍କୃତିକ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବ।




**ପାରମ୍ପରିକ ପ୍ରତିଯୋଗିତା ସହ ଓଡ଼ିଆ ରାମ୍ପ୍ ଶୋ' ହେବ ମୁଖ୍ୟ ଆକର୍ଷଣ**

ସନ୍ଧ୍ୟା ସମୟରେ ଓଲିଉଡର ନାମୀଦାମୀ ତାରକାମାନଙ୍କ ଉପସ୍ଥିତିରେ ଏକ ଦମଦାର ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷିତ ହୋଇ ଦର୍ଶକଙ୍କ ମନୋରଞ୍ଜନ କରିବ ବୋଲି ଆୟୋଜକ ମଣ୍ଡଳୀ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀ ମା' ଏଣ୍ଟରପ୍ରାଇଜର୍ସ" ଏବଂ ବାରବାଟୀ ବିକାଶ ପରିଷଦର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ବାରବାଟୀ ବିକାଶ ପରିଷଦର ସାଧାରଣ ସମ୍ପାଦକ ଅର୍ପିତା ଦାସ, ସୁଚିସ୍ମିତା ଜେନା, ସୌଦାମିନୀ ସିଂ ଏବଂ ଦେବସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରଣ ଜେନା, ଅନୁସା ଜେନା, ଶ୍ୱେତା ସିଂ, ଆୟୁଷ ମହାନ୍ତି, ମହମ୍ମଦ ଇବ୍ରାହିମ, ପ୍ରିୟଙ୍କା ସାହୁ, ନିଶାନ୍ତ ମଲ୍ଲ, ସୌମ୍ୟରଞ୍ଜନ ମହାରଣା ଓ ଶୁଭେନ୍ଦୁ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇ ଆଗାମୀ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଆଲୋଚନା କରିଥିଲେ।

## ବିଭିନ୍ନ ସ୍ଥାନରେ 'ଜୁଭେନ୍ତିକା' ସଚେତନତା

ଚୌଦ୍ୱାର,୧୦।୫(ସମିସ): ଚୌଦ୍ୱାର ଥାନାରେ ଜୁଭେନ୍ତିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୁଲିସ ଏବଂ ୟୁନିସେଫ ସଂଗଠନର ମିଳିତ ଆନୁକୁଲ୍ୟରେ ତଥା ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କ ପୌରୋହିତ୍ୟରେ ଥାନାର ମହିଳା ଓ ଶିଶୁ ଡ଼େସ୍କ ଅଭ୍ୟର୍ଥନା ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଆଡ଼ିସନାଲ ଡିସିପି କ୍ଷୀରସାଗର ନାୟକ ଅତିଥି ଭାବେ ଡିଜିଟାଲ ମାଧ୍ୟମ ଏବଂ ଇଣ୍ଟରନେଟର ଅପବ୍ୟବହାର, ଡିଜିଟାଲ ହାଇଜିନ୍, ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ଅପରାଧ ସମ୍ପର୍କରେ ଆଲୋଚନା କରି ଡିଜିଟାଲ ମାଧ୍ୟମର ସଠିକ୍ ବ୍ୟବହାର ସମ୍ପର୍କରେ ପରାମର୍ଶ ଦେଇଥିଲ। ଏଥିସହିତ ବାଲ୍ୟବିବାହ, ଶିଶୁ ଶ୍ରମିକ ନିରୋଧ, ଶିଶୁ ଅପରାଧ ଜନୀତ ଆଇନ୍ ସମ୍ପର୍କରେ ଉପସ୍ଥିତ ମହିଳା, କିଶୋର ଓ କିଶୋରୀ ବାଳିକାଙ୍କୁ ସଚେତନ କରାଇଥିଲେ। ଅତିରିକ୍ତ ଥାନା ଅଧିକାରୀ ନିରଞ୍ଜନ ଭୋଇ ଓ ଏଏସ୍ଆଇ ସୁମିମଣୀ ହାଂସଦା ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ।

### ସାଲେପୁର

ସାଲେପୁର ପୁଲିସ ପକ୍ଷରୁ ଜୁଭେନ୍ତିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଆଇଆଇସି ମହେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି କାର୍ଯ୍ୟକ୍ରମରେ କିଶୋରୀ ବାଳିକା ଓ ବାଳକମାନେ କିପରି ଆଜିର ଦୁନିଆରେ ସୋସିଆଲ୍ ମିଡ଼ିଆର ବଶବର୍ତ୍ତୀ ହୋଇ ଭୁଲ୍ ରାସ୍ତାକୁ ଯାଉଛନ୍ତି, ସେମାନେ କିପରି ସୋସିଆଲ୍ ମିଡ଼ିଆର ସଦ୍‌ଉପଯୋଗ କରିବେ ସେ ଦିଗରେ ସଚେତନ କରାଯାଇଥିଲା। ବିଶେଷ କରି ମୋବାଇଲ୍ ପାଇଁ ବହୁ କିଶୋରୀ ଓ କିଶୋରମାନେ ଭୁଲ୍ ରାସ୍ତାକୁ ଚାଲିଯାଉଛନ୍ତି, ସେମାନେ କିପରି ଏହାର ସଦ୍ ଉପଯୋଗ କରି ସୋସିଆଲ୍ ମିଡ଼ିଆକୁ ନିଜର ଫାଇଦା ପାଇଁ ବ୍ୟବହାର କରିପାରିବେ ସେ ସଂପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଲେପୁର ଥାନା ଅଫିସର ବିପିନ ଦେହୁରୀ, ନୀଳମାଧବ ପଣ୍ଡାଙ୍କ ସମେତ ସାଲେପୁର ଥାନାର ସମସ୍ତ କର୍ମଚାରୀ ଓ ଆଖପାଖ ଅଞ୍ଚଳର ଅଙ୍ଗନବାଡି କର୍ମୀ ଓ ସ୍ଥାନୀୟ ଅଞ୍ଚଳର କିଶୋର କିଶୋରୀମାନେ ଉପସ୍ଥିତ ଥିଲେ।

### ଟିଗିରିଆ

ଟିଗିରିଆ ଥାନା ପରିସରରେ କିଶୋରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଜୁଭେନ୍ତିକା ଅନୁଷ୍ଠିତ ହୋଇଯାଇଛି। ଟିଗିରିଆ ଥାନା ଆଇଆଇସି ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଥାନା ଅଧୀନରେ ଥିବା ୫ଟି ଅଙ୍ଗନବାଡି କେନ୍ଦ୍ରରୁ ମୋଟ ୨୫ ଜଣ କିଶୋରୀ, ୫ ଜଣ ଅଙ୍ଗନବାଡି କର୍ମଚାରୀ, ୫ ଜଣ ଅଙ୍ଗନବାଡି ସୁପରଭାଇଜର, ଟିଗିରିଆ ଥାନା ଚାଇଲ୍ଡ୍ ୱେଲ ଫେୟାର ଅଫିସର ଏଏସଆଇ ରବୀନ୍ଦ୍ର ସାମନ୍ତରାୟ, ଏସଆଇ ମନୋଜ ବେହେରା, ଏଏସଆଇ ଅରୁଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ କିଶୋରୀମାନେ ସେମାନଙ୍କ ମନରେ ନିଜର ସୁରକ୍ଷା ସମ୍ପର୍କରେ ଥିବା ବିଭିନ୍ନ ପ୍ରଶ୍ନକୁ ଆଇଆଇସିଙ୍କୁ ପଚାରି ବୁଝିଥିଲେ। ଟିଗିରିଆ ଥାନାର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ୱାକର୍ସ କ୍ଲବ ପକ୍ଷରୁ ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ

କଟକ,୧୦।୫(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୱାକର୍ସ କ୍ଲବ ପକ୍ଷରୁ ଯାତାୟାତ କରୁଥିବା ପଥଚାରୀଙ୍କ ତୃଷା ମେଣ୍ଟାଇବା ଉଦ୍ଦେଶ୍ୟରେ କଲେଜଛକଠାରେ ଏକ ଜଳସେବା କେନ୍ଦ୍ର କ୍ଲବର ସଭାପତି ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି ଉପସ୍ଥିତ ରହି ଜଳସେବା କେନ୍ଦ୍ରକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ସାହୁ, ବନମାଳି ଶୁକ୍ଳ, ଉଷା ଅଗ୍ରୱାଲ, ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ରାକେଶ ଶତପଥୀ, ଡ. ଓଁକାର ରାଉତ, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ଅନୀଲ ଦାସ, ମହେଶ୍ୱର ମହାନ୍ତି, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ କାନୁନଗୋ, ତାରାନନ୍ଦ ପଟ୍ଟନାୟକ, ଡ. ବିଲକେଶ ପରବିନ, ଗୌତମ କର, ବିଜୟଲକ୍ଷ୍ମୀ କର, ଫନିନ୍ଦ୍ର ମଲ୍ଲିକ, ପିରପ୍ରସାଦ ଶତପଥି, କୃତିବାସ ପଣ୍ଡା, ସଂଜୀବ ପଟ୍ଟନାୟକ, ଭକ୍ତିମୟୀ କର, ଆର ରାମବାବୁ, ଯୋଗେଶ ଶର୍ମା, ବନ୍ଦିତା ଭଟ୍ଟାଚାର୍ଯ୍ୟ, ହରି ନାରାୟଣ ବେବର୍ତ୍ତା, ଅକ୍ଷୟ ସାହୁ, ପ୍ରଫୁଲ୍ଲ ଲେଙ୍କା ପ୍ରଭୃତି ସଦସ୍ୟମାନେ କ୍ଲବର ଉକ୍ତ ଜଳସେବା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



# ମହାନଦୀବିହାରରେ ଶ୍ରୀଜଗନ୍ନାଥଙ୍କ ଚାପ ଖେଳ ଉଦ୍‌ଯାପିତ

କଟକ,୧୦।୫(ସମିସ):

କଟକ ଡେଭଲପମେଣ୍ଟ ଅଥରିଟି(ସିଡିଏ) ପକ୍ଷରୁ ମହାନଦୀବିହାର ଡେଭଲପମେଣ୍ଟ ଆସୋସିଏସନ ଓ ଜଗନ୍ନାଥ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ପବିତ୍ର ଚନ୍ଦନ ଯାତ୍ରା ୪୭ନଂ ୱାର୍ଡ ମହାନଦୀବିହାରସ୍ଥିତ ଶ୍ରୀ ଜଗନ୍ନାଥ ଉଦ୍ୟାନ ପରିସରରେ ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ଉତ୍ସବ ଦୁଇଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍ୟାନ ପରିସରରେ ସୁନ୍ଦର ଆଲୋକ ସଜ୍ଜା, ପୁଷ୍ପ ସଜା ଓ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନୀ ମଧ୍ୟରେ ଶ୍ରୀ ବିଦ୍ୟା ଓ ସ୍ପାର୍କଲ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ମହାପ୍ରଭୁଙ୍କ ପବିତ୍ର ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଏମଡିଏ ସଭାପତି ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଦୁଇଦିନିଆ କାର୍ଯ୍ୟକ୍ରମରେ ଚୌଦ୍ୱାର କଟକର ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ସିଡିଏ ମେମ୍ବର ଇଞ୍ଜିନିୟର ଅତନୁ ସାମନ୍ତ, ଏସିପି ଜୋନ - ୫ ସୁଧାଂଶୁ ଜେନା, ଚାଉଳିଆଗଞ୍ଜ ଥାନାର ଆଇଆଇସି ବିଚ୍ୟୁଟି ମହାନ୍ତି, ୪୭ନଂ ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡେଇ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଦିନରେ ଅତିଥିଭାବେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଜେପି ନେତା ଶ୍ରୀତମ ଦାସ, ଓରମାସ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ, କଟକ କ୍ଲବ ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ, ଏମଡିଏ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଉପସଭାପତି ସରୋଜ ସ୍ୱାଇଁ, ଜ୍ଞାନ ରଞ୍ଜନ ଦାସ, ପ୍ରଭାକର ରଣା, ଜଗନ୍ନାଥ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସଭାପତି ଇଂ ସୁବୋଧ ରାଉତରାୟ, ଉପସଭାପତି ବୈକୁଣ୍ଠ ନାଥ ଆଚାର୍ଯ୍ୟ, ସହସମ୍ପାଦକ ରାକେଶ ତ୍ରିପାଠୀ, କୋଷାଧକ୍ଷ ଶଶି ନାୟକ, ଗୋଲଖ ଚନ୍ଦ୍ର କାନୁନଗୋ, ବରଦା ପ୍ରସନ୍ନ ନାୟକ, ବିଷ୍ଣୁ ପ୍ରସାଦ କର, ଶରତ ଚନ୍ଦ୍ର ଦାସ, ପ୍ରମୋଦ ଦାସ, ମହେନ୍ଦ୍ର ନାଥ ପଣ୍ଡା, ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ଇଂ ଗୋପାଳ ଚନ୍ଦ୍ର ବେହେରା, ପ୍ରହ୍ଲାଦ ବିଶ୍ୱାଳ, ପ୍ରଦୀପ୍ତ ମହାନ୍ତି, ପ୍ରକାଶ ନାୟକ, ଡଃ କମଳ ପ୍ରସାଦ ମହାନ୍ତି, ଶରତ ଚନ୍ଦ୍ର କୁଣ୍ଡୁ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ନମିତା ଦାସ, ମଧୁସ୍ମିତା ଷଡ଼ଙ୍ଗୀ, ମମତା ଘଡେଇ, ପ୍ରିୟମ୍ବଦା ନାୟକ, ଲିନା ସାମଲ, ବିଦ୍ୟା ପରିଜା, ଲେଲିନ ପ୍ରଭା, ଇଂ ଶୈଳେନ୍ଦ୍ର ପ୍ରସାଦ ସ୍ୱାଇଁ, ଦୀପକ ରାଉତରାୟ, ଭାଗିରଥୀ ସାମଲ, ସାଇ ସୌରଭ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିବା ବେଳେ ଜଗନ୍ନାଥ ସାଂସ୍କୃତିକ ପରିଷଦର ସଭାପତି ଚତୁର୍ଭୁଜ ମହାପାତ୍ର ଧନ୍ୟବାଦ ଦେଇଥିଲେ।





**ଚିକିଟି ପିଇଓ ଆତ୍ମହତ୍ୟା ଘଟଣା; ବର୍ଷିଲେ ମୃତକଙ୍କ ପରିବାର**

# ଅତିରିକ୍ତ ତହସିଲଦାରଙ୍କୁ ସୁରକ୍ଷା ଦେବାକୁ ତଦନ୍ତରେ ଅବହେଳା



- ସୁଇସାଇଡ୍ ନୋଟ୍‌ରେ ଅତିରିକ୍ତ ତହସିଲଦାରଙ୍କୁ କରାଯାଇଛି ଦାୟୀ; ତଥାପି ଲାଗିଛି କୋହଳା ଦଫା
- ଚିକିତ୍ସିତ ହେଉଥିବାବେଳେ ପୁଲିସ କାହିଁକି ନେଲାନି ମୃତ୍ୟୁକାଳୀନ ଜମାନବନ୍ଦୀ: ଓକିଲ
- ୧୫ ଦିନରେ ନ୍ୟାୟ ନ ମିଳିଲେ ଅଞ୍ଚଳବାସୀଙ୍କ ସହ ରାଜରାସ୍ତାକୁ ଓହ୍ଲାଇବେ ପରିବାର ଲୋକ

ବ୍ରହ୍ମପୁର,୧୦।୫(ସମିସ)

ଚିକିଟି ପିଇଓ ଆତ୍ମହତ୍ୟା ଘଟଣାରେ ପୁଲିସର ପାତରଅନ୍ତର ଓ ତଦନ୍ତରେ ଅବହେଳାକୁ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି। ନ୍ୟାୟ ପାଇଁ ଏଣେତେଣେ ବୁଲିବା ପରେ ମଧ୍ୟ ମୃତକଙ୍କ ପରିବାରକୁ ନ୍ୟାୟ ମିଳିପାରିନଥିବା ଅଭିଯୋଗ ହୋଇଛି। ସେପଟେ ମୃତ ପିଇଓ ବି ଦଣ୍ଡପାଣି ପାତ୍ରଙ୍କ ସୁଇସାଇଡ୍ ନୋଟରେ ତାଙ୍କର ମୃତ୍ୟୁ ପାଇଁ ସେ ସିଧାସଳଖ ଚିକିଟି ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀଙ୍କୁ ଦାୟୀ କରିଥିବା ଜଣାପଡ଼ିଛି। ଘଟଣା ଗତ ଫେବୃଆରୀ ୩ରେ ହୋଇଥିବା ବେଳେ ୪ରେ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ ପିଇଓ ଦଣ୍ଡପାଣି ପାତ୍ର। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୧୩ଦିନର ସଂଘର୍ଷ ପରେ ୧୭ ତାରିଖ ଅପରାହ୍ନ ୨ଟା ୫୫ମିନିଟରେ ମୃତ୍ୟୁ ଘଟିଥିଲା। ମୃତ ପିଇଓ ଦଣ୍ଡପାଣିଙ୍କ ପରିବାର ବର୍ଗଙ୍କ ପକ୍ଷରୁ ତଦନ୍ତରେ ଅବହେଳା ସହିତ ଖୋଦ୍ ଦୋଷୀକୁ ଘଣ୍ଟ ଘୋଡାଯାଉଥିବା ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ସ୍ୱର୍ଗତ ଦଣ୍ଡପାଣିଙ୍କ ବିଧବା ପତ୍ନୀ ବି. ଜାନକୀ ପାତ୍ର ଓ ତାଙ୍କର ୩ ଝିଅ ସାମ୍ବାଦିକ ସମ୍ମିଳନୀରେ ପୁଲିସ ବିରୁଦ୍ଧରେ ବିଷୋଦ୍‌ଗାର କରିଛନ୍ତି। ଚିକିଟି ଅତିରିକ୍ତ ତହସିଲଦାରଙ୍କ ସ୍ୱାମୀ ଜଣେ ବରିଷ୍ଠ ଆଇପିଏସ ଅଧିକାରୀ ହୋଇଥିବାରୁ ପୁଲିସ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ବରଂ ଅତିରିକ୍ତ ତହସିଲଦାରଙ୍କ ବିରୁଦ୍ଧରେ କୋହଳ ଦଫା ଲଗାଇ ତାଙ୍କୁ ଖସାଇବାକୁ ଅପଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି। ନ୍ୟାୟ ପାଇଁ ମୃତ ପିଇଓଙ୍କ ପରିବାରବର୍ଗ ଥାନାଠାରୁ ଆରମ୍ଭ କରି ବ୍ରହ୍ମପୁର ଏସ୍‌ପି, ଜିଲ୍ଲାପାଳ, ପୁଲିସ ମହାନିର୍ଦ୍ଦେଶକ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କେହି କର୍ଣ୍ଣପାତ କରୁନଥିବା ସେମାନେ ସିଧାସଳଖ ଅଭିଯୋଗ କରିଛନ୍ତି।



ସେପଟେ ଘଟଣାରେ ମୃତକଙ୍କ ପରିବାର ପକ୍ଷରୁ ତାଙ୍କ ଓକିଲ ଦୀପକ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଆତ୍ମହତ୍ୟା ଉଦ୍ୟମ କରିଥିବା ପିଇଓ ବି. ଦଣ୍ଡପାଣି ପାତ୍ର ଚିକିତ୍ସାଧୀନ ଅବସ୍ଥାରେ ଦୀର୍ଘ ୧୩ଦିନ ମେଡିକାଲରେ ଥିବା ବେଳେ ପୁଲିସ କାହିଁକି ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ ନେଲା ନାହିଁ ବୋଲି ପାଲଟା ପ୍ରଶ୍ନ କରିଛନ୍ତି। ଏବଂ ମାମଲାକୁ ରଫାଦଫା କରିବାକୁ ପୁଲିସର ଚକ୍ରାନ୍ତ ଏଥିରୁ ସ୍ପଷ୍ଟ ହେଉଥିବା ସେ ସିଧାସଳଖ ଅଭିଯୋଗ କରିଛନ୍ତି। ନ୍ୟାୟ ପାଇଁ ସବୁ ଚେଷ୍ଟା କରି ବିଫଳ ହେବାପରେ ନିରାଶ ପରିବାରବର୍ଗ ବର୍ତ୍ତମାନ ଆନ୍ଦୋଳନାତ୍ମକ ଓ କୋର୍ଟର ଆଶ୍ରୟ ନେବେ ବୋଲି ସ୍ପଷ୍ଟ କରିଛନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ଦୋଷୀକୁ ଗିରଫ କରି ମୃତକଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ କରାନଗଲେ ଅଞ୍ଚଳବାସୀଙ୍କ ସହ ପରିବାରବର୍ଗ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ' ଗତ ଫେବୃଆରୀ ମାସରେ ସୁନାପୁର ବେଳାଭୂମି ମହୋତ୍ସବ ଆୟୋଜିତ ବେଳେ ଚିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ବି. ଦଣ୍ଡପାଣି ପାତ୍ରଙ୍କୁ ୩ ତାରିଖରେ ଚିକିଟି ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡଙ୍ଗୀ କୌଣସି କାରଣରୁ ଗାଳିଗୁଲଜ କରିବା ସହିତ ସର୍ବସମ୍ମୁଖରେ ଅପମାନିତ ଓ ଲଜ୍ଜିତ କରିଥିବା ନେଇ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ଅତିରିକ୍ତ ତହସିଲଦାର ଥାନାରେ ଲିଖିତ ଏତଲା ଦେଇଥିଲେ। ଏତଲା ପାଇ ତଦନ୍ତକାରୀ ପୁଲିସ ଅଧିକାରୀ ଦଣ୍ଡପାଣି ପାତ୍ରଙ୍କୁ ଥାନାକୁ ଡାକିଥିଲେ। ତେବେ ୪ ତାରିଖରେ ଦଣ୍ଡପାଣି ଥାନାକୁ ଯିବା ପରିବର୍ତ୍ତେ ବିଷ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ନିକଟରୁ ମିଳିଥିବା ସୁଇସାଇଡ ନୋଟରେ ତାଙ୍କର ମୃତ୍ୟୁ ପାଇଁ ଅତିରିକ୍ତ ତହସିଲଦାର ଦାୟୀ ବୋଲି ଉଲ୍ଲେଖ ଥିଲା। ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ପିଇଓ ଦଣ୍ଡପାଣି ପାତ୍ରଙ୍କର ଘଟଣାର ୧୩ଦିନ ପରେ ଅର୍ଥାତ୍ ଫେବୃଆରୀ ୧୭ତାରିଖରେ ଦେହାନ୍ତ ଘଟିଥିଲା। ଆଜିର ସାମ୍ବାଦିକ ସମ୍ମିଳନୀରେ ମୃତ ଦଣ୍ଡପାଣିଙ୍କ ବିଧବା ପତ୍ନୀ ବି. ଜାନକୀ ପାତ୍ରଙ୍କ ସହିତ ତାଙ୍କର ୩ଝିଅ ରଶ୍ମିତା ପାତ୍ର, ରୋଜା ପାତ୍ର ଓ ଲିଜା ପାତ୍ର, ୩ଜ୍ୱାଇଁ ପବିତ୍ର ପାତ୍ର, ସୁଶାନ୍ତ ପାତ୍ର ଓ ସୁନୀଲ କୁମାର ପାତ୍ରଙ୍କ ସମେତ ଆଇନଜୀବୀ ଦୀପକ ପଟ୍ଟନାୟକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଆଇପିଏଲ୍ ବେଟିଂ: ହ୍ୱାଟ୍ସ ଆପ୍‌ରେ ଆଇଡି-ପାସ୍‌ୱାର୍ଡ ପଠାଇ ବୁକି ଗିରଫ



ବ୍ରହ୍ମପୁର,୧୦।୫(ସମିସ): ବ୍ରହ୍ମପୁର ସହରରେ ବେଧଡ଼କ ଭାବେ ଚାଲିଛି ଆଇପିଏଲ୍ ସଟ୍ଟା। ପ୍ରତ୍ୟେକ ଦିନ ଶହ ଶହ ବ୍ୟକ୍ତି ତଥା ଗ୍ରାହକ ଲକ୍ଷ ଲକ୍ଷ ଟଙ୍କା ବାଜିରେ ଲଗାଉଛନ୍ତି। ଶନିବାର ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ ଚାଲିଥିବା ବେଳେ ବେଟିଂ ତଥା ସଟ୍ଟା ପରିଚାଳନା କରୁଥିବା ଜଣେ ବୁକିକୁ ବଡ଼ବଜାର ଥାନା ପୁଲିସ କାବୁ କରିଛି। ସେ ହେଲେ ଶାନ୍ତିନଗର ୪ର୍ଥ ଲାଇନର ରଜନୀ ରଞ୍ଜନ ରାଉତ(୨୭)। ତାଙ୍କ ନିକଟରୁ ୨ଟି ଦାମୀ ମୋବାଇଲ ଫୋନ

**୫୦ ହଜାର ଟଙ୍କା ଜବତ**

ଏବଂ ନଗଦ ୫୦ହଜାର ୨୦୦ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତ ରଜନୀ "ସ୍କାଏ ଏକ୍ସଚେଞ୍ଜ' ପ୍ଲାଟଫର୍ମ ଜରିଆରେ ଲିଙ୍କ ଆଣିବା ପରେ ହ୍ୱାଟ୍ସଆପ ମାଧ୍ୟମରେ ଗ୍ରାହକମାନଙ୍କୁ ବେଟିଂ ଆଇଡି ଓ ପାସୱାର୍ଡ ଯୋଗାଇ ଦେଉଥିଲେ। ଆଇପିଏଲ ସଟ୍ଟା ପରିଚାଳନା କରୁଥିବା ଅନ୍ୟ ମାଷ୍ଟରମାଇଣ୍ଡଙ୍କ ଠାରୁ ସେ ବେଟିଂ ପ୍ୟାନେଲ୍ ଆଣି ଏହା ସମ୍ପୂର୍ଣ୍ଣ ଆଇନସମ୍ମତ ବୋଲି କହି ଲୋକଙ୍କୁ ପ୍ରଭାବିତ କରୁଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

ଗତ ରାତିରେ ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟନ୍ସ ଦଳ ମଧ୍ୟରେ ଆଇପିଏଲ୍ ମ୍ୟାଚ ଚାଲିଥିବା ବେଳେ ଫାଷ୍ଟଗେଟ୍ ନିକଟ ଅଟୋନଗର ଅଞ୍ଚଳରେ ବେଆଇନ ଅନଲାଇନ୍ ବେଟିଂ ଚାଲିଥିବା ବଡବଜାର ଥାନା ପୁଲିସକୁ ଖବର ମିଳିଥିଲା। ଥାନା ଏସଆଇ ଦୀପକ କୁମାର ଦାସ ଓ ତାଙ୍କ ଟିମ୍ ସେଠାରେ ଚଢ଼ଉ କରି ତାଙ୍କ ନିକଟରୁ ଏହି ଆପ ପରିଚାଳନା କରାଯାଉଥିବା ୨ଟି ମୋବାଇଲକୁ ଜବତ କରିବା ସହ ଏକାଧିକ ସ୍କ୍ରିନସଟ ଜବତ ହୋଇଥିଲା। ଅଭିଯୁକ୍ତ ରଜନୀ ନାମରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ସମେତ ପବ୍ଲିକ୍ ଗ୍ୟାମ୍ବଲିଂ ଆକ୍ଟ ଏବଂ ଆଇଟି ଆକ୍ଟ ଧାରାରେ ମାମଲା ରୁଜୁ କରାଯାଇଛି। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଦ୍ୱାରା ପରିଚାଳିତ ବେଟିଂ ସହ ଜଡ଼ିତ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିବାକୁ ପୁଲିସ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ଏହି ରାକେଟରେ ସଂପୃକ୍ତ ଅନ୍ୟ ବ୍ୟକ୍ତିଙ୍କୁ ଧରିବା ପାଇଁ ଅଧିକ ଖୋଳତାଡ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ କବିତା ଆସର



ବ୍ରହ୍ମପୁର,୧୦।୫(ସମିସ): ସ୍ଥାନୀୟ କୁଇନ୍ସ ଅଫ୍ ଦ ମିଶନ ଉଚ୍ଚ ବିଦ୍ୟାଳୟରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ ଅବସରରେ ପୁସ୍ତକ ଲୋକାର୍ପଣ ଉତ୍ସବ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଜିଲ୍ଲା ଶାଖା ସଭାପତି ହରେକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର୍ ବିଷ୍ଣୁଚରଣ ଚୌଧୁରୀ ଯୋଗଦେଇ ବିଶ୍ୱ ମାତୃଦିବସ ପାଳନର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଯୋଗ ଦେଇଥିଲେ। ଭାରତବର୍ଷର ସାଂସ୍କୃତିକ ପରମ୍ପରାରେ ସନ୍ତାନମାନଙ୍କ ପକ୍ଷରେ ପ୍ରତିଦିନ ହେଉଛି ମାତୃ ଦିବସ, ମା' ଚିରକାଳ ଅବିକଳ୍ପା ଓ ଅତୁଳନୀୟା ହୋଇଥିବା ବେଳେ ତ୍ୟାଗ, ତପସ୍ୟା ଓ ସମର୍ପଣର ଅନ୍ୟନାମ ମା' ବୋଲି ନିଜ ଅଭିଭାଷଣରେ ଡ. ଓଝା କହିଥିଲେ। ଉତ୍ସବରେ ବର୍ଷିୟାନ୍ କବି ଡ. କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ବିରଚିତ ଦଶମ କବିତା ସଂକଳନ 'ସ୍ମୃତିର ଶବ୍ଦଚିତ୍ର' ଆମନ୍ତ୍ରିତ ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ଡା. ଶଙ୍କର୍ଷଣ ପାତ୍ର ଯୋଗଦେଇ 'ସ୍ମୃତିର ଶବ୍ଦଚିତ୍ର'ର କବି ଡ. କୈଳାସ ଚନ୍ଦ୍ର ତ୍ରିପାଠୀ ସ୍ୱକୀୟ ସାରସ୍ୱତ ଜୀବନର ସ୍ୱପ୍ନ ଓ ସାଧନା ବିଷୟରେ ବର୍ଣ୍ଣନା କରିଥିଲେ। ପରିଷଦର ଜିଲ୍ଲା ଶାଖା ସମ୍ପାଦକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ପ୍ରାଚ୍ୟତତ୍ତ୍ୱବିତ୍ ଡ. ସଚ୍ଚିଦାନନ୍ଦ ପାଢ଼ୀ, ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଡ. ଲମ୍ବୋଦର ପାଣିଗ୍ରାହୀ, ଡ. ବନମାଳୀ ପାଣିଗ୍ରାହୀ, ଡ. ସୂଚନା ପାଢ଼ୀ, ନୀଳକଣ୍ଠ ସାହୁ ଓ ବଂଶୀଧର ସେଠୀ ନିଜ ବକ୍ତବ୍ୟ ରଖିଥିଲେ। ବିଶ୍ୱ ମାତୃ ଦିବସ କବିତା ଆସରରେ ସ୍ୱର୍ଣ୍ଣମୟୀ ପାଢ଼ୀ, ଆରତି ଶତପଥୀ, ସୁଚେତା ପାଣିଗ୍ରାହୀ, ଜ୍ୟୋତ୍ସ୍ନାରାଣୀ ଦେବୀ, ହରେକୃଷ୍ଣ ପଣ୍ଡା, ନୀହାରିକା ସାହୁ, ଘନଶ୍ୟାମ ବେହେରା, ସନ୍ଧ୍ୟାରାଣୀ ଦେବୀ, ମଧୁସ୍ମିତା ସାହୁ ଓ କାଳୀପ୍ରସାଦ ରାଓ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାକ୍ଟର ଚକାତଳେ ପଡ଼ି ଛାତ୍ରଙ୍କ ମୃତ୍ୟୁ

ବ୍ରହ୍ମପୁର,୧୦।୫(ସମିସ): ସଦର ଥାନା ଅନ୍ତର୍ଗତ ଲାଠି-ବ୍ରହ୍ମପୁର ରାସ୍ତାରେ ରବିବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରାକ୍ଟର ଚକା ତଳେ ଚାପିହୋଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଲାଠି ଗ୍ରାମର ସାଇରାମ ସୁଆର (୧୨)। ଏନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିବା ସହ ଚାଳକକୁ ଥାନରେ ଅଟକ ରଖାଯାଇଛି। ପ୍ରକାଶ ଯେ, ଲାଠିରୁ ଏକ ଗୋଡ଼ ବୋଝେଇ ଟ୍ରାକ୍ଟର ବ୍ରହ୍ମପୁର ଅଭିମୁଖେ ଆସୁଥିଲା। ଲାଠି ଗ୍ରାମର ସାଇରାମ ସୁଆର ସାଇକଲ ଯୋଗେ ଉକ୍ତ ରାସ୍ତାରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟରଟି ତାଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣା ସ୍ଥଳରେ ହିଁ ସାଇରାମଙ୍କ ଜୀବନ ଚାଲିଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଶ୍ରମିକ ନେତାଙ୍କ ବିୟୋଗରେ ଶୋକସଭା



ବ୍ରହ୍ମପୁର,୧୦।୫(ସମିସ): ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ବିଶିଷ୍ଟ ଶ୍ରମିକନେତା ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା କୈଳାସ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ବିଭିନ୍ନ ସଂଗଠନର ନେତୃବୃନ୍ଦ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହ ଶ୍ରମିକଙ୍କ ହିତରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶରେ ଜରୁରୀକାଳୀନ ଅବସ୍ଥା ସମୟରେ ଗିରଫ ହୋଇ ସେ କାରାବରଣ କରିଥିଲେ। କେନ୍ଦ୍ର ସରକାରଙ୍କ ମିଶା ବନ୍ଦୀଙ୍କ ପାଇଁ ମିଳୁଥିବା ମାସିକ ୨୦ହଜାର ଭତ୍ତାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ସେହିପରି ଶ୍ରମିକ ଆନ୍ଦୋଳନର ଅଦ୍ୱିତୀୟ ନେତା ଏବଂ ସିପିଏମର ରାଜ୍ୟର ଅନ୍ୟତମ ପ୍ରମୁଖ ନେତା ଭାବେ ଶେଷ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ମହାନ୍ତି ସିଆଇଟିୟୁର ସର୍ବ ଭାରତୀୟ ଉପସଭାପତି ଭାବେ ନିର୍ବାଚିତ ହେବାର ଗୌରବ ଅର୍ଜନ କରିଥିଲେ। ତାଙ୍କର ଦେହାନ୍ତ ସମଗ୍ର ରାଜ୍ୟର ଶ୍ରମିକ ଶ୍ରେଣୀର ଜୀବନ ଜୀବିକାର ଲଢେଇରେ ଏକ ଶକ୍ତ ଧକ୍କା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶୋକସଭାରେ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ନୀଳ ମାଧବ ରଥ, ଗୋକୁଳାନନ୍ଦ ତ୍ରିପାଠୀ, ପ୍ରଶାନ୍ତ ଶତପଥୀ ଓ ମୋହନ ରାଓ ପ୍ରମୁଖ ଯୋଗଦେଇ ଦିଗଙ୍ଗତ ନେତାଙ୍କ ସ୍ମୃତିଚାରଣ କରିଥିଲେ।

## ବିଶ୍ୱ ନିକେତନ ଜରା ନିବାସରେ ମାତୃ ଦିବସ




ବ୍ରହ୍ମପୁର,୧୦।୫(ସମିସ): ମହାନ ସଂଘ ଦ୍ୱାରା ପରିଚାଳିତ ରାମଚନ୍ଦ୍ରପୁର ସ୍ଥିତ ବିଶ୍ୱ ନିକେତନ ଜରା ନିବାସରେ ମାତୃ ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାତା ତଥା ସମାଜସେବୀ ସୁଶାନ୍ତ କୁମାର ସାବତ ଯୋଗଦେଇ ବିଶ୍ୱ ମାତୃଦିବସକୁ ନେଇ ନିଜ ବକ୍ତବ୍ୟ ରଖିବା ସହ ଅନ୍ତେଃବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଯୋଗଦେଇ ବୃଦ୍ଧାମାନଙ୍କ ସହ ସମୟ ଅତିବାହିତ କରିବା ସହ ଖାଦ୍ୟ ଓ ଆବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ। ସେମାନଙ୍କ ସୁଖଦୁଃଖ ଶୁଣିବା ସହ ମା'ଙ୍କ ତ୍ୟାଗ, ସ୍ନେହ ଓ ଅବଦାନକୁ ସ୍ମରଣ କରାଯାଇଥିଲା। ଜରାନିବାସ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ବୃଦ୍ଧାମାନେ ଆତ୍ମୀୟତା ଓ ସ୍ନେହକୁ ଅନୁଭବ କରିପାରିଛନ୍ତି। ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ପରିବେଷଣ ଓ କେକ କାଟି ଏହି ମହାନ ଦିବସ ପାଳନ କରାଯାଇଥିଲା।

## ବିଶ୍ୱ ମାତୃ ଦିବସରେ ବେଳାଭୂମି ସଫେଇ



ବ୍ରହ୍ମପୁର,୧୦।୫(ସମିସ): ଇଣ୍ଟରନ୍ୟାସନାଲ ଓଡ଼ିଆ ଫାଉଣ୍ଡେସନ ଓ ଗ୍ରୀନ ପିସ୍ ଭିଲେଜ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ମାତୃ ଦିବସ ଅବସରରେ ଗୋପାଳପୁର ସମୁଦ୍ର ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏହି ସ୍ୱଚ୍ଛତା ଅଭିଯାନରେ ପ୍ରାୟ ଦୁଇ କିଲୋମିଟର ପର୍ଯ୍ୟନ୍ତ ବିସ୍ତୃତ ବେଳାଭୂମିରେ ପଡ଼ିଥିବା ପ୍ଲାଷ୍ଟିକ ଆବର୍ଜନା, ପଲିଥିନ, ପ୍ଲାଷ୍ଟିକ ବୋତଲ, ଖାଦ୍ୟ ପ୍ୟାକେଟ୍ ଓ ଅନ୍ୟାନ୍ୟ ପଦାର୍ଥଗୁଡ଼ିକୁ ସଂଗ୍ରହ କରାଯାଇଥିଲା। ସମୁଦ୍ର ପରିବେଶ ଉପରେ ପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ ଏବଂ ଏଦିଗରେ ପର୍ଯ୍ୟଟକଙ୍କ ସମେତ ଅଞ୍ଚଳବାସୀଙ୍କ ଭୂମିକା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ସ୍ଥାନୀୟ ଯୁବକଯୁବତୀ, ସ୍ୱେଚ୍ଛାସେବୀ, ପରିବେଶପ୍ରେମୀ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଇଣ୍ଟରନ୍ୟାସନାଲ ଓଡ଼ିଆ ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରତାପ ନାୟକ, ପରିବେଶବିତ ରବି ସାହାଣୀ, ଓଡ଼ିଶା ଇଭେଣ୍ଟ କୋଡ଼ିନେଟର ସମୀରା ନାୟକ, ସଭାପତି ବିଶ୍ୱରଞ୍ଜନ ସାହୁ, ପ୍ରଶାନ୍ତ ମେହେର, ସଞ୍ଜିତ ନାୟକ, ଗ୍ରୀନ ପିସ୍ ଭିଲେଜର ପ୍ରତିଷ୍ଠାତା ପ୍ରଶାନ୍ତ ଦାସ, ସଭାପତି ବିକାଶ ନାହାକ, ଉପଦେଷ୍ଟା ରବୀନ୍ଦ୍ର ନାୟକ, ଶାନ୍ତନୁ ନାହାକ, ଲକ୍ଷ୍ମୀନାରାୟଣ ନାହାକ, ଆଲୋକ ନାହାକ, ଦେବାଶିଷ ନାହାକ, ଉପଦେଷ୍ଟା ପଞ୍ଚାନନ ଖଟୁଆ, ପ୍ରତାପ ନାହାକ ଓ ବିଘ୍ନରାଜ ନାହାକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବ୍ରହ୍ମପୁର ରେଳଷ୍ଟେସନରେ ଉଭୟ ହେଲ୍ପଡେସ୍କ ଅଚଳ

ବ୍ରହ୍ମପୁର,୧୦।୫(ସମିସ)

- ଡମ୍ପିଂୟାର୍ଡରେ ପରିଣତ ଡେସ୍କ
- ସହାୟତାରୁ ବଞ୍ଚିତ ଯାତ୍ରୀ








ଯାତ୍ରୀଙ୍କ ସୁରକ୍ଷା ଓ ଜରୁରିକାଳୀନ ସହାୟତା ପାଇଁ ବ୍ରହ୍ମପୁର ରେଳ ଷ୍ଟେସନରେ ସ୍ଥାପିତ ହୋଇଥିବା ଉଭୟ ଚାଇଲ୍ଡ ହେଲ୍ପଡେସ୍କ ଏବଂ ଓଡ଼ିଶା ପୁଲିସର ମହିଳା ଓ ଶିଶୁ ସହାୟତା କେନ୍ଦ୍ର ବର୍ତ୍ତମାନ ଅଲୋଡ଼ା ହୋଇପଡ଼ିଛି। ବ୍ୟବହାର ଅଭାବରୁ କେନ୍ଦ୍ରରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଏହି କେନ୍ଦ୍ରର ରକ୍ଷଣାବେକ୍ଷଣକୁ ନେଇ ଉଠିଛି ପ୍ରଶ୍ନବାଚୀ। ଯଦ୍ୱାରା ରେଳ ଷ୍ଟେସନରେ ଯାତ୍ରୀ ଓ ଶିଶୁ ସୁରକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ରାଜ୍ୟ ଓ କେନ୍ଦ୍ର ସରାକାରଙ୍କ ପକ୍ଷରୁ ବ୍ରହ୍ମପୁର ରେଳଷ୍ଟେସନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହେଲ୍ପ ଡେସ୍କଗୁଡିକ ଜନସାଧାରଣଙ୍କ ହିତରେ ଆସୁନଥିବା ଦେଖିବାକୁ ମିଳିଛି।

ଷ୍ଟେସନର ୧ନମ୍ବର ପ୍ଲାଟଫର୍ମରେ ଚାଇଲ୍ଡ ହେଲ୍ପଡେସ୍କ ଏବଂ ଓଡ଼ିଶା ପୁଲିସ ପକ୍ଷରୁ ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସ୍ଥାପନ କରାଯାଇଥିଲା। ଅସହାୟ ଶିଶୁ, ନିଖୋଜ ଶିଶୁ, ଶିଶୁ ଚାଲାଣ ରୋକିବା ଅଥବା ଯାତ୍ରା ସମୟରେ ସମସ୍ୟାର ସମ୍ମୁଖୀନ ହେଉଥିବା ଶିଶୁମାନଙ୍କୁ ତୁରନ୍ତ ସହାୟତା ଯୋଗାଇବା ହେଉଛି ଉଭୟ ହେଲ୍ପଡେସ୍କର ଲକ୍ଷ୍ୟ। କିନ୍ତୁ କେନ୍ଦ୍ରରେ ମୌଳିକ ସୁବିଧାର ଅଭାବରୁ ତାହା ଅଚଳ ହୋଇପଡ଼ିଛି। ବିଶେଷକରି ପଙ୍ଖା ନଥିବାରୁ ଗ୍ରୀଷ୍ମଋତୁରେ ଭିତରେ ବସିବା କଷ୍ଟକର ହୋଇପଡୁଥିବାରୁ ସେଠାରେ ନିୟମିତ ଭାବେ ବସିବା ସମ୍ଭବପର ହେଉନଥିବା କହିଛନ୍ତି ସେଠାରେ ନିୟୋଜିତ କର୍ମଚାରୀ। ଡ୍ୟୁଟି ସମୟରେ କର୍ମଚାରୀମାନଙ୍କୁ ଷ୍ଟେସନର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବାକୁ ପଡୁଥିବା ବେଳେ ଆବଶ୍ୟକ ସ୍ଥଳେ କୌଣସି ବ୍ୟକ୍ତି ସେମାନଙ୍କୁ ଯୋଗାଯୋଗ କରିବାରେ ସମସ୍ୟା ସୃଷ୍ଟି ହୋଉଛି। ଏହାର ସୁଯୋଗ ନେଇ କିଛି ଖଳପ୍ରକୃତିର ବ୍ୟକ୍ତି ଶିଶୁ ଚାଲାଣ କରିବାକୁ ପଛାଉ ନାହାନ୍ତି। ସେହିପରି ପ୍ଲାଟଫର୍ମରେ ଥିବା ଓଡ଼ିଶା ପୁଲିସର ମହିଳା ଓ ଶିଶୁ ସହାୟତା କେନ୍ଦ୍ରରେ ମଧ୍ୟ ପୁଲିସ କର୍ମଚାରୀଙ୍କ ନିୟମିତ ଅନୁପସ୍ଥିତି ଦେଖିବାକୁ ମିଳୁଛି। ସହାୟତା କେନ୍ଦ୍ରରେ ଥିବା କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ଯନ୍ତ୍ରାଂଶ ପଡ଼ିପଡ଼ି ନଷ୍ଟ ହେବାରେ ଲାଗିଛି। ଫଳରେ ଷ୍ଟେସନରେ ଯାତ୍ରା ସମୟରେ ମହିଳା ଓ ଶିଶୁମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ ସେମାନଙ୍କୁ ତୁରନ୍ତ ସହାୟତା ଉପଲବ୍ଧ ହୋଇପାରୁ ନାହିଁ। ଜନସାଧାରଣଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଏଭଳି କେନ୍ଦ୍ର ଖୋଲାଯାଉଥିଲେ ହେଁ ପରବର୍ତ୍ତୀ ସମୟରେ ସେଗୁଡ଼ିକର ରକ୍ଷାଣାବେକ୍ଷଣ ଓ ସଠିକ୍ ପରିଚାଳନା ହେଉନାହିଁ। କେବଳ ନାମକୁ ମାତ୍ର ଏହି କେନ୍ଦ୍ରଗୁଡ଼ିକ ରହିଥିବା ବେଳେ ତାହା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ପରିବେଶ ନଷ୍ଟ କରୁଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ରେଳ କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଉଭୟ କେନ୍ଦ୍ରକୁ ପୁନଃ କାର୍ଯ୍ୟକ୍ଷମ କରିବା ସହିତ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



# ଏମ୍‌କେସିଜି କ୍ୱାର୍ଟର୍ସରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୧୦।୫(ସମିସ): ଏମ୍‌କେସିଜି ମେଡିକାଲ କଲେଜ ପରିସରରେ ଥିବା ଜଣେ କର୍ମଚାରୀଙ୍କ କ୍ୱାର୍ଟର୍ସରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ଘରେ କେହି ନଥିବାର ସୁଯୋଗ ନେଇ ଜଣେ ଯୁବକ ଦିନ ଦ୍ୱିପ୍ରହରେ କ୍ୱାର୍ଟର୍ସ ଭିତରେ ପଶି ଆଲମିରାରୁ ସମସ୍ତ ସୁନା ଅଳଙ୍କାର ଚୋରି କରି ନେଇଥିଲେ। ସଂପୃକ୍ତ କର୍ମଚାରୀଙ୍କ ପରିବାର ଲୋକେ ଫେରିବା ପରେ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ପରେ ଜଣେ ଯୁବକ ଏକ ବ୍ୟାଗ ଧରି ଯାଉଥିବା ଦେଖିବାକୁ ମିଳିଥିଲା। ସେହି ଯୁବକ ଜଣଙ୍କ ହିଁ ଚୋରି କରିଥିବା ସନ୍ଦେହ କରାଯାଉଛି। ଘଟଣାକୁ ନେଇ କର୍ମଚାରୀ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି।

# ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ; ୪ ଆହତ

ପୁରୁଷୋତ୍ତମପୁର, ୧୦।୫(ସମିସ)

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ସୁନାଥର ଗ୍ରାମରେ ଗ୍ୟାସ୍ ଟାଙ୍କି ଲଗାଇବା ବେଳେ ନିଆଁ ଲାଗି ଟାଙ୍କି ଫାଟି ୪ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଇଣ୍ଡିଆନ ଗ୍ୟାସ ଡେଲିଭେରି କର୍ମଚାରୀ ପ୍ରଶ୍ନ କୁମାର ନାହାକ (୪୦), ଶୋଭା ନାହାକ (୬୦), ପାଣ୍ଡା ନାହାକ(୪), ଖୁସି ନାହାକ( ୩ )। ଖବରରୁ ପ୍ରକାଶ ଯେ, ସୁନାଥର ଗ୍ରାମର ଶୋଭା ନାହାକ ଗ୍ୟାସ ବୁକିଂ କରିଥିଲେ। ରବିବାର ସନ୍ଧ୍ୟାରେ ଇଣ୍ଡିଆନ ଗ୍ୟାସର ଡେଲିଭେରୀ କର୍ମଚାରୀ ଗ୍ୟାସ ଦେଇ ଟାଙ୍କି ଲଗାଇବା ବେଳେ ଗ୍ୟାସ ଲିକ୍ ହୋଇ ନିଆଁ ଲାଗି ଯାଇ ଟାଙ୍କି ଫାଟିଥିଲା। ବିସ୍ଫୋରଣରେ ଘରର ଟିଣ ଛପର ଉଡ଼ି ଯାଇଥିଲା। ଏଥିରେ ଗ୍ୟାସ କର୍ମଚାରୀ ପ୍ରଶ୍ନ , ଜେଜେ ମା', ନାତି ଓ ନାତୁଣୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ୧୦୮ ଆମ୍ବୁଲାନ୍ସରେ ଭାଟକୁମରଡ଼ା ସ୍ୱାସ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରଶ୍ନଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୁରୁଷୋତ୍ତମପୁର ପୁଲିସ ଓ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ପୁଲିସ ତଦନ୍ତ ଚଳାଇଥିବା ଏଆଇ ସୁଶାନ୍ତ ମିଶ୍ର କହିଛନ୍ତି।



# ୨୮ ରୁ ବ୍ଲକସ୍ତରୀୟ ସାମାଜିକ ନାଟକ ପ୍ରତିଯୋଗିତା

ଗଞ୍ଜାମ,୧୦।୫(ସମିସ): ପ୍ରଥମ ଥର ପାଇଁ ଗଞ୍ଜାମ ବ୍ଲକସ୍ତରୀୟ ସାମାଜିକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ୨୮ ରୁ ୧ ତାରିଖ ଅର୍ଥାତ ପାଞ୍ଚ ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। କଳାକୁ ବଞ୍ଚାଇବା ଏବଂ ଉପାର୍ଜିତ ଅର୍ଥ ଅନାଥ ଆଶ୍ରମକୁ ଦାନ କରାଯିବା ଲକ୍ଷ୍ୟରେ ଶ୍ରୀଜଗନ୍ନାଥ କଳା ସାଂସ୍କୃତିକ ମଞ୍ଚ ଏହି ଭଳି ଏକ ପ୍ରତିଯୋଗିତା ଆୟୋଜନ କରୁଥିବା ଜଣାପଡିଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ସୁବଳୟା ଖେଳ ପଡିଆରେ ଗୋଟିଏ ମଞ୍ଚରେ ପୃଥକ ପୃଥକ ଭାବେ ପାଞ୍ଚ ଦିନ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ ନାଟକ ପରିବେଶଣ ହେବ। ଏଥିପାଇଁ ସୁବଳୟା ଶାନ୍ତି କମିଟି ଓ ଆୟୋଜକଙ୍କ ମଧ୍ୟରେ ଏକ ବୈଠକ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଆୟୋଜକଙ୍କ ପକ୍ଷରୁ ମଞ୍ଚ ସଭାପତି ଗୌରୀ ଶଙ୍କର ବାରିକି, କୋଷାଧକ୍ଷ ସନ୍ତୋଷ ନାହାକ, ନିର୍ଦ୍ଦେଶକ ନିରଞ୍ଜନ ମୁଦୁଲି, ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ସଭାପତି ଶବର କୁମାର ତରାଇ, ସୁବଳୟା ଭଦ୍ର ବ୍ୟକ୍ତି ବିଜୟ କୁମାର ବିଶ୍ୱାଳ, ଶାନ୍ତି କମିଟି ସଭାପତି ରାମହରୀ ସାହୁ, ସମ୍ପାଦକ ସୁଶାନ୍ତ କୁମାର ବେହେରା, କାହ୍ନୁଚରଣ ନାୟକ, ରବୀନ୍ଦ୍ର କୁମାର ସାହୁ, ଗୋପବନ୍ଧୁ ସାହୁ, ପ୍ରହଲ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ନାଟକ ପ୍ରତିଯୋଗିତାକୁ ସମସ୍ତ ସହଯୋଗ କରିବାକୁ କମିଟି ପ୍ରତିଶ୍ରୁତି ଦେଇଥିଲେ। ଯାଜପୁର ଜିଲ୍ଲାର ବିଚାରକ ମାନଙ୍କ ଦ୍ୱାରା ବିବେଚିତ ଦୁଇଟି ନାଟକକୁ ପ୍ରଥମ ଓ ଦ୍ୱିତୀୟ ଶ୍ରେଷ୍ଠ ନାଟକ ଘୋଷିତ କରାଯିବ ଏବଂ ପ୍ରଥମ ହୋଇଥିବା ନାଟକ ପରିଚାଳକଙ୍କୁ ଟ୍ରଫି ସହ ପଚାଶ ହଜାର ଓ ଦ୍ୱିତୀୟଙ୍କୁ ତିରିଶ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ମଞ୍ଚ ଆବାହକ ଶଙ୍କର ବାରିକି କହିଛନ୍ତି। ଶୁଭାରମ୍ଭ ଦିବସରେ ମା'ନାରାୟଣୀ ଯୁବ ନାଟ୍ୟ ସଙ୍ଘ ପକ୍ଷରୁ ନିର୍ଦ୍ଦେଶକ ଯୋଗେନ୍ଦ୍ର କୁମାର ସେଠିଙ୍କ ରୁପା ଶଗଡ଼ରେ ସୁନା କନିଆ, ୨୯ରେ ବାବା ଲଙ୍ଗଳେଶ୍ୱର ନାଟ୍ୟ ସଙ୍ଘ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାସଙ୍କ ନାଟକ ଏଇ ଫଗୁଣରେ ବାଜିବ ବାଜା, ୩୦ରେ ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ନିର୍ଦ୍ଦେଶକ ଡ଼ଃ ଗୌରୀ ଶଙ୍କର ଶତପଥୀଙ୍କ ସେଇ ଗୋଟିଏ ଭୁଲ ପାଇଁ, ୩୧ରେ ଗୋପାଳ କୃଷ୍ଣ ଯୁବ ନାଟ୍ୟ ସଙ୍ଘ (ସୁବଳୟା )ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ବରାଳଙ୍କ ସ୍ୱାମୀ ପାଇଁ ପଛେ ନର୍କକୁ ଜୀବି ଏବଂ ଜୁନ ୧ରେ ଗୋବିନ୍ଦେଶ୍ୱର ନାଟ୍ୟ ସଙ୍ଘ ନିର୍ଦ୍ଦେଶକ ସୁରେଶ ନାୟକଙ୍କ କାନ୍ଦେନା ଲୁହ ସରିଯିବ ନାଟକ ପରିବେଷଣ ହେବ।



# ବୈଦେହୀଶ ବିଳାସ କାବ୍ୟର ଲୋକାର୍ପଣ



ପୋଲସରା,୧୦।୫(ସମିସ): କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କୃତ ବିଚିତ୍ର କାବ୍ୟ ବୈଦେହୀଶ ବିଳାସ କାବ୍ୟର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆ ବୁକ୍ ଅଫ୍ ରେକଡ଼୍‌ସ୍‌ରେ ସ୍ଥାନିତ ଅବନା ଅନୁପ୍ରାସ କବିତାମାଳା 'ଅକ୍ଷରା'ର କବି କୁଳମଣି ସାହୁଙ୍କ ଦ୍ୱାରା ସମ୍ପାଦିତ ଏବଂ ଅଧ୍ୟାପକ ମନୋଜ କୁମାର ସାହୁଙ୍କ ଦ୍ୱାରା ପ୍ରକାଶିତ ଏହି ବିଶାଳ ଗ୍ରନ୍ଥକୁ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଲୋକାର୍ପଣ କରିଥିଲେ। ପ୍ରଜ୍ଞା ପ୍ରଦୀପ ଫାଉଣ୍ଡେସନ୍, କଳମ୍ବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାଳଜୟୀ କାବ୍ୟ ବୈଦେହୀଶ ବିଳାସକୁ ବିଶ୍ୱର ଶ୍ରେଷ୍ଠ କାବ୍ୟ ଭାବରେ ଅଭିହିତ କରିବା ସହିତ ବାଲ୍ମୀକି ରାମାୟଣ ଆଧାରିତ ଏହି ମହାନ୍ ଗ୍ରନ୍ଥ ପ୍ରତ୍ୟେକ ଓଡ଼ିଆ ପରିବାରରେ ସ୍ଥାନିତ ଓ ସଂରକ୍ଷିତ ହେବା ନିମନ୍ତେ ଆଶା ପୋଷଣ କରିଛନ୍ତି। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ବିଶିଷ୍ଟ ଭଞ୍ଜ ସାହିତ୍ୟ ଗବେଷକ କମ୍ବୁପାଣି ସାମନ୍ତ ମୁଖ୍ୟ ବକ୍ତା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଞ୍ଜାମ ବିଭାଗ ସଙ୍ଘ ଚାଳକ ଶଭଗବାନ ତ୍ରିପାଠୀ ବରେଣ୍ୟ ଅତିଥି ତଥା ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବୈଦେହୀଶ ବିଳାସର ମହିମା ଓ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଜ୍ଞା ପ୍ରଦୀପ ଫାଉଣ୍ଡେସନ ସଭାପତି ଓ ପୁସ୍ତକ ପ୍ରକାଶକ ମନୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସହଯୋଗୀ ପ୍ରକାଶକ ରୂପରେ ରତନ କୁମାର ପ୍ରଧାନ ଏବଂ ମଞ୍ଚ ପରିଚାଳକ ଭାବରେ ସଦାଶିବ ନାୟକ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଉଦଘାଟନ କରିଥିଲେ। କଣ୍ଠଶିଳ୍ପୀ ମହାତପା ସାହୁ ଏବଂ ତୁଳସୀ ବିଷୋୟୀ ଭଜନ ଗାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କବି ବୃନ୍ଦାବନ ପ୍ରଧାନ। ଅଞ୍ଚଳର ଶତାଧିକ ଭାଷାସାହିତ୍ୟ ପ୍ରେମୀ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହିତ ବହୁ ଗଣମାଧ୍ୟମ ପ୍ରତିନିଧି ଯୋଗଦାନ କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ





ଛତ୍ରପୁର,୧୦।୫(ସମିସ)

ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଛତ୍ରପୁର ଶାଖାର ବୈଠକ ସଭାପତି ସୁରେନ୍ଦ୍ରନାଥ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଶ୍ରୀ ପାଢ଼ୀଙ୍କ ସମେତ ଉପସଭାପତି ଡ଼ଃ.ପ୍ରଶାନ୍ତ କୁମାର ଶତପଥୀ, ସାଧାରଣ ସମ୍ପାଦକ ସୋମନାଥ ସାହୁ, ସମ୍ପାଦକ ସନ୍ତୋଷ କୁମାର ବାଡ଼ତ୍ୟା, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପାଢ଼ୀ, କୋଷାଧକ୍ଷ ଜି. ପାପା ରାଓ ମଞ୍ଚାସୀନ ରହି ନିଜ ଅଭିଭାଷଣରେ ସମାଜ ଗଠନରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଜ୍ଞତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ପେନସନଧାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଅଶ୍ୱିନୀ କୁମାର ଚୌଧୁରୀ, କାଶୀନାଥ ସାହୁ, ଏନ ରାମରାଓ, ରଘୁନାଥ ସାହୁ, ବିଜୟ କୁମାର ନନ୍ଦ, ସୁକାନ୍ତ କୁମାର ଜେନା, ପ୍ରମୋଦ କୁମାର ପଟ୍ଟନାୟକ, ସିମାଦ୍ରୀ ଚୌଧୁରୀ, ବିଜୟ କୁମାର ବେହେରା, କେ. କ୍ରିଷ୍ଣା ରାଓ, ଲକ୍ଷ୍ମୀନାରାୟଣ ପାତ୍ର, ରବୀନ୍ଦ୍ର କୁମାର ଦାଶ, ଦାଶରଥୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଆଲୋଚନା ସଭା ସ୍ଥାନୀୟ ଶ୍ରୀପାତାଳେଶ୍ୱର ଶିବମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ସଂଘର ବରିଷ୍ଠ ସଦସ୍ୟ ତଥା ଶୈବପୀଠ ପ୍ରତିଷ୍ଠାତା ପ୍ରମୋଦ କୁମାର ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଦିଗପହଣ୍ଡି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଡ. ଯୁଧିଷ୍ଠିର ସ୍ୱାଇଁ ଅଧକ୍ଷତା କରିଥିଲେ। ଆଇନଜୀବୀ ଅଶେଷ ନାଥ ମିଶ୍ର ନିମନ୍ତ୍ରିତ ଅତିଥିଭାବେ ଉପସ୍ଥିତ ଥିଲେ। ସଂଘର ସଦସ୍ୟା ସୁଷମା ପାଠୀ, ପଦ୍ମଚରଣ ମେକାପ ଏବଂ ଭବାନୀ ପ୍ରସାଦ ପାଢ଼ୀ ପ୍ରମୁଖ ସୁଲଳିତ କଣ୍ଠରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ କେ. ନାଗେଶ୍ୱର ରାଓ ପୂର୍ବରୁ ସଂଘ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧକ୍ଷ ନରହରୀ ସାହୁ ସଂଘର ଆୟ ବ୍ୟୟ ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ଭେଲିଡେସନ୍ ଆକ୍ଟକୁ ବିରୋଧ କରାଯାଇଥିଲା। ସଂଘର ଉପସଭାପତି ସୁବାଷ ଚନ୍ଦ୍ର ପାଢୀ, ସହ ସମ୍ପାଦକ ଭବାନୀ ପ୍ରସାଦ ପାଢ଼ୀ, ହିସାବ ନିରୀକ୍ଷକ ଗଣେଷ ମହାରଣା, କାର୍ଯ୍ୟକାରୀ କମିଟି ସଭ୍ୟ ଭୀମସେନ ପଣ୍ଡା, ସୁଷମା ପାଠୀ, ଦଣ୍ଡପାଣି ସାହୁ, ରାଜକିଶୋର ଚୌଧୁରୀ, ବିମ୍ବାଧର ବେହେରା, କୃଷ୍ଣଚନ୍ଦ୍ର ବ୍ରହ୍ମା, ସୁବାଷ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମଚରଣ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଆ ଆଡ୍ଡାରେ ଦୁର୍ବୃତ୍ତଙ୍କ ଆତଙ୍କ

# ବନ୍ଧୁକ ଦେଖାଇ କୋଟିଏ ଟଙ୍କା, ସୁନା ଲୁଟ୍

ରାୟଗଡ, ୧୦।୫ (ସମିସ) : ଓଡିଶା - ଆନ୍ଧ୍ର ସୀମାନ୍ତ ରାୟଗଡ ଜିଲ୍ଲାର ଏକ ସ୍ଥାନରେ ଏକ ବଡ଼ ଧରଣର ଜୁଆ ଖେଳର ଆସର ଜମୁଥିବାର ନେଇ ଆଜି ଆନ୍ଧ୍ରର ଏକ ଦୈନିକ ତେଲୁଗୁ ପତ୍ରିକାରେ ପ୍ରକାଶିତ ହୋଇଛି। ଏଥିରେ ଆନ୍ଧ୍ର ପ୍ରଦେଶର ଜୁଆଡ଼ିଆ ମାନେ ରାୟଗଡ ଜିଲ୍ଲାର ସୀମାନ୍ତକୁ ଜୁଆ ଖେଳିବାକୁ ଆସି ଅଜଣା ଦୁର୍ବୃତ୍ତ ମାନଙ୍କ ଦ୍ୱାରା ଲୁଟର ଶିକାର ହୋଇଥିଲେ। ଇଣ୍ଟରନେଟରେ ଉପଲବ୍ଧ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଶ୍ରୀକାକୁଲମ ଜିଲ୍ଲାର ୧୨ ଜଣ ଜୁଆଡ଼ି ତିନୋଟି କାରରେ ଓଡ଼ିଶାର ରାୟଗଡ଼ା ସୀମାନ୍ତର ଏକ ଆମ୍ବ ବଗିଚାକୁ ଜୁଆ ଖେଳିବାକୁ ଆସିଥିଲେ। ଯେହେତୁ ଏହା ଏକ ସୁଟ୍ (ମାଙ୍ଗାପତି ) ଖେଳ ଥିଲା, ସମସ୍ତେ ଲକ୍ଷ ଲକ୍ଷ ଟଙ୍କା ବାଜି ଲଗାଇଥିଲେ। ଶୁକ୍ରବାର ଅପରାହ୍ନରେ ଖେଳ ଶେଷ ସୁଦ୍ଧା ସେମାନଙ୍କ ପାଖରେ ୩୭ ଲକ୍ଷ ଟଙ୍କା ଥିଲା। ଏହି ସମୟରେ, ବନ୍ଧୁକଧାରୀ ଅଜଣା ଦୁର୍ବୃତ୍ତ ମାନେ ଜୁଆ ଆଡ୍ଡା ଉପରେ ଆକ୍ରମଣ କରିଥିଲା। ନଗଦ ୩୭ ଲକ୍ଷ ସହିତ, ୧୨ଜଣ ଜୁଆଡିଆଙ୍କର ୫୪ ତୋଲାରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ସମସ୍ତଙ୍କୁ ଖାଲି କପଡାରେ ଛାଡି ପଳାଇ ଯାଇଥିଲେ। କିଛି କରିବାର ନ ଥିବାରୁ, ସେମାନେ ସମସ୍ତେ ଶନିବାର ଦିନ ଶ୍ରୀକାକୁଲମ ଜିଲ୍ଲାକୁ ଫେରିଲେ ଯାଇଥିଲେ। ବିପୁଳ ପରିମାଣର ନଗଦ ଟଙ୍କା ଏବଂ ଅଳଙ୍କାର ହରାଇବା ସତ୍ତ୍ୱେ, ଜୁଆଡ଼ିମାନେ ପୋଲିସକୁ ଅଭିଯୋଗ କରିବାକୁ ଆଗେଇ ଆସି ନଥିଲେ। ସେମାନେ ଜୁଆ ଖେଳିବା ଯୋଗୁଁ ପୁଣି ଥରେ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ ହେବ ବୋଲି ଭୟରେ ସେମାନେ ଅଟକି ରହିଥିବା ସୂଚନା ମିଳୁଛି। ଆନ୍ଧ୍ର ପୁଲିସ ଜୁଆ ଆଡ୍ଡାଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ, ଜୁଆଡ଼ିମାନେ କିଛି ସମୟ ଧରି ଓଡ଼ିଶାର ଗଜପତି, ରାୟଗଡା, ଆସ୍କା ଏବଂ ଗଞ୍ଜାମ ଜିଲ୍ଲାକୁ ଆସି ଜୁଆ ଖେଳୁଥିବା ନେଇ ଏହି ଖବର ତେଲୁଗୁ ପତ୍ରିକା ଇନାଡୁ ରେ ପ୍ରକାଶିତ ହୋଇଛି। ତେବେ ରାୟଗଡ ଜିଲ୍ଲା ସୀମାନ୍ତ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ନେଇ ପୋଲିସ ପାଖରେ କୌଣସି ଖବର ନ ଥିବା ଜଣାପଡିଛି।

# ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର

ପାପଡାହାଣ୍ଡି,୧୦।୫(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ବଙ୍ଗାଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିରୀଗୁଡା ଗ୍ରାମରେ ରକ୍ତାକ୍ତ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ଜଣଙ୍କ ଜଗନ୍ନାଥ ଗୌଡ଼ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ବିରୀଗୁଡା ଗ୍ରାମର ଜଗନ୍ନାଥ ଗୌଡ଼ (୪୦) ଶନିବାର ରାତ୍ର ୧୦ ଘଣ୍ଟା ସମୟରେ ଘରୁ ବାହାରି ବୁଲିବାକୁ ଯାଇଥିଲେ. ସେ ରାତିରେ ଘରକୁ ଫେରିନଥିଲେ। ପରିବାର ସଦସ୍ୟ ଖୋଜାଖୋଜି କରିଥିଲେ । କିନ୍ତୁ କିଛି ଖବର ମିଳିନଥିଲା। ଆଜି ସକାଳୁ ଏକ ଚାଷ ଜମିରେ ରକ୍ତାକ୍ତ ଅବସ୍ଥାରେ ଜଗନ୍ନାଥଙ୍କ ମୃତଦେହ ମିଳିଥିଲା। ଜଗନ୍ନାଥଙ୍କ ମୁଣ୍ଡ କ୍ଷତାକ୍ତ ଅବସ୍ଥାରେ ଦେଖିବାକୁ ମିଳିଛି। ଏନେଇ ପରିବାର ଲୋକ ଜାଣିବା ପରେ କୋଡ଼ିଙ୍ଗା ପୋଲିସକୁ ଖବର ଦେଇଥିଲେ। କୋଡ଼ିଙ୍ଗା ପୁଲିସ ଘାଟନସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ଓ ଅନୁସନ୍ଧାନୀ କୁକୁର ପହଞ୍ଚି ଯାଞ୍ଚ କରିଥିଲେ। କୋଡ଼ିଙ୍ଗା ଥାନାରେ ଲିଖିତ ଅଭିଯୋଗ ପରେ କେଶ ନ ୫୧ ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତ ଅଧିକାରୀ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି।

# ଶାବର ଶ୍ରୀକ୍ଷେତ୍ରରେ ଶେଷ ହେଲା ଚନ୍ଦନ ଯାତ୍ରା

କୋରାପୁଟ,୧୦।୫(ସମିସ): ଚଳିତ ବର୍ଷର ଶାବର ଶ୍ରୀକ୍ଷେତ୍ରର ଚନ୍ଦନ ଯାତ୍ରା ସମାପ୍ତ ହୋଇଛି। ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ଏହି ୨୧ ଦିନ ବ୍ୟାପୀ ଚାପ ଯାତ୍ରା ବା ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ସ୍ଥାନୀୟ ଚନ୍ଦନ ପୋଖରୀରେ ମହା ଆଡମ୍ବରରେ ପାଳିତ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ମନ୍ଦିରର ସନ୍ଧ୍ୟା ଆଳତୀ ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ,ଭୂଦେବୀ ଓ ଶ୍ରୀଦେବୀ ଏକ ସୁସଜ୍ଜିତ ବିମାନରେ ମନ୍ଦିରରୁ ଓହ୍ଲାଇ ଆସି ଭକ୍ତଙ୍କ ଗହଣରେ ଚନ୍ଦନ ପୋଖରୀରେ ଚାପ ଖେଳିଥିଲେ। ବିମାନ ଚନ୍ଦନ ପୋଖରୀରେ ପହଞ୍ଚିବା ପରେ ରୀତି ଅନୁସାରେ ନୀତି ଏବଂ ବିଧି ଅନୁସାରେ ପୂଜା କରି ଏକ ସ୍ୱତନ୍ତ୍ର ଡଙ୍ଗାରେ ଠାକୁର ମାନଙ୍କୁ ବିଜେ କରାଯାଇଥିଲା। ପରେ ପୋଖରୀରେ ଚାପ ଖେଳ କରାଯାଇଥିଲା। ସଂପୂର୍ଣ୍ଣ ଆଧ୍ୟାତ୍ମିକ ପରିବେଶରେ ଏ ବର୍ଷ ଶହ ଶହ ଭକ୍ତଙ୍କ ଗହଣରେ ଚାପ ଖେଳ କରାଯାଇଥିଲା। ଚାପ ଚାଲୁଥିବା ବେଳେ ଭକ୍ତଙ୍କ ଦ୍ୱାରା ଗୀତ ଗୋବିନ୍ଦ ଗାନ ପରେ କୀର୍ତ୍ତନ ଏବଂ ଭଜନ ସମାରୋହ ଦେଖିବା ପାଇଁ ଭକ୍ତଙ୍କ ଗହଳି ହୋଇଥିଲା। ଘଣ୍ଟ ଘଣ୍ଟା ଆଲଟ ଚାମର,ହରିବୋଲ ଓ ହୁଳହୁଳି ମଧ୍ୟରେ ପୁଣି ଥରେ ବିମାନରେ ପରିକ୍ରମା କରି ଫେରୁଥିଲେ ତ୍ରୀମୂର୍ତ୍ତୀ। ସୂଚନା ଥାଉକି ଶ୍ରୀଜଗନ୍ନାଥ ମନ୍ଦିର ଶାବର ଶ୍ରୀକ୍ଷେତ୍ର ପରିଚାଳନା କମିଟି ଓ ଆଇଆରବି ବାଟାଲିୟନର ଓଡ୍ରାଫ ଟିମ ଓ କର୍ମକର୍ତ୍ତାଙ୍କ ସହଯୋଗରେ ଓଡ୍ରାଫର ବୋଟକୁ ଏକ ମନ୍ଦିର ଭଳି ସୁସଜ୍ଜିତ କରାଯାଇ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା କରାଯାଇଥିବା ଯୋଗୁଁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ମନରେ ଆନନ୍ଦ ଦେଖିବାକୁ ମିଳିଥିଲା।



## ଦାଦନ ନେଲା ୩ ଜୀବନ

# ଭେଣ୍ଡିଆ ପୁଅଙ୍କୁ ଖୋଜୁଛି ଗାଁ ଦାଣ୍ଡ

ଲକ୍ଷ୍ମୀପୁର,୧୦।୫(ସମିସ):

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପଞ୍ଚଡା ସଦର ପଞ୍ଚାୟତର ତଳସାହିରେ ଗୋଟିଏ ପରେ ଗୋଟିଏ ଜୀବନ ଚାଲି ଯାଇଛି। ଦାଦନ ନେଉଛି ଜୀବନ। ଉକ୍ତ ଗାଁର ପ୍ରାୟ ୧୨ରୁ ଅଧିକ ଯୁବକ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ସ୍ଥିତ ଏକ କାଚ ତିଆରି କାରଖାନାରେ କାମ କରୁଥିଲେ। କିଛି ବର୍ଷ କାମ କଲା ପରେ ରୋଗରେ ପଡି ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଦିବା ଯାନୀ ସେହି ଘୋରୋଇ କାଚ କାରାଖାନାରେ କାମ କରୁଥିବା ସମୟରେ ଦେହ ଖରାପ ହୋଇ ଦୁଇ ବର୍ଷ ହେବ ରୋଗରେ ପୀଡିତ ହୋଇ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଥିଲେ। ବିଶାଖପାଟଣା ମେଡ଼ିକାଲରେ ଚିକିତ୍ସା ପାଇଁ ଯାଇ ସେଠାରେ ମୃତ୍ୟୁ ଘଟିଛି। ଗୁରୁବାର ବିଦାର ଶବ ଆଣିବାକୁ ମଧ୍ୟ ନିଜ ପାଖରେ ପଇସା ନ ଥିବା ଯୋଗୁଁ ଶବକୁ ସେଇ ପଟେ ଫୋପାଡ଼ି ଆସିବାର ଥିଲା। କିନ୍ତୁ ପରେ ସମ୍ପର୍କୀୟଙ୍କ କିଛି ଆର୍ଥିକ ସହାୟତା କଲା ପରେ ଶବ ଆଣି ଗାଁରେ ଶୁକ୍ରବାର ଦିନ ସତ୍କାର କରି ଥିଲେ। ଗାଁ ଲୋକେ ସତ୍କାର କରି ଘରକୁ ଫେରି ନ ଥିଲେ ପୁଣି ମେଘ ଯାନୀ ନାମକ ଜଣେ ଯୁବକ ମୃତ୍ୟୁ ହୋଇ ଥିଲା ବୋଲି ପରିବାର ଲୋକେ କହିଛନ୍ତି। ଉକ୍ତ ଗାଁ ର ଜିତୁ ଯାନୀ ନାମକ ଜଣେ ଯୁବକ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ରେ ଚିକିତ୍ସା ହେଉଛନ୍ତି ତାଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ଅବସ୍ଥାରେ ରହିଛି। ଜୀବନ ଯୁଦ୍ଧ ରେ ଲଢ଼େଇ କରୁଛନ୍ତି।





ମାସେ ମଧ୍ୟ ରେ ତିନି ଜଣଙ୍କ ମୃତ୍ୟୁ ହୋଇଛି। ସେହି କମ୍ପାନୀରେ କାମ କରିବା ଯୋଗୁଁ ମୃତ୍ୟୁ ହୋଇଥିବା କମ୍ପାନୀ ପକ୍ଷରୁ କୌଣସି ପ୍ରକାର ସହାୟତା କରାଯାଇ ନ ଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ଏଭଳି ମୃତ୍ୟୁ ମୁଖକୁ ଠେଲୁ ଥିବା କମ୍ପାନୀକୁ ବେଆଇନ ଘୋଷଣା କରିବାକୁ ଦାବି ହୋଇଛି। ନିହାତି ଗରିବ ଲୋକ ହୋଇଥିବା ହେତୁ ଏମାନଙ୍କ ପରିବାର ବର୍ଗକୁ ସରକାର କ୍ଷତି ପୂରଣ ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ସମିତି ସଭ୍ୟାଙ୍କ ପରଲୋକ

କୁଆଖିଆ, ୧୦।୫(ସମିସ): ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତ ସମିତିସଭ୍ୟା କୁଞ୍ଜଲତା ପଣ୍ଡା (୭୨)ଙ୍କର ଅକାଳ ବିୟୋଗ ଘଟିଛି। ସେ ୯୦ ଦଶକରେ ପ୍ରଥମେ କଂଗ୍ରେସ ରାଜନୀତିରେ ପାଦ ଦେଇ ପରେ ବିଜେଡି ଏବଂ ଚଳିତ ୨୪ ନିର୍ବାଚନରେ ବିଜେପି ସମର୍ଥନରେ ସମିତିସଭ୍ୟା ଭାବରେ କାମ କରୁଥିଲେ। ରାଜନୈତିକ ଜୀବନରେ ଦୁଇ ଥର ସମିତିସଭ୍ୟା, ଥରେ ସରପଞ୍ଚ ଏବଂ ବିଗତ ବର୍ଷରେ କଟକ ସମବାୟ ସେବା ସମିତିର ଉପସଭାନେତ୍ରୀ ଭାବେ ନିର୍ବାଚିତ ହେଇ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଖବର ପାଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲା ପରିଷଦ ସଭ୍ୟା ମମତାମୟୀ ଖୁଣ୍ଟିଆ, ବିଜେପି ମଣ୍ଡଳ ସଭାପତି ତୀର୍ଥବାସୀ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ସେଠୀ, ଓଡିଶୋ ସମବାୟ ସଭାପତି ବିମ୍ବାଧର ବିଶ୍ୱାଳ, ସରପଞ୍ଚ ଧ୍ରୁବାନନ୍ଦ ଦେଓ, ସରପଞ୍ଚ ଝରଣା ତରାଇ, ସମିତିସଭ୍ୟା ଜୟନ୍ତୀ ନାୟକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତିର ସ୍ୱତନ୍ତ୍ର ଅଧିବେଶନ

# ନିର୍ମାଣ ଶେଷ ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ




**ଯାଜପୁର, ୧୦।୫(ସମିସ)**

ଯାଜପୁର ରୋଡ୍-ଧାମରା ରେଳପଥକୁ ରେଳବାଇ ବୋର୍ଡର ମଞ୍ଜୁରୀ ମିଳିଛି। ଏହାକୁ 'ସ୍ୱତନ୍ତ୍ର ପ୍ରକଳ୍ପ'ର ମାନ୍ୟତା ପ୍ରଦାନ ଓ ଜମି ଅଧିଗ୍ରହଣ ପାଇଁ ଅଧିକାରୀ ନିଯୁକ୍ତି କରାଯାଇଛି। କିନ୍ତୁ ଏହା ଦ୍ୱାରା ସଂଗ୍ରାମ ସମିତି ନିଜର ସଂଗ୍ରାମକୁ ବନ୍ଦ ନ କରି ଆଗାମୀ ଦିନରେ ଆନ୍ଦୋଳନକୁ ଜାରି ରଖିବାକୁ ନିଷ୍ପତି ନିଆଯାଇଛି। ଯାଜପୁରସ୍ଥ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଆବାହକ ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ପ୍ରକଳ୍ପ ମଞ୍ଜୁରୀ ପାଇଁ ରେଳମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଯାଜପୁର ସାଂସଦ ସମେତ ଏହି ପ୍ରକଳ୍ପର ଦାବି ଉପସ୍ଥାପନ କରିଥିବା ପୂର୍ବତନ ସାଂସଦମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ନାୟକ, ଜିଲ୍ଲା ପରିଷଦ ସଦସ୍ୟା ମାମିନା ମଲ୍ଲିକ, ଦେବେନ୍ଦ୍ର ପଣ୍ଡା, ପ୍ରତିମା କର, ଅସୀମ କର, ସଂଗ୍ରାମ ପାତ୍ର, ପ୍ରଫୁଲ୍ଲ ନାୟକ, ସତ୍ୟପ୍ରକାଶ ବେହୁରିଆ, ଦିବ୍ୟସିଂହ ନାୟକ, ଦିଲ୍ଲୀପ ଦଳେଇ, ଧନଞ୍ଜୟ ରାଉତରାୟ, ଲଳିତ ରାୟ ପ୍ରମୁଖ ଉଦ୍‌ବୋଧନ ଦେଇ ଯାଜପୁର ରୋଡ୍-ଧାମରା ରେଳପଥର ନିର୍ମାଣ ସମାପ୍ତି ଓ ରେଳ ଚଳାଚଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ସାହୁ, ନିର୍ମଳ ରଥ, ସୁବାସ ଧଳ, ରାକେଶ ସାହୁ, ବିଜୟ ନାୟକ, ବିଷ୍ଣୁ ଚରଣ ଧଳ ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଅଧିବେଶନର ପରିଚାଳନା କରିଥିଲେ। ସଂଗ୍ରାମ ଓ ସଫଳତାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରତ୍ୟେକ ଷ୍ଟେସନ କମିଟି ଅଞ୍ଚଳରେ ସଭା କରିବାର ନିଷ୍ପତ୍ତି ନିଆଯାଇଥିଲା। ସଭା ଆରମ୍ଭରେ ଯାଜପୁରକୁ ରେଳ ସଂଯୋଗ ଦାବି କରି କେନ୍ଦ୍ର ସରକାରଙ୍କ ପାଖରେ ପିଟିସନ ଦାଖଲ କରିଥିବା ଅଗ୍ରଦୂତ ରାମଚନ୍ଦ୍ର କରଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଥିଲା। ଶେଷରେ ସଂଗ୍ରାମ ସମିତିର ଉପଦେଷ୍ଟା କମିଟି ସଦସ୍ୟ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଉଉରା ବିଦ୍ୟାଳୟରେ ଗୁରୁପୂଜନ କାର୍ଯ୍ୟକ୍ରମ

ମଙ୍ଗଳପୁର, ୧୦।୫(ସମିସ): ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତ ବାଉଉରା ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୯ ବ୍ୟାଚ୍ ମାଟ୍ରିକ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନକାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ବିଶ୍ୱରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ବିମଳ କୁମାର ରାୟ, କୀର୍ତ୍ତନ ବିହାରୀ ମଲ୍ଲିକ, ପ୍ରଫୁଲ ଚନ୍ଦ୍ର ମହାପାତ୍ର, ରବୀନ୍ଦ୍ର କୁମାର ନାୟକ, ଦିବାକର ସାମଲ, ଗଜେନ୍ଦ୍ର ନାୟକ, ଅବସରପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିରଞ୍ଜନ ବିଶ୍ୱାଳ ଏବଂ ବର୍ତ୍ତମାନର ଶିକ୍ଷୟିତ୍ରୀ ଦୀପିକା ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ସ୍ୱର୍ଗତ ଶିକ୍ଷକ ସୁଶାନ୍ତ କୁମାର ବିଶ୍ୱାଳ, ବାବାଜୀ ଚରଣ ମହାରଣା, ବିରଞ୍ଚି ନାରାୟଣ ସାହୁ, ୪ର୍ଥ ଶ୍ରେଣୀ କର୍ମଚାରୀ ଗଣନାଥ ଜେନା, ଅଜୟ ରାୟଙ୍କ ଉଦ୍ଦେଶ୍ୟରେ ସମସ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା କରିଥିବା ବେଳେ ପୁରାତନ ଛତ୍ର ଛାତ୍ରୀମାନେ ଉତ୍ତରୀୟ ଦେଇ ଗୁରୁ ଗୁରୁମା'ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘ ୨୬ବର୍ଷ ପରେ ଶିକ୍ଷୟତ୍ରୀ, ଶିକ୍ଷକ ଓ ପୁରାତନ ଛାତ୍ରଛାତ୍ରୀ ନିଜର ଅନୁଭୂତି ବାଣ୍ଟିବା ସହିତ ପୁରୁଣା ସ୍ମୃତି ସାଉଁଟିଥିଲେ। ପୂର୍ବତନ ଛାତ୍ର ଧୀରେନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଜ୍ଞା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବ୍ୟାଚର ପ୍ରଶାନ୍ତ ସାହୁ, ଦିଲ୍ଲୀପ ସାହୁ, ପ୍ରଦୀପ ସାହୁ, ପ୍ରସନ୍ନ ସାହୁ, କ୍ଷୀରୋଦ ମହାପାତ୍ରଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ସରିବାକୁ ବସିଲାଣି ଖରାଦିନ

## ବ୍ଲକ୍‌ରେ ଖୋଲୁନି ଜଳଛତ୍ର

**କଏଁଗୋଲା, ୧୦।୫(ସମିସ):** ସାରା ରାଜ୍ୟରେ ଦିନକୁ ଦିନ ତାପମାତ୍ରା ବଢ଼ିବା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେବାରେ ଲାଗିଛି। ଗତ ଦୁଇମାସ ହେବ ଦଶରଥପୁର ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳିଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିବାରେ ଲାଗିଛି। ଗ୍ରୀଷ୍ମ ପ୍ରବାହରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପଞ୍ଚାୟତ ତତ୍ତ୍ୱାବଧାନରେ ମୁଖ୍ୟ ସ୍ଥାନଗୁଡ଼ିକରେ ଜଳଛତ୍ର ଖୋଲିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ହେଲେ ଦଶରଥପୁର ବ୍ଲକରେ ଏଯାଏଁ ପ୍ରାୟ କିଛି ପଞ୍ଚାୟତ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇ ନ ଥିବା ଜଣାଯାଇଛି। ତାପମାତ୍ରା ପ୍ରାୟ ଅଧିକାଂଶ ସମୟ ୪୦ଡିଗ୍ରି ଟପୁଥିଲା ବେଳେ ଅସହ୍ୟ ଗୁଳୁଗୁଳି ଲୋକଙ୍କୁ କଲବଲ କରିଦେଇଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଞ୍ଚାୟତରେ ଜଳଛତ୍ର ବ୍ୟବସ୍ଥା କରାଯାଇ ନ ଥିବାରୁ ଦଶରଥପୁର ଅଞ୍ଚଳର ବିଭିନ୍ନ ମୁଖ୍ୟ ରାସ୍ତାରେ ଯାତାୟାତ କରୁଥିବା ଥିବା ପଥଚାରୀମାନେ ପାଣି ବୁନ୍ଦାଏ ପାଇଁ ଡହଳବିକଳ ହେଉଥିବା ଦେଖିବାକୁ ମିଳିଛି। ବିଗତ ବର୍ଷ ଗୁଡ଼ିକରେ ପ୍ରଶାସନ ଏ ଦିଗରେ ଠିକ୍ ଭାବେ କାର୍ଯ୍ୟ କରିଆସୁଥିଲା ବେଳେ ଏଥର ବୁନ୍ଦାଏ ଥଣ୍ଡା ପାଣି ବ୍ୟବସ୍ଥା କରା ନ ଯିବା ଅସନ୍ତୋଷ ସୃଷ୍ଟି ହୋଇଛି। ପାଣିପାଗ ବିଭାଗ ପକ୍ଷରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ତାପମାତ୍ରା ଓ ଗୁଳୁଗୁଳି ବୃଦ୍ଧି ନେଇ ବାରମ୍ବାର ସତର୍କ ସୂଚନା ଦିଆଯାଉଥିଲା ବେଳେ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମହାବିଷୁବ ସଂକ୍ରାନ୍ତି ପରଠାରୁ ପ୍ରତ୍ୟେକ ପଞ୍ଚାୟତର ମୁଖ୍ୟ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ସରକାରଙ୍କ ଷ୍ଟାଣ୍ଡିଂ ଅର୍ଡର ରହିଛି। ମାତ୍ର ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ।

## କନକଦୁର୍ଗା ବିଦ୍ୟାପୀଠରେ ରୌପ୍ୟ ଜୟନ୍ତୀ ଉତ୍ସବ

**ବରି, ୧୦।୫(ସମିସ):** ବରୀ ଶିକ୍ଷା ମଣ୍ଡଳୀ ଅଧୀନ ବାଲିବିଲ ପଞ୍ଚାୟତର କନକ ଦୁର୍ଗା ବିଦ୍ୟାପୀଠର ୨୦୦୧ ମାଟ୍ରିକ ବ୍ୟାଚର ୨୫ତମ ବା ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ଦଳାଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ସାମଲ, ବୈଷ୍ଣବ ପତି, ମାଧବାନନ୍ଦ ସାହୁ, ବନ ବିହାରି ମହାନ୍ତି, ପ୍ରହ୍ଲାଦ ନାୟକ, ସୂର୍ଯ୍ୟମଣି ମିଶ୍ର, ପ୍ରମୋଦ ନାଥ, ମନୋଜ କୁମାର ଦାସ, ଅମିୟ କୁମାର ସାମଲ, ବୃନ୍ଦାବନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପୁରାତନ ଛାତ୍ରଛାତ୍ରୀଙ୍କ ସହିତ ୨୫ ବର୍ଷର ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରେରେ ଗୁରୁପୂଜନ ଅନୁଷ୍ଠିତ ହେଇଥିଲା। ଏହି ବ୍ୟାଚର ଛାତ୍ରଛାତ୍ରୀମାନେ ନିଜର ସ୍ମୃତି ଯେଉଁ ବିଦ୍ୟାଳୟ ଦିନେ ପାଠ ପଢ଼ିଥିଲେ ସେହି କଥା ମନେ ପକାଇବା ସହିତ ନାଚ ଗୀତ ମାଧ୍ୟରେ ଉପଭୋଗ କରିଥଲେ। କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ପଦାରବିନ୍ଦ ସାମଲ, ରଜତ ଶତପଥୀ, ମାନସ ପତି, ଅଖିଳ ସାମଲ, ଧନଞ୍ଜୟ ସାମଲ, ସୁଧାଂଶୁ ପଣ୍ଡା, ଶକ୍ତି କଲ୍ୟାଣ ନାଥ, ରଶ୍ମି ରଞ୍ଜନ ନାଥ, ଗୋପବନ୍ଧୁ ଦାସ, ଶ୍ରୀକାନ୍ତ ମଲିକ, ରାଜଶ୍ରୀ ସାମଲ, ଶୁଭସ୍ମିତା ସାମଲ, ସ୍ନିଗ୍ଧା ରାଣୀ ସାମଲ, ଅମ୍ରିତା ସାମଲ, ସ୍ୱାଗତିକା ସାମଲ, ସବିତା ପଡ଼ିହାରି, ସ୍ୱର୍ଣ୍ଣଲତା ଦାଶଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## 'ମହିଳା ସଂରକ୍ଷଣ ଆଇନକୁ ବିଭ୍ରାନ୍ତି କରାଯାଇଛି'

**ଯାଜପୁର, ୧୦।୫(ସମିସ):** ମହିଳା ସଂରକ୍ଷଣ ଆଇନକୁ କେନ୍ଦ୍ରକରି ବିଜେପି ସମଗ୍ର ଦେଶରେ ବିଭ୍ରାନ୍ତି ସୃଷ୍ଟି କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଏହାକୁ କେନ୍ଦ୍ରକରି ଯାଜପୁର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତୀ ସ୍ୱାଇଁଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ରାମ ମନ୍ଦିର ଛକରୁ ଏକ ମଶାଲ ଶୋଭାଯାତ୍ରାରେ ଗାନ୍ଧୀଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ ସନ୍ତୋଷ ନନ୍ଦ ଯୋଗଦେଇ ଆଗକୁ ବ୍ଲକସ୍ତରରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ଯାଜପୁର ବ୍ଲକର ସଭାପତି ଗଦାଧର ଦାସ, ପୌରପାଳିକାର ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, କଳ୍ପନା ପଣ୍ଡା, ମଧୁସ୍ମିତା ଆଚାର୍ଯ୍ୟ, ମଞ୍ଜୁଶ୍ରୀ ମିଶ୍ର, ସୁଲୋଚନା ଦାସ, ସସ୍ମିତା ସେଠୀ, ତିଳୋତମା ଦଳାଇ, ପ୍ରତିମା କର, ସନ୍ଧ୍ୟା ଖୁଣ୍ଟିଆ, ମିହିର ମିଶ୍ର, ସଞ୍ଜୟ ରାଉତ, ସମିର ନାୟକ, ପ୍ରତାପ ଦାସ, ଏକାଦଶୀ ତ୍ରିପାଠୀ, ରମାକାନ୍ତ ମଲ୍ଲିକ, ସେକ୍ ଅବ୍ଦୁଲ୍ ହଲିମ, ବିଦ୍ୟାଧର ଜେନା, ମଧୁସୂଦନ ଜେନା, ସଂଗ୍ରାମ ସାହାଣୀ, ନିକୁଞ୍ଜ ସାମଲ, ନକୁଳଦେବ ସାହୁ, ବିଭୂତିଭୂଷଣ ମହାପାତ୍ର, ଭାସ୍କର ମହାନ୍ତି, ହିମାଂଶୁ ମହଲ, ପ୍ରକାଶ ଦାସ, ମାନସ ପଣ୍ଡା, ଅର୍ଜ୍ଜିତ ନାୟକ ପ୍ରଭୃତି ଶତାଧିକ କର୍ମୀ ମସାଲ ଶୋଭାଯାତ୍ରା ସାମିଲ ହୋଇଥିଲେ।

## ତାରାମଦନ ଏମ୍‌ଇ ସ୍କୁଲରେ ଗୁରୁପୂଜନ

**ଯାଜପୁର ଟାଉନ, ୧୦।୫(ସମିସ):** ତାରାମଦନ ଏମ୍‌ଇ ସ୍କୁଲର ପୂର୍ବତନ ୧୯୯୬-୯୭ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ପୂଜନ ଓ ଭବ୍ୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗୁରୁମାନଙ୍କୁ ଗୌରାଙ୍ଗ ଚରଣ ମିଶ୍ର, ଏସକେ ଜାଲାଉଦ୍ଦିନ, ବଳରାମ ସାହୁ ସାର ମାନଙ୍କୁ ଚନ୍ଦନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପ୍ରାର୍ଥନା ସଙ୍ଗୀତ ମାଧ୍ୟମରେ ସଭାର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଶିକ୍ଷକ ଓ ଛାତ୍ରଛାତ୍ରୀ ନିଜ ନିଜ ଅନୁଭବ, ସ୍କୁଲ ଜୀବନର ସ୍ମୃତି ଓ ସଫଳତାର କାହାଣୀ ସମସ୍ତଙ୍କ ସହ ସେୟାର କରିଥିଲେ। ଗୁରୁଜନ ମାନେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ଜୀବନରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। କବିତା ପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ମୃତିଚାରଣ ସଭାକୁ ଅଧିକ ଆକର୍ଷଣୀୟ କରିଥିଲା। ଶେଷରେ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପ୍ତି କରାଯାଇଥିଲା।

## ସାଇ ନର୍ସିଂ କଲେଜର ବାର୍ଷିକ ଉତ୍ସବ



କୁଆଖିଆ, ୧୦।୫(ସମିସ): ରସୁଲପୁର ବ୍ଲକର ସାଇ ନର୍ସିଂ କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସ ନାୟକ, ମୁଖ୍ୟବକ୍ତା ଭାବରେ କୁଆଖିଆ ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସେଠୀ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶୀଭୁଷଣ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତି, କଲେଜ ନିର୍ଦ୍ଦେଶକ ଅଲେଖ ଚନ୍ଦ୍ର ସ୍ୱାଇଁ, ମ୍ୟାନେଜିଂ ଡାଇରେକ୍ଟର ଚନ୍ଦ୍ରଶେଖର ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳକ ଦୋଳଗୋବିନ୍ଦ ସେଠୀ ସଞ୍ଚାଳନ କରିଥିବା ବେଳେ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ଅଧ୍ୟକ୍ଷ ନଦିଆ ମୋହନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ କଲେଜର ସନ୍ତୋଷ କୁମାର ନାୟକ, ରୋଜାଲିନ ଜଟ, ଦିଲ୍ଲୀପ ଜେନା, ପ୍ରତାପ ବେହେରା, ଆଶୁତୋଷ ଦାସ, ପର୍ଶୁରାମ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ



**କୁଆଖିଆ, ୧୦।୫(ସମିସ):** କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସ ନାୟକଙ୍କ ଦ୍ୱାରା ରସୁଲପୁର ବ୍ଲକର ମୁଗୁପାଳ ଏବଂ ବାହାଦଲାପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରାଂଶ-ନିରଞ୍ଜନପୁର ଛକଠାରେ ଆୟୋଜିତ ଏକ ପଥପ୍ରାନ୍ତ ସଭାରେ ବିଜେପି ନେତା ଦୁଷ୍ମନ୍ତ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଯୋଗ ଦେଇ ଆର୍‌ଡି ବିଭାଗ ତରଫରୁ ମଞ୍ଜୁର ହୋଇଥିବା ୩କୋଟି ୬୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବରାଂଶ ଭାୟା ବଡନିରଞ୍ଜନପୁର-ସାରଙ୍ଗପୁର ଆର୍‌ଡି ରାସ୍ତା ଓ ବଡନିରଞ୍ଜନପୁର ଦୁଧେଇ ନାଳ ଉପରେ ନୂତନ ସେତୁର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୫ହଜାରରୁ ଊର୍ଦ୍ଧ୍ୱ ଲୋକ ଦୈନିକ ଉପକୃତ ହେବା ସହ ମୁଗୁପାଳ, ବାହାଦଲାପୁର ତଥା ପଡୋଶୀ ପଞ୍ଚାୟତର ଜନସାଧାରଣଙ୍କ ଦୈନନ୍ଦିନ ଗମନା ଗମନ କ୍ଷେତ୍ରରେ ସୁବିଧା ହୋଇପାରିବ ବୋଲି ବିଧାୟକ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ଏତଦ୍ ବ୍ୟତିତ ମୁଗୁପାଳ ଠାରେ ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଫାସିଲେଟେଡ୍ ସେଣ୍ଟର, ୧୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସ, ୧୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଖଇରାବାଦ ପାଟଣା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଓ କାର୍ଯ୍ୟାଳୟ ଗୃହକୁ ବିଧାୟକ ଉଦ୍‌ଘାଟନ କରିଥିଲେ।

## ହନୁମାନଜୀଉଙ୍କର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



**ଧର୍ମଶାଳା, ୧୦।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଟୁଣିଆ ପଞ୍ଚାୟତ ବଡନଛିପୁର ଗ୍ରାମରେ ଶ୍ରୀଶ୍ରୀ ହନୁମାନଜୀଉଙ୍କର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚାରିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏକ ବିରାଟ ଶୋଭାଯାତ୍ରାରେ ନିକଟସ୍ଥ ବଡ ଗେଙ୍ଗୁଟି ନଦୀରୁ କଳସୀରେ ଜଳ ଆଣି ପୀଠରେ କଳସ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପଣ୍ଡିତ ରବୀନ୍ଦ୍ରନାଥ ପଣ୍ଡା, ରାଜକିଶୋର ମହାପାତ୍ର, ରାଜକିଶୋର ଷଡ଼ଙ୍ଗୀ, ନବକିଶୋର ପାଢ଼ୀ, ସନ୍ତୋଷ ପଣ୍ଡା, ସୀତାକାନ୍ତ ପଣ୍ଡା, ଭୋଳାନାଥ ପାଢ଼ୀ, ଯଶୋବନ୍ତ ଦାଶ, ଅନିଲ ପଣ୍ଡାଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠିତ ହେଉଥିଲା। ପ୍ରତ୍ୟେକ ଦିବସରେ ସୂର୍ଯ୍ୟପୂଜା, ଗୋ ପୂଜା, ଗୁରୁପୂଜା, ଯଜ୍ଞକାର୍ଯ୍ୟ ଆଦି ଅନୁଷ୍ଠିତ ହେବା ସହ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବର ଶେଷ ଦିବସରେ ବିଗ୍ରହଙ୍କୁ ଗ୍ରାମ ପରିକ୍ରମା କରାଯାଇ ମନ୍ଦିର ବିଜେ ଉତ୍ସବ ଓ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ଉତ୍ସବରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଅଭିଷେକ ରାଉତ, ଦୀପକ ସାହୁଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। କର୍ତ୍ତା ରଞ୍ଜିତ କୁମାର ନାୟକ, କର୍ତ୍ତୀ ସରିତା ବରାଳ ଓ ଉପକର୍ତ୍ତା ମୁରଲୀଧର ଦଳାଇ, ଝୁନୁଶ୍ରୀ ସିଂ, ମାମୁ ଅର୍ଜୁନୀ ସାହାଣି ଓ ସୁଲୋଚନା ସାହାଣି ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ପଟୁଣିଆ ପଞ୍ଚାୟତ ସରପଞ୍ଚ ବୈଶାଳି ରାଉତ, ରମେଶ ଚନ୍ଦ୍ର ଦଳାଇ, ଚିତ୍ତ ରଞ୍ଜନ ନାୟକ, ସଞ୍ଜୀବ କୁମାର ଦଳାଇ, ସୁବୋଧ ନାୟକ, ବିକାଶ ଦଳାଇ, ସୁଶାନ୍ତ ନାୟକ, ଜ୍ଞାନ ରଞ୍ଜନ ନାୟକ, ଶ୍ୟାମ ସୁନ୍ଦର ଦଳାଇ, ସୁବୋଧ ଦାଶ ଓ କୁନ ଚରଣ ନାୟକଙ୍କ ସହ ସମସ୍ତ ଗ୍ରାମବାସୀ ଓ ସ୍ମାଇଲ କ୍ଲବର ସମସ୍ତ ସଭ୍ୟ ସଭ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



**ଯାଜପୁର, ୧୦।୫(ସମିସ):** ଉପେନ୍ଦ୍ରନାଥ ସାଂସ୍କୃତିକ ପରିଷଦ, ବରୀ ପକ୍ଷରୁ ଏହାର ବାର୍ଷିକ ଉତ୍ସବ ଅବସରରେ ସାମୂହିକ ପ୍ରତିଭା ସମ୍ମାନ ପ୍ରଦାନ ମହାସମାରୋହ ଭୁରୁଗାଁରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ଡା. ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ଶିକ୍ଷାବିତ ସୀତାକାନ୍ତ ପଣ୍ଡା, ବିଜୟ କୁମାର ଦାଶ, ସୁବାସ ବିଶ୍ୱାଳ, ଗଗନ ବିହାରୀ ଜେନା ପ୍ରମୁଖ ମଞ୍ଚାସୀନ ରହି ପ୍ରତିଭା ସମ୍ମାନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ନାଗରିକମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ନାଗରିକ ସମ୍ମାନ ପ୍ରଦାନ କରାଯାଇଅଛି। ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯିବ ବୋଲି ଡାକ୍ତର ପଣ୍ଡା କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ପଣ୍ଡାଙ୍କ କନିଷ୍ଠ ଭ୍ରାତା, ପୁତ୍ର ବଧୂ, ଝିଅ ଓ ପରିବାର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ସତ୍ୟରଞ୍ଜନ କର ପରିଚାଳନା କରିଥିଲେ।






## ଗ୍ୟାସ୍ ଏଜେନ୍ସିର ପାଇଁ ଖାଉଟି ହନ୍ତସନ୍ତ

ଯଖପୁରା,୧୦।୫(ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ସାଧାରଣ ଗ୍ୟାସ୍ ଖାଉଟିଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବାରେ ଲାଗିଛି। ସ୍ଥାନୀୟ ଯଖପୁରା ପଞ୍ଚାୟତ ଅନ୍ତର୍ଗତ ଅଁଳାପାଳ ଗ୍ରାମରେ ଥିବା ଗ୍ୟାସ୍ ଏଜେନ୍ସିର ବେପରୁଆ ମନୋଭାବ ଯୋଗୁଁ ଆଜି ଶତାଧିକ ଖାଉଟି ପ୍ରଚଣ୍ଡ ରୌଦ୍ରତାପରେ ନାହିଁ ନଥିବା ହଇରାଣ ହୋଇଛନ୍ତି। ଗତକାଲି ଏଜେନ୍ସି ପକ୍ଷରୁ ଫୋନ୍ କରି ଆଜି ସକାଳୁ ଗୋଦାମରୁ ଗ୍ୟାସ ନେବାକୁ ଗ୍ରାହକଙ୍କୁ କୁହାଯାଇଥିଲା। ଏହି ଭରସାରେ ଭୋର ୫ଟାରୁ ଲୋକେ ନିଜ ନିଜର ଗ୍ୟାସ ଟାଙ୍କି ଧରି ଲାଇନ୍‌ରେ ବସିଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ଅଫିସ କର୍ମଚାରୀଙ୍କ ଦେଖା ମିଳିନଥିଲା। ପ୍ରାୟ ୨୦ରୁ ୨୫ କିଲୋମିଟର ଦୂରରୁ ବାଇକ୍ ଯୋଗେ ଆସିଥିବା ଗ୍ରାହକମାନେ ଖୋଲା ଆକାଶ ତଳେ ଅପେକ୍ଷା କରିଥିଲେ ସୁଦ୍ଧା ସେମାନଙ୍କ ପାଇଁ ପିଇବା ପାଣି କିମ୍ବା ଛାଇର କୌଣସି ବ୍ୟବସ୍ଥା କରାଯାଇ ନଥିଲା। ପରେ ପୁଲିସ ପକ୍ଷରୁ ଗ୍ରାହକଙ୍କୁ ଘରକୁ ଯିବାକୁ କୁହାଯାଇଥିଲା, ଯାହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମାସ ମାସ ଧରି ଗ୍ୟାସ ବୁକିଂ ହେଲେ ମଧ୍ୟ ମିଳୁନି ଗ୍ୟାସ। ଏପ୍ରିଲ ମାସରୁ ବୁକିଂ କରିଥିବା ଖାଉଟିମାନେ ମଧ୍ୟ ଏଜେନ୍ସିର ଚକ୍କର କାଟି ନୟାନ୍ତ ହେଲେଣି। ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ସାଧାରଣ ଜନତାଙ୍କୁ ଶୋଷଣ କରୁଥିବା ଏହି ଗ୍ୟାସ୍ ଏଜେନ୍ସି ବିରୋଧରେ ଜିଲ୍ଲା ପ୍ରଶାସନ କେବେ କଡ଼ା ପଦକ୍ଷେପ ନେବାକୁ ଦାବି ହୋଇଛି।

## ସାଂସଦଙ୍କ ଜିଲ୍ଲା ଶିକ୍ଷା ପ୍ରତିନିଧି ନିଯୁକ୍ତ



ଯାଜପୁର,୧୦।୫(ସମିସ): ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ନିଜ ସଂସଦୀୟ କ୍ଷେତ୍ର ପାଇଁ ଶିକ୍ଷା ପ୍ରତିନିଧି ଭାବେ ଯୁବ ଆଇନଜୀବୀ ଓ ସଂଗଠକ ମାନସ ରଞ୍ଜନ ତ୍ରିପାଠୀଙ୍କୁ ନିଯୁକ୍ତି ଦେଇଛନ୍ତି। ମାନସ ରଞ୍ଜନ ଦୀର୍ଘଦିନ ଧରି ଛାତ୍ରଛାତ୍ରୀଙ୍କ ଶିକ୍ଷା ସମସ୍ୟା, ସ୍କୁଲ ଓ କଲେଜ ସମ୍ପର୍କିତ ଅନେକ ପ୍ରସଙ୍ଗ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଓ ଯୁବ ସଂଗଠନ ସହ ଜଡ଼ିତ ରହିଆସୁଛନ୍ତି। ଏହା ସହିତ ଜଣେ ଯୁବ ଆଇନଜୀବୀ ଭାବେ ସେ ଆଇନଗତ ଓ ପ୍ରଶାସନିକ ବିଷୟରେ ମଧ୍ୟ ଦକ୍ଷତା ରଖୁଥିବାରୁ ଜିଲ୍ଲାର ଶିକ୍ଷା ସମ୍ପର୍କିତ ଅନେକ ମୁଦ୍ଦାରେ ସମନ୍ୱୟ ରଖିବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଚର୍ଚ୍ଚା ହେଉଛି।

## ଲାୟନ୍ସ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



କୁଆଖିଆ,୧୦।୫(ସମିସ): ରସୁଲପୁର ବ୍ଲକ କୁଆଖିଆର ବିଜୁ ନଗର ଠାରେ ଥିବା ଲାୟନ୍ସ କ୍ଲବ ପରିସରରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଲାୟନ୍ସ କ୍ଲବ କୁଆଖିଆର ସଭାପତି ତଥା ଯୁବ ସଂଗଠକ ଜନ୍ମେଜୟ ସାହୁଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୨ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ରଶ୍ମିରଞ୍ଜନ ପଶାୟତ, ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡା. ରୁଦ୍ର ନାରାୟଣ ପୃଷ୍ଟି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କୈଳାଶ ନାୟକ, କୁଆଖିଆ ଥାନା ଅଧିକାରୀ ସୁଶାନ୍ତ ସେଠୀ, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ସାମଲ, ଆଲୋକ ମହାନ୍ତି, ସମାଜସେବୀ ସୁଧୀର ଚନ୍ଦ୍ର ନାୟକ, ଗୟାଧର ମଲ୍ଲିକ, ରବୀନ୍ଦ୍ର ଧୀର ଶଶୀକାନ୍ତ ମଲ୍ଲିକ, ପ୍ରତାପ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିଥିଲେ। ଲାୟନ୍ସ କ୍ଲବ ପକ୍ଷରୁ ବିକାଶ ସାହୁ, ଶିଶିର ପଣ୍ଡା, ସରୋଜ ସାହୁ, ଦେବାଶିଷ ନାୟକ, ମାନସ ଆର୍ଚାୟ୍ୟ, ଯଶୋବନ୍ତ ଦାସ, ଚିତ୍ତରଞ୍ଜନ ଦାଶ ସରୋଜ ସାହୁ, ନାରାୟଣ ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ଧର୍ମଶାଳା,୧୦।୫(ସମିସ): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଦେଉଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେରେ ଶିକ୍ଷକ ପୀତବାସ ପାତ୍ର, ପ୍ରଧାନ ଶିକ୍ଷକ ପ୍ରମୋଦ ସାହୁ, ଦେବରାଜ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ଅଖିଳ କୁମାର ସ୍ୱାଇଁ, ପ୍ରଭୁଦତ୍ତ ଜେନା, ଅଭୟ କୁମାର ରାଉତ, ଗିରିଧାରୀ ବେହେରା, କାର୍ତ୍ତିକ ମଲିକ, ଦେବେନ୍ଦ୍ର ରାଉତ, ଗୁରୁଦତ୍ତ ମହାନ୍ତି, ରଞ୍ଜନ କୁମାର ପାଳ, ପ୍ରମୋଦ ସ୍ୱାଇଁ, ଛବିନ୍ଦ୍ର ଯେନା ଯୋଗଦେଇ ନିଜ ନିଜର ଅନୁଭୂତି ବଖାଣି ଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବୈକୁଣ୍ଠନାଥ ପ୍ରଧାନ, ଶିକ୍ଷୟିତ୍ରୀ ରୋଜାଲିନ ମଲ୍ଲିକ, ଶେଫାଳିକା ମହାନ୍ତି, ସୁଜାତା ମହାନ୍ତି ସମେତ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

### ଅସ୍ତଲରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ଶ୍ରୀରାମ ନବମୀ ମହୋତ୍ସବ ଏକ ନିଆରା ପରମ୍ପରା

# ଦେଢ଼ ମାସ ଧରି ପାଳନ ହୁଏ ଶ୍ରୀରାମ ନବମୀ

ଭଦ୍ରକ,୧୦।୫(ସମିସ)

ଭଦ୍ରକ ସହର ନରିପୁର ଅସ୍ତଳ ଗ୍ରାମରେ ଥିବା ବହୁ ପୁରାତନ ଜାଡ଼ିବାସୁଲୀ, ବୁଢ଼ୀ ଜାଗୁଳାଇ, ଗ୍ରାମଦେବୀ ମନ୍ଦିର ପାଖାପାଖି ଶହେ ବର୍ଷରୁ ଉର୍ଦ୍ଧ୍ୱ ସାର୍ବଜନୀନ ଶ୍ରୀରାମ ନବମୀ ପୂଜୋତ୍ସବ ମହାସମାରୋହରେ ଦୀର୍ଘ ଦେଢ଼ମାସ ଧରି ଅନୁଷ୍ଠିତ ହୋଇଯାଇଛି। ଏହାର ଭଷାଣି ଉତ୍ସବ ସାଳନ୍ଦୀ ନଦୀଘାଟରେ ସମ୍ପନ୍ନ ହୋଇଛି। ଏଥିରେ ପୂଜା କର୍ମକର୍ତ୍ତା, କାଉନ୍‌ସିଲର, କାଉନ୍‌ସିଲରଙ୍କ ପ୍ରତିନିଧି ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜାକର୍ମରେ ପ୍ରତ୍ୟେକ ଦିନ ପ୍ରସାଦସେବନ, ସନ୍ଧ୍ୟା ଆଳତି ଶ୍ରଦ୍ଧାଳୁମାନେ ଦର୍ଶନ କରିଥା'ନ୍ତି। ଦୈନନ୍ଦିନ ବିଗ୍ରହଙ୍କଠାରେ ପୂଜାର୍ଚ୍ଚନା ସହ ନୀତିକାନ୍ତି ହୋଇଥାଏ। ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାଠ, ପ୍ରବଚନ, ଭଜନ, ପାରାୟଣ, ଧର୍ମଚର୍ଚ୍ଚା, ମନୋରଞ୍ଜନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ତେବେ ଏହି ଶ୍ରୀରାମ ନବମୀରେ ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳିଭୋଗ ଲାଗି ହୋଇ ପ୍ରସାଦସେବନ ସମସ୍ତେ କରିଥା'ନ୍ତି।

ସୂଚନାଯୋଗ୍ୟ ଯେ, ପାଳିଭୋଗ ଶେଷ ନ ହେବା ଯାଏ ମହାପ୍ରଭୁ ପୂଜା ପାଇଥା'ନ୍ତି। ଏହା ଏକ ଦୀର୍ଘ ବର୍ଷ ଧରି ନିଆରା ପରମ୍ପରା ରହିଆସିଛି। ଶ୍ରୀରାମ ନବମୀ ପୂଜା କମିଟି ସମ୍ପାଦକ ତଥା ପୂର୍ବତନ କାଉନ୍‌ସିଲର୍ ସମାଜସେବୀ ଗଜେନ୍ଦ୍ର ପଣ୍ଡା, କାଉନ୍‌ସିଲର ଗୀତାଞ୍ଜଳି ଦାସ, କାଉନ୍‌ସିଲର୍‌ଙ୍କ ପ୍ରତିନିଧି ଯୁବନେତା ସୂର୍ଯ୍ୟକୁମାର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ, ସାମ୍ବାଦିକ, ଆଇନଜୀବୀ ଓ ଶୁଭେଚ୍ଛୁଙ୍କ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି। ଏହାଛଡ଼ା ଜନପ୍ରତିନିଧିମାନେ ମଧ୍ୟ ସାହାଯ୍ୟ ସହଯୋଗ କରିଆସୁଛନ୍ତି। ଗ୍ରାମରେ ଥିବା ଜାଡ଼ିବାସୁଲୀ, ଶ୍ରୀରାମ ମନ୍ଦିର, ଶ୍ରୀହନୁମାନ ମନ୍ଦିର ଏବଂ ନରେଶ୍ୱର ମନ୍ଦିରରେ ପୂଜକ ମଦନମୋହନ ମିଶ୍ର, ପ୍ରହ୍ଲାଦ ମିଶ୍ର, ଗୋବର୍ଦ୍ଧନ ମିଶ୍ର ଦୈନନ୍ଦିନ ପୂଜାପାଠ କରି ଆସୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶହେ ବର୍ଷରୁ ଉର୍ଦ୍ଧ୍ୱ ଧରି ଅସ୍ତଳରେ ଶ୍ରୀରାମ ନବମୀ ଉତ୍ସବ ଅଦ୍ୟାବଧି ମହାସମାରୋହରେ ପାଳିତ ହୋଇଆସୁଛି। ଦୀର୍ଘ ବର୍ଷ ଧରି ଶ୍ରୀରାମ ନବମୀ ପୂଜା କମିଟିର ସମ୍ପାଦକ ତଥା ପୂର୍ବତନ କାଉନ୍‌ସିଲର ଗଜେନ୍ଦ୍ର ପଣ୍ଡା ଶ୍ରୀରାମ ନବମୀ ଉତ୍ସବରେ ୧୯୮୫ ମସିହାରୁ ସେବା ମନୋବୃତ୍ତିରେ ଓତଃପ୍ରୋତଃ ଭାବେ ଅଦ୍ୟାବଧି ଜଡ଼ିତ ରହି ଆସୁଛନ୍ତି। ସୂଚନାଯୋଗ୍ୟ, ଶ୍ରୀରାମ ନବମୀ କମିଟିର ସଦସ୍ୟ ଦେବବ୍ରତ ନାୟକ(କାଳିଆ)ଙ୍କ ବିୟୋଗରେ ଶୋକସଭା ଶ୍ରୀରାମ ନବମୀ ଉତ୍ସବରେ ଅନୁଷ୍ଠିତ ହୋଇଥିଲା।



## ବିଶିଷ୍ଟ ଶ୍ରମିକନେତା ବିଷ୍ଣୁ ମହାନ୍ତିଙ୍କ ସ୍ମୃତିଚାରଣ ସଭା



ଭଦ୍ରକ,୧୦।୫(ସମିସ): ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ, ସିଆଇଟିୟୁର ସର୍ବଭାରତୀୟ ଉପସଭାପତି, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ, ବିଶିଷ୍ଟ ଶ୍ରମିକନେତା ବିଷ୍ଣୁ ମହାନ୍ତିଙ୍କ ସ୍ମୃତିଚାରଣ ସଭା ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ନେତାଜୀ ନଗରସ୍ଥିତ ଜାନକୀ ନିଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ବିଷ୍ଣୁ ମହାନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଆଳିଠାରେ ଜନ୍ମଗ୍ରହଣ କରି ହାଇସ୍କୁଲ ଶିକ୍ଷା ପରେ ପରିବାରର ଆର୍ଥିକ ଅନାଟନ ଯୋଗୁଁ ରାଉରକେଲା ଯାଇଥିଲେ। ସେ ସେଠାରେ ଖୁବ୍ କଷ୍ଟରେ ଘରୋଇ ଟ୍ୟୁସନ କରି ରାଉରକେଲା ସରକାରୀ ମହାବିଦ୍ୟାଳୟରେ ପାଠ ପଢ଼ିଥିଲେ। ସେ ଭାରତର ଛାତ୍ର ଫେଡେରସନ(ଏସ୍‌ଏଫ୍‌ଆଇ)ର ନୀତି, ଲକ୍ଷ୍ୟ, ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ଏସ୍‌ଏଫ୍‌ଆଇର ରାଜ୍ୟ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେ ରାଉରକେଲା କୋର୍ଟରେ କିଛିଦିନ ଓକିଲାତି ମଧ୍ୟ କରିଥିଲେ। ଶ୍ରମିକ-ମାଲିକ ବିବାଦ ସମୟରେ ମାଲିକ ଶ୍ରେଣୀ ପାଖରେ ଶ୍ରମ ଆଇନକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଶ୍ରମିକମାନଙ୍କ ନ୍ୟାଯ୍ୟ ଅଧିକାର ହାସଲ କରୁଥିଲେ। ତାଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଜିଲ୍ଲା ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀରେ ସିପିଆଇ(ଏମ୍)ର ଆଦର୍ଶ ବିଧାୟକ ଲକ୍ଷ୍ମଣ ମୁଣ୍ଡା ନିୟମିତ ଜିତି ଆସୁଥିଲେ। ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି ସମୟରେ ମିଶା ବନ୍ଦୀ ଭାବେ ସେ ୨୪ ମାସ ଜେଲ୍‌ରେ ଥିଲେ। ପୁଞ୍ଜିପତି ଶ୍ରେଣୀ ବିରୁଦ୍ଧରେ ଲଢ଼େଇ କରି ୭ ବର୍ଷ ୬ ମାସ ୮ ଦିନ ସେ ଓଡ଼ିଶାର ବିଭିନ୍ନ ଜେଲ୍‌ରେ ଥିଲେ। ନିମୋନିଆ ରୋଗରେ ପୀଡ଼ିତ ହୋଇ ସେ ୭୫ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ପ୍ରଫୁଲ୍ଲ ପାଢ଼ୀ, ସିପିଆଇ(ଏମ୍) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ସିଆଇଟିୟୁ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ବରିଷ୍ଠ ଶ୍ରମିକ ନେତା ଅଭିନ୍ନ ଚନ୍ଦ୍ର ରାୟ, ମହିଳା ନେତ୍ରୀ ସୁରଜିତା ନାୟକ, ବରିଷ୍ଠ ଚାଷୀ ନେତା ନିରଞ୍ଜନ ପାଣି, ଯୁବନେତା ସେକ୍ ସନାଉଲ୍ଲା, ଯୁବନେତା ପ୍ରତାପ ସେଠୀ ପ୍ରମୁଖ ବିଷ୍ଣୁ ମହାନ୍ତିଙ୍କ ନୀତି, ଲକ୍ଷ୍ୟ, ଆଦର୍ଶ ଓ ରାଜନୈତିକ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

## ବିଶ୍ୱ ମାତୃ ଦିବସ ପାଳିତ



ଅସୁରାଳି,୧୦।୫(ସମିସ): ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ 'ଅନୁକମ୍ପା ମହିଳା ସଂଗଠନ' ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଧୂଷୁରୀ ଥାନା ଏସ୍‌ଆଇ ସୁଜାତା ସାହୁ ଯୋଗଦେଇଥିଲେ। ସେ ମାତୃତ୍ୱର ଗୌରବ ଓ ସମାଜ ଗଠନରେ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ ଯୋଗଦେଇ ନାରୀ ସଶକ୍ତୀକରଣ ଓ ମାତୃଶକ୍ତିର ଆଇନଗତ ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ। ଅନୁକମ୍ପା ମହିଳା ସଂଗଠନର ସଭାପତି କବିତା ସାହୁ ସଭା ସଞ୍ଚାଳନ କରିବା ସହ ସଂଗଠନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଅନନ୍ତ ସାହୁ, ରତିକାନ୍ତ ନାୟକ, ଲକ୍ଷ୍ମୀନାରାୟଣ ମିଶ୍ର, ସମାଜସେବୀ ଅକ୍ଷୟ କୁଅଁର, ସଂଗଠନ ସମ୍ପାଦିକା ଅଞ୍ଜନା ମହାକୁଡ଼, ଉପସଭାପତି ବିମଳା ନାଥ, ସହସମ୍ପାଦିକା ନମିତା ପଣ୍ଡା, ପ୍ରମିଳା ସେଠୀ, କାଞ୍ଚନ ସେଠୀ ପ୍ରମୁଖ ଉପସ୍ଥିତ ରହି ମାତୃ ଦିବସର ତାତ୍ପର୍ଯ୍ୟ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତ ସଭ୍ୟା ଓ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା।

## ବିଶିଷ୍ଟ ଚିକିତ୍ସାବିତ୍ ଡା. ସୁରଥ କୁମାର ବିଶ୍ୱାଳଙ୍କ ସ୍ମୃତିସଭା



ଭଦ୍ରକ,୧୦।୫(ସମିସ): ଡାକ୍ତର ସୁରଥ କୁମାର ବିଶ୍ୱାଳ ଜଣେ ଉଚ୍ଚମାନର ଚିକିତ୍ସାବିତ୍ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ଶେଷରେ ସ୍ୱାସ୍ଥ୍ୟ ବିଭାଗରେ ଯୁଗ୍ମ ନିର୍ଦ୍ଦେଶକ ଭାବରେ ଯୋଗଦେଇ ଅବସର ନେଇଥିଲେ। ସେ ଜଣେ ମାନବବାଦୀ, ପରୋପକାରୀ ବ୍ୟକ୍ତି ଭାବରେ ସମଗ୍ର ଭଦ୍ରକରେ ସୁପରିଚିତ ଥିଲେ ବୋଲି ସ୍ମୃତିସଭାରେ ସମସ୍ତ ଅତିଥି ମତ ପ୍ରକାଶ କରିଥିଲେ। ଭାଗବତ କଲ୍ୟାଣ ମଣ୍ଡପଠାରେ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଉକ୍ତ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କୁ ବୈଲୋଚନ ବେହୁରିଆ ମଞ୍ଚ ଆହ୍ୱାନ କରିଥିବାବେଳେ ବେଦପାଠ କରିଥିଲେ ବିଜୟ କୁମାର ବହଳି। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଆଦିତ୍ୟ କୁମାର ନାୟକ ଦେଇଥିବାବେଳେ ସମ୍ପାଦକ ହରମୋହନ କୁଅଁର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡା. ରବୀନ୍ଦ୍ର କୁମାର ନାୟକ, ସାହିତ୍ୟିକ ବାସୁଦେବ ବାରିକ୍, ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ ନିଜର ସୁଚିନ୍ତିତ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସମାଜସେବୀ ଡା. ହରେକୃଷ୍ଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ ପରମାନନ୍ଦ ସାହୁ ଓ ଅନ୍ୟତମ ସମ୍ବର୍ଦ୍ଧିତ ବ୍ୟକ୍ତି ଭାବରେ ଜଣେ ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ସମାଜସେବୀ ଡ. ମନିନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ମାନପତ୍ର ପାଠ କରିଥିଲେ ଆଶିଷ ନାୟକ। ଅଜୟ ନାୟକ, ଡ. ଗୋଲକ ବିହାରୀ ସାହୁ, ସୁଧାକର ରାଉତ, ଗୀତାରାଣୀ ଆଇଚ ଓ ବିକ୍ରମ ନାୟକ ପ୍ରମୁଖ ବ୍ୟକ୍ତିମାନେ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସୁରଥ ବିଶ୍ୱାଳଙ୍କର ସୁପୁତ୍ର ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ମାଝୀ, ମନୋଜ ରାଉଳ, ମଦନ ମୋହନ ନାୟକ, ରମାକାନ୍ତ ନାୟକ, କୈଳାସ ଚନ୍ଦ୍ର ପଣ୍ଡା, ଶ୍ରୀବତ୍ସ ସ୍ୱାଇଁ, ପଦ୍ମନାଭ ନାୟକ, ଗୌତମ ମହାରଣା, ଶରତ ଚନ୍ଦ୍ର ନାୟକ, ମୁକ୍ତିକାନ୍ତ ମହାପାତ୍ର, ଗୟାଧର ପଣ୍ଡା, ଅଜିତ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଅଙ୍ଗନବାଡ଼ି ନିଜସ୍ୱ ଗୃହକୁ ନେଇ ଚିନ୍ତାରେ ଅଭିଭାବକ

# କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିଛି ବିଭାଗ

ବନ୍ତ/ଆଗରପଡ଼ା,୧୦।୫(ସମିସ)



ବର୍ଷେ କି ଦୁଇ ବର୍ଷ ନୁହେଁ ପ୍ରତିଷ୍ଠାକୁ ୨୫ ବର୍ଷ ପୂରିସାରିଥିଲେ ସୁଦ୍ଧା ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ସରକାରଙ୍କ ମହିଳା ଓ ଶିଶୁଙ୍କର ସର୍ବାଙ୍ଗିଣ ଉନ୍ନତି ଲକ୍ଷ୍ୟରେ ଉଦ୍ଦିଷ୍ଟ ଯୋଜନାର ସଫଳ ରୂପାୟଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ।

ବନ୍ତ ବ୍ଲକ୍‌ର ୨୫ଟି ପଞ୍ଚାୟତରେ ୨୩୮ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି। ୨୫ଟି ପଞ୍ଚାୟତକୁ ୧୧ଟି ସେକ୍ଟରରେ ଭାଗ କରାଯାଇଛି। ତନ୍ମଧ୍ୟରୁ ମହାନ୍ତିପଡ଼ା ସେକ୍ଟର ଅନ୍ୟତମ। ଉକ୍ତ ସେକ୍ଟର ଅଧୀନରେ ୧୭ଟି ଅଙ୍ଗନବାଡ଼ି କେନ୍ଦ୍ର ଅନ୍ତର୍ଭୁକ୍ତ। ତନ୍ମଧ୍ୟରୁ ଗୋପିନାଥପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପୁର ଅନ୍ୟତମ। ୨୦୦୦ ମସିହାରେ ଏଠାରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠା ପରଠାରୁ ନିଜସ୍ୱ ଗୃହ ନ ଥିବାରୁ ଏହା ପାଖାପାଖି ୧୦ବର୍ଷ ଗ୍ରାମର ଦୁର୍ଗା ମଣ୍ଡପଠାରେ ଚାଲିବା ପରେ ପରବର୍ତ୍ତୀ ସମୟରେ ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଆଜ୍‌ବେଷ୍ଟସ ଗୃହରେ ଅସ୍ୱାସ୍ଥ୍ୟକର ପରିବେଶରେ ଏହା ଚାଲୁଛି। ୨୦୧୬-୧୭ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୮ ଲକ୍ଷ, ଡବ୍ଲ୍ୟୁଏଣ୍ଡସିଡିରେ ୨ଲକ୍ଷ ଓ ଏସ୍‌ଏଫ୍‌ସିସିଜିପିରେ ୨ଲକ୍ଷ ଏହିପରି ଭାବରେ ଉକ୍ତ ୩ଟି ଯୋଜନାରେ ଅନୁମୋଦିତ ହୋଇଥିବା ୧୨ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗତ ବର୍ଷ ଅଙ୍ଗନବାଡ଼ିର କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଯେଉଁ ଜାଗାରେ ଉକ୍ତ ନିର୍ମାଣ କାର୍ଯ୍ୟ ଚାଲିଥିଲା ବନ୍ତ ତହସିଲ୍ ପକ୍ଷରୁ ସେହି ଜାଗାକୁ ଅନୁମତି ଦିଆଯାଇ ନ ଥିବା ନେଇ ଶ୍ରୀରାମପୁର ଗ୍ରାମର ବାସିନ୍ଦା ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀ, ରାଜସ୍ୱ ନିରୀକ୍ଷକ ଓ କନିଷ୍ଠଯନ୍ତ୍ରୀଙ୍କ ମିଳିତ ଉଦ୍ୟମରେ ୨୦୧୬-୧୭ ଆର୍ଥିକ ବର୍ଷରେ ଶ୍ରୀରାମପୁର ସ୍କୁଲ ପାଖକୁ ଲାଗିଥିବା ସରକାରୀ ଖାତା ନଂ ୧୭୧, ପ୍ଲଟ୍ ନଂ ୨୩୧(ବସ୍ତି ଯୋଗ୍ୟ) ଜମିରେ ଗୃହ ନିର୍ମାଣ ନିମନ୍ତେ ଚୟନ କରାଯାଇଥିଲା। ରାଜସ୍ୱ ନିରୀକ୍ଷକଙ୍କ ଟ୍ରେସ୍ ପେପରକୁ ଆଧାର କରି ଗ୍ରାମବାସୀଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ଗୃହ ନିର୍ମାଣ ନିମନ୍ତେ ଚୟନ କରାଯାଇଥିବା ଜାଗାକୁ ଧାର୍ଯ୍ୟ କରିଥିଲେ। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିବିଶେଷ ଉକ୍ତ ପ୍ରକଳ୍ପକୁ ଗୋଚର କିସମ ଖାତା ନଂ ୧୭୧ ଓ ପ୍ଲଟ୍ ନଂ ୮ରେ କରିବାକୁ ମସୁଧା କରିବା ଜାଣିବା ପରେ ଉକ୍ତ ଜାଗା ଗୋଚର ହୋଇଥିବାବେଳେ ନଦୀ କୂଳରେ ଥିବାରୁ ଗାଈଗୋରୁ ଓ ଛେଳି ଆଦି ଚରିବା ନିମନ୍ତେ ପ୍ରଶସ୍ତ ଥିବାବେଳେ ଓ ପିଲାଙ୍କ ପାଇଁ ବିପଦ ସୃଷ୍ଟି କରିବା ସମ୍ଭାବନା ଥିବାରୁ ଏହାକୁ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ସ୍ଥାନରେ କରାଇବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ଇତି ମଧ୍ୟରେ ଗୃହ ନିର୍ମାଣକୁ ୧୦ ବର୍ଷରୁ ଅଧିକ ସମୟ ପୂରିବାକୁ ବସିଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ପାରିବା ଓ ଅଭିଯୋଗ ଉପରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ମହିଳା ଓ ଶିଶୁଙ୍କ ସର୍ବାଙ୍ଗିଣ ଉନ୍ନତି ଲକ୍ଷ୍ୟରେ ଅଙ୍ଗନବାଡ଼ି କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଥିଲା। ଜନ୍ମରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ଶିଶୁଙ୍କୁ ଟିକାକରଣ, ସ୍ୱାସ୍ଥ୍ୟ, ପୁଷ୍ଟିହୀନତା ଦୂରୀକରଣ, ଶିକ୍ଷା, ପ୍ରାପ୍ତ ବୟସ୍କାଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ଆଦି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ରହିଛି। କିନ୍ତୁ ଏହି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଏହିସବୁ କାର୍ଯ୍ୟର ସଫଳ ରୂପାୟଣ ହୋଇପାରୁ ନ ଥିବା ପରିଲକ୍ଷିତ ହେଉଛି। ସରକାର ଅର୍ଥ ମଞ୍ଜୁର କରୁଛନ୍ତି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଗୃହ ନିର୍ମାଣ ପାଇଁ କିନ୍ତୁ ଏହି ଅର୍ଥର ସଠିକ୍ ବିନିଯୋଗ ନ ହୋଇ କେବଳ କାଗଜକଲମରେ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଥିବାର ଉକ୍ତ କେନ୍ଦ୍ରକୁ ଦେଖିଲେ ଜଣାପଡ଼ିଛି। ଅଙ୍ଗନୱାଡ଼ି କେନ୍ଦ୍ର ହେଉଛି ଗୋଟିଏ ଶିଶୁର ଶିକ୍ଷାକ୍ଷେତ୍ରର ମୂଳଦୁଆ ପଡ଼ିବାର ପ୍ରଥମ ସୋପାନ। ଏହିଠାରୁ ହିଁ ତା'ର ଶିକ୍ଷା ଆରମ୍ଭ ହୋଇଥାଏ। ମାତ୍ର ଏହି ଆରମ୍ଭ ବୟସରୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅଧ୍ୟୟନ କରୁଥିବା ପିଲାମାନେ ଅଙ୍ଗନବାଡ଼ି କେନ୍ଦ୍ରର ବ୍ୟବସ୍ଥାକୁ ନେଇ ନିଜର ହତାଶାଭାବ ପ୍ରକାଶ କରୁଥିବାବେଳେ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଅର୍ଥ ମଞ୍ଜୁର ହେଉଛି କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟପନ୍ଥା ଯୋଗୁଁ ସରକାରଙ୍କ ଯୋଜନା ଲକ୍ଷ୍ୟଚ୍ୟୁତ ହେବାକୁ ଯାଉଥିବାର ଅଭିଯୋଗ ହେଉଛି। ଏଠାରେ ଦେଖାଦେଇଥିବା ଏହିପରି ଅବ୍ୟବସ୍ଥା ପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## 'ଅପରେସନ ସିନ୍ଦୂର'ର ପ୍ରଥମ ବାର୍ଷିକୀ



ଭଦ୍ରକ,୧୦।୫(ସମିସ): ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟ କଟକ ଅଧୀନରେ ଭଦ୍ରକସ୍ଥିତ ୭ ଓଡ଼ିଶା ବାଟାଲିୟନ ଏନ୍‌ସିସି ପକ୍ଷରୁ 'ଅପରେସନ ସିନ୍ଦୂର'ର ପ୍ରଥମ ବାର୍ଷିକୀ ଅବସରରେ ଆନନ୍ଦପୁର କଲେଜ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦେଶପ୍ରେମମୟ ପରିବେଶ ମଧ୍ୟରେ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର କଲେଜ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଚରମ୍ପା କଲେଜ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭଦ୍ରକ ଏବଂ ଏନ୍‌ସିସି ନୋଡାଲ ସ୍କୁଲର ୪୦୦ରୁ ଅଧିକ ଏନ୍‌ସିସି କ୍ୟାଡେଟ୍ ଯୋଗଦେଇଥିଲେ। ବାଟାଲିୟନର କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ୍.ଏସ୍. ରଘୁବଂଶୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ସହିଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଭାରତୀୟ ସଶସ୍ତ୍ର ବାହିନୀର ସାହସ, ବଳିଦାନ ଓ ରଣନୀତି କୌଶଳକୁ ଉଦ୍‌ଭାସିତ କରୁଥିବା ଏକ ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ କରାଯାଇଥିଲା। କ୍ୟାଡେଟ୍‌ମାନଙ୍କୁ ସମ୍ବୋଧିତ କରି ଲେଫ୍ଟନାଣ୍ଟ କର୍ଣ୍ଣେଲ ରଘୁବଂଶୀ କହିଥିଲେ ଯେ, 'ଅପରେସନ ସିନ୍ଦୂର' ଆମ ସଶସ୍ତ୍ର ବାହିନୀର ଅଦମ୍ୟ ସାହସ ଓ ଦେଶସେବାର ପ୍ରତୀକ। ଏନ୍‌ସିସି କ୍ୟାଡେଟ୍‌ମାନେ 'ନେସନ ଫର୍ଷ୍ଟ'ର ମନ୍ତ୍ରକୁ ପାଥେୟ କରି ଦେଶସେବା ପାଇଁ ସଦା ପ୍ରସ୍ତୁତ ରହିବା ଉଚିତ୍। ୭ରୁ ୧୦ ମେ'୨୦୨୬ ପର୍ଯ୍ୟନ୍ତ ଚାରିଦିନିଆ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନ୍ତର୍ଗତ 'ବୀରତ୍ୱ ଓ ବଳିଦାନ-ଅପରେସନ ସିନ୍ଦୂରରୁ ଶିକ୍ଷା' ବିଷୟବସ୍ତୁ ଉପରେ ବାଟାଲିୟନ ଅଧୀନସ୍ଥ ୭୮ଟି ଶିକ୍ଷାନୁଷ୍ଠାନରେ ତର୍କ, ପ୍ରବନ୍ଧ ଲିଖନ, ପୋଷ୍ଟର ପ୍ରସ୍ତୁତି ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିଙ୍କ ମନରେ ଦେଶପ୍ରେମ, ଶୃଙ୍ଖଳାବୋଧ, ନେତୃତ୍ୱଗୁଣ ଓ ଜାତୀୟ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧି କରାଯାଇଛି।

# ଶ୍ରୀକ୍ଷେତ୍ର ସିଟି

୧୦/୫/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୩୦,୩୯୨/- ସୁନା:୦୭.୪୫୦ ଗ୍ରାମ୍ ରୁପା: ୨୯.୩୦୦ ଗ୍ରାମ୍



### କଣାସ ବର୍ବରତାକୁ ନେଇ ବର୍ଷିଲେ ରମାରଞ୍ଜନ

# ବାଲିମାଫିଆ ପୃଷ୍ଠପୋଷକ; ପ୍ରଚ୍ଛଦପଟରେ ବିଧାୟକ

ପୁରୀ,୧୦।୫(ସମିସ)



କଣାସ ଥାନାଠାରୁ ମାତ୍ର ଅଧ କିଲୋମିଟର ଦୂର ଗୋଲାବଜାର ମାଛ ମାର୍କେଟରେ ଘଟିଥିବା ବର୍ବର କାଣ୍ଡକୁ ନେଇ ରାଜ୍ୟବ୍ୟାପୀ ଚହଳ ପଡ଼ିଛି। ରାସ୍ତା ଉପରେ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣି ବେକରେ ବୁଲେଟ୍ ଚଢ଼ାଇବାର ଛାତିଥରା ଭିଡିଓ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାକୁ ୯ ଦିନ ବିତିଯାଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢୁଛି। ବାଲିମାଫିଆ ସମଗ୍ର ଘଟଣାର ପୃଷ୍ଠପୋଷକ ଓ ସତ୍ୟବାଦୀ ବିଧାୟକ ପ୍ରଚ୍ଛଦପଟରେ ଥିବା ଅଭିଯୋଗ କରିଛନ୍ତି ପୂର୍ବତନ ବିଧାୟକ ତଥା ବିଜେଡି ନେତା ରମାରଞ୍ଜନ ବଳିଆରସିଂହ।

ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଳିଆରସିଂହ କହିଛନ୍ତି ଯେ ମୋର ୪୦ ବର୍ଷ ରାଜନୀତିକ ଜୀବନରେ ଏଭଳି ଘଟଣା କେବେ ଦେଖିନାହିଁ। ବାଲି ମାଫିଆଙ୍କ ପାଇଁ ଏଭଳି ଲୋମଟାଙ୍କୁରା ଘଟଣା ଘଟିଛି। ବିହାର, ୟୁପିରେ ଏଭଳି ଘଟଣା ଘଟୁଥିଲା। ଏବେ ଆମ ରାଜ୍ୟରେ ବିଶେଷକରି ଆମ କଣାସ ମାଟିରେ ଏଭଳି ଛାତିଥରା ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ଯୁବକଙ୍କୁ ପନିକିରେ ହାଣିବା ପରେ ତିନିଜଣ ଗୋଟିଏ ବୁଲେଟ୍‌ରେ ବସି ତାଙ୍କ ଉପରେ ଚଢ଼ାଇବା ଘଟଣା ମନରେ ଭୟ ସଞ୍ଚାର କରୁଛି। ଏହି ଆକ୍ରମଣ ପଛରେ ସତ୍ୟବାଦୀ ବିଧାୟକଙ୍କ ହାତ ରହିଛି ଓ ବାଲିମାଫିଆ ଏହି ଘଟଣାର ପୃଷ୍ଠପୋଷକ। ମୁଖ୍ୟ ଅଭିଯୁକ୍ତଙ୍କ ସହ ସତ୍ୟବାଦୀ ବିଧାୟକଙ୍କ ଫଟୋ ସୋସିଆଲ ମିଡିଆରେ ଘୂରି ବୁଲୁଛି। ପୁଲିସ ରାଜନୈତିକ ଚାପରେ ରହୁଥିବାରୁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଆଜି ରସାତଳଗାମୀ। ପ୍ରଥମେ ବିଧାୟକ ଗଣମାଧ୍ୟମରେ କହୁଛନ୍ତି ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଆଉ କିଛି ସମୟ ପରେ ପୁଲିସ ପ୍ରେସ୍‌ମିଟ୍ କରି ଅବଗତ କରାଇବେ। ଏହାପରେ ଏସ୍‌ପି ପ୍ରେସ୍‌ମିଟ୍ କରୁଛନ୍ତି। ବିଧାୟକ କ'ଣ ଗୃହ ବିଭାଗର ମୁଖପାତ୍ର କି ବୋଲି ଶ୍ରୀ ବଳିଆର ସିଂହ ଅଭିଯୋଗ କରିଛନ୍ତି।

ଏହି ଅବସରରେ ସେ ପୁଲିସ ଓ ସରକାରଙ୍କୁ ଘଟଣାକୁ ନେଇ ଅନେକ ପ୍ରଶ୍ନ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ଗଲା କୁଆଡ଼େ? ଆକ୍ରମଣରେ ବ୍ୟବହୃତ ବୁଲେଟ୍ ଓ ସ୍କୁଟି କୁଆଡ଼େ ଗଲା? ମୁଖ୍ୟ ଅଭିଯୁକ୍ତଙ୍କ ଘର ସାମ୍ନାରେ ଗଦା ହୋଇଥିବା ଶହଶହ ଟ୍ରିପ୍ ବାଲି କାହାର? ଏତେ ପରିମାଣରେ ବାଲି ସେ କେମିତି ଓ କେଉଁଠୁ ଆଣିଲେ? ରାଜସ୍ୱ ବିଭାଗ ଓ ଖଣି ବିଭାଗ କ'ଣ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ପୁଣି କହିଛନ୍ତି ଯେ ବେଆଇନ ବାଲି ବେପାରରୁ କୋଟି କୋଟି ଟଙ୍କା ଆଦାୟ କରାଯାଉଛି। ଏହି ଟଙ୍କା ମିଳିମିଶି ନେଉଛନ୍ତି। ଘଟଣାର ୪ ଦିନ ପୂର୍ବରୁ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କ ଭାଇଙ୍କୁ ଧମକ ଦିଆଯାଇଥିଲା। ତାଙ୍କ ଭାଇଙ୍କୁ ହାଣିବେ ବୋଲି କୁହାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଯେଉଁ ୪ ଜଣ ଗିରଫ ହୋଇଛନ୍ତି ବୋଲି କୁହାଯାଉଛି, ସେମାନେ ପ୍ରକୃତରେ ସତ୍ୟବାଦୀ ବିଧାୟକଙ୍କ ଇଙ୍ଗିତରେ ଆତ୍ମସମର୍ପଣ କରିଛନ୍ତି। ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ଉଭୟ ପକ୍ଷରେ ବିବାଦ ଯୋଗୁଁ ଏହି ଘଟଣା ଘଟିଛି। ତେଣୁ ଆକ୍ରମଣକାରୀଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିବାକୁ ଦାବି କରିଛନ୍ତି ଶ୍ରୀ ବଳିଆରସିଂହ। ନଚେତ୍ ଆଗାମୀ ଦିନରେ କଣାସ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଆହୁରି ବିପର୍ଯ୍ୟସ୍ତ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଗୌର-ଗଦାଧରଙ୍କ ନୌକା ବିହାର

ପୁରୀ,୧୦।୫(ସମିସ): ଚନ୍ଦନ ଯାତ୍ରା ଶେଷପର୍ବ ହଳଦୀ ପାଣିରେ ଆଧ୍ୟାତ୍ମିକ ଚେତନାର ଅନ୍ୟତମ ପ୍ରାଣକେନ୍ଦ୍ର ତୋଟା ଗୋପୀନାଥ ପରିସରରେ ନୌକା ବିହାର ଅନୁଷ୍ଠିତ ହୋଇଯାଇଛି। ମହନ୍ତ କୃଷ୍ଣଚନ୍ଦ୍ର ଦାସ ମହାରାଜାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସୁନ୍ଦର ନୌକା ବିହାର ପରିସରର ଚିର ଘାଟରୁ ଆରମ୍ଭ ହୋଇଥିଲା।



ଏଥିରେ ଶ୍ରୀଗୋପୀନାଥ, ରାଧାରାଣୀ, ଗୌର ଓ ଗଦାଧର ଭାସମାନ ନୌକା ବିହାର କରିଥିଲେ। ପାଞ୍ଚଟି ଧଳାହଂସଙ୍କ ସହ ଭାଗବତ ଭାଷ୍ୟକାର ଡ. ବଦ୍ରି ମିଶ୍ର, ଅଜୟ ସନ୍ୟାସୀ, ଘରେଘରେ ଭାଗବତର ସୁଲୋଚନା ମିଶ୍ର, କୀର୍ତ୍ତନ ଦଳ, ଦେଶ ବିଦେଶର ଭକ୍ତ, ସ୍ଥାନୀୟ ବାସିନ୍ଦା, ସେବାୟତଙ୍କ ସମେତ ଅନେକ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରଦ୍ଧାଳୁ 'ମଲ୍ଲିମାଳ ଶ୍ୟାମକୁ ଦେବି' ସଂଗୀତ ଗାନ କରି ପରିସରକୁ ଭାବଭକ୍ତିରେ ଭିଜାଇ ଦେଇଥିଲେ।

## ବାରିସୀ ବାଜି ମହାରଣା ସେବକ ଆହତ

ପୁରୀ,୧୦।୫(ସମିସ): ରଥ ନିର୍ମାଣ କାମ ଚାଲିଥିବାବେଳେ ରବିବାର ରଥଖଳାରେ ଜଣେ ମହାରଣା ସେବକ ଆହତ ହୋଇଛନ୍ତି। ସେ ହେଉଛନ୍ତି ନନ୍ଦିଘୋଷ ରଥ ଚାଳିର ଜଗନ୍ନାଥ ମହାରଣା। ସେ କାମ କରୁଥିବାବେଳେ ହଠାତ୍ ତାଙ୍କ ଗୋଡ଼ରେ ବାରିସୀ ବାଜି ଯାଇଥିଲା। ଫଳରେ ସାମାନ୍ୟ କ୍ଷତ ହେବା ସହ ସେ ଆହତ ହୋଇଥିଲେ। ତୁରନ୍ତ ରଥଖଳାରେ ଉପସ୍ଥିତ ସ୍ୱାସ୍ଥ୍ୟକର୍ମୀ ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ଚିକିତ୍ସା ପରେ ଜଗନ୍ନାଥ ପୁଣି ଥରେ ହାତରେ ବାରିସୀ ଧରି ରଥ ନିର୍ମାଣ କାମରେ ଲାଗି ପଡ଼ିଥିଲେ। ଏ ନେଇ ଜଗନ୍ନାଥ କହିଛନ୍ତି "ଏଭଳି ଦୁର୍ଘଟଣାକୁ ଭୟ କଲେ କ'ଣ ଠାକୁରଙ୍କ କାମ କରିପାରିବୁ? ପୂର୍ବରୁ ଏମିତି କେତେଥର ବାଜିଛି। ଗୋଟିଏ ଦିନ ଟିକେ ଆଘାତ ଜଣାପଡ଼ିବ। ତା'ପରଦିନ ସକାଳୁ ଉଠି କେମିତି ରଥଖଳାରେ ପହଞ୍ଚି କାମ କରିବୁ ସେହି ଚିନ୍ତା ଥାଏ। ତାଙ୍କର ଏହି ନିଷ୍ଠା ଓ ଭକ୍ତିକୁ ଦେଖି ଉପସ୍ଥିତ ସମସ୍ତେ ପ୍ରଶଂସା କରିଛନ୍ତି।

## ବୁଡ଼ି ଯାଉଥିବାବେଳେ ୩ ପର୍ଯ୍ୟଟକ ଉଦ୍ଧାର

ପୁରୀ,୧୦।୫(ସମିସ): ପୁରୀ ସମୁଦ୍ରରେ ସ୍ନାନ କରିବାବେଳେ ଘଟିଛି ଅଘଟଣା। ୪ ନମ୍ବର ସେକ୍ଟରରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପର୍ଯ୍ୟଟକ ହେଉଛନ୍ତି ଢେଙ୍କାନାଳ ହିନ୍ଦୋଳ ଅଞ୍ଚଳର ଜଳରାମ ବେହେରା, ଲକ୍ଷ୍ମୀପ୍ରିୟା ବେହେରା ଏବଂ ଓମ୍ ପ୍ରକାଶ ବେହେରା। ଏମାନେ ଗୋଟିଏ ପରିବାରର ବୋଲି ସୂଚନା ମିଳିଛି। ଲାଇଫ୍‌ଗାର୍ଡ ଗୋବିନ୍ଦ ବେହେରା ସେମାନଙ୍କୁ ଉଦ୍ଧାର କରିଥିଲେ। ଉକ୍ତ ପର୍ଯ୍ୟଟକମାନେ ପୁରୀ ବୁଲିବାକୁ ଆସି ରବିବାର ଅପରାହ୍ଣରେ ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିଲେ। ଏହା ଦେଖି ଡ୍ୟୁଟିରେ ଥିବା ଲାଇଫ୍‌ଗାର୍ଡ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ଗତ ୮ ତାରିଖରେ ମଧ୍ୟ ଅନୁରୂପ ଭାବେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଥିଲା।

## ଥ୍ରୋ ବଲ୍ ଗ୍ରୀଷ୍ମ ଶିବିର ଆରମ୍ଭ

ପୁରୀ,୧୦।୫(ସମିସ): ଝାଡ଼େଶ୍ୱରୀ କ୍ଲବ୍ ପରିସରରେ ରବିବାର ପୁରୀ ଜିଲ୍ଲା ଥ୍ରୋ ବଲ୍ ଆସୋସିଏସନ ତରଫରୁ ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ ହୋଇଛି। ଏଥିରେ ପୁରୁଷ ଓ ମହିଳାଙ୍କୁ ମିଶାଇ ସର୍ବମୋଟ୍ ୭୫ ଜଣ ଖେଳାଳି ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୫୬ ଜଣ ଖେଳାଳିଙ୍କୁ ଚୟନ କରାଯିବ, ଯେଉଁମାନେ ଆଗାମୀ ଦିନରେ ଭୋପାଳଠାରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ତେବେ ଏହି ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ର, କ୍ରୀଡ଼ା ସଂଗଠକ ଅରବିନ୍ଦ ଦାସ, ଓଡ଼ିଶା ଥ୍ରୋ ବଲ୍ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ, ପୁରୀ ଜିଲ୍ଲା ଥ୍ରୋ ବଲ୍ ସମ୍ପାଦକ ଦୀପ୍ତିରଞ୍ଜନ ସାମନ୍ତରାୟ, କୋଚ୍ ସୁଧାସିନ୍ଧୁ ସାହୁ ପ୍ରମୁଖ ଯୋଗଦେଇଥିଲେ।



ଅତିଥିମାନେ କ୍ୟାମ୍ପରେ ଭାଗ ନେଇଥିବା ଖେଳାଳିମାନଙ୍କ ମନୋବଳ ବଢ଼ାଇବା ସହ ଆଗାମୀ ଦିନରେ କିଭଳି ଭଲ ପ୍ରଦର୍ଶନ କରିବେ ସେ ନେଇ ଉତ୍ସାହିତ କରିଥିଲେ। ଥ୍ରୋ ବଲ୍ କିପରି ଆହୁରି ଭଲ ହୋଇପାରିବ ସେ ନେଇ ଆଗାମୀ ଦିନରେ ସହଯୋଗ କରିବେ ବୋଲି ମୁଖ୍ୟଅତିଥି ଇଂ. ମିଶ୍ର ପ୍ରତିଶ୍ରୁତି ଦେଇଥିବା ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ଜଣାଇଛନ୍ତି।

## ପୁରୀ ମହାନଗର ନିଗମ ଓ ହାପିନେସ୍ ଫାଉଣ୍ଡେସନର ସଫେଇ କାର୍ଯ୍ୟକ୍ରମ



ପୁରୀ,୧୦।୫(ସମିସ): ପୁରୀ ମହାନଗର ନିଗମ ଓ ସ୍ୱେଚ୍ଛାସେବୀ ସଂଗଠନ ହାପିନେସ୍ ଫାଉଣ୍ଡେସନର ମିଳିତ ସହଭାଗିତାରେ ପୁରୀ ଜଗନ୍ନାଥ ବଲ୍ଲଭ ପାର୍କ ପରିସରରେ ଏକ ବିଶାଳ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱଚ୍ଛତା ଅଭିଯାନରେ ଅନୁଷ୍ଠାନର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇ ପୁରୁଣା ପାର୍କ, ପ୍ରମୋଦ ଉଦ୍ୟାନ ପରିସର, ପୁଷ୍କରିଣୀ ଓ ଶ୍ରୀ ଦାଣ୍ଡ ସଂଲଗ୍ନ ରାସ୍ତାଗୁଡ଼ିକ ସଫେଇ କରିଥିଲେ। ସ୍ୱେଚ୍ଛାସେବୀମାନେ ପ୍ଲାଷ୍ଟିକ୍ ଓ ବିଭିନ୍ନ ପ୍ରକାର ଆବର୍ଜନା ସଂଗ୍ରହ କରି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ସନ୍ଦେଶ ପ୍ରଚାର କରିଥିଲେ। କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କୁ ସ୍ୱଚ୍ଛ ପୁରୀ ଗଠନରେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅନୁଷ୍ଠାନର 'କ୍ଲିନ୍ ଅପ୍ ପୁରୀ' ଅଭିଯାନ ମାଧ୍ୟମରେ ପୁରୀ ପରି ଏକ ବିଶ୍ୱ ପ୍ରସିଦ୍ଧ ଧାର୍ମିକ ସହରକୁ ସଫା ଓ ସୁନ୍ଦର ରଖିବା ପାଇଁ ଚେଷ୍ଟା ଜାରି ରହିଛି। ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରଶଂସା କରିଥିଲେ। ମହାନଗର ନିଗମର ସାନିଟେସନ ଏକ୍ସପର୍ଟ ସୌଭାଗ୍ୟଲକ୍ଷ୍ମୀ ଜେନା ଓ ରିଶବ୍ ଦାଶ ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାନଗର ନିଗମର ୱାର୍ଡ ପରିସର, ଜମାଦାର ଓ ସଫେଇ କର୍ମଚାରୀମାନେ ସହଯୋଗ କରିଥିଲେ।

### ପୁଲିସ କ୍ୱାର୍ଟର୍ସ କାନ୍ଥ, ଛାତରେ ଫାଟ

## ମରାମତି ନ ହୋଇ ଚାଲିଛି ରଙ୍ଗ; ଆପ୍‌ର ଉଦ୍‌ବେଗ

ପୁରୀ,୧୦।୫(ସମିସ)



ପୁଲିସ କର୍ମଚାରୀଙ୍କ ସରକାରୀ ବାସଗୃହର ଦୁରବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି ପୁରୀ ଜିଲ୍ଲା ଆପ୍। ବିନା ମରାମତିରେ କେବଳ ରଙ୍ଗ ମରାଚାଲିଥିବା ଅଭିଯୋଗ କରି ଏହାକୁ "ପୁଲିସ ସହ ଛଳନା' ବୋଲି କହିଛନ୍ତି ଦଳୀୟ ନେତା। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, "ପ୍ରଥମେ ଘର ମରାମତି କରି ତା'ପରେ ରଙ୍ଗ ମାରିବା କଥା। କିନ୍ତୁ ବର୍ତ୍ତମାନ ସରକାରରେ କେବଳ ରଙ୍ଗ ମାରିବା ବ୍ୟତୀତ ଆଉ କିଛି କାମ ହେଉନି। ବାହାରୁ ଦେଖିଲେ ସୁନ୍ଦର ଲାଗୁଛି, କିନ୍ତୁ ଭିତରେ ସବୁ ପୋଲା। ସେ କହିଛନ୍ତି, ପୁଲିସ ନିଜ ଘର ପରିବାର ଛାଡ଼ି ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ କାମ କରୁଛି। ଯଦି ସରକାରୀ ବାସଗୃହର ଅବସ୍ଥା ଏମିତି ରହିବ, ତେବେ ପୁଲିସ ଓ ତାଙ୍କ ପରିବାର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ।

ଆପ୍ ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି ବିଜେପି ସରକାରର ଏହା ପୁଲିସ ସହ ଧୋକା ବୋଲି କହିଛନ୍ତି। ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ପୁରୀ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି ଯେ, ଏହି କାମ କରିଥିବା ବିଭାଗକୁ ତାଗିଦ କରାଯାଉ। ପ୍ରଥମେ ମରାମତି ହେଉ, ତା'ପରେ ରଙ୍ଗ ମରାଯାଉ। ପୁଲିସର ସୁରକ୍ଷା ସରକାରଙ୍କ ପ୍ରାଥମିକତା ହେବା ଦରକାର ବୋଲି ସେ କହିଛନ୍ତି। ପୁଲିସ କର୍ମଚାରୀଙ୍କ ପାଇଁ ଥିବା କ୍ୱାର୍ଟର୍ସର କାନ୍ଥରେ ଫାଟ ଜଳଜଳ ଦେଖାଯାଉଛି। ଏହାର ମରାମତି କରା ନ ଯାଇ କେବଳ ଉପରେ ରଙ୍ଗ ମରାଯାଇଛି। ଏହା ପୁଲିସ ପରିବାରର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି ବୋଲି ଅଭିଯୋଗ ହୋଇଛି।

## ରଥଖଳାରୁ... ଚକରେ ପଡ଼ିଲା ନଡ଼ିଆ ଚାଞ୍ଚ





ପୁରୀ,୧୦।୫(ସମିସ): ଶ୍ରୀନଅର ସମ୍ମୁଖ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ଚକ, ଅଖ ଏବଂ ଅନ୍ୟାନ୍ୟ କାମ କରାଯାଉଛି। ରବିବାର ସୁଦ୍ଧା ତିନିରଥର ମୋଟ୍ ୪୨ ଚକ ମଧ୍ୟରୁ ୨୨ଟି (ତାଳଧ୍ୱଜ ରଥର ୭, ଦର୍ପଦଳନ ୮ ଏବଂ ନନ୍ଦିଘୋଷ ୭) ଚକ ପ୍ରସ୍ତୁତ ହୋଇଯାଇଛି। ରଥଚାଳିରେ ସମ୍ପୂର୍ଣ୍ଣ ହୋଇ ରହିଥିବା ଚକଗୁଡ଼ିକୁ ଭୋଇ ସେବକମାନେ ବାହାରକୁ ବାହାର କରିଛନ୍ତି। ବର୍ତ୍ତମାନ ପ୍ରବଳ ଖରା ହେଉଛି। ତେଣୁ ଖରାରେ ଚକ ଫାଟିବା ସମ୍ଭାବନା ଥିବାରୁ ତା' ଉପରେ ନଡ଼ିଆ ଚାଞ୍ଚ ପକାଯାଇଛି। ତିନିରଥର ଭୂଇଁ ନିର୍ମାଣରେ ଆବଶ୍ୟକ ଅଂଶଗୁଡ଼ିକ ପ୍ରସ୍ତୁତ ପାଇଁ ରଥ ଅମିନ ପ୍ରଥମ ଦଫାରେ ଯୋଗାଇ ଦେଇଥିବା କାଠଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ରଥ ଅମିନ ତିନିରଥର ଯୋକା ଏବଂ ମୁହାଁଟ ନିର୍ମାଣ ପାଇଁ ଯୋଗାଇଥିବା ଧଉରା କାଠକୁ ମହାରଣା ସେବକମାନେ ଚଉପଟ ପୂର୍ବକ ୪ଟି ଲେଖାଏଁ ମୁହାଁଟ ଏବଂ ୧୬ଟି ଲେଖାଏଁ ଯୋକା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ରୂପ ଖୋଦେଇ ଜାରି ରଖିଛନ୍ତି। ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଚାଲିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଦର୍ପଦଳନ ରଥର ୧୨ ଚକ ପାଇଁ ପଦାରି, ବଳା ଏବଂ ଅରକଣ୍ଟା ନିର୍ମାଣ ଶେଷ କରି ବାକି ଚକଗୁଡ଼ିକ ନିମନ୍ତେ ଅରକଣ୍ଟା, ପଦାରି, ପଦାରି ଚାବି ଏବଂ ତୁମ୍ବ ବାହ୍ୟ ବଳା ନିର୍ମାଣ ଜାରି ରହିଛି।

■ ଉତ୍କଳ ବିଦ୍ୱତ୍ ପରିଷଦର ଦାବି

## 'ସ୍ୱର୍ଗଦ୍ୱାର କେବଳ ହିନ୍ଦୁଙ୍କ ପାଇଁ' ଲେଖାଥିବା ସୂଚନାଫଳକ ଲାଗୁ

ପୁରୀ,୧୦।୫(ସମିସ): ସ୍ୱର୍ଗଦ୍ୱାରରେ ମୃତଦେହର ଧର୍ମୀୟ ପରିଚୟକୁ ନେଇ ଶନିବାର ଉପୁଜିଥିବା ବିବାଦ ପରେ ସ୍ୱର୍ଗଦ୍ୱାରରେ ଅନ୍ତ୍ୟେଷ୍ଟି କ୍ରିୟା ନେଇ ସ୍ୱଷ୍ଟତା ଆଣିବା ଲାଗି ଦାବି ଉଠିଛି। ଏ ନେଇ ଉତ୍କଳ ବିଦ୍ୱତ୍ ପରିଷଦ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଇ ସ୍ୱର୍ଗଦ୍ୱାର ପ୍ରବେଶ ପଥରେ "କେବଳ ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ' ସୂଚନାଫଳକ ଲଗାଇବାକୁ ଦାବି କରିଛି।

ରାମଚଣ୍ଡୀ ସାହିର ଆଲ୍‌ଫ୍ରେଡ୍ ସାହୁଙ୍କର ଶନିବାର ପରଲୋକ ହୋଇଥିଲା। ଶେଷକୃତ୍ୟ ପାଇଁ ତାଙ୍କ ମୃତଦେହକୁ ଅପରାହ୍ଣରେ ସ୍ୱର୍ଗଦ୍ୱାର ଅଣାଯାଇଥିଲା। କିନ୍ତୁ ସ୍ୱର୍ଗଦ୍ୱାର ଫାଟକ ସମ୍ମୁଖରେ ପରିଜନଙ୍କ ମଧ୍ୟରେ ଧର୍ମୀୟ ପରିଚୟକୁ ନେଇ ବିବାଦ ଉପୁଜିଥିଲା। ମୃତକଙ୍କ ଭଣଜା ଅଭିଯୋଗ କରିଥିଲେ ଯେ, ମାମୁ ଖ୍ରୀଷ୍ଟିୟାନ ହୋଇଥିବାରୁ ତାଙ୍କୁ ସ୍ୱର୍ଗଦ୍ୱାରରେ ଦାହ କରାଯାଇପାରିବ ନାହିଁ। ଖ୍ରୀଷ୍ଟିୟାନ ରୀତିରେ ମୃତଦେହକୁ କବର ଦେବାକୁ ସେ ଅଡ଼ି ବସିଥିଲେ। ଅନ୍ୟପକ୍ଷେ ମୃତକଙ୍କ ପୁଅ କହିଥିଲେ ଯେ, ସେମାନେ ହିନ୍ଦୁ। ତେଣୁ ବାପାଙ୍କ ଶବ ହିନ୍ଦୁ ରୀତିନୀତି ଅନୁସାରେ ସ୍ୱର୍ଗଦ୍ୱାରରେ ଦାହ କରାଯିବ। ଏହି ଟଣାଓଟରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଶେଷରେ ପ୍ରଶାସନ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ମୃତଦେହକୁ ଫେରାଇ ଦେଇଥିଲା। ଆଗକୁ ଯେପରି ଏଭଳି ଅପ୍ରୀତିକର ଘଟଣାର ପୁନରାବୃତ୍ତି ନ ହେବ, ସେଥିପାଇଁ ପରିଷଦ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛି। ପରିଷଦର ସଭାପତି ମନୋଜ ରଥ ଦର୍ଶାଇଛନ୍ତି ଯେ, ସ୍ୱର୍ଗଦ୍ୱାର ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ଏକ ଅତି ପବିତ୍ର ଶ୍ମଶାନ। ଶାସ୍ତ୍ରୀୟ ମାନ୍ୟତା ଅନୁଯାୟୀ, ଏହାକୁ ମୋକ୍ଷ ଦ୍ୱାର ବୋଲି କୁହାଯାଏ। ପ୍ରାଚୀନ କାଳରୁ ପରମ୍ପରା ଓ ଧର୍ମ ବିଶ୍ୱାସ ଅନୁସାରେ ଏହି ସ୍ଥାନ କେବଳ ହିନ୍ଦୁମାନଙ୍କର ଅନ୍ତିମ ସଂସ୍କାର ପାଇଁ ଉଦ୍ଦିଷ୍ଟ। ବିଗତ ଦିନରେ ଅଜ୍ଞତା ଓ ଅନ୍ୟ କୌଣସି କାରଣରୁ କିଛି ଲୋକଙ୍କ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ହେବାରୁ ସ୍ୱର୍ଗଦ୍ୱାରରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ଏଣୁ ସ୍ଥାନର ପାରମ୍ପରିକ ମର୍ଯ୍ୟାଦା ଓ ପବିତ୍ରତା ରକ୍ଷା କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ସ୍ୱର୍ଗଦ୍ୱାର ପ୍ରବେଶ ପଥରେ ଏକ ସ୍ପଷ୍ଟ ସୂଚନାଫଳକ ଲଗାଯିବା ଅତ୍ୟନ୍ତ ଆବଶ୍ୟକ। ସୂଚନାଫଳକରେ 'ପୁରୀ ସ୍ୱର୍ଗଦ୍ୱାର କେବଳ ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ' ବୋଲି ଉଲ୍ଲେଖ ରହିଲେ ଏହା ପରମ୍ପରା ଓ ଶୃଙ୍ଖଳା ରକ୍ଷା କରିବାକୁ ସହାୟକ ହେବ ବୋଲି ପରିଷଦ ସଭାପତି ଶ୍ରୀ ରଥ ଅନୁରୋଧ କରିଛନ୍ତି।

### ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର 'ପୁଣ୍ୟସ୍ରୋତ' ଉଦ୍‌ଘାଟିତ

## 'ସେବା ସମସ୍ତଙ୍କ ଭାଗ୍ୟରେ ନ ଥାଏ'

ପୁରୀ,୧୦।୫(ସମିସ)

● 'ସ୍ପର୍ଶରେ ଭାବନା ଥିଲେ ସୁସ୍ଥ ହୋଇଯିବ ରୋଗୀ'
● ଭିକ୍ଷାଦାନ କରୁଥିବା ଲୋକଠାରୁ ଭିକାରୀ ବଡ଼



ଯୁଦ୍ଧ ସମୟରେ ଫ୍ଲୋରେନ୍ସ ନାଇଟେଙ୍ଗଲ୍ ହାତରେ ଲଣ୍ଠନ ଧରି ବୁଲି ବୁଲି ସୈନିକଙ୍କର ସେବା କରିଥିଲେ, ଯେଉଁଥିପାଇଁ ତାଙ୍କୁ ଲେଡି ଉଇଥ୍ ଦ ଲ୍ୟାମ୍ପ୍ ବୋଲି କୁହାଯାଏ। ମାନବ ସେବାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ। ସେବା କରିବା ସମସ୍ତଙ୍କ ଭାଗ୍ୟରେ ନ ଥାଏ। ସେବିକାଙ୍କ ହାତରେ ସ୍ନେହ, ପ୍ରେମ ଓ ଭଲପାଇବାର ଶକ୍ତି ଅଛି। ସେମାନଙ୍କ ସ୍ପର୍ଶରେ ଯଦି ଭାବନା ରହିବ ତେବେ ରୋଗୀ ସୁସ୍ଥ ହୋଇଯିବ ବୋଲି କହିଛନ୍ତି ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର। ଫ୍ଲୋରେନ୍ସ ନାଇଟେଙ୍ଗଲଙ୍କ ଜନ୍ମ ସପ୍ତାହ ପାଳନ ଅବସରରେ ରବିବାର ଟାଉନ୍ ହଲ୍‌ରେ ପ୍ରିୟଙ୍କାଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ପକ୍ଷରୁ ଦୁଇଦିନିଆ 'ପୁଣ୍ୟସ୍ରୋତ'ର ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ କହିଥିଲେ, ଭିକ୍ଷାଦାନ କରୁଥିବା ଲୋକଠାରୁ ଭିକାରୀ ବଡ଼। କାରଣ ଭିକାରୀ ଭିକ୍ଷାଦାତାକୁ ଦାନ କରିବାକୁ ବା ପୁଣ୍ୟ ଅର୍ଜିବାକୁ ସୁଯୋଗ ଦେଇଛି। ନର୍ସ ଏଭଳି ଏକ ବୃତ୍ତି ଏଥିରେ କେବଳ ସେବା କରିବାକୁ ସୁଯୋଗ ମିଳିଥାଏ। ଏଣୁ ପୁଣ୍ୟ ଅର୍ଜନ କରିବାକୁ ଏହାକୁ ସୁଯୋଗ ଭାବି ପ୍ରତ୍ୟେକ ସେବିକା କର୍ତ୍ତବ୍ୟ ସମ୍ପାଦନ କଲେ କେବଳ ରୋଗୀ ନୂଆ ଜୀବନ ପାଇବ ନାହିଁ ବରଂ ଏହି ପୁଣ୍ୟଫଳ ଦିନେ ନିଜ ପାଖକୁ ଫେରିବ। ବ୍ୟାଙ୍କ୍ ଆକାଉଣ୍ଟରେ ଯେଉଁ ଅର୍ଥ ଜମା ହେଉଛି, ଜମାକାରୀର ମୃତ୍ୟୁ ପରେ ତାହାକୁ ନୋମିନି ନେବ। କିନ୍ତୁ ସମର୍ପଣ ଭାବରେ ହୋଇଥିବା ସେବାରୁ ଅର୍ଜିତ ପୁଣ୍ୟ ବୈକୁଣ୍ଠ ଆକାଉଣ୍ଟରେ ଜମା ହେବ, ଯାହା ମୃତ୍ୟୁ ପରି ବି ପରିବାର ବର୍ଗଙ୍କୁ ମିଳିବ। ଏଣୁ ଡାକ୍ତରଙ୍କଠାରୁ ବି ଉଚ୍ଚରେ ଏହି ନର୍ସ ସେବା ବୋଲି ଡ. ପାତ୍ର କହିଛନ୍ତି।

ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ ମହାନ୍ତି ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବାକୁ ନିଶ୍ଚିତ କରୁଥିବା ସେବିକାମାନଙ୍କର ସ୍ଥାନ ସବୁବେଳେ ସମାଜରେ ଉଚ୍ଚରେ ବୋଲି କହିଥିଲେ। ମୁଖ୍ୟବକ୍ତା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଦିନେ ଦୁଇଟି ଆଜ୍‌ବେଷ୍ଟସ୍ ଘରେ ଆରମ୍ଭ ହୋଇଥିବା ପ୍ରିୟଙ୍କା ଦେବୀ ସ୍କୁଲ୍ ଅଫ୍ ନର୍ସିଂ ଆଜି କେବଳ ଏକ ମହାଦ୍ରୁମରେ ପରିଣତ ହୋଇନାହିଁ ବରଂ ସାରା ରାଜ୍ୟରେ ଯେତିକି ସେବିକା ସୃଷ୍ଟି କରିଛି ସେଥିପାଇଁ ସ୍ୱାସ୍ଥ୍ୟସେବା ଗର୍ବିତ। କେବଳ ନର୍ସିଂ ପାଠ୍ୟକ୍ରମ ନୁହେଁ ଅନୁଷ୍ଠାନ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ସରକାରୀ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର ଅଧ୍ୟକ୍ଷା ନୟନା ସାମଲ ନର୍ସିଂକୁ ବୃତ୍ତି ନୁହେଁ ସେବା ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶକ ଡ. ବାବୁଲା ବେହେରା ଶିକ୍ଷା ସହ ଛାତ୍ରଛାତ୍ରୀମାନଙ୍କର ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା କମଳା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସହନିର୍ଦ୍ଦେଶିକା ମଧୁସ୍ମିତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଅଭିଜ୍ୟୋତି ପ୍ରିୟଦର୍ଶିନୀ, ସୋନାଲି ପ୍ରଧାନ, ରୂପାଲି ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। କୁମୁଦ ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ କାଳୀପ୍ରସନ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ସ୍ମରଣିକା 'ପ୍ରଜ୍ଞା ପ୍ରବାହ'କୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ।

ମୁଖ୍ୟ ଅତିଥି ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। କବାଡ଼ି, କ୍ରିକେଟ୍, ଶ୍ରେଷ୍ଠ ସ୍ୱେଚ୍ଛାସେବୀ, ଶ୍ରେଷ୍ଠ ଛାତ୍ର, ୧୦୦ ଓ ୨୦୦ ମିଟର ଦୌଡ଼, ଲମ୍ବ ଡିଆଁ, ସଟ୍‌ପୁଟ୍ ଥ୍ରୋ, ଡିସ୍‌କସ୍ ଥ୍ରୋରେ ଉଭୟ ମହିଳା ଓ ପୁରୁଷ ବିଭାଗର କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ ହୋଇଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ଅଭିଜ୍ୟୋତି ପ୍ରିୟଦର୍ଶିନୀ ଓ ରାକେଶ ପାଣିଗ୍ରାହୀ। ସୋମବାର ପୂର୍ବାହ୍ଣରେ ଏହି ପୁଣ୍ୟସ୍ରୋତର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି।

କାନପୁର ପ୍ରକଳ୍ପରେ ଅଘଟଣ

# ବିଦ୍ୟୁତ୍ ଆଘାତରେ ୨ ଶ୍ରମିକ ମୃତ



ଯୋଡ଼ା/ନାରଦପୁର, ୧୦।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ କଣ୍ଡରା ପଞ୍ଚାୟତର ନିର୍ମାଣାଧୀନ ବୃହତ ଜଳସେଚନ ପ୍ରକଳ୍ପ କାନପୁର ପ୍ରକଳ୍ପରେ ଫେବ୍ରିକେସନ କାର୍ଯ୍ୟ ଚାଲିଥିବା ବେଳେ ବିଦ୍ୟୁତ ଆଘାତ ଲାଗି ଦୁଇ ଜଣଙ୍କ ଜୀବନ ଚାଲି ଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, କାନପୁର ପ୍ରକଳ୍ପରେ ଆନ୍ଧ୍ରପ୍ରଦେଶର ଏସଏସଏନଆର ନାମକ ଠିକାଦାର ଫେବ୍ରିକେସନ କାର୍ଯ୍ୟ କରି ଆସୁଥିଲା। ଆଜି ପୂର୍ବାହ୍ନ ୧୧ଟା ସମୟରେ କିଛି ଶ୍ରମିକ ୱେଲଡ଼ିଙ୍ଗ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇ ଜଣ ଶ୍ରମିକ ଆହତ ହୋଇଥିଲେ। ତୁରନ୍ତ ଆହତଙ୍କୁ ନିକଟରେ ଥିବା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଲେ ଅଧିକ ଗୁରୁତର ଥିବା ନେଇ ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶ୍ରମିକଦ୍ୱୟ ହେଲେ ପଶ୍ଚିମବଙ୍ଗ ଜଲପାଇଗୁଡ଼ିର ଉତ୍ତମ ରାୟ ଓ ଅପୁ ରାୟ। ଘଟଣାର ଖବର ପାଇ ଯୋଡ଼ା ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ ଓ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ମୃତଦେହକୁ ସଂରକ୍ଷଣ କେନ୍ଦ୍ରରେ ରଖାଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ଜଣାପଡିଛି।

## ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ; ଦୁଇ ଆହତ



ଆନନ୍ଦପୁର, ୧୦।୫(ସମିସ): ଘସିପୁରା ଥାନା ଅନ୍ତର୍ଗତ ଶାମୁକାନେଣ୍ଡି ଗ୍ରାମର ପ୍ରହ୍ଲାଦ ବାରିକ ଓ ତାଙ୍କ ପୁଅ ଆଲୋକ ବାରିକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ହୋଇଛି। ଏନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଛି। ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ପୂର୍ବରୁ ପ୍ରହ୍ଲାଦ ବାରିକ ଠିକାଦାର ରହିଥିବା ବେଳେ ଏହି କାମକୁ ବିପକ୍ଷ ଗୋଷ୍ଠୀ ବନ୍ଦ କରି ଦେଇଥିଲେ। ଏନେଇ ପୂର୍ବ ଶତ୍ରୁତା ରହିଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ରାଜନୈତିକ ତିକ୍ତତା ସୃଷ୍ଟି ହୋଇଥିଲା। ତାଙ୍କ ପୁଅ ଆଲୋକ ଆଜି ବଜାରରୁ ଘରକୁ ଦିନ ଚାରିଟା ସମୟରେ ଫେରୁଥିବା ସମୟରେ ସେହି ଗ୍ରାମର ଭାଗବତ ନାୟକ, ଦିପୁ କେସି ଓ ସିଲୁ ଦେହୁରୀ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ସ୍କୁଟି ଯୋଗେ ଆସୁଥିବା ଆଲୋକ ପଡ଼ିଯିବା ପରେ ତାଙ୍କ ବାପା ଉଦ୍ଧାର କରିବାକୁ ଆସିଥିବା ବେଳେ ତାଙ୍କ ହାତକୁ ଏକ ଟାଙ୍ଗିଆରେ ତିନି ଖଣ୍ଡ କରି ଭାଙ୍ଗି ଦେଇଥିବା ଜଣାପଡିଛି। ତାଙ୍କୁ ପରିବାର ଲୋକେ ଓ ଗ୍ରାମ ଲୋକ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ହୃଦ୍‌ଘାତରେ ଶିକ୍ଷୟିତ୍ରୀ ମମତା ପାଣିଙ୍କ ପରଲୋକ



ଚମ୍ପୁଆ, ୧୦।୫(ସମିସ): ଚମ୍ପୁଆ ସରକାରୀ ବାଳିକା ନୋଡାଲ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ପାଣି (୫୮)ଙ୍କ ଗତକାଲି ରାତି ୧୧ଟାରେ ହୃଦଘାତରେ ପରଲୋକ ହୋଇଯାଇଛି। ରାତି ଖାଇ ସାରିବା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟାଳୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀ ଗିରିଜା ଶଙ୍କର କର ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପକ। ସ୍ତ୍ରୀଙ୍କ ମୃତ୍ୟୁରେ ସେ ସଂପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ତାଙ୍କର ଦୁଇ ଝିଅ ମଧ୍ୟରୁ ବଡ଼ଝିଅ ବିବାହ କରିସାରିଥିବା ବେଳେ ସାନ ଝିଅଟି ଅଧ୍ୟୟନରତ। ସ୍ୱର୍ଗତା ପାଣି ଜଣେ ମେଳାପୀ, ଛାତ୍ରୀ ବତ୍ସଳ ଓ ଶାନ୍ତ ସ୍ୱଭାବର ଥିଲେ। ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ସେ ବେଶ୍ ଜଣାଶୁଣା ଥିଲେ। ସେ ୨୦୨୮ ରେ ଅବସର ନେଇଥାନ୍ତେ। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ବହୁ ମାନ୍ୟଗଣ୍ୟ ଶେଷ ଦର୍ଶନ କରିଥିଲେ। ଚମ୍ପୁଆ ସହରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶଶୁର ଘର ଗାଁ ଇନ୍ଦୁପୁରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଦିଅର ମୁଖାଗ୍ନି ଦେଇଥିଲେ।

## ଶ୍ରୀ ଉତ୍ତରେଶ୍ୱରଙ୍କ ଶୀତଳଷଷ୍ଠୀ ପ୍ରସ୍ତୁତି



ଆନନ୍ଦପୁର, ୧୦।୫ (ସମିସ): ଶ୍ରୀ ଉତ୍ତରେଶ୍ୱର ମହାଦେବଙ୍କ ଶୀତଳ ଷଷ୍ଠୀ ଉତ୍ସବ ଦୁଇଦିନ ଧରି ପାଳନ କରାଯିବ। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। କମିଟି ସଭାପତି ଇଂ ଦିଲୀପ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶୀତଳଷଷ୍ଠୀ ଉତ୍ସବକୁ କିପରି ସରସ ସୁନ୍ଦର କରାଯାଇ ପାରିବ, ସେନେଇ କମିଟି ସଦସ୍ୟମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବିଶେଷକରି ଗୁଆ ମଙ୍ଗଳା, ନିମନ୍ତ୍ରଣପତ୍ର ବଣ୍ଟନ, ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ଓ ଶ୍ରୀଦିଅଁ ତଥା ହରଗୌରୀଙ୍କ ବିବାହ କାର୍ଯ୍ୟ, ନଗର ପରିକ୍ରମା ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସମ୍ପାଦକ ଅନନ୍ତ ସିଂ ପୂର୍ବ ବର୍ଷ ଆୟବ୍ୟୟ ସମୀକ୍ଷା କରିଥିବା ବେଳେ, ଉପସଭାପତି ଗୌରାଙ୍ଗ ଚରଣ ନାୟକ, କୋଷାଧ୍ୟକ୍ଷ ଶ୍ରୀଧର ରଣାଙ୍କ ସମେତ ଦେବ ରଞ୍ଜନ ସାହୁ, ବିଶ୍ୱଜିତ ରାଉତ, ଅକ୍ଷୟ ସାମଲ, ଦିଲ୍ଲୀପ ଧଳ ପ୍ରମୁଖ ସମସ୍ତ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବାଲି ଖନନ ଯୋଗୁଁ ବୈତରଣୀ ଶଯ୍ୟା ଶୃଙ୍ଖଳା

# ମାଫିଆଙ୍କ ନୂଆ ତରିକାରେ ଚାଲିଛି ବାଲି ଚାଲାଣ

ଆନନ୍ଦପୁର,୧୦।୫(ସମିସ)



କେନ୍ଦୁଝର ଜିଲ୍ଲାର ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନ ବନ୍ଦ ହେଉନାହିଁ; ଯାହାକୁ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଦିନକୁ ଦିନ ବାଲି ମାଫିଆଙ୍କ ଦାଦାଗିରି ବଢୁଥିବା ବେଳେ ସେମାନେ ନୂଆ ନୂଆ ତରିକା ଆପଣାଇ ନଦୀକୁ ଲୁଟିବାରୁ ବୈତରଣୀ ନଦୀ ଶୁଖିଯାଉଥିବା ଦେଖାଯାଉଛି। ବୈତରଣୀ ବ୍ୟାରେଜକୁ ଆଧାର କରି ମାଫିଆମାନେ ତାଙ୍କର କାରବାର ଚାଲାଉଛନ୍ତି। ଅଭିଯୋଗ ଅନୁଯାୟୀ, ବାଲି ମାଫିଆମାନେ ବାଲି ଲୁଟ୍ କରିବା ପରେ ସେଇ ସ୍ଥାନଗୁଡିକ ବଡ଼ ବଡ଼ ଖାଲ ସୃଷ୍ଟି ହେଉଛି। ଆନନ୍ଦପୁର ବ୍ୟାରେଜ ଡ଼ିଭିଜନ ବ୍ୟାରେଜରୁ ପାଣି ଛାଡ଼ି ଦେଲେ ସେହି ସ୍ଥାନଗୁଡିକ ପୁନର୍ବାର ସମତୁଲ ହୋଇଯାଉଛି। ସେହି ସମୟରେ ମାଫିଆମାନେ ପୁଣି ବାଲି ଉଠାଇବାକୁ ସହଜରେ ସୁଯୋଗ ପାଇ ଯାଉଛନ୍ତି। ବ୍ୟାରେଜ ବନ୍ଦ ହେଲେ ସେହିପରି ମଧ୍ୟ ଉପର ଅଞ୍ଚଳରୁ ବାଲି ଉତ୍ତୋଳନ ହେଉଛି। ଏହି ପ୍ରକାରର ଯୋଜନାବଦ୍ଧ ତରିକା ଦ୍ୱାରା ଟ୍ରାକ୍ଟର, ହାଇୱା ଦ୍ୱାରା ଦିନ ରାତି ବାଲି ପରିବହନ ହେଉଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି। ଏହାସହିତ ବୈତରଣୀ ଡିଭିଜନ ଅଧିକାରୀଙ୍କ ଭୂମିକା ଉପରେ ମଧ୍ୟ ଗୁରୁତର ପ୍ରଶ୍ନ ଉଠୁଛି। ମାଫିଆଙ୍କ ସହ ଅଧିକାରୀମାନଙ୍କ ମଧୁଚନ୍ଦ୍ରିକା ଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି, ବାଲି ମାଫିଆଙ୍କ କଥାରେ ମନଇଚ୍ଛା ବ୍ୟାରେଜ ଡ଼ିଭିଜନ ପାଣି ଛାଡୁଛି, ଆବଶ୍ୟକ ଥିବା ବେଳେ ଛାଡୁନି, ଅଯଥାରେ ପାଣି ଛାଡ଼ି ବାଲି ମାଫିଆଙ୍କୁ ପୂର୍ଣ୍ଣ ସହଯୋଗ କରୁଛି। ବାଲି ମାଫିଆ ଓ ବୈତରଣୀ ବ୍ୟାରେଜ ଡ଼ିଭିଜନର ଏହି ଭିତିରି ଖେଳ କାହାକୁ ଜଣାନାହିଁ। ତେବେ ଏହି ବେଆଇନ ବାଲି ଉତ୍ତୋଳନର ପରିଣାମ ଭୟଙ୍କର ହୋଇପାରେ। ନଦୀର ପରିବେଶ ନଷ୍ଟ ହେବା ସହିତ ଜଳସ୍ତର କମିଯିବା, ପାର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକୁ ବନ୍ୟା ଓ ଭୂସ୍ଖଳନର ଆଶଙ୍କା ବଢ଼ିଯିବା ଭଳି ସମସ୍ୟା ଦେଖାଦେଇପାରେ। ଏହାସହିତ ଚାଷୀମାନଙ୍କ ଜୀବନ ଓ ଜୀବିକା ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିପାରେ। ସାଧାରଣ ଲୋକମାନେ ଏହି ଅବସ୍ଥାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ପ୍ରଶାସନ କେବେ ଏହା ଉପରେ କଠୋର ପଦକ୍ଷେପ ନେବ? ବୈତରଣୀ ନଦୀକୁ କେବେ ବାଲି ମାଫିଆଙ୍କ ହାତରୁ ମୁକ୍ତ କରାଯିବ? ଯଦି ସମୟରେ କାର୍ଯ୍ୟନୁଷ୍ଠାନ ନିଆଯିବ ନାହିଁ, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ପରିବେଶୀୟ ସଙ୍କଟର ରୂପ ନେଇପାରେ ବୋଲି ପରିବେଶପ୍ରେମୀ ମତ ପ୍ରକାଶ କରିଛନ୍ତି।

### ଚଢ଼ଉର ଦିନକ ପରେ ପୁଣି ଚାଲାଣ
## ୩ ଗାଡ଼ି ଜବତ କଲା ଖଣି ବିଭାଗ



ହାଟଡିହୀ,୧୦।୫(ସମିସ): ପ୍ରଶାସନ ପକ୍ଷରୁ ବେଆଇନ୍ ବାଲି ପରିବହନ ଉପରେ ଅଙ୍କୁଶ ଲଗାଇବାକୁ ଗତ ତିନିଦିନ ହେଲା ଖଣିବିଭାଗ ଓ ସ୍ୱତନ୍ତ୍ର ସ୍କ୍ୱାଡ ଚଢ଼ଉ ଜାରି ରଖିଥିଲେ ବି ଚଢ଼ଉକୁ ପରିବହନକାରୀଙ୍କ ଖାତିର ନାହିଁ। ଆଜିବି ବିଭିନ୍ନ ଘାଟରୁ ଟ୍ରାକ୍ଟର ଓ ଟ୍ରକ ଯୋଗେ ବାଲି ପରିବହନ ଚାଲିଛି। ଏପରିକି କିଛି ଘାଟରେ ଖୁଲାମ୍‌ଖୁଲା ବାଲି ଉତ୍ତୋଳନ ଓ ପରିବହନ ଚାଲିଛି। ଖଣି ବିଭାଗ ଘାଟ ଉପରେ ଚଢ଼ଉ ନକରି ରାସ୍ତାରେ ହେଉଥିବା ବାଲି ପରିବହନ ଉପରେ ଚଢ଼ଉ କରୁଛି। ରବିବାର ଖଣି ବିଭାଗ ଶାଳଣିଆଁ ଅଞ୍ଚଳରୁ ଦୁଇଟି ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟର ଓ ଗୋଟିଏ ଡ଼ମ୍ପରକୁ ଜବତ କରି ନନ୍ଦିପଦା ପୁଲିସକୁ ହସ୍ତାନ୍ତର କରିଛି।

## ଭାରତୀୟ ନିର୍ମାଣ କଂଗ୍ରେସର ବୈଷୟିକ କର୍ମଶାଳା




କେନ୍ଦୁଝର, ୧୦।୫(ସମିସ): ଭାରତୀୟ ନିର୍ମାଣ କଂଗ୍ରେସ ଓଡ଼ିଶା ଶାଖା ଏବଂ ଆରଆଣ୍ଡବି କେନ୍ଦୁଝରର ଚିଫ୍ କନଷ୍ଟ୍ରକସନ ଇଞ୍ଜିନିୟରଙ୍କ ମିଳିତ ଆୟୋଜନରେ ଅଷ୍ଟମ ଜୋନସ୍ତରୀୟ ବୈଷୟିକ କର୍ମଶାଳା କେନ୍ଦୁଝରରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ନିର୍ମାଣ କଂଗ୍ରେସ ଓଡିଶା ଶାଖା ଅଧ୍ୟକ୍ଷ ଇଂ ବିଜୟଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର, ସୋଆ ବିଶ୍ୱବିଦ୍ୟାଳୟର ବୈଷୟିକ ଉପଦେଷ୍ଟା ତଥା ପୂର୍ବତନ ଚିଫ୍ କନଷ୍ଟ୍ରକସନ ଇଞ୍ଜିନିୟର ଇଂ ହିମାଂଶୁ ଶେଖର ଷଡଙ୍ଗୀ, ପୂର୍ବତନ ଇସିଆଇ(ସିଭିଲ) ଇଂ ମନୋରଞ୍ଜନ ମିଶ୍ର, ଏଚ୍‌ଆଇଏଲ୍ଟିଆଇ ଇଣ୍ଡିଆର ମୁଖ୍ୟ (କୋଡ ଆଣ୍ଡ ଆପ୍ରୋଭାଲ) ଆଗୋମାନି ଦାଶ ଅତିଥି ଭାବେ କ୍ୱାଲିଟି ଆଣ୍ଡ ଷ୍ଟାଣ୍ଡାର୍ଡସ ଇନ ଡିଜାଇନ, କନଷ୍ଟ୍ରକ୍ସନ ଆଣ୍ଡ ମେଣ୍ଟେନାନ୍ସ ଅଫ୍ ବିଲ୍ଡ ଏନ୍ଭାର୍ଣ୍ଣମେଣ୍ଟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଓଡିଶା ଶାଖାର ସମ୍ପାଦକ ଇଂ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ ଅତିଥି ପରିଚୟ ଏବଂ ଚିଫ୍ କନ୍‌ଷ୍ଟ୍ରକସନ ଇଞ୍ଜିନିୟର ଇଂ ସନ୍ତୋଷ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁନ୍ଦରଗଡ ଆର୍‌ଆଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ ଇଂ ଅମିତ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଚିଫ୍ କନ୍‌ଷ୍ଟ୍ରକସନ ଇଞ୍ଜିନିୟର ଇଂ ସନ୍ତୋଷ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଆର୍‌ଆଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ ମହାନ୍ତି, ରାଉରକେଲା ଅଧୀକ୍ଷଣ ଯନ୍ତ୍ରୀ ଇଂ ଯଶସ୍ୱିନୀ ମିଶ୍ର ଏବଂ ସୁନ୍ଦରଗଡ ଅଧୀକ୍ଷଣ ଯନ୍ତ୍ରୀ ଇଂ ଅମିତ୍ ଟୁଡୁଙ୍କ ସହଯୋଗରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଦିନିକିଆ କର୍ମଶାଳାରେ କେନ୍ଦୁଝର ଓ ରାଉରକେଲା ଜିଲ୍ଲାରୁ ଶତାଧିକ ଯନ୍ତ୍ରୀ ଅଂଶଗ୍ରହଣ କରିଥିଲେ।

## ଟୁଙ୍କୁଣା ଶାସନରେ ହରିହାଟ ଉତ୍ସବ

ଆନନ୍ଦପୁର, ୧୦।୫ (ସମିସ): ଆନନ୍ଦପୁର ନିକଟସ୍ଥ ଟୁଙ୍କୁଣା ଶାସନର 'ମୋ ଗାଁ ଭାଗବତ ଟୁଙ୍ଗି' ଆନୁକୂଲ୍ୟରେ ହରିହାଟ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ରଚିତ ଶ୍ରୀମଦ୍‌ଭାଗବତ ମହାପୁରାଣର ସମ୍ପୂର୍ଣ୍ଣ ପାଠ ଗ୍ରାମର ଆବାଳବୃଦ୍ଧ ବ୍ରାହ୍ମଣମାନଙ୍କ ଦ୍ୱାରା କରାଯାଇଛି। ପ୍ରଥମେ ଗ୍ରାମର



ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ପୀଠର ମାର୍ଜନା କରାଯାଇ ଷୋଡ଼ଶ ଉପଚାରରେ ସର୍ବମଙ୍ଗଳାଙ୍କର ପୂଜାର୍ଚ୍ଚନା କରାଯାଇ ବ୍ରହ୍ମେଶ୍ୱର ମହାଦେବଙ୍କର ଅଭିଷେକ, ଲକ୍ଷ୍ମୀ-ନାରାୟଣଙ୍କ ନୀତି ପୂଜା ତଥା ଜୟଗୋପାଳଙ୍କ ଶୃଙ୍ଗାର କରାଯାଇଥିଲା। ଏହି ମାଙ୍ଗଳିକ କର୍ମକୁ କର୍ତ୍ତା ଓ କର୍ତ୍ତ୍ରୀ ଭାବରେ ସମ୍ପନ୍ନ କରିଥିଲେ ନିରଞ୍ଜନ ମିଶ୍ର ତଥା ରାଜେଶ୍ୱରୀ ମିଶ୍ର। ପୌରୋହିତ୍ୟ କରିଥିଲେ ପଣ୍ଡିତ ଲକ୍ଷ୍ମଣ ମିଶ୍ର, ନରହରି ମିଶ୍ର, ସୁଜିତ କୁମାର ମିଶ୍ର, ବିଶ୍ୱନାଥ ମିଶ୍ର, ଅଜିତ ମିଶ୍ର ଓ ଅଞ୍ଜନ ମିଶ୍ର ପ୍ରମୁଖ। ସାମ୍ବାଦିକ ଦିଲ୍ଲୀପ ମିଶ୍ର, ଅଜୟ ମିଶ୍ର, ବିଜୟ ମିଶ୍ର, ସଂଜୟ ମିଶ୍ର କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବିଦ୍ୟାଧର ମିଶ୍ର, ଶ୍ରୀବତ୍ସ ଦାଶ, ନିରଞ୍ଜନ ଦାଶ, ଦେବେନ୍ଦ୍ର ମିଶ୍ର, ଅଶୋକ ମିଶ୍ର, ଯଦୁନାଥ ମିଶ୍ର, ନିରାକାର ମିଶ୍ର, ସୀତେଶ ଚନ୍ଦ୍ର ମିଶ୍ର, ଶୁକଦେବ ମିଶ୍ର, ବଳରାମ ମିଶ୍ର, ଦିନବନ୍ଧୁ ମିଶ୍ର, ନିରଞ୍ଜନ ମିଶ୍ର, ରାଜୀବ ଲୋଚନ ଦାଶ, ସଞ୍ଜୟମିଶ୍ର, ଦେବୀପ୍ରସାଦ ମିଶ୍ର, ଚନ୍ଦ୍ରମୌଳି ମିଶ୍ର, ହିମାଂଶୁ ପାଣିଗ୍ରାହୀ, ଜିତେନ୍ଦ୍ରିୟ ମିଶ୍ର, କୃପାସିନ୍ଧୁ ମିଶ୍ର ଶୁଭମ୍, ବୁବୁନା ଓ ଶ୍ରୀକାନ୍ତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## କେ.ବାଲିପାଳ ଗ୍ରାମେର ବିଶ୍ୱ ମାତୃ ଦିବସ

ହାଟଡିହୀ,୧୦।୫(ସମିସ): ବିଶ୍ୱ ମାତୃତ୍ୱ ଦିବସ ଅବସରରେ ହାଟଡିହୀ ବ୍ଲକର ଆଦିବାସୀ ବହୁଳ କେ.ବାଲିପାଳ ଗ୍ରାମରେ ମାତୃ ସେବା ସଂଘ ଓ କେ.ବାଲିପାଳ ଯୁବଗୋଷ୍ଠୀଙ୍କ ମିଳିତ ସହଯୋଗରେ ବିଶ୍ୱ ମାତୃତ୍ୱ ଦିବସ ଉତ୍ସବ ପାଳନ କରାଯାଇଛି। ମାତୃସେବା ସଂଘ ଓ କେ.ବାଲିପାଳ ଯୁବଗୋଷ୍ଠୀର ସଭାପତି ସୁନାରାମ ପୂର୍ତ୍ତି ଓ ସମ୍ପାଦକ ଜୁରେ ପୂର୍ତ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଯୋଗଦେଇଥିଲେ। ଦୁନିଆର ସବୁଠାରୁ ଶ୍ରେଷ୍ଠ ପୂଜା ମାତୃପୂଜା ଓ ସବୁଠାରୁ ଶ୍ରେଷ୍ଠ ଧର୍ମ ମାନବ ଧର୍ମ, ତେଣୁ ଜଣେ ମଣିଷ ଅନ୍ୟଜଣେ ମଣିଷର ମନକଥାକୁ ବୁଝି ପାରି ଅନ୍ୟର ଦୁଃଖରେ ଦୁଃଖିତ ହେବା ହିଁ ପ୍ରକୃଷ୍ଟ ମଣିଷର କର୍ତ୍ତବ୍ୟ ବୋଲି ସଭାପତି ମତ ରଖିଥିଲେ। ମା' ଓ ଶିଶୁ ପବିତ୍ର ସମ୍ପର୍କକୁ ଜୀବିତ କରିବାକୁ ହେଲେ ଜୀବନ୍ତ ଠାକୁର ମାତୃ ଦେବଙ୍କୁ ପୂଜା କରିବାକୁ ହେବ ବୋଲି ସମ୍ପାଦକ ବୁଝାଇଥିଲେ। ଏହି ଅବସରରେ ଗ୍ରାମର ୪୦ ଜଣ ମା'ଙ୍କୁ ନୂତନ ବସ୍ତ୍ର ଓ ଫୁଲ ମାଳା ଧୂପ ଦୀପରେ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବୁଦ୍ଧିରାମ ପୂର୍ତ୍ତି, ରାଉତ ହୋ, ଚୈତନ ମହାକୁଡ଼, ଦୁର୍ଗା ମହାକୁଡ଼, ମୁଚିରାମ ମହାକୁଡ଼, ଲକ୍ଷ୍ମୀ ମାଝୀ, ସାଉଁରୀ ପୂର୍ତ୍ତି, ମାନି ପୂର୍ତ୍ତି, ପାଲ ହୋ, ପାଲ ଗୋଇପାଇ, ସାନ ପାଲ ହୋ, କାହାରି ପୂର୍ତ୍ତି, ସାମୁ ପୂର୍ତ୍ତି, ବରଜୁ ହେମ୍ବ୍ରମ, ଜାଉଣୀ ମହାକୁଡ଼, ଶ୍ୟାମସୁନ୍ଦର ପୂର୍ତ୍ତି, ଶିବନାରାୟଣ ପୂର୍ତ୍ତି, ମେଚ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ସିବିଏସ୍‌ଇର କର୍ମଶାଳା




ଆନନ୍ଦପୁର, ୧୦।୫ (ସମିସ): ଆନନ୍ଦପୁର ଉପଖଣ୍ଡର ଏକମାତ୍ର ଘରୋଇ ସିବିଏସଇ ମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ସିବିଏସଇ ତରଫରୁ ଦୁଇଦିନିଆ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଷୟରେ ଆଲୋଚନାଚକ୍ର ଓ କର୍ମଶାଳା ଉଦଯାପନ ହୋଇଯାଇଛି। ସିବିଏସଇର ରିସୋର୍ସ ପର୍ସନ ଜ୍ୟୋତିପ୍ରକାଶ ତ୍ରିପାଠୀ ମାଷ୍ଟର ଟ୍ରେନର ଏବଂ ଡ. ସୁକାନ୍ତ କୁମାର ତ୍ରିପାଠୀ ପ୍ରିନ୍ସିପାଲ କେଏମବିବି ଅଂଶଗ୍ରହଣ କରିଥିବା ସମସ୍ତ ପଞ୍ଜିକୃତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସୁସ୍ଥ ଜୀବନଶୈଳୀ ସହିତ ଛାତ୍ରଛାତ୍ରୀଙ୍କ ସୁସ୍ଥତା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ସମ୍ବନ୍ଧରେ ଏହି କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଡ.ସୁଜାତ ଘୋଷ ଉପାଧ୍ୟକ୍ଷା ଶିକ୍ଷାରତ୍ନ ରଂଜିତା ଜେନା ପାଟଶାଣୀଙ୍କ ସୁପରିଚାଳନାରେ ୪୦ ଜଣ ପଞ୍ଜିକୃତ ଶିକ୍ଷକଶିକ୍ଷୟିତ୍ରୀ ଏହି କର୍ମଶାଳାରେ ଟ୍ରେନିଙ୍ଗ ନେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ମତ ରଖିଥିଲେ। ସ୍କୁଲର ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ସା ପରିଚାଳନା କରିଥିଲେ। ସ୍କୁଲର ପଜିଟି ଟିଚର ସତ୍ୟବ୍ରତ ସାହୁ, ପ୍ରଜେଶ ସାହୁ, ମିତିଶା ରାମ ସହଯୋଗ କରିଥିଲେ। ସ୍କୁଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ସାମ୍ବାଦିକ କ୍ଷେତ୍ରବାସୀ ମହାକୁଡ଼ଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

କେନ୍ଦୁଝର, ୧୦।୫(ସମିସ)



କେନ୍ଦୁଝରର ବରିଷ୍ଠ ସାମ୍ବାଦିକ ତଥା ଓୟୁଜେ କେନ୍ଦୁଝର ଶାଖାର ସଭାପତି କ୍ଷେତ୍ରବାସୀ ମହାକୁଡ଼ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ରବିବାର ତାଙ୍କର ଏକାଦଶାହ ଅବସରରେ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଥିବାବେଳେ କେନ୍ଦୁଝର ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରବିବାର ତାଙ୍କର ଏକାଦଶାହ ଅବସରରେ ତାଙ୍କର ନିୟୁ କଲୋନୀସ୍ଥିତ ବାସଭବନ ନିକଟରେ ଏହି ଅବସରରେ ଏକ ଶୋକ ସଭା ଆୟୋଜିତ ହୋଇଥିଲା। ଏଥିରେ ପ୍ରେସ କ୍ଲବ ପକ୍ଷରୁ ସମ୍ପାଦକ ଶରତଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, କୋଷାଧ୍ୟକ୍ଷ ଦେବାଶିଷ ମିଶ୍ର, ସଦସ୍ୟ ମଳୟ ପାଣି, ଜିତେନ୍ଦ୍ର ପଟ୍ଟନାୟକ, ପ୍ରଣୟ ପାଣି, ମାନସ ତ୍ରିପାଠୀ, ରଂଜନ ତ୍ରିପାଠୀ, ପବିତ୍ର ବେହେରା, ପ୍ରକାଶ ଖଣ୍ଡେଇ, ସୁଦାମ ପତି, ପ୍ରଦୀପ ମହାନ୍ତି, ସତ୍ୟଜିତ ମିଶ୍ର, ତେଲକୋଇ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଅକ୍ଷୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ପରେ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ନେତୃତ୍ୱରେ, ରାଜ୍ୟ ସାଧାରଣ ସମ୍ପାଦକ କିଷାନ ରାଉତ, ଉପସଭାପତି ଅକ୍ଷୟ କୁମାର ସାହୁ, ପୂର୍ବତନ ସମ୍ପାଦକ ଅଶୋକ କୁମାର ନନ୍ଦ, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଆଦିତ୍ୟ ମେକାପ, ବରିଷ୍ଠ ସାମ୍ବାଦିକ ସୁଧାଂଶୁ ପାତ୍ର, ବରିଷ୍ଠ ସାମ୍ବାଦିକ ମୁନା ସିଂ, ଓୟୁଜେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୀପକ ଶତପଥୀ ଏବଂ ରାଜ୍ୟ ଓୟୁଜେର ଅନ୍ୟ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଶୋକସଭା ଆୟୋଜିତ ହୋଇ ଦିବଙ୍ଗତ ଆତ୍ମାର ସଦଗତି କାମନା କରି ଗଭୀର ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରାଯାଇଥିଲା।

## ଅଧ୍ୟାପକଙ୍କୁ ଅନ୍ତର୍ଜାତୀୟ ୟୁନେସ୍କୋ ପୁରସ୍କାର




ଆନନ୍ଦପୁର, ୧୦।୫ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ଡ. ବିଜୟ କୁମାର ସାହୁଙ୍କୁ ଢେଙ୍କାନାଳର ଦେବକନ୍ୟା ହୋଟେଲଠାରେ ଅନ୍ତର୍ଜାତୀୟ ୟୁନେସ୍କୋ ପୁରସ୍କାର ପ୍ରଦାନ କରାଯାଇଛି। ଗୌହାଟିର ଓଡ଼ିଶା ୟୁନେସ୍କୋ ଶାଖା ତରଫରୁ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଡ. ବିଜୟ କୁମାର ସାହୁଙ୍କୁ ଶିକ୍ଷା, ସଂସ୍କୃତି ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅନ୍ତର୍ଜାତୀୟ ସଂଗଠନର ରାଜ୍ୟ ସଂଯୋଜକ ତଥା ବିଶିଷ୍ଟ ସାରସ୍ୱତ ସାଧକ ବହାଦୁର ପାଟଶାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଡ. ବିମ୍ବାଧର ବେହେରା ମୁଖ୍ୟଅତିଥି, ବରିଷ୍ଠ ଓଏଏସ ଅଫିସର ଡ. ମୁରଲୀଧର ନାୟକ ମୁଖ୍ୟବକ୍ତା, ବିଶିଷ୍ଟ ଶିକ୍ଷାବିତ ତଥା କବୟିତ୍ରୀ ଡ. ମାନସୀ କର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିପାଇଁ କଲେଜର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର, ସମସ୍ତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀଗଣ ଡ. ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ବାରିପଦାରେ ୧୭ତମ ରାଷ୍ଟ୍ରୀୟ ମାନବାଧିକାର ସମ୍ମିଳନୀ

# ମାନବିକ ଅଧିକାରର ସୁରକ୍ଷା ପାଇଁ ଆହ୍ୱାନ



**ବାରିପଦା, ୧୦।୫(ସମିସ):** ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ସିଟିଜେନସ୍ ହ୍ୟୁମାନ ରାଇଟ୍ସ କ୍ଲିନିକ୍ ବାରିପଦା ଶାଖାର ପ୍ରତିଷ୍ଠା ଦିବସ ଓ ୧୭ତମ ରାଷ୍ଟ୍ରୀୟ ମାନବାଧିକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। 'ଆମେ ମାନବ ଅଧିକାର ପାଇଁ ଠିଆ ହୋଇଛୁ' ଆଭିମୁଖ୍ୟକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ନ୍ୟାୟ ଓ ଅଧିକାର ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ମାନବ ଅଧିକାରର ସୁରକ୍ଷା ଓ ସାଧାରଣ ଜନତାଙ୍କ ସାମ୍ବିଧାନିକ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ, ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରତ୍ୟେକ ନାଗରିକ ନିଜ ଅଧିକାର ପ୍ରତି ସଚେତନ ହେବା ଜରୁରୀ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଓ ବାରିପଦା ପୌର ପରିଷଦ ଉପାଧ୍ୟକ୍ଷା ସୀମା ଦାସ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅତିଥିମାନେ ମାନବ ଅଧିକାର କ୍ଲିନିକର ଏହି ପ୍ରୟାସକୁ ପ୍ରଶଂସା କରିବା ସହ ସାଧାରଣ ଲୋକଙ୍କୁ ଆଇନଗତ ସହାୟତା ଯୋଗାଇ ଦେବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତ ଦେଇଥିଲେ। ସିଟିଜେନସ୍ ହ୍ୟୁମାନ ରାଇଟ୍ସ କ୍ଲିନିକ୍, ବାରିପଦା ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସମାଜସେବୀ ଉପସ୍ଥିତ ଥିଲେ। ସମ୍ମିଳନୀ ଶେଷରେ ମାନବ ଅଧିକାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଓଲଟା ଚନ୍ଦନ ଯାତ୍ରା

# ହେମସାଗର ପୁଷ୍କରଣୀରେ ଚାପ ଖେଳିଲେ ଠାକୁର

**ବାରିପଦା, ୧୦।୫(ସମିସ)**



ରବିବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀଶ୍ରୀ ହରିବୋଲଦେବଜୀଉ ବିଜେ ମହାପ୍ରଭୁଙ୍କ ନୌକା ବିହାର (ଓଲଟା ଚନ୍ଦନ ଯାତ୍ରା) ଶେଷ ହୋଇଛି। ମନ୍ଦିରର ନିଜ ପୁଷ୍କରଣୀ ହେମସାଗରରେ ୩ ଦିନ ଧରି ଉକ୍ତ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ଆରମ୍ଭ ହେବା ସହ ମହାପ୍ରଭୁ ଚନ୍ଦନ ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ରୀକ୍ଷେତ୍ର ଧାମ ପୁରୀରେ ମହାପ୍ରଭୁ ଚନ୍ଦନ ପୁଷ୍କରଣୀରେ ୨୧ ଦିନ ଚାପ ଖେଳୁଥିବାବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶେଷ ତିନିଦିନ ମହାପ୍ରଭୁ ପୁଷ୍କରଣୀରେ ଚାପ ଖେଳର ରୀତିନୀତି ଓ ବିଧି ପ୍ରଚଳିତ ରହିଆସିଛି। ତଦନୁଯାୟୀ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବାବେଳେ ରବିବାର ରାତିରେ ଶେଷ ହୋଇଛି।

ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ମଦନ ମୋହନ, ଦେବୀ ସରସ୍ୱତୀ ଓ ଦେବୀ ମହାଲକ୍ଷ୍ମୀ ବିଜେ କରିବା ସହିତ ସାନ (ବାଣ୍ଟିଆ) ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ମଦନମୋହନ ଓ ଦେବୀ ମହାଲକ୍ଷ୍ମୀ ବିଜେ ହୋଇଥିଲେ। ଏହାପରେ ସମସ୍ତେ ଏକତ୍ରିତ ହୋଇ ପୁଷ୍କରଣୀରେ ଚାପ ଖେଳିଥିଲେ। ଚାପ ଖେଳ ଶେଷ କରି ପୁଷ୍କରଣୀର ମଧ୍ୟଭାଗରେ ଠାକୁରମାନେ ସ୍ନାନ ସହ ସମସ୍ତ ପୂଜାନୀତି ପରେ ମନ୍ଦିରକୁ ବିଜେ କରିଛନ୍ତି। ଏହାପରେ ମଧ୍ୟରାତ୍ରରେ ବଡ଼ସିଂହାର ହୋଇ ପହଡ଼ରେ ଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନ ପଶ୍ଚିମ ଘାଟରୁ ୭ ଫେରା ଚାପ ଖେଳିଥିବାବେଳେ ଦ୍ୱିତୀୟ ଦିନରେ ପୂର୍ବ ଘାଟରୁ ୧୪ ଫେରା ଓ ଶେଷ ଦିନରେ ଉତ୍ତର ଘାଟରୁ ୨୧ ଫେରା ନୌକା ବିହାର ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଦକ୍ଷିଣ ଘାଟ ଦ୍ୱାରା ମନ୍ଦିରକୁ ବାହୁଡିବାର ପରମ୍ପରା ରହିଛି। ନୌକା ବିହାର ପରେ ପୁଷ୍କରିଣୀ ମଧ୍ୟରେ ବୁଡ଼ ପକାଇ ମନ୍ଦିରକୁ ଫେରି ଆସନ୍ତି ମହାପ୍ରଭୁ। ପରେ ମନ୍ଦିରରେ ବଡ଼ସିଂହାର ବେଶ ହୋଇ ପହଡ ପଡେ।

ବୈଶାଖୀ ଓ ଜ୍ୟେଷ୍ଠ ମାସର ଅସହ୍ୟ ଗରମ ପ୍ରଭୁଙ୍କୁ ବ୍ୟତିବ୍ୟସ୍ତ କରିଦିଏ। ଏଥିରୁ ରକ୍ଷା ପାଇବା ପାଇଁ ପ୍ରଭୁ ଚନ୍ଦନଯାତ୍ରା ଆୟୋଜନ କରନ୍ତି। ଯେଉଁଥିରେ କି ପ୍ରଭୁଙ୍କର ଚନ୍ଦନ ଲାଗି ଓ ଚାପ ଖେଳର ପରମ୍ପରା ରହିଛି। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଏହି ଯାତ୍ରାରେ କିଛିଟା ଭିନ୍ନତା ପରିଲକ୍ଷିତ ହୁଏ। ବାରିପଦାରେ ଚନ୍ଦନଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତୀମା ପ୍ରଥମ ୧୮ ଦିନ ନୌକା ବିହାର ନ କରି ପ୍ରତ୍ୟେକ ସନ୍ଧ୍ୟାରେ କେବଳ ମନ୍ଦିର ନିକଟସ୍ଥ ପୁଷ୍କରିଣୀ ଜଳ ସ୍ୱର୍ଶ କରି ମନ୍ଦିରକୁ ଫେରି ଆସନ୍ତି ଓ ଶେଷ ୩ ଦିନ ନୌକା ବିହାର କରନ୍ତି। ଯାହାକୁ ଓଲଟ ଚନ୍ଦନ ଯାତ୍ରା କୁହାଯାଏ। ଏଥିରେ ବାଣ୍ଟିଆ ଜଗନ୍ନାଥ ମନ୍ଦିରର ପ୍ରଭୁଙ୍କ ଚଳନ୍ତି ପ୍ରତୀମା ଶ୍ରୀ ମଦନମୋହନ ଓ ମା' ଲକ୍ଷ୍ମୀ ମଧ୍ୟ ସାମିଲ ହୁଅନ୍ତି। ଚାପ ଖେଳ ଦେଖିବାକୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ପାଇଁ ବାରିପଦା ଟାଉନ ପୁଲିସ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ମୟୂରଭଞ୍ଜରେ ନବନିର୍ମାଣ କୃଷକ ସଂଗଠନ ସ୍ୱାଭିମାନ ଯାତ୍ରା

**ବାରିପଦା, ୧୦।୫(ସମିସ):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏପ୍ରିଲ ୨୮ ରୁ ମେ ମାସ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା କୃଷକ ସ୍ୱାଭିମାନ ଯାତ୍ରା ୨୨ଟି ଜିଲ୍ଲା ଅତିକ୍ରମ କରି ରବିବାର ଅପରାହ୍ନରେ ବାରିପଦାରେ ପହଞ୍ଚିଛି। ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇଙ୍କ ନେତୃତ୍ୱରେ ଅବସରପ୍ରାପ୍ତ କର୍ମଚାରୀ ସଂଘଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାଭିମାନ ଯାତ୍ରାର ସଭାପତି ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଜିଲ୍ଲା ନେତୃତ୍ୱଙ୍କ ସହିତ ଆଲୋଚନା କରିଥିଲେ ଯେ, ଯଦି ସରକାର ଚାଷୀ ଓ ଆଦିବାସୀଙ୍କ ସୁରକ୍ଷା ପାଇଁ କେବଳ କହିବା; ତେବେ ସରକାର ଚାଷୀ ନେତାଙ୍କୁ ଗିରଫ କରି ୧୫ ଦିନ ଜେଲ୍ ପଠାଇଲେ। ତେଣୁ ଚାଷୀ ନିଜ ଅଧିକାର ପାଇଁ ରାଜରାସ୍ତାରେ ବର୍ଷକୁ ୫ ଦିନ ଓ ୫ ବର୍ଷରେ ଥରେ ଭୋଟ ବାକ୍ସରେ ଏକ ହେବାକୁ ଆହ୍ୱାନ ଦେଇଥିଲେ। ଚାଷୀ ନିଜ ପ୍ରତିନିଧି ନିଜେ ବାଛିବାର ସମୟ ଆସିଛି ବୋଲି ଜିଲ୍ଲା ପ୍ରଭାରୀ ଚିନୁ ଦାଶ କହିଛନ୍ତି। ସଭାରେ



ରାଜ୍ୟ ନେତୃତ୍ୱ ଛାତ୍ର ସଂଯୋଜକ ଏମଡି ମନୱର ଅଲ୍ଲୀ, ଡଃ କୁଳମଣି, ଅଶ୍ୱିନୀ ଜେନା, ରଞ୍ଜିତ ପଟ୍ଟନାୟକ, ପ୍ରଭାତ ମହାଲିକ, ପ୍ରଶାନ୍ତ କରଣ, ରାମକୃଷ୍ଣ ନାଏକ, ରାମସାଇ ହେମ୍ବ୍ରମ, ରାସମଣି ବିଶ୍ୱାଳଙ୍କ ଭଳି ବହୁ ନେତା ଉପସ୍ଥିତ ଥିଲେ।

# ଜିଲ୍ଲା ମେଡିକାଲ କର୍ମଚାରୀ ସଂଘର ଜରୁରୀ ବୈଠକ

**ବାରିପଦା, ୧୦।୫(ସମିସ):** ଆଜି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ବାରିପଦା କର୍ମଚାରୀ ସଂଘ ଗୃହରେ ରାଜ୍ୟ ଉପସଭାପତି ତଥା ଜିଲ୍ଲା ସଭାପତି ଶ୍ୟାମସୁନ୍ଦର ଦେଓଙ୍କର ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜିଲ୍ଲା ସମ୍ପାଦକ ସୁଶୀଲ କୁମାର ସାହୁ ପ୍ରଶ୍ନ କରିଥିଲେ, ଆମ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ରେଜିଷ୍ଟ୍ରାର ନଂ-୨୪, ୨୨/୦୫/୧୯୪୬କୁ ଆଧାର କରି ଓଡ଼ିଶା ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ନାମରେ ଅନ୍ୟଏକ ସଂଘ ଗଢି ଯେଉଁ ଅଭିଯୋଗ କରିଛନ୍ତି, ତାହା ମିଥ୍ୟା ଓ ଭିତ୍ତିହୀନ। ଯଦି ସଂଘର କୌଣସି



ସ୍ୱୀକୃତିପ୍ରାପ୍ତ ଦସ୍ତାବିଜ୍ ଥାଏ ତାହା ପ୍ରମାଣ କରନ୍ତୁ। ତେଣୁ ଉକ୍ତ ବୈଠକରେ ସ୍ଥିର କରାଗଲା। ଯେଉଁମାନେ ସଂଘ ବିରୋଧି କାର୍ଯ୍ୟ କଳାପ କରୁଛନ୍ତି ତାଙ୍କ ବିରୋଧରେ ସଂଘର ନିୟମ ଅନୁଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ମହୁଲଡିହା, ୧୦।୫(ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଚମ୍ପାଝର ଗ୍ରାମ ପଞ୍ଚାୟତ ଡଙ୍ଗାଡିହା ଗ୍ରାମ (ବଙ୍ଗଳାସାହି)ରେ ଶାଳନ୍ଦୀ ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ଦାନ୍ତୁରୁ ପୂର୍ତ୍ତି (୫୬)। ଆଜି ଦିନ ଗୋଟାଏ ସମୟରେ ଘରୁ ଏକ କଟୁରୀ ଓ କୁଲା ଧରି ପାଖ ଜଙ୍ଗଲକୁ ଯାଇଥିଲେ ଦାନ୍ତୁର। ବହୁ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ଘର ଲୋକ ଖୋଜିବାକୁ ଯାଇ ସାଳନ୍ଦୀ ନଦୀ ପାଣିରେ ଭାସୁଥିବା ଦେଖିଥିଲେ। କୂଳରେ କାଇ ଓ କଟୁରୀ ରଖା ହୋଇଛି। ତାଙ୍କ ଦେହରେ ମଧ୍ୟ କାଇ କାମୁଡି ଲାଗି ରହିଥିବା ଦେଖିବାକୁ ମିଳିଛି। ଘର ଲୋକ ସ୍ଥାନୀୟ ସରପଞ୍ଚ ବିକ୍ରମ ପିଙ୍ଗୁଆଙ୍କୁ ଜଣାଇବା ପରେ ସେ ମହୁଲଡିହା ଥାନାକୁ ଜଣାଇଥିଲେ। ମହୁଲଡିହା ଥାନା ପୁଲିସ ପହଞ୍ଚି ଘର ଲୋକଙ୍କ ସହଯୋଗରେ ଦାନ୍ତୁରଙ୍କ ମୃତଦେହ ଉଦ୍ଧାର କରିଥିଲା। ମହୁଲଡିହା ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ରାଜସ୍ୱ ଗ୍ରାମ ମାନ୍ୟତା ପ୍ରତିଶ୍ରୁତି ପରେ ଜନଗଣନା କାର୍ଯ୍ୟକ୍ରମ

# ଆରମ୍ଭ ହେଲା ପ୍ରଥମ ପର୍ଯ୍ୟାୟ ଗୃହ ଗଣନା

**ରାଇରଙ୍ଗପୁର, ୧୦।୫(ସମିସ)**

କୁସୁମୀ ତହସିଲ ଅନ୍ତର୍ଗତ ଯୋଡ଼ାପୋଖରୀ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ନେଇ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ପରେ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଯାହାକୁ ନେଇ ରବିବାର ପ୍ରଥମ ପର୍ଯ୍ୟାୟରେ ଗ୍ରାମର ଗୃହ ଗଣନା କରାଯାଇଛି।

କୁସୁମୀ ବ୍ଲକ ଅଧୀନସ୍ଥ ଆହାରବନ୍ଧ ମୌଜାର ଯୋଡାପୋଖରୀ ଗ୍ରାମବାସୀ ଅନେକ ସମୟରେ ତହସିଲରୁ ବିଭିନ୍ନ ପ୍ରମାଣ ପତ୍ର ପାଇବା, ଶିକ୍ଷାନୁଷ୍ଠାନରେ ନିଜ ନିଜ ସନ୍ତାନସନ୍ତତିଙ୍କ ନାମଲେଖା ଆଦି ବିଭିନ୍ନ ସମସ୍ୟା ନେଇ ଯାଇଥା'ନ୍ତି। ଉକ୍ତ ଗ୍ରାମକୁ ଆହାରବନ୍ଧ ଗ୍ରାମରୁ ଅଲଗା କରି ଯୋଡ଼ାପୋଖରୀକୁ ଏକ ନୂତନ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିବା ନେଇ ଦୀର୍ଘ ଦିନରୁ ଗ୍ରାମବାସୀଙ୍କ ଦାବି ରହିଛି। ଉକ୍ତ ଦାବି ପୂରଣ ହୋଇନଥିବାରୁ ଜନଗଣନା ପ୍ରଥମ ପର୍ଯ୍ୟାୟ ଗୃହ ଗଣନା କାର୍ଯ୍ୟରେ ଗ୍ରାମବାସୀ ଅସହଯୋଗ କରିଥିଲେ। ଏହାର



ସମାଧାନ ନିମନ୍ତେ ଗ୍ରାମରେ ଗତ ଗୁରୁବାର ଦିନ ଗ୍ରାମବାସୀଙ୍କ ସହିତ ଜିଲ୍ଲା ପ୍ରଶାସନିକ ଅଧିକାରୀ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ, ମୂଳ ରାଜସ୍ୱ ଗ୍ରାମରୁ ଅଲଗା କରି ଏକ ନୂତନ ରାଜସ୍ୱ ଗ୍ରାମ କରିବା ପାଇଁ ଅତୀତରେ ରାଜସ୍ୱ ବିଭାଗର କିଛି ଜଟିଳ ନିୟମ ଓ ମାନଦଣ୍ଡ ପାଇଁ ଏହା ସମ୍ଭବ ହୋଇପାରି ନ ଥିଲା। ବର୍ତ୍ତମାନ ୨୦୨୧ ରାଜସ୍ୱ ବିଭାଗର ନିର୍ଦ୍ଦେଶନାମାରୁ ଉକ୍ତ ଜଟିଳତାକୁ ଦୂରୀକରଣ କରାଯାଇ ନୂତନ ରାଜସ୍ୱ ଗ୍ରାମ ନିୟମକୁ ସରଳୀକରଣ ତଥା ମାନଦଣ୍ଡର ପରିବର୍ତ୍ତନ କରାଯାଇଛି। ଉକ୍ତ ସଂଶୋଧିତ ନିୟମ ଅନୁସାରେ ବର୍ତ୍ତମାନ ଯୋଡ଼ାପୋଖରୀ ଗ୍ରାମ ନୂତନ ମାନଦଣ୍ଡକୁ ପୂର୍ଣ୍ଣ କରିଥିବାରୁ ସେହି ଆଧାରରେ ଗତ ୨୮ ତାରିଖ ଯୋଡ଼ାପୋଖରୀ ଗ୍ରାମକୁ ଏକ ନୂତନ ରାଜସ୍ୱ ଗ୍ରାମ କରିବା ନେଇ ପ୍ରସ୍ତାବକୁ ଅନୁମୋଦନ ହୋଇଛି। ଏଥିନିମନ୍ତେ ଜିଲ୍ଲାପାଳଙ୍କ ସୁପାରିଶ ସହ ଆବଶ୍ୟକୀୟ ଦସ୍ତାବିଜ ବୋର୍ଡ଼ ଅଫ ରେଭିନ୍ୟୁଙ୍କ ନିକଟରେ ଦାଖଲ କରାଯାଇଛି। ତେଣୁ ଯୋଡ଼ାପୋଖରୀକୁ ନୂତନ ରାଜସ୍ୱ ଗ୍ରାମ କରାଇବା ପାଇଁ ପ୍ରଶାସନ ପକ୍ଷରୁ ସମୟୋଚିତ ପଦକ୍ଷେପ ନିଆଯାଇଛି। ଏ ସମ୍ବନ୍ଧରେ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକ୍ରିୟା ଜାରି ରହିଛି। ପୁନଶ୍ଚ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଗ୍ରାମବାସୀଙ୍କ ମନ ଭିତରେ ଥିବା ସମସ୍ତ ସନ୍ଦେହ ଦୂର କରି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି ଯେ, ୨୦୨୬ ମସିହା ସୁଦ୍ଧା ଏହା ରାଜସ୍ୱ ଗ୍ରାମ ଭାବେ ଘୋଷଣା ହେବ। ଯାହାକୁ ନେଇ ଗ୍ରାମବାସୀ ଜନଗଣନା କାର୍ଯ୍ୟରେ ସବୁ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଅନୁଯାୟୀ ଗୃହ ଗଣନା ଆରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ଦୁଃଖବନ୍ଧୁ ନାୟକଙ୍କ ନିର୍ଦ୍ଦେଶକ୍ରମେ ଜନଗଣନା ଅଧିକାରୀ ଜନଗଣନା ସମ୍ବନ୍ଧରେ ଗ୍ରାମବାସୀଙ୍କ ତଥ୍ୟ ସଂଗ୍ରହ ଆରମ୍ଭ କରିଛନ୍ତି।

## ଛଟେଇ ନୀତି ବିରୋଧରେ ଶ୍ରମିକ ଆନ୍ଦୋଳନ



**ରାସଗୋବିନ୍ଦପୁର, ୧୦।୫(ସମିସ):** ଖର୍ଚ୍ଚ କାଟ ନୀତି ଓ ଛଟେଇ ବିରୋଧରେ ଆଜି ରାସଗୋବିନ୍ଦପୁର ସେକ୍ସନ ନିକଟସ୍ଥ ଶ୍ରୀକୃଷ୍ଣ କଲ୍ୟାଣ ମଣ୍ଡପରେ ଏକ ବଡ଼ ସଭା ହୋଇଛି। ସଭାରେ ୨୫୦ରୁ ଅଧିକ କର୍ମଚାରୀ ଉପସ୍ଥିତ ଥିଲେ। ଟିପିଏନଓଡିଏଲ ପକ୍ଷରୁ ଶ୍ରମିକଙ୍କୁ ସ୍ୱଳ୍ପ ଦରମାରେ କାମ କରାଇବା ସହ ଛଟେଇ କରାଯାଇଥିବାରୁ ସଭାରେ ଉପସ୍ଥିତ ନେତା ଏହାକୁ କଡ଼ା ବିରୋଧ କରିଛନ୍ତି। ଟିପିଏନଓଡିଏଲ ଶ୍ରମିକ ଛଟେଇ ପ୍ରତ୍ୟାହାର କରିବାକୁ କହିଛନ୍ତି।

## ରାଧାକୃଷ୍ଣ ମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞ

**ଖୁଣ୍ଟ, ୧୦।୫(ସମିସ):** ମୟୁରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକ ଅନ୍ତର୍ଗତ ଇନ୍ଦୁପୁରସ୍ଥ ପ୍ରସିଦ୍ଧ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ଚବିଶ ପ୍ରହର ନାମଯଜ୍ଞ ଓ ହରିନାମ ସଂକୀର୍ତ୍ତନ ଚାଲିଛି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ମା' ଧରଣୀ ବାଳିକା ଅନୁଷ୍ଠାନ, ମହିଳା ସଂକୀର୍ତ୍ତନ ଦଳ (କଳାହାଣ୍ଡି), ତୁଳସୀବଣି (ଖୁଣ୍ଟା) ସଂକୀର୍ତ୍ତନ ଦଳ, ବଡସାହି ମହିଳା ସଂକୀର୍ତ୍ତନ ଦଳ, ହରିପୁର ( ବେତନଟି) ମହିଳା ସଂକୀର୍ତ୍ତନ ଦଳ ଓ ନୂଆପଡ଼ା (ପାଟଣା, କେନ୍ଦୁଝର) ମହିଳା ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଛନ୍ତି। ଯଥାବିଧି ପୂଜାର୍ଚ୍ଚନା ଓ ଯଜ୍ଞାଦି ପରିଚାଳନା ନିମନ୍ତେ ସ୍ଥାନୀୟ ବରିଷ୍ଠ ପୂଜକ ପ୍ରସନ୍ନ ଦାଶ ନିୟୋଜିତ ହୋଇଛନ୍ତି। ଆସନ୍ତା ୧୧ ତାରିଖରେ ପୂର୍ଣ୍ଣାହୁତି, ନଗର କୀର୍ତ୍ତନ ଓ ପ୍ରସାଦ ସେବନ ସହ ଏହି ଭବ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବାର କାର୍ଯ୍ୟସୂଚୀ ରହିଛି।




# କୃଷି କ୍ଷେତ୍ରରେ ସାର ବ୍ୟବହାର ପାଇଁ ସଚେତନତା



**ରାଇରଙ୍ଗପୁର, ୧୦।୫(ସମିସ):** ଖରିଫ ଋତ ଚାଷରେ ସାର ବ୍ୟବହାର ପାଇଁ କୃଷକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାମନଘାଟୀ ଉପଖଣ୍ଡରେ ସାରର କୃତ୍ରିମ ଅଭାବ ରୋକିବା ଓ ସଠିକ ବ୍ୟବହାର ସମ୍ପର୍କରେ ଆଲୋଚନା ହୋଇଛି। ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଇରଙ୍ଗପୁରସ୍ଥ ବାମନଘାଟୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। କୃଷି ଅଧିକାରୀ, ସାର ବ୍ୟବସାୟୀ, କୃଷକ ପ୍ରତିନିଧି ଓ ବିଭିନ୍ନ ବ୍ଲକ କୃଷି ଅଧିକାରୀ ଯୋଗ ଦେଇଥିଲେ। ଚାଷୀମାନେ ସଠିକ୍ ପରିମାଣରେ ଓ ବୈଜ୍ଞାନିକ ପଦ୍ଧତିରେ ସାର ବ୍ୟବହାର କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅତ୍ୟଧିକ ସାର ବ୍ୟବହାର ଫଳରେ ମାଟିର ଉର୍ବରତା କମିବା ସହ ସାର ଅଭାବ ସୃଷ୍ଟି ହେଉଥିବାରୁ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ଚାଷୀଙ୍କ ପାଖରେ ଠିକ୍ ସମୟରେ ସାର ପହଞ୍ଚାଇବା ପାଇଁ ପ୍ରଶାସନ ପଦକ୍ଷେପ ନେଉଛି। ଏହାସହିତ ସାର କଳାବଜାରୀ ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି।








# କୁଆଖାଇରେ ବୁଡ଼ି ଛାତ୍ରର ମୃତ୍ୟୁ

ଭୁବନେଶ୍ୱର,୧୦।୫(ସମିସ):

ବାଲିକୁଦା ଥାନା ଅନ୍ତର୍ଗତ ଓଷକଣା ପଞ୍ଚାୟତ ଅଣିଅଙ୍କ ଗ୍ରାମର ସାମ୍ବାଦିକ ଲିଙ୍କନ ସ୍ୱାଇଁଙ୍କ ଏକମାତ୍ର ପୁତ୍ର ନବମ ଶ୍ରେଣୀର ଛାତ୍ର ଆଶୁତୋଷ ସ୍ୱାଇଁ (୧୪) ଭୁବନେଶ୍ୱର କୁଆଖାଇ ନଦୀରେ ବୁଡି ପ୍ରାଣ ହରାଇଛନ୍ତି। ଏକ ଟିଭି ଚ୍ୟାନେଲରେ କାର୍ଯ୍ୟ କରୁଥିବା ଲିଙ୍କନ ମଞ୍ଚେଶ୍ୱର ଥାନା ଅଧୀନରେ ରହୁଥିବା ବେଳେ ପୁଅ ଆଶୁତୋଷ ଦିନ ପ୍ରାୟ ୩.୩୦ ମିନିଟ ସମୟରେ ନିଜ ସାଙ୍ଗ ସହ ପ୍ରତ୍ୟେକ ଦିନ ଭଳି ଖେଳିବାକୁ ଯାଇଥିଲା। ଏହି ସମୟରେ କୁଆଖାଇ ନଦୀ କୂଳରେ ବୁଲୁଥିବା ବେଳେ ହଠାତ ଗୋଡ଼ ଖସି ଯିବାରୁ ନଦୀ ମଧ୍ୟକୁ ଚାଲି ଯାଇଥିଲା। ନିଜର ସାଙ୍ଗ ବୁଡି ଯାଉଥିବା ଦେଖି ଅନ୍ୟ ସାଙ୍ଗ ଜଣଙ୍କ ଡାକ ପକାଇଥିଲେ ସୁଦ୍ଧା କେହି ଶୁଣି ନଥିଲେ। ଫଳରେ ଭୟରେ ସେଠାରୁ ପଳାଇ ଆସିବା ସହ ଘରେ କାହାକୁ କିଛି କହି ନଥିଲା। ପରେ ଆଶୁର ମା' କୌଣସି ଏକ କାର୍ଯ୍ୟରୁ ଫେରି ପୁଅକୁ ନପାଇ ଏଣେତେଣେ ଖୋଜାଖୋଜି କରିବା ସହ ସ୍ଥାନୀୟ ମଞ୍ଚେଶ୍ୱର ଥାନାରେ ଅବଗତ କରାଇଥିଲେ। ସିସିଟିଭି ଫୁଟେଜରୁ ସାଙ୍ଗ ସହ ଘରୁ ବାହାରକୁ ଯାଇଥିବା ଦେଖି ସାଙ୍ଗ ଘରେ ପହଞ୍ଚି ପଚରା



ଉଚରା କରିବା ପରେ ସତ୍ୟ ମାନିବା ସହ ଆଶୁ ବୁଡି ଯାଇଥିବା କଥା ସ୍ୱୀକାର କରିଥିଲା। ଫଳରେ ଅଗ୍ନିଶମ ବାହିନୀ ସହ ଯୋଗାଯୋଗ କରିବା ପରେ ରାତି ପ୍ରାୟ ୩ଟା ସମୟରେ ମୃତଶରୀର ଖୋଜି ପାଇବାରେ ସକ୍ଷମ ହୋଇଥିଲା ଅଗ୍ନିଶମ ବିଭାଗ। ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିବା ବେଳେ ଆଜି ମୃତ ଶରୀରକୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏକ ଇଂରାଜୀ ମିଡିୟମ ଘରୋଇ ଶିକ୍ଷା ଅନୁଷ୍ଠାନରେ ପାଠ ପଢୁଥିବା ଆଶୁତୋଷର ଅକାଳ ମୃତ୍ୟୁରେ ଭାଙ୍ଗି ପଡିଛି ସମ୍ପୂର୍ଣ୍ଣ ପରିବାର।

## ଆସିଲା ସୌମ୍ୟଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ

ଭୁବନେଶ୍ୱର,୧୦।୫(ସମିସ): ଭିଡ଼ ହତ୍ୟାର ଶିକାର ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ବ୍ୟବଚ୍ଛେଦ ରିପୋର୍ଟ ଅରାସିଛି। କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ବ୍ୟବଚ୍ଛେଦ ରିପୋର୍ଟକୁ କମିଶନରେଟ୍ ପୁଲିସକୁ ହସ୍ତାନ୍ତର କରିଛନ୍ତି। ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି, ପୁଲିସ୍ ପକ୍ଷରୁ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରାଯାଇନାହିଁ। ପୁଲିସ ଏହି ରିପୋର୍ଟର ଏକ ନକଲ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଛି।

## ଗଞ୍ଜପା ଶିଳ୍ପୀ ସତ୍ୟନାରାୟଣ ମହାରଣାଙ୍କୁ ଦୀନନାଥ ପାଠୀ କଳା ସମ୍ମାନ

ଭୁବନେଶ୍ୱର,୧୦।୫(ସମିସ): କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଭାରତୀୟ ବିଦ୍ୟା ଭବନଠାରେ ଅନୁଷ୍ଠିତ ହୋଇଛି ଷଷ୍ଠ ଦୀନନାଥ ପାଠୀ କଳା ସମ୍ମାନ ଓ ଚତୁର୍ଥ ଦିନନାଥ ପାଠୀ ସ୍ମାରକୀ ବକ୍ତୃତା ପ୍ରଦାନ ସଭା। ଏହି ଆୟୋଜନରେ ଚଳିତ ବର୍ଷ ସୋନପୁରର ପ୍ରଖ୍ୟାତ ଗଞ୍ଜପା ଚିତ୍ରଶିଳ୍ପୀ ସତ୍ୟନାରାୟଣ ମହାରଣାଙ୍କୁ ଓଡ଼ିଶାର ପାରମ୍ପରିକ ଗଞ୍ଜପା କଳାର ସୁରକ୍ଷା ଓ ଅବିରତ ସାଧନା ପାଇଁ ଷଷ୍ଠ ଦିନନାଥ ପାଠୀ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦିନନାଥ ପାଠୀଙ୍କ ସାମଗ୍ରିକ କୃତି ଓ ତାର ସାମ୍ପ୍ରତିକ ଗୁରୁତ୍ୱ ସମ୍ପର୍କରେ ଏ ବର୍ଷର ଚତୁର୍ଥ ଦିନନାଥ ପାଠୀ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ ନାସନାଲ ମନୁମେଣ୍ଟସ ଅଥରିଟିର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା। ନିଜର ସନ୍ଦର୍ଭ 'ଓଡିଶାର କଳା ସ୍ଥାପତ୍ୟ: ଏକ ଇତିହାସତାତ୍ତ୍ୱିକ ଅଧ୍ୟୟନ' ଉପରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ



ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି ଯୋଗଦେଇଥିଲେ ଏବଂ ଚିତ୍ରଶିଳ୍ପୀ ରାମହରି ଜେନା କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିଲେ। କେତକୀ ଫାଉଣ୍ଡେସନର ମ୍ୟାନେଜିଙ୍ଗ ଟ୍ରଷ୍ଟି ଜ୍ୟୋତିରଞ୍ଜନ ସ୍ୱାଇଁ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ବିଷୟରେ ମତପ୍ରକାଶ କରିଥିଲେ।

## ଜୀବନର କେତେ ରଙ୍ଗ

## ଭାଙ୍ଗି ପଡ଼ିନାହାନ୍ତି ବିଷ୍ଣୁ ପ୍ରସାଦ

ଭୁବନେଶ୍ୱର,୧୦।୫(ସମିସ): ଶାରୀରିକ ଅକ୍ଷମତା କେବେ ତାଙ୍କ ପାଇଁ ପ୍ରତିବନ୍ଧକ ସାଜିନି। ପରିବାର ପୋଷିବାର ଦାୟିତ୍ୱ ତାଙ୍କୁ ନିଜର ସବୁ କଷ୍ଟ ଭୁଲିବାକୁ ବାଧ କରିଛି। ସେଥିପାଇଁ ଆଜି ଡେଲିଭରୀ ବଏ ଭାବେ କାର୍ଯ୍ୟକରି ପରିବାର ଚଳାଉଛନ୍ତି। ନିଜ ପରିଶ୍ରମ ବଳରେ ସେ ଆଜି ରୋଜଗାରକ୍ଷମ ହୋଇ ପାରିଛନ୍ତି। ଯେଉଁଠି ସାଧାରଣ ମଣିଷଟିଏ ସୁସ୍ଥ ଥାଇ ମଧ୍ୟ ପରିଶ୍ରମ କରିବାକୁ ପଛାଉଥାଏ, ସେଠାରେ ବିଷ୍ଣୁ ପ୍ରସାଦ ଦିବ୍ୟାଙ୍ଗ ହୋଇ ମଧ୍ୟ କାମ କରିବାକୁ ପଛାଇ ନାହାନ୍ତି। ଚାଲିବା ତାଙ୍କ ପାଇଁ ସ୍ୱପ୍ନ ହେଲେ ବି ନିଜ ପରିବାରର ସ୍ୱପ୍ନ ସଜେଇବାକୁ ଦି ପଇସା ରୋଜଗାର କରିବାରେ ଦିନ ରାତି ଏକ କରିଦେଉଛନ୍ତି।

ଏ ହେଉଛନ୍ତି ବିଷ୍ଣୁ ପ୍ରସାଦ ମହାକୁଡ଼। ଡେଲ୍‌ଟା ଛକ ନିକଟରେ ନିଜ ପରିବାର ସହ ରହୁଛନ୍ତି। ଘରେ ମା', ସ୍ତ୍ରୀ ଓ ଗୋଟେ ପୁଅ ଏବଂ ଝିଅକୁ ନେଇ ତାଙ୍କ ସଂସାର। ବିଷ୍ଣୁ ପ୍ରସାଦଙ୍କ କାହାଣୀ ପୂର୍ବରୁ ଏପରି ନଥିଲା ହେଲେ ୨୦୧୦ ମସିହାର ସେ ଦୁର୍ଘଟଣା ତାଙ୍କ ଜୀବନର ମୋଡ ବଦଳାଇ ଦେଇଥିଲା। ଆଖି ପିଛୁଳାକେ ସୁସ୍ଥ ସବଳ ମଣିଷର ପରିଚୟ ବଦଳିଗଲା। ଭାଗ୍ୟକୁ ନା ଆଉ କାହାକୁ ଦୋଷ ଦେବା ଆଗରୁ ସବୁ କଷ୍ଟ ଯନ୍ତ୍ରଣା ନିଜକୁ ଭୋଗିବାକୁ ପଡ଼ିଥିଲା। ଘରର ପୁଅ ହିସାବରେ ଯେଉଁ ଦାୟିତ୍ୱର ଦାୟାଦ ସେ ପାଲଟି ଥାଆନ୍ତେ ସେଥିରୁ ସେ ଓହରି ଯାଇ ନାହାନ୍ତି କି ହାର ମାନିନାହାନ୍ତି। ପୂର୍ବରୁ ସେ ଏକ ପ୍ଲାଣ୍ଟରେ କାମ କରୁଥିଲେ। ଏବେ ଜୋମାଟୋରେ ଡେଲିଭରୀ ବଏ ଭାବେ କାର୍ଯ୍ୟ କରୁଛନ୍ତି। କାରଣ ପରିବାରର ସାହାରା ପାଲଟିବା ଏବଂ ପୁଅ, ଝିଅଙ୍କ



ଭବିଷ୍ୟତ ଗଢିବା ତାଙ୍କର ଏକମାତ୍ର ଲକ୍ଷ୍ୟ। ମାତ୍ର ସେତିକି ପ୍ରାପ୍ୟରେ ଘର ଚଳାଇବା ସମ୍ଭବପର ହୋଇ ନଥିବାରୁ ଏଥିରେ ତାଙ୍କ ପତ୍ନୀ ମଧ୍ୟ ଟେଲରିଂ କରି କିଛି ଦାୟିତ୍ୱ ସମ୍ଭାଳୁଛନ୍ତି। ଅର୍ଡର ସ୍ଥାନରେ ପହଞ୍ଚିବା ପରେ ବିଭିନ୍ନ ହୋଟେଲ ଏବଂ ଗ୍ରାହକ ମଧ୍ୟ ତାଙ୍କ ଅସୁବିଧା ଦେଖି ଖାଦ୍ୟ ନେବା ଦେବାରେ ସାହାଯ୍ୟ କରିଥାନ୍ତି। ହେଲେ ତାଙ୍କୁ ମିଳୁଥିବା ଭତ୍ତା ଏବଂ ଜୋମାଟୋର ପ୍ରାପ୍ୟ ଅଣ୍ଟୁ ନାହିଁ। ଯାହାକି ତାଙ୍କ ପୁଅ ଏବଂ ଝିଅଙ୍କୁ ଆଗକୁ ପାଠ ପଢ଼ାଇବାରେ ବାଧା ସୃଷ୍ଟି କରୁଛି। ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ସେ ସରକାରଙ୍କ ତରଫରୁ କିଛି ସାହାଯ୍ୟ ମିଳିଲେ ଦୁଃଖ ଦୂର ହୁଅନ୍ତା ବୋଲି ଅନୁରୋଧ କରିଛନ୍ତି।

## ବିଶ୍ୱ ଲୁପସ୍ ଦିବସରେ ସଚେତନତା ଶୋଭାଯାତ୍ରା

ଭୁବନେଶ୍ୱର,୧୦।୫(ସମିସ): ବିଶ୍ୱ ଲୁପସ୍ ଦିବସ ଅବସରରେ ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ ରିଉମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଲୁପସ ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି ଅବସରରେ ଓଏଆର୍‌ଏଫ୍‌ଟି ପକ୍ଷରୁ ଓଏଆର୍‌ସି ଶୈଳଶ୍ରୀ ବିହାର ପରିସରରୁ ଡିଏଭି ସ୍କୁଲ୍ ଛକ ପର୍ଯ୍ୟନ୍ତ ଏକ ୱାକାଥନର ଆୟୋଜନ କରାଯାଇଥିଲା। ଏହି ୱାକାଥନ୍‌ର ଉଦ୍‌ଘାଟନ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ କରିଥିଲେ। ବରିଷ୍ଠ ଚିକିତ୍ସକ ଏବଂ ଭାରତୀୟ ରିଉମାଟୋଲୋଜି ସଂଘର ପୂର୍ବତନ ସଭାପତି ଡା. ମନୋଜ ଛୋଟରାୟ ଓ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଏଆରସିର ମେଡିକାଲ ନିର୍ଦ୍ଦେଶକ ପ୍ରଫେସର ଡ. ଜ୍ୟୋତି ରଞ୍ଜନ ପରିଡ଼ା ଏବଂ ଓଏଆରସି




ଶୈଳଶ୍ରୀବିହାର ଶାଖାର ମୁଖ୍ୟ ପରାମର୍ଶଦାତା ରିଉମାଟୋଲୋଜିଷ୍ଟ୍ ଡା. ଦେବାଶିଷ ମେକାପ ଲୁପସ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ଐତିହ୍ୟ ଅନୁସନ୍ଧାନ

ଧଉଳି,୧୦।୫(ସମିସ): ଜାତୀୟ ଶିକ୍ଷାନୀତିର ଲକ୍ଷ୍ୟ ଅନୁଯାୟୀ, ଶିକ୍ଷାକୁ କେବଳ ଶ୍ରେଣୀ ଗୃହ ମଧ୍ୟରେ ସୀମିତ ନ ରଖି ବାସ୍ତବ ଅଭିଜ୍ଞତା ମାଧ୍ୟମରେ ସମୃଦ୍ଧ କରିବା ପାଇଁ ଏକାମ୍ର ମହାବିଦ୍ୟାଳୟ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଦ୍ୱିତୀୟ ବର୍ଷ ତଥା ଚତୁର୍ଥ ସେମିଷ୍ଟରର ଛାତ୍ରଛାତ୍ରୀ ଗୋଷ୍ଠୀ ସହଭାଗିତା ଭିତ୍ତିରେ ଐତିହାସିକସ୍ଥଳୀ ଧଉଳି ପରିଦର୍ଶନ କରି ଓଡ଼ିଶାର ଗୌରବମୟ ଇତିହାସ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି।

**ଏକାମ୍ର ମହାବିଦ୍ୟାଳୟ**

ଏହି ଶୈକ୍ଷିକ ଯାତ୍ରାରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ ଡକ୍ଟର ପ୍ରଶାନ୍ତ କୁମାର ସେଠୀ, ବରିଷ୍ଠ ଅଧ୍ୟାପକ ଡକ୍ଟର ଅରବିନ୍ଦ ପ୍ରଧାନ, ଅଧ୍ୟାପିକା ଲୋଚନ ଖଣ୍ଡାଇ ଏବଂ ଅଧ୍ୟାପକ ମୋହନ କୁମାର ବଡମୁଣ୍ଡି ପ୍ରମୁଖ ତତ୍ତ୍ୱାବଧାନ କରିଥିଲେ। ଅଧ୍ୟାପକମାନେ ଧଉଳି ଶାନ୍ତି ସ୍ତୂପର ମହତ୍ତ୍ୱ ସହିତ ଅଶୋକଙ୍କ ଶିଳାଲେଖ ଓ ହାତୀଗୁମ୍ଫା ଶିଳାଲେଖର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷ କରି ପ୍ରାଚୀନ ଓଡ଼ିଆ କଳା, ସ୍ଥାପତ୍ୟ ଏବଂ ଶିଳାଲେଖରେ ଖୋଦିତ ଭାଷାର ବିବର୍ତ୍ତନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଧଉଳି ପଞ୍ଚାୟତର ସରପଞ୍ଚ ଶ୍ରୀ ଚନ୍ଦନ ମଲ୍ଲିକ ଏବଂ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟବ୍ରତ ସାମନ୍ତରାୟ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସ୍ଥାନୀୟ ଅଞ୍ଚଳର ସୁରକ୍ଷା ଓ ଇତିହାସ ବିଷୟରେ ସଂକ୍ଷେପରେ ଆଲୋକପାତ କରିଥିଲେ। ପରିଦର୍ଶନ ସମୟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଥିଲା। ଭିଡ଼ ଶିକ୍ଷାଦାନର ଏହି ଅଭିନବ ଶୈଳୀ ଦ୍ୱାରା ପିଲାମାନେ ନିଜ ସଂସ୍କୃତି ଓ ପରମ୍ପରାକୁ ନିକଟରୁ ଦେଖିବାର ସୁଯୋଗ ପାଇଥିଲେ। ପାଠ୍ୟପୁସ୍ତକର ଜ୍ଞାନକୁ ପ୍ରାୟୋଗିକ କ୍ଷେତ୍ରରେ ପରଖିବାର ଏହି ପ୍ରୟାସ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଉନ୍ମାଦନା ସୃଷ୍ଟି କରିଛି। ଏହି ପରିଦର୍ଶନ କେବଳ ଏକ ଭ୍ରମଣ ନ ହୋଇ ଓଡ଼ିଶାର ଅସ୍ମିତାକୁ ବୁଝିବାର ଏକ ମାଧ୍ୟମ ସାଜିଥିଲା।

## 'ବୈଷ୍ଣବ ପାଣି ଥିଲେ ଗଣମାନସର କବି ଓ କଳାକାର'

ଭୁବନେଶ୍ୱର,୧୦।୫(ସମିସ): ଗଣକବି ବୈଷ୍ଣବ ପାଣି ଥିଲେ ଏକଧାରାରେ କବି, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଅଭିନେତା, ସାହିତ୍ୟକ ଏବଂ ସର୍ବୋପରି ଜଣେ ସମାଜ ସଂସ୍କାରକ। ଗୀତିନାଟ୍ୟ ପରମ୍ପରାକୁ ଋଦ୍ଧିମନ୍ତ କରି ସେ ଗଣକବିର ଆଖ୍ୟା ପାଇଛନ୍ତି ବୋଲି ରବିବାର ତାଙ୍କର ପୁଣ୍ୟ ତିଥିରେ ଉପସ୍ଥିତ ଅତିଥିମାନେ ମତ ରଖିଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପାଶ୍ୱର୍ରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ତାଙ୍କର ପୁଣ୍ୟ ତିଥି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତିକାନ୍ତ ବେହେରା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସଂଯୁକ୍ତା ପାଣିଗ୍ରାହୀ, ସମାଜସେବୀ ମନୋରଞ୍ଜନ ମହାନ୍ତି, ବିଜୟ ସାହୁ ସୁକାନ୍ତ ଜେନା ଓ ଭାବିନି ଜେନା ପ୍ରମୁଖ ଯୋଗଦାନ କରି ଗଣକବିଙ୍କୁ ଶ୍ରଦ୍ଧା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



**ଗଣକବି ବୈଷ୍ଣବ ପାଣିଙ୍କ ପୁଣ୍ୟ ତିଥି ପାଳିଲା ବିଜେଡି**

## ବିଶ୍ୱ ମାତୃ ଦିବସରେ ରକ୍ତଦାନ ଶିବିର



ଭୁବନେଶ୍ୱର,୧୦।୫(ସମିସ): ବିଶ୍ୱ ମାତୃ ଦିବସ ଏବଂ ମା ସନ୍ତୋଷୀ ନିର୍ମାଣ ସଂସ୍ଥାର ମୁଖ୍ୟ ସନ୍ତୋଷ କୁମାର ବେହେରା ଏବଂ ସରସ୍ୱତୀ ବେହେରାଙ୍କ ବିବାହ ବାର୍ଷିକୀ ଅବସରରେ ଓ ଜାତୀୟ ଯୁବ ପ୍ରକଳ୍ପର ସ୍ୱେଚ୍ଛାସେବୀ ମାନସ୍ମୃତି ମହାପାତ୍ରଙ୍କ ଜନ୍ମ ଦିବସ ଅବସରରେ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ଜାତୀୟ ଯୁବ ପ୍ରକଳ୍ପ ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ ଉଦ୍‌ଘାଟନ କରିଥିଲେ। ମିଶନ ରକ୍ତଦାନ ସଂଯୋଜକ ବିଭୂତି ଭୂଷଣ ସାହୁ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ ସଚେତନତା କରିଥିଲେ। ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ହର ପ୍ରସାଦ ମହାପାତ୍ର, ଚନ୍ଦ୍ରକାନ୍ତ ଭୋଇ, ମାନସୀ ସରକାର, ବିଭୂତି ଭୂଷଣ ସାହୁ, ମାନୀ ପଣ୍ଡା ଏବଂ ଜୟଦେବ କଲେଜର ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

## ପରିଚୟ ମାତୃଶକ୍ତି ସମ୍ମାନ ୨୦୨୬

ଭୁବନେଶ୍ୱର,୧୦।୫(ସମିସ): ମାତୃ ଦିବସ ଅବସରରେ ପ୍ରୟାସ ଓ ବ୍ରାଇଟ ଓଡ଼ିଶା ଫାଉଣ୍ଡେସନର ମିଳିତ ଆୟୋଜନରେ 'ପରିଚୟ ମାତୃଶକ୍ତି ସମ୍ମାନ-୨୦୨୬' ଏକ ଘରୋଇ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଛି। ସମାଜର ବିଭିନ୍ନ କ୍ଷେତ୍ରରେ ମାଆମାନଙ୍କ ଅଦମ୍ୟ ସଂଘର୍ଷ, ତ୍ୟାଗ, ସଫଳତା ଓ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ବକ୍ତା ପ୍ରଫେସର ଦାଶ ବେନହୁର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିଭଳି ଆଇଏସଡିପିଏଲ୍ ଜର୍ମାନୀର ପରିଚାଳନା ନିର୍ଦ୍ଦେଶକ ବ୍ରାମ ଭାଣ୍ଡେପିଟ୍‌ଟେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଡ. ଭାଗ୍ୟଲିପି ମଲ୍ଲ, ପ୍ରୟାସ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରିୟଦର୍ଶୀ ମିଶ୍ର, ପ୍ରତିଷ୍ଠାତା ସଭାନେତ୍ରୀ ଡ. ରୋଜାଲିନ ପଟ୍ଟଶାଣୀ ମିଶ୍ର, ବ୍ରାଇଟ ଓଡ଼ିଶା ଫାଉଣ୍ଡେସନର ସଂସ୍ଥାପକ ସଞ୍ଜୟ କୁମାର ମହାକୁଡ଼ ମଧ୍ୟ ଉପସ୍ଥିତ ଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ନିଜ କୃତୀତ୍ୱ ଓ ସଫଳତା ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିବା ୧୨ ଜଣ କୃତୀ ମହିଳାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା।



## ନିଷ୍ଠା ଓ ସାଧନା ବଳରେ ଅସମ୍ଭବକୁ ସମ୍ଭବ କରିହୁଏ

ଭୁବନେଶ୍ୱର,୧୦।୫(ସମିସ):

ଅଦମ୍ୟ ନିଷ୍ଠା ଓ ସାଧନା ବଳରେ ଅସମ୍ଭବକୁ ମଧ୍ୟ ସମ୍ଭବ କରିହୁଏ। ଅଞ୍ଜି ଜଣେ ସୁନିପୁଣା ନୃତ୍ୟଶିଳ୍ପୀ। କଳା କ୍ଷେତ୍ରରେ ଅନେକ ସମ୍ମାନ ଓ ସ୍ୱୀକୃତିର ଅଧିକାରିଣୀ। ମାତ୍ର ଘଟଣାକ୍ରମେ ଅସାମାଜିକ ତତ୍ତ୍ୱଙ୍କ ଲୋଲୁପ ଦୃଷ୍ଟିର ଶିକାର ହୁଏ ସେ। ତା'ର ପ୍ରତି ପ୍ରତିବାଦ ଓ ପ୍ରତିରୋଧ କ୍ଷୀଣ ହୋଇଯାଏ। ସେମାନଙ୍କ ସାମ୍ନାରେ ଏବଂ ଏସିଡ୍ ଆକ୍ରମଣରେ ସବୁଦିନ ପାଇଁ ହରାଇ ବସେ ନିଜର ବାକ୍‌ଶକ୍ତି ଓ ଶ୍ରବଣ ଶକ୍ତି। ତଥାପି ପରାଜୟ ସ୍ୱୀକାର କରେ ନାହିଁ ସେ। ତା'ର ପ୍ରେରଣାର ଉତ୍ସ ତା' ବାପା ହିମାଂଶୁ। ନିଜର କଠୋର ସାଧନା ବଳରେ ଧ୍ୱନି ତରଙ୍ଗର ସ୍ପନ୍ଦନକୁ ଅନୁଭବ ପୂର୍ବକ ପୁର୍ନବାର ସେ ନୃତ୍ୟ ଆରମ୍ଭ କରେ ଏବଂ ପ୍ରସିଦ୍ଧି ଓ ପ୍ରତିଷ୍ଠା ଅର୍ଜନ କରେ। ନିଷ୍ଠା ଓ ସାଧନା ବଳରେ ଅସମ୍ଭବ ସମ୍ଭବରେ ପରିଣତ ହୁଏ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟ ଧାରା କାର୍ଯ୍ୟକ୍ରମରେ ରବିବାର ରବୀନ୍ଦ୍ର ମଣ୍ଡପରେ ନାଟକ ସାଧନା ମଞ୍ଚସ୍ଥ ହୋଇଯାଇଛି।

ଶ୍ରୀ କଲ୍‌ଚରାଲ ଆସୋସିଏସନ୍, ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ଏହି ନାଟକକୁ ପରିବେଷଣ କରିଥିଲେ। ଆଶିଷ କୁମାର ସୋନାରଙ୍କ ରଚିତ ଏବଂ ସତ୍ୟ ରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ସୌମ୍ୟଜିତ୍ ବଡ଼ପଣ୍ଡା। ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ପ୍ରାରମ୍ଭିକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅତିଥି ଭାବେ ନାଟ୍ୟକାର ତଥା ମଞ୍ଚ ନାଟକ ନିର୍ଦ୍ଦେଶକ ଲଲାଟେନ୍ଦୁ ରଥ ଯୋଗଦେଇଥିଲେ। ନାଟକର ନିର୍ଦ୍ଦେଶକ ବେହେରାଙ୍କୁ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଂଘର ଯୁଗ୍ମ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଏହି ନାଟକର ବାର୍ତ୍ତାକୁ ବହନ କରୁଥିବା ଏହି ଭିନ୍ନ ସ୍ୱାଦ ସମ୍ବଲପୁରୀ ନାଟକ ମାଗାସେସେ ପୁରସ୍କାର ବିଜୟିନୀ ପ୍ରସିଦ୍ଧ ମୂକ-ବଧିର ଶିଳ୍ପୀ ଏଭଲିନ୍ ଗ୍ଲେନିଙ୍କ ସଂଘର୍ଷମୟ ଜୀବନ କାହାଣୀରୁ ଅନୁ ଅନୁପ୍ରେରିତ।



## 'ପ୍ରୟାସ' ପକ୍ଷରୁ ବୃକ୍ଷରୋପଣ



ଭୁବନେଶ୍ୱର,୧୦।୫(ସମିସ): ମାତୃ ଦିବସ ଅବସରରେ ପ୍ରୟାସ ତରଫରୁ ମଞ୍ଚେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୩ ଠାରେ ଶତାଧିକ ବୃକ୍ଷ ରୋପଣ କରାଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଏକେ ମିଶ୍ର, ଏମ୍‌କେ ବଳିଆରସିଂଙ୍କ ସହ ବିଦ୍ୟାଳୟର କର୍ମକର୍ତ୍ତା ତଥା ବିଦ୍ୟାର୍ଥୀମାନେ ଓ ପ୍ରୟାସର ସଭାପତି ଚିରଞ୍ଜିବୀ ରେଡ୍ଡୀ ଏବଂ ସମ୍ପାଦକ ପ୍ରମୋଦ କୁମାର ମହାରଣା, ସେବା ପ୍ରତିନିଧିର ମୁଖ୍ୟ ସଂଗଠକ ନୀଳମଣି ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରୟାସର କର୍ମକର୍ତ୍ତା ଅନୁଦାନ ଦ୍ୱାରା ଅସହାୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ସମସ୍ତ ଖର୍ଚ୍ଚ ବହନ କରିବା ସହ ବିଭିନ୍ନ ବିଦ୍ୟାଳୟମାନଙ୍କରେ ବୃକ୍ଷ ରୋପଣ କରି ଯତ୍ନ ନେବା, ଗ୍ରୀଷ୍ମ ଋତୁରେ ଜଳଛତ୍ର, ପଶୁପକ୍ଷୀଙ୍କୁ ଖାଦ୍ୟ ପ୍ରଦାନ ଆଦି କାର୍ଯ୍ୟ ମଧ୍ୟ ଅନୁଷ୍ଠାନ ତରଫରୁ କରାଯାଇଥାଏ।

## ୫୩ ୟୁନିଟ୍ ରକ୍ତ ସଂଗୃହୀତ

ଭୁବନେଶ୍ୱର,୧୦।୫(ସମିସ): ଆର୍ଟ ଅଫ ଲିଭିଙ୍ଗ ଆନୁକୂଲ୍ୟରେ ରବିବାର ରବିଶଙ୍କରଙ୍କ ୭୦ ତମ ଜନ୍ମ ବାର୍ଷିକ ଏବଂ ଆନ୍ତର୍ଜାତିକ ମାତୃ ଦିବସ ଅବସରରେ ସହିଦ୍‌ନଗର ଦୁର୍ଗାପୂଜା ମଣ୍ଡପଠାରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଛି। ଶିବିରଟି ସକାଳ ସମୟରେ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗର ରକ୍ତଦାତାମାନଙ୍କଠୁ ମୋଟ ୫୩ ୟୁନିଟ୍‌ର ରକ୍ତ ସଂଗ୍ରହ କରାଯାଇଥିଲା। ଏହି ସଂଗୃହୀତ ରକ୍ତକୁ ରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ କଟକ ରକ୍ତ ସେଣ୍ଟର୍‌ର ମେଡିକାଲ୍ ଟିମ୍ ସଂଗ୍ରହ କରିଥିଲେ। ଶିବିରକୁ ସହିଦ୍ ନଗର ପୂଜା ମଣ୍ଡପରେ ଆୟୋଜନ କରିବା ପାଇଁ ସହାୟ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

### ତୃତୀୟ ଦିନରେ ପୌର ସଫେଇ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

# ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା; ପଡ଼ିରହିଛି କୁଢ଼କୁଢ଼ ଆବର୍ଜନା



**ଦେବଗଡ଼, ୧୦।୫(ସମିସ)**

ଦେବଗଡ଼ ପୌର ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀ ଗତ ୨ ମାସର ବକେୟା ଦରମା ମିଳିନଥିବା ଓ ଇପିଏଫ ଟଙ୍କା ଠିକ୍ ସମୟରେ ପୈଠ କରାଯାଉ ନ ଥିବା ଅଭିଯୋଗ କରି ପୌର ସଫେଇ କର୍ମଚାରୀମାନେ ଗତ ଶୁକ୍ରବାର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆଜି ଆନ୍ଦୋଳନକୁ ତିନିଦିନ ବିତିଛି। ଆଜି ସଫେଇ କର୍ମଚାରୀମାନେ ନିଜ ପ୍ରାପ୍ୟ ପାଇଁ ପୌର କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ତେବେ ତିନିଦିନ ହେଲା ପୌରାଞ୍ଚଳରେ ସଫେଇ କାର୍ଯ୍ୟ ଠପ୍ ହୋଇଯାଇଛି। ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରସାରା ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଆବର୍ଜନା ପଡ଼ିରହିଛି। ଯାହାକୁ ନେଇ ଜନସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରରେ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପୌର ପରିଷଦ ପକ୍ଷରୁ ପରିମଳ ବ୍ୟବସ୍ଥାକୁ ଘରୋଇକରଣ କରାଯାଇଛି। ପୂର୍ବ ବର୍ଷ ସହରର ସଫେଇ ବ୍ୟବସ୍ଥା ପରିଚାଳନା ପାଇଁ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ସଫେଇ କର୍ମଚାରୀଙ୍କ ଇପିଏଫ ଅର୍ଥ ଓ ଦୁଇ ମାସର ଦରମା ପ୍ରଦାନ ନ କରିବାରୁ ଚଳିତ ବର୍ଷ ଏକ ନୂତନ ଠିକା ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଛି। ନୂତନ ଠିକା ସଂସ୍ଥା ଦାୟିତ୍ୱ ନେବାର ଏକ ମାସ ପୁରୁଥିବା ବେଳେ

**ଦରମା ଓ ଇପିଏଫ୍ ପ୍ରଦାନକୁ ନେଇ ଜିଦ୍‌ରେ ଅଟଳ କର୍ମଚାରୀ**

ପୂର୍ବ ପ୍ରାପ୍ୟ ପ୍ରଦାନ ଦାବିରେ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପୌର କର୍ତ୍ତୃପକ୍ଷଙ୍କୁ ଅଡୁଆରେ ପକାଇଛି। ଅନ୍ୟପକ୍ଷରେ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ସଫେଇ କର୍ମଚାରୀଙ୍କୁ ବୁଝାସୁଝା ପାଇଁ ପ୍ରୟାସ କରିଥିଲେ ମଧ୍ୟ ସଫେଇ କର୍ମଚାରୀମାନେ ନିଜ ଜିଦରେ ଅଟଳ ରହିଛନ୍ତି। ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ସଫେଇ କର୍ମଚାରୀଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

# କାଳବୈଶାଖୀରେ ୧୦ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି



**ରିଆମାଳ, ୧୦।୫(ସମିସ):** ରିଆମାଳ ବ୍ଲକରେ ଗତ ଦୁଇ ଦିନ ଧରି କାଳବୈଶାଖୀ ପ୍ରଭାବରେ ବହୁ ଘର ନଷ୍ଟ ହୋଇଛି। ବୁଡିଦୋ, ଟିଙ୍କବୀର, ରିଆମାଳ, ନାଉଲିପଡ଼ା, ତାରଙ୍ଗ ପ୍ରମୁଖ ୫ଟି ଗ୍ରାମପଞ୍ଚାୟତର ପ୍ରାୟ ୧୦ ଗୋଟି ଗ୍ରାମ ମେଦିନିପୁର, ବଡକୁଅଁରଖୋଲ, ଟିଙ୍କବୀର, ବଡବାହାଲ, ତିମୁର, ରିଆମାଳ, ତେଲିମୁଣ୍ଡା, ତାରଙ୍ଗ, ପୁରମୁଣ୍ଡା ଓ କାଇଁସର ଗ୍ରାମରେ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ରାଜସ୍ୱ ନିରୀକ୍ଷକମାନେ ନିଜ ନିଜ ମଣ୍ଡଳର ଗ୍ରାମଗୁଡିକରେ ପହଞ୍ଚି କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ପଲିଥିନ୍ ସହାୟତା ଯୋଗାଇ ଦେଇଛନ୍ତି। କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ସେହିପରି କୁଆ ପଥର ମାଡ଼ରେ ମଧ୍ୟ ବହୁ ପନିପରିବା ନଷ୍ଟ ହୋଇଥିବା ଜଣାପଡ଼ିଛି।

## ଜଳିଗଲା ପାଉଁଶ ବୋଝେଇ ଟ୍ରକ୍



**ରେଢ଼ାଖୋଲ, ୧୦।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳିଗଡ଼ ଗ୍ରାମ ପଞ୍ଚାୟତ ସ୍ଥିତ ଟୋଲ୍‌ଗେଟ୍ ନିକଟରେ ଶନିବାର ବିଳମ୍ବିତ ରାତ୍ରିରେ ଏକ ଚଳନ୍ତା ପାଉଁଶ ବୋଝେଇ ଟ୍ରକ୍‌ରେ ନିଆଁ ଲାଗି ଯାଇଥିଲା। ତୁରନ୍ତ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନାନୁଯାୟୀ, ରେଢ଼ାଖୋଲରୁ ବୌଦ୍ଧ ଜିଲ୍ଲା ଅଭିମୁଖେ ବିଳମ୍ବିତ ରାତ୍ରିରେ ଯାଉଥିବା ଏକ ଚଳନ୍ତା ପାଉଁଶ ବୋଝେଇ ଟ୍ରକ୍(ଓଡ଼ି ୧୬ ଏମ୍ ୮୩୪୮)ରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ଇନ୍‌ଚାର୍ଜ ଦୁର୍ଯ୍ୟୋଧନ ସାହୁଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଟ୍ରକ୍ ଡ୍ରାଇଭର ଓ କର୍ମଚାରୀ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ।

## ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ



**ଝାରସୁଗୁଡା, ୧୦।୫(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରାହ୍ମଣ ସମାଜ ତରଫରୁ ବେହେରାମାଲ ସ୍ଥିତ ରାଧାମାଧବ ମନ୍ଦିର ପରିସରରେ ରବିବାର ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୩ ଜଣ ବ୍ରାହ୍ମଣ ଯୁବକଙ୍କୁ ପବିତ୍ର ବୈଦିକ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ବ୍ରତୋପନୟନ କରାଯାଇଥିଲା। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ବ୍ରତୋପନୟନ ହେଉଥିବା ସମସ୍ତ ବ୍ରାହ୍ମଣ ଯୁବକଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡା ବ୍ରାହ୍ମଣ ସମାଜର ସଭାପତି ରବୀନ୍ଦ୍ର ଦୀକ୍ଷିତ, ହିମାଂଶୁ ବଡ଼ପଣ୍ଡା, ଅଜିତ ପାଣିଗ୍ରାହୀ, ବାଳଗୋବିନ୍ଦ ମିଶ୍ର, ଓମ୍ ପ୍ରକାଶ ତ୍ରିପାଠୀଙ୍କ ସହିତ ବହୁ ସଂଖ୍ୟାରେ ବ୍ରାହ୍ମଣ ସମାଜର ସଦସ୍ୟ ଯୋଗ ଦେଇଥିଲେ। ବିଶିଷ୍ଟ ପଣ୍ଡିତମାନଙ୍କ ଦ୍ୱାରା ଏହି ବ୍ରତୋପନୟନ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ତିଳେଇବଣି ପଞ୍ଚାୟତକୁ ପାଣି ଟ୍ୟାଙ୍କର ପ୍ରଦାନ



**ଦେବଗଡ଼, ୧୦।୫(ସମିସ):** ତିଳେଇବଣି ପଞ୍ଚାୟତକୁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ନିଜସ୍ୱ ବିଧାୟକ ପାଣ୍ଠିରୁ ଆଜି ଏକ ପାଣି ଟ୍ୟାଙ୍କର ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ କରିବାରେ ଯୋଜନା ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ଏହା ପହଞ୍ଚି ପାରିନାହିଁ। ଏଥିସହ ବିଭାଘର, ଏକୋଇଶା ଓ ଶୁଦ୍ଧକ୍ରିୟା ଆଦି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ପାନୀୟ ଜଳ ପାଇଁ ଘୋର ଅସୁବିଧା ସମ୍ମୁଖୀନ ହେଉଥିଲେ। ସର୍ବସାଧାରଣ ସୁବିଧା ନିମନ୍ତେ ଦେବଗଡ଼ ଜିଲ୍ଲାର ସମସ୍ତ ପଞ୍ଚାୟତକୁ ବିଧାୟକ ପାଣ୍ଠିରୁ ପର୍ଯ୍ୟାୟ କ୍ରମେ ପାଣି ଟ୍ୟାଙ୍କର ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ବିଧାୟକଙ୍କ ଦ୍ୱାରା ଏହି ପାଣି ଟ୍ୟାଙ୍କର ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ସ୍ଥାନୀୟ ସରପଞ୍ଚ ସସ୍ମିତା ଏକ୍କା, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ବିଧାୟକଙ୍କ ପ୍ରତିନିଧି ନଗେନ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସାହୁ, ପ୍ରମୋଦ କୁମାର ନାଏକ, ମହେଶ୍ୱର ପ୍ରଧାନଙ୍କ ସମେତ ଶତାଧିକ ମହିଳା ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ବିଧାୟକଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

### ଜାତୀୟ ରାଜପଥରେ ଗାତ

## ଶୁଣିଲାନି ପ୍ରଶାସନ; ମରାମତି କଲେ ଯୁବକ



ଶଗଡା,୧୦।୫(ସମିସ): ବୌଦ୍ଧ-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଖଇରମାଲ ଛକ ନିକଟ ରାସ୍ତା ଉପରେ ୨ଟି ବଡ଼ ବଡ ଗାତକୁ ସଚେତନ ଯୁବକ ମରାମତି କରିଛନ୍ତି। ରାସ୍ତା ଉପରେ ବଡ ବଡ଼ ଗାତ ହୋଇଥିଲେ ମଧ୍ୟ ପ୍ରଶାସନର ନଜର ନ ପଡିବା ପରିତାପର ବିଷୟ ବୋଲି ଅଞ୍ଚଳବାସୀ କହିଛନ୍ତି। ଜିଲ୍ଲାପାଳଙ୍କ ସମେତ ଅନେକ ଅଧିକାରୀମାନେ ଏହି ରାସ୍ତାରେ ଯାଉଥିଲେ ମଧ୍ୟ କାହାରି ବି ନଜର ପଡେ ନାହିଁ। ଲୋକଙ୍କ ଯାତାୟାତରେ ହେଉଥିବା ଅସୁବିଧାକୁ ଦେଖି କିଛି ସଚେତନ ଯୁବକ ଶେଷରେ ମରାମତି କରିଛନ୍ତି। ଏହି ଗାତ ପାଇଁ ଅନେକ ଥର ଦୁର୍ଘଟଣା ଘଟି ଏକାଧିକ ଲୋକ ଆହତ ହୋଇଛନ୍ତି। ଶେଷରେ ଖଇରମାଲ ଗ୍ରାମର ସୁଶାନ୍ତ ମହଲା, ପ୍ରାଣବନ୍ଧୁ କର୍ଣ୍ଣ, ଗଣେଶ ଭୋଇ, ନିର୍ମଳ ମହଲା, ସତ୍ୟାନନ୍ଦ ସେଠି, ବାଲ୍ମୀକି କ୍ଷେତି, ବରୁଣ ସେଠି ପ୍ରମୁଖ ଯୁବକମାନେ ନିଜସ୍ୱ ଖର୍ଚ୍ଚରେ ସିମେଣ୍ଟ, ଚିପ୍ସ, ବାଲି ଆଣି ମରାମତି କରିଛନ୍ତି।

## ନ୍ୟୁୟର୍କ ସହରର ଟାଇମ୍ସ ସ୍କୋୟାରରେ ଚମକିଲା ସମ୍ବଲପୁରୀ ଶାଢ଼ି



ମନମୁଣ୍ଡା, ୧୦।୫(ସମିସ): ବସନ୍ତ ସୋସିଆଲ ଫାଉଣ୍ଡେସନ, ନୂଆଁଦିଲ୍ଲୀ (ଶାଖା-ମନମୁଣ୍ଡା)ର ଅଧ୍ୟକ୍ଷା ରାଜଶ୍ରୀ ମିଶ୍ର ଆମେରିକା ଗସ୍ତ କରିଛନ୍ତି। ବୌଦ୍ଧ, କନ୍ଧମାଳ ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ସରକାରୀ ପ୍ରାଥମିକ ଶିକ୍ଷା ଭିତ୍ତିଭୂମିର ଉନ୍ନତି ପାଇଁ ଫାଉଣ୍ଡେସନର ପଦକ୍ଷେପକୁ ସମର୍ଥନ ସକାଶେ ଆମେରିକାର ଶିକ୍ଷାବିତ ତଥା ଦାନଶୀଳ ବ୍ୟକ୍ତିଙ୍କ ସହ ସେ ଆଲୋଚନା କରିଛନ୍ତି। ଏତଦବ୍ୟତୀତ ପଶ୍ଚିମ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଲାଗି ଶ୍ରୀମତୀ ମିଶ୍ର ନ୍ୟୁୟର୍କ ସହରର ଟାଇମ୍ସ ସ୍କୋୟାରରେ ପାରମ୍ପରିକ ସମ୍ବଲପୁରୀ ଶାଢ଼ି ପିନ୍ଧି ପ୍ରଦର୍ଶନ କରିଥିଲେ। ମନମୁଣ୍ଡାର କୁଶଳୀ ବୁଣାକାରମାନଙ୍କ ଦ୍ୱାରା ବୁଣାଯାଇଥିବା ଏହି ଶାଢ଼ି ଟାଇମ୍ସ ସ୍କୋୟାର ବିଶ୍ୱସ୍ତରୀୟ ଭାବେ ଜଣାଶୁଣା ସଂଧ୍ୟା ଉତ୍ସବ ସମୟରେ ସେଠାରେ ସମବେତ ପରିଦର୍ଶକ ଏବଂ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ତାଙ୍କର ଏହି ପଦକ୍ଷେପ କେବଳ ସମ୍ବଲପୁରୀ ହସ୍ତତନ୍ତ କାରିଗରିର ସୌନ୍ଦର୍ଯ୍ୟ ପ୍ରତି ନୁହେଁ ବରଂ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ଏବଂ ବୟନ ପରମ୍ପରା ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲା।

### ପଟୋରା ଡ୍ୟାମ୍ ଜଳ ସଙ୍କଟ ମାମଲା

# ସବୁ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି

**ନୂଆପଡା,୧୦।୫(ସମିସ)**



ଚାଷ ଏବଂ ଚାଷୀଙ୍କ ସମସ୍ୟାକୁ ସବୁବେଳେ ସରକାର ଗୁରୁତ୍ୱ ଦେଇ କାମ କରୁଛନ୍ତି ବୋଲି କୁହାଯାଇଥିବାବେଳେ ପଡୋରା ଡ୍ୟାମ ଅଞ୍ଚଳରେ ବର୍ତ୍ତମାନ ଚାଷୀମାନେ ନାହିଁ ନ ଥିବା ସମସ୍ୟାରେ କାଳାତିପାତ କରୁଛନ୍ତି। ହଜାର ହଜାର ହେକ୍ଟର ଜମିରେ ଚାଷ ନଷ୍ଟ ହେବାକୁ ବସିଛି। ଏଠିକାର ଚାଷୀମାନେ ଦୀର୍ଘ ବର୍ଷ ଧରି ପାଣି ସମସ୍ୟା ସହ ଲଢେଇ କରି ଆସୁଛନ୍ତି। ନେତାମାନେ ଆସି ଚାଷୀଙ୍କୁ ଭ୍ରମିତ କରି ବିଭିନ୍ନ ମାମଲାରେ ଛନ୍ଦି ଦେଉଛନ୍ତି। ଚାଷୀମାନେ ଖର୍ଚ୍ଚାନ୍ତ ହୋଇ ନେତାଙ୍କ ପଛରେ ଦୌଡୁଛନ୍ତି ବୋଲି ଚାଷୀମାନେ ନେତାଙ୍କ ବିରୋଧରେ ବିଷୋଦଗାର କରିଥିଲେ। ଏଣିକି ଚାଷୀମାନେ ସିଧାସଳଖ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ନିଜର ସମସ୍ୟା ଉପରେ ଅବଗତ କରାଇପାରିବେ। ତ୍ୱରିତ ସମାଧାନ କରାଯିବବୋଲି କହିଥିଲେ। ପ୍ରଶାସନ ତରଫରୁ ସରଜମିନ ତଦନ୍ତ କରାଯାଉଛି। ଚାଷୀଙ୍କୁ ସରକାରୀ ନିୟମମୁତାବକ ସହାୟତା କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ରବିବାର ସାରାବଙ୍ଗରେ ଆୟୋଜିତ ଏକ ଚାଷୀ ସମାବେଶରେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗ ଦେଇ ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରି ଏହା କହିଥିଲେ। ପୂର୍ବତନ ସମିତି ସଭ୍ୟ ଲାଲସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଚାଷୀ ସମାବେଶରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକଙ୍କ ସମେତ ତହସିଲଦାର, ଅତିରିକ୍ତ ତହସିଲଦାର ଯୋଗ ଦେଇଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ ପଟୋରା ଡ୍ୟାମରେ ପାଣି ସଙ୍କଟ ଯୋଗୁଁ ଚାଷ ନଷ୍ଟ ହେବାରେ ଲାଗିଥିବାବେଳେ ଏହାକୁ ନେଇ ବିଜେଡି, କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରି ଦାବି ଜଣାଇଥିବାବେଳେ ଅନ୍ୟପଟେ ଏହି ଅଞ୍ଚଳରେ ଚାଷୀମାନେ ଏକଜୁଟ ହୋଇ ସିଧାସଳଖ ଜିଲ୍ଲାପାଳଙ୍କ ସହ ବୈଠକ କରିବାକୁ ନିବେଦନ କରିଥିଲେ। କେତେଜଣ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାମାନେ ଜିଲ୍ଲାପ୍ରଶାସନକୁ ଭ୍ରମିତ କରି ନିଜେ ମାଲାମାଲ ହେଉଛନ୍ତି। ଚାଷୀଙ୍କୁ କୌଣସି ନିଷ୍ପତ୍ତି ବିଷୟରେ ଅବଗତ କରୁନାହାଁନ୍ତି। ଏହି ଅଞ୍ଚଳରେ ଯେଉଁ ୧୯୫୧ହେକ୍ଟର ଜମିରେ ଚାଷ କରାଯିବାକୁ ନିଷ୍ପତ୍ତି ହୋଇଥିବା କୁହାଯାଉଛି ସେ ଉପରେ କେହି ଜାଣିନଥିଲେ। ନିକଟରେ ଖବର କାଗଜରେ ପ୍ରକାଶିତ ହେବାପରେ ଆମେ ଜାଣିବାକୁ ପାଉଛୁ ବୋଲି କହିଥିଲେ। ଅନ୍ୟପକ୍ଷେ ଜିଲ୍ଲାପାଳ ଏହାକୁ ପ୍ରଶାସନ ଗୁରୁତ୍ୱର ସହ ବିଚାର କରୁଛି। ଏହି ଡ୍ୟାମରେ ଖୁବଶୀଘ୍ର ୩୫୪ ମିଟର ପାଣି ରଖାଯିବା ଉପରେ ଚୂଡାନ୍ତ ଫଇସଲା ଆସିଯିବ। ଆସନ୍ତା ବର୍ଷଠାରୁ ଡ୍ୟାମରେ ପୁରା ପାଣି ରଖାଯିବ। କୌଣସି ସମସ୍ୟା ହେବାନାହିଁ। ଏବେ ଯାହାବି ଚାଷୀଙ୍କ କ୍ଷତି ହୋଇଛି ତାରି ବିଚାର କରାଯିବ। ଏହି ଅଞ୍ଚଳରେ ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନାରେ ସହାୟତା କରାଯିବ। ବୈଠକରେ ଉଭୟ ବାମ ଏବଂ ଡାହାଣ କେନାଲର ଶତାଧିକ ଚାଷୀ ଯୋଗ ଦେଇଥିଲେ।

## କ୍ୱାକ୍‌ଙ୍କ ଭୁଲ୍ ଇଞ୍ଜେକ୍ସନରୁ ବୃଦ୍ଧାଙ୍କ ମୃତ୍ୟୁ

**ମୁରିବାହାଲ,୧୦।୫(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା କର୍ଲ୍ଲାପିଟା ଗାଁରେ ଅଭାବନୀୟ ଘଟଣା ଘଟିଛି। କ୍ୱାକଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ବୃଦ୍ଧା ଜଣକ ହେଲେ କର୍ଲ୍ଲାପିଟା ଗାଁର କୌଶଲ୍ୟା ପନିକା। ରବିବାର ସକାଳେ ସେ ଅସୁସ୍ଥ ଅନୁଭବ କରିଥିଲେ। ଏହାପରେ ନାତୁଣୀ ସହ କୌଶଲ୍ୟା ହଳଦୀ ଗାଁରେ ଥିବା କ୍ୱାକ୍ ଟୁନୁ ବଗର୍ତ୍ତିଙ୍କ କ୍ଲିନିକକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ କ୍ୱାକ୍ ଟୁନୁ ବୃଦ୍ଧା କୌଶଲ୍ୟାଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। ଏହାପରେ କୌଶଲ୍ୟାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ କୌଶଲ୍ୟାଙ୍କ ମୃତ୍ୟୁ ପରେ କ୍ଲିନିକ୍ ବନ୍ଦ କରି ଅଭିଯୁକ୍ତ କ୍ୱାକ୍ ଟୁନୁ ଫେରାର ମାରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଲୋକଙ୍କ ଚାପରେ କୌଶଲ୍ୟାଙ୍କ ପରିବାର ଲୋକେ ବେଶି କହିବାକୁ ମୁହଁ ଖୋଲୁନାହାନ୍ତି।

## କାନ୍ଥ ଭାଙ୍ଗି ନେଇଗଲେ ୪୭ ଦାମୀ ମୋବାଇଲ ଫୋନ୍

ଡୁଙ୍ଗୁରିପାଲି,୧୦।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସହରର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ଶିବା ମୋବାଇଲ୍ ଦୋକାନରୁ କାନ୍ଥ ଭାଙ୍ଗି ଲୁଟେରା ୪୭ଟି ଦାମୀ ମୋବାଇଲ ଫୋନ୍ ଚୋରି କରି ନେଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୭ ଲକ୍ଷ ଟଙ୍କା ହେବ ବୋଲି ଦୋକାନ କର୍ମଚାରୀ କହିଛନ୍ତି। ଡ୍ରୟରରେ ଥିବା ପ୍ରାୟ ୮ ହଜାର ଟଙ୍କା ଓ ଡେମୋ ମୋବାଇଲ ମଧ୍ୟ ଚୋରି ହୋଇଛି। ଅଭିଯୋଗ ପରେ ପୁଲିସ ତନାଘନା ଆରମ୍ଭ କରିଛି। ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଦୁର୍ବୃତ୍ତ ଦୋକାନ ପଛ ପଟ କାନ୍ଥ ଭାଙ୍ଗି ଏହି ଘଟଣା ଭିଆଇଛନ୍ତି। ତେବେ ଦୁର୍ବୃତ୍ତ ଜଣକ ଚତୁରତାର ସହ ମୁହଁରେ ମାସ୍କ ଲଗାଇବା ସହ ସିସିଟିଭିରୁ ବଞ୍ଚିବା ପାଇଁ ଏକ ଛତା ଧରି ଭିତରକୁ ପଶିଥିଲା। ଏଣୁ ସିସିଟିଭିରେ ଜଣା ପଡୁନାହିଁ।

▶▶ ଫେରିବାଲାଠାରୁ ଦିବାଲୋକରେ ଲୁଟ୍

## ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ମନମୁଣ୍ଡା,୧୦।୫(ସମିସ):** ସ୍ୱଷ୍ଟ ଦିବାଲୋକରେ ଜଣେ ଫେରୀବାଲାଠାରୁ ଲଟ୍ ଅଭିଯୋଗରେ ୨ ଜଣ ଅଭିଯୁକ୍ତକୁ ମନମୁଣ୍ଡା ପୁଲିସ ଗିରଫ କରିକରିଛି। ଅଭିଯୁକ୍ତ ୨ ଜଣ ହେଲେ ମନମୁଣ୍ଡା ଥାନା ପଦ୍ମତୋଲି ଗ୍ରାମର ରସିକ ନାଗ (୨୭) ଏବଂ ଜିତେନ୍ଦ୍ରିୟ କୁମ୍ଭାର (୩୨)। କଣ୍ଟାମାଳ ଥାନା ଖଲିଆପାଲି ଗ୍ରାମର ଭାଗବତ ବାରିକ (୩୫) ରାଜପଥ ୪୧ ଦିଗରୁ ମାଝୀପଡ଼ା ଗ୍ରାମ ଆଡ଼କୁ ବାଇକ୍ ଯୋଗେ ଗଦି ବିକ୍ରି କରିବାକୁ ଯାଉଥିଲେ। ମାଝୀପଡ଼ା ଗାଁ ରାସ୍ତାରେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଅଟକାଇ ମାଡ ମାରିଥିଲେ। ଛୁରି ଦେଖାଇ ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ଏହାପରେ ତାଙ୍କଠାରୁ ଏକ ଗଦି ଓ ନଗଦ ୫୦୦୦ ଟଙ୍କା ଛଡ଼ାଇ ନେଇ ପଳାଇଥିଲେ। ଶ୍ରୀ ବାରିକ ଥାନାରେ ଲିଖିତ ଅଭିଯୋଗ କଲାପରେ ପୁଲିସ ଏକ ମାମଲା ରୁଜୁ କରିଛି। ଆଇଆଇସି ସସ୍ମିତା ମଗର ଏକ ଟିମ୍ ଗଠନ କରି ଦୁଇ ଅଭିଯୁକ୍ତକୁ ଗିରଫ କରିଥିଲେ।

## ପୋଖରୀରେ ବୁଡ଼ି ଜଣେ ମୃତ

**କେସିଙ୍ଗା,୧୦।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଚାଞ୍ଚେର ପଞ୍ଚାୟତର କୋକମୁଣ୍ଡା ପୋଖରୀରେ ପାଣିରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ କୋକମୁଣ୍ଡା ଗ୍ରାମର ଭେଲୁ ବାଗ (୫୩) ବୋଲି ପୁଲିସ କହିଛି। ଭେଲୁ କୋକମୁଣ୍ଡା ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ। ଉକ୍ତ ପୋଖରୀରେ ଆଜି ମାଛ ଧରାଯାଉଥିବାବେଳେ ମାଛ ମାରୁଥିବା କେଉଟମାନେ ଭେଲୁକୁ ବନ୍ଧ ଭିତରୁ ଉଦ୍ଧାର କରିଥିଲେ। ପୁଲିସ ପହଞ୍ଚି ଶବ ଜବତ କରିବାସହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଥିବା ଉକ୍ରେଲା ପୁଲିସ ଫାଣ୍ଡି ଅଧିକାରୀ ଅନୁପ କୁମାର ଶତପଥୀ ସୂଚନା ଦେଇଛନ୍ତି।

## ଶିବାନନ୍ଦ କ୍ଲବ୍ ସମ୍ମାନିତ



ଡୁଙ୍ଗୁରିପାଲି,୧୦।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଶିବାନନ୍ଦ କ୍ଲବ୍‌କୁ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ସମ୍ମାନିତ କରଯାଇଛି। କ୍ଲବର ବରିଷ୍ଠ ସଭ୍ୟ ମୃତ୍ୟୁଞ୍ଜୟ ମିଶ୍ର, ସୁବୋଧ ମହାଲିଙ୍ଗ, ସଭାପତି ଜ୍ୟୋତି ପ୍ରକାଶ ମିଶ୍ର ଓ ସମ୍ପାଦକ ଲବ ପଧାନଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଛି।

## କମିରାରେ ବୈଠକୀ କୀର୍ତ୍ତନ

**ବୌଦ୍ଧ,୧୦।୫(ସମିସ):** ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ପଞ୍ଚାୟତ କମିରା ଗ୍ରାମର ନାମ ମଣ୍ଡପରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ ଜିଲ୍ଲା ପପଙ୍ଗାର ସୁନାମଧନ୍ୟ ଗାୟକ ଅଶ୍ୱିନୀ ପ୍ରଧାନ, ବାୟକ ପ୍ରତ୍ୟୁଷ ଷଡଙ୍ଗୀ ଓ ତାଙ୍କ ଦଳର କଳାକାରମାନଙ୍କ ସହ ସୋନପୁର ଜିଲ୍ଲା ପଣ୍ଡକିଟାଲ ଗ୍ରାମର ଗାୟକ ଅରୁଣ ପ୍ରଧାନ, ବାୟକ ବବଲି ପ୍ରଧାନ ଓ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଏହି ଅବସରରେ ଗ୍ରାମ ତଥା ଆଖ ପାଖ ଅଞ୍ଚଳର ସହସ୍ରାଧିକ ସଂକୀର୍ତ୍ତନ ପ୍ରେମୀ ଯୋଗ ଦେଇ କୀର୍ତ୍ତନ ବୈଠକୀ ଦେଖିଥିଲେ।